# ଶୁକ ବିଳାସ



ଶ୍ରୀଶ୍ରୀଯଗନ୍ନାଥ ପୁସ୍ତକାଳୟ

ମୁଦ୍ରଣ
ମୂଲ୍ୟ ତିନି ଟଙ୍କା ପଚ [illegible]

ବୃହତ୍

# ଶୁକବିଳାସ

ପଦ୍ୟାନୁବାଦକ

ଶ୍ରୀ ଲକ୍ଷ୍ମୀଧର ଗରବଡୁ
ସ୍ଥାପିତ ଉତ୍କଳ ସଂଘ, [illegible]

ନୂତନ ସଂସ୍କରଣ

ପାଠାଗାର
ନଂ ୩୦୮୫୫
ତା ୧୮.୭.୭୮.

ପ୍ରକାଶକ ଓ ପ୍ରାପ୍ତିସ୍ଥାନ :—

ଶ୍ରୀରାଧାରମଣ ପୁସ୍ତକାଳୟ
ବାଲୁବଜାର
ପୋ: ଚାନ୍ଦନୀଚୌକ କଟକ

ମୂଲ୍ୟ—ଏକ ଟଙ୍କା ପଚିଶ ନୂଆ ପଇସା

ପ୍ରଗତି ଉତ୍କଳ ସଂଘ, [illegible]
ପାଠାଗାର
ନଂ 42645
ତା 18.7.76

# ଶୁକବିଳାସ

## ବନ୍ଦନା

ନମୋ ଗଣେଶ ବିଘ୍ନେଶ ଗିରିଜାନନ୍ଦନ ପ୍ରଭୋ
ମମବିଘ୍ନନିହନ୍ତ୍ୟାଶୁ ସର୍ବସିଦ୍ଧିପ୍ରଦୋ ଭବଃ ।

ଜୟ ଜୟ ଗଣନାଥ ଗଉରୀକୁମର । ଜୟ ଜୟ ବିଘ୍ନରାଜ
ଦେବ ଲମ୍ବୋଦର । ସକଳ ଦେବଙ୍କ ଅଗ୍ରେ ତୁମ୍ଭ ପୂଜା ହୁଏ ।
ତୁମ୍ଭ ସୁଦୟାରୁ ସରୁ ବିଘ୍ନ ନାଶ ଯାଏ । ଅମୃତ ଲଡ୍ଡୁରେ ସଦା
ହୋଇଥାଅ ତୋଷ । ପାଦେ ପ୍ରଣମୁଛି ପୂର୍ଣ୍ଣ କର ମୋ ମାନସ ।
ଜୟ ଜୟ ବୃଷଧ୍ୱଜ ଗିରିଜାବଲ୍ଲଭ । ଜୟ ତ୍ରିପୁରଅନ୍ତକ ଜୟ
ବାମଦେବ । ଜୟ ଜୟ କଇଳାସବାସୀ ଦିଗମ୍ବର । ଜୟ ଜୟ
ଅଙ୍ଗ ଅଙ୍ଗାର ଗଙ୍ଗାଧର । ତୁମ୍ଭ ପଦ ବନ୍ଦନ ମୁଁ କରେ
ନିରନ୍ତର । ପୂର୍ଣ୍ଣ କର ମନୋରଥ ଦେବ ମହେଶ୍ୱର । ତୁମ୍ଭର
କରୁଣା ହେଲେ ଲେଖିବି ଏ ଗ୍ରନ୍ଥ । ତେଣୁ ତୁମ୍ଭ ପଦେ ଶରଣ
ମୁଁ ଅନୁବ୍ରତ । ନମୋ ନମୋ ପାର୍ବତୀ ଗୋ ପର୍ବତକୁମାରୀ ।
ନମୋ ନମୋ ଭଗବତୀ ଗଙ୍ଗାଧର ନାରୀ । ନମୋ ନମୋ
ଶଙ୍କରାଣୀ ଜଗତଜନନୀ । ନମୋ ନମୋ ମାହେଶ୍ୱରୀ ମୁକ୍ତି
ଦାୟିନୀ । ନମୋ ନମୋ ମହାମାୟା ମହିଷମର୍ଦ୍ଦିନୀ । ନମୋ

ନମୋ ହରିପ୍ରିୟା ନିତ୍ୟ ସନାତନୀ । ତୁମ୍ଭ ପାଦପଦ୍ମେ ପ୍ରଣମୁଛୁ ଶତେ ବାର । ଅପରାଧଭଞ୍ଜନୀ ମୋ ଅପରାଧ କ୍ଷମା କର । ଜୟ ଜୟ ଜଗନ୍ନାଥ ଜଗତକରତା । ଜୟ ଜୟ ଦୀନବନ୍ଧୁ ଗତିମୁକ୍ତିଦାତା । ଜୟ ଜୟ ନୀଳାଚଳବାସୀ ଲକ୍ଷ୍ମୀସାଇଁ । ତୁମ୍ଭ ଶ୍ରୀଚରଣ ତଳେ ପ୍ରଣମୁଛୁ ମୁହିଁ । ତାରଣ ତାରଣ ନାଥ କର ହେ କାରଣ । ମୋର ମନୋରଥ ପୂର୍ଣ୍ଣ କର ନାରାୟଣ । ତୁମ୍ଭର କରୁଣାବଳେ ଏ ଶୁକବିଳାସ । ଗ୍ରନ୍ଥଗୋଟି ନିର୍ବିଘ୍ନରେ ଯେସନେ ହେବ ଶେଷ । ଏହି କାମନା ନିରତେ ଅଛଇ ମୋହର । ଗୀତେ ଭଣେ ଲକ୍ଷ୍ମୀଧର ନିରାଶ ନ କର ।

---

## ଗ୍ରନ୍ଥ ସୂଚନା

ଏକଚିତ୍ତ ହୋଇ ଶୁଣ ସାଧୁ ସୁଜନରେ । ବିକ୍ରମାଦିତ୍ୟ ଜନମ ହୋଇ କଳିକାଳେ । ସକଳ ରାଜାଙ୍କ ପରେ ଶ୍ରେଷ୍ଠ ସେ ହୋଇଲେ । ଗନ୍ଧର୍ବ ଅଂଶରୁ ସେହୁ ଜନ୍ମ ଲଭିଥିଲେ । ଶକାଦିତ୍ୟଙ୍କୁ ସେ ପଶାଖେଳରେ ଜିଣିଣ । ବଧ କରିଥିଲେ ତାଙ୍କୁ ହୋଇ ହୃଷ୍ଟମନ । ତା ପରେ ଉଜ୍ଜ୍ୱଳ ନଗ୍ରେ ହେଲେ ସେହୁ ରାଜା । ପୁତ୍ର ପ୍ରାୟେ କରି ସେ ପାଳିଲେ ଜନପ୍ରଜା । ଜ୍ଞାନବନ୍ତ ଦୟାବନ୍ତ ବଳବନ୍ତ ପଣେ । ତାଙ୍କ ସମାନେ ମହୀରେ ନ ଥିଲେ କେ ଜଣେ । ନଅଜଣ ପଣ୍ଡିତଙ୍କୁ ନବରତ୍ନ କହି । ନିଜ ସଭାରେ ରଖାଇ ଥାନ୍ତି ତୋଷ ହୋଇ । ଇନ୍ଦ୍ର ଭୁବନୁଁ ଅତ୍ୟନ୍ତ ସୁନ୍ଦର ଭୁବନ । ନିର୍ମାଣ କରାଇଲେ ସେ ବିକ୍ରମ ରାଜନ । ସ୍ୱର୍ଗର ସୁଧର୍ମା ସଭା ସମାନରେ କରି । ସଭା ନିର୍ମିଲେ ସେହୁ ବିକ୍ରମକେଶରୀ । ଅଷ୍ଟ ବେତାଳଙ୍କୁ ସେହୁ ସାଧନା କରିଲେ । ଦେଶର ଅସାଧ୍ୟ କାର୍ଯ୍ୟମାନଙ୍କୁ ସାଧିଲେ । ଭୋଜରାଜାଙ୍କୁ ଜିଣିଣ ବୁଦ୍ଧି କୌଶଳରେ । ତାଙ୍କ କନ୍ୟା ଭାନୁମତୀଙ୍କ ସେ ବିଭା ହେଲେ ।

ସୌନାବଣୀର ମଜନ ଭାବକୁ ଭାଙ୍ଗିଣ । ତାହାକୁ ଲଭିଲେ ସେହୁ ବିକ୍ରମ ରାଜନ । ଶୁକପକ୍ଷୀଠାରୁ ଶୁଣି ଦେଶ ଜୟ କଲେ । ଶତ୍ରୁ ହୋଇକରି ତାଙ୍କ ଜଣେ କେ ନ ଥିଲେ ॥ ବଳି ରାଜାଠାରୁ ଦାନୀ ଶ୍ରେଷ୍ଠ ସେ ଅଟନ୍ତି । ଶ୍ରୀରାମଚନ୍ଦ୍ରଙ୍କ ପ୍ରାୟେ ଗୁଣେ ପ୍ରକାଶନ୍ତି । ବୃହସ୍ପତି ତୁଲ୍ୟ ବୁଦ୍ଧି ବିଦ୍ୟାରେ ଗମ୍ଭୀର । ବଳରେ ପବନ ସମ ସେହୁ ବଳିୟାର । ମଘବା ସମାନେ ପୃଥ୍ୱୀ ପାଳିବା ତାଙ୍କର । ଅଗ୍ନି ସମ ତେଜୋବନ୍ତ ଯୋଗରେ ଶଙ୍କର । ସର୍ବଗୁଣେ ପରିପୂର୍ଣ୍ଣ ଅଟନ୍ତି ଯେ ସେହୁ । ତାଙ୍କ ଗୁଣାବଳି କିଛି କହିବାକୁ ମୁହିଁ । ଜନ୍ମରୁ ଶେଷ ପର୍ଯ୍ୟନ୍ତ କରିଥିଲେ ଯାହା । ସଂକ୍ଷେପ ଭାବେ ବୁଝାଇ କହିବି ମୁଁ ତାହା । ଶୁକ ସେନା ଯେତେ ଯେତେ କର୍ମ ସେ କଲେ । ସେ କଥାମାନ ରହିବ ଜାଣ ଏ ଗ୍ରନ୍ଥରେ । ତେଣୁ ଶୁକବିଳାସ ଏ ଗ୍ରନ୍ଥ ନାମ ହେଲା । ବିକ୍ରମାଦିତ୍ୟ ଚରିତ ଏଥିରେ ରହିବ । ଥରେ ଶନି ଲକ୍ଷ୍ମୀ ଦୁହେଁ କଳି ଆରମ୍ଭିଲେ । କିଏ ବଡ଼ କିଏ ସାନ ବୋଲିଣ ଭାବିଲେ । ଲକ୍ଷ୍ମୀ କହିଲେ ମୁଁ ବଡ଼ ଅଟେ ସଂସାରରେ । ଶନି କହିଲେ ମୁଁ ବଡ଼ ଅଟେ ସଦାକାଳେ । ଏରୂପେ ସେ ଦୁହେଁ କଳି କଲେ ପ୍ରବଳରେ । କଦାପି ସ୍ଥିର ସେ ନ ହୋଇଲେ ସ୍ୱର୍ଗପୁରେ । ଦେବତାଏ ସେ ଅନର୍ଥ ଭାଙ୍ଗି ନ ପାରିଲେ । ଆସି ବିକ୍ରମାଦିତ୍ୟଙ୍କ ସଭାରେ ମିଳିଲେ । ଦୁହିଙ୍କ କଳହ କଥା କରିଣ ବିଚାର । ଲକ୍ଷ୍ମୀଙ୍କୁ ବଡ଼ ବୋଲି କହିଲେ ନୃପବର ॥ ତାହା ଶୁଣି ଶନି କ୍ରୋଧ ହୋଇ ଉଠିଗଲେ । ବିକ୍ରମାଦିତ୍ୟଙ୍କୁ ବହୁ କଷଣ ସେ ଦେଲେ । ଶନି କୋପୁଁ ରାଜ୍ୟ ଧନ ଆଦି ହେଲା ନାଶ । ରାଣୀଙ୍କୁ ଘେନିଣ ରାଜା କଲେ ବନବାସ । ବନରେ ବହୁ କଷଣ ତାହାଙ୍କୁ ପଡ଼ିଲା । କେତେ କାଳ ପରେ ଶନି କୋପ ଦୂର ହେଲା । ନିଜ ନଗରକୁ ଫେରି ଆସିଲେ ନୃପତି । ହରଷରେ ପୁଣି କଟାଇଲେ ଦିନ ରାତି ।

କିଛୁଦିନ ପରେ ସେହୁ ମୃଗୟାକୁ ଗଲେ । ଅରଣ୍ୟ ମଧ୍ୟରୁ ଶୁକ ପକ୍ଷୀଏ ପାଇଲେ । ସେ ଶୁକପକ୍ଷୀ ଅତ୍ୟନ୍ତ ପଣ୍ଡିତ ଅଟଇ । ତ୍ରିକାଳର କଥା ସେହୁ ବହୁତ ଜାଣଇ । ଅସାଧ୍ୟ କଥାର ସେହୁ ଦିଅଇ ଉତ୍ତର । ତେଣୁ ହରଷେ ପାଳିଲେ ତାକୁ ନୃପବର । ଦିନେ ରାକ୍ଷସୀଏ ଆସି ସଭାରେ ମିଳିଲା । ବିକ୍ରମାଦିତ୍ୟଙ୍କୁ କେତେ ପ୍ରଶ୍ନ ପଚାରିଲା । ପ୍ରଶ୍ନର ଉତ୍ତର ସେହି ଶୁକପକ୍ଷୀ ଦେଲା । ରାକ୍ଷସୀ ଶୁଣି ସେଠାରୁ ତୋଷେ ଫେରିଗଲା । କୌଶଳରେ ତିଳୋତ୍ତମାକୁ ସେ ବିଭା ହେଲେ । ନାରୀବଶେ ବହୁ ରାଜା ଦିବସ କାଟିଲେ । ସେ ନାରୀ କଥାରେ ଶୁକପକ୍ଷୀକୁ ନାଶିଲେ । ଶୁକପକ୍ଷୀ ସାରୀଠାରୁ ଶାପ ଯେ ପାଇଲେ । କମଳିନୀ ନାମେ ଏକ କନ୍ୟା କଟେଶ୍ୟରେ । ମନଦୁଃଖେ ନୃପବର ଅରଣ୍ୟେ ଭ୍ରମିଲେ । ବହୁକାଳ ପରେ ସେ କନ୍ୟାକୁ ବିଭା ହୋଇ । ଅସତୀ ଜାଣି ଅରଣ୍ୟେ ଛାଡ଼ିଦେଲେ ନେଇ । ଏହୁପର ବିକ୍ରମାଦିତ୍ୟଙ୍କ କଥାମାନ । ଏ ଶୁକବିଳାସ ଗ୍ରନ୍ଥେ ହୋଇବ ବର୍ଣ୍ଣନ । ସାଧୁ ସୁଜ୍ଞଜନମାନେ ଶୁଣ ମନଦେଇ । ଲକ୍ଷ୍ମୀଧର ଗର୍ଗବଟୁ ଗୀତରେ ଭଣଇ ।

---

## ଶନି ଲକ୍ଷ୍ମୀ କଳି ଓ ବିକ୍ରମାଦିତ୍ୟଙ୍କ ବିଚାର

ଏ ଶୁକବିଳାସ କଥା ଶୁଣ ସୁଜ୍ଞଜନ । ବୈକୁଣ୍ଠେ ମିଳିଲେ ଦିନେ ସୂର୍ଯ୍ୟଙ୍କ ନନ୍ଦନ । ଲକ୍ଷ୍ମୀଙ୍କୁ ବୋଇଲେ ମୁହିଁ ବଡ଼ ଜଗତରେ । ମୋର ନାମ ଶନୈଶ୍ଚର ଥିବ କାଳେ କାଳେ । ମୁହିଁ ବଡ଼ ବୋଲିଣ କହନ୍ତେ ବାରମ୍ବାର । ଲକ୍ଷ୍ମୀ ଶୁଣିଣ ତାହାକୁ କହିଲେ ସତ୍ୱର । ବଡ଼ ବଡ଼ ବୋଲି ତୁହି କହୁଅଛୁ କେତେ । କିଏ ବଡ଼ ବୋଲି

ତୋତେ ଜାଣଇ ଜଗତେ । ମୁହିଁ ଜଗତ ଜନନୀ ଲକ୍ଷ୍ମୀ ମୋର ନାମ । ସର୍ବଙ୍କାବେ ପଣ୍ଡଦାତା ଅଇଶ୍ୱର୍ଯ୍ୟ ଧାମ । ତୋଠାରୁ କି ସବୁଗୁଣେ ବଡ଼ ମୁଁ ନୁହଇ । ବଡ଼ ବୋଲି ମୋ ଆଗରେ କେତେ କହୁ ତୁହି । ଲକ୍ଷ୍ମୀଙ୍କ ମୁଖୁଁ ଏ କଥା ଶୁଣି ଶନୈଶ୍ଚର । ବୋଇଲା ତୋଠାରୁ ବଡ଼ ମୁହିଁ ନିରନ୍ତର । ଲକ୍ଷ୍ମୀ ବୋଇଲେ ତୋଠାରୁ ବଡ଼ ମୁଁ ଅଟଇ । ଶନି ବୋଇଲା ବଡ଼ ମୁଁ ସବୁକାଳେ ହୋଇ । ଏହିରୂପେ ଶନି ଲକ୍ଷ୍ମୀ ଦୁହେଁ କଳି କଲେ । ଦେବତାଏ ତାଙ୍କ କଳି ଭାଙ୍ଗି ନ ପାରିଲେ । ଏହିରୂପେ ଏକ ଯୁଗ ଭୋଗ ହୋଇଗଲା । ଶନି ଲକ୍ଷ୍ମୀଙ୍କର କଳି କେବେ ନ ଭାଙ୍ଗିଲା । ଶନି ଲକ୍ଷ୍ମୀ ଦୁହେଁ ପୁଣି ଭାବିଲେ ମନରେ । ବିକ୍ରମାଦିତ୍ୟ ରାଜନ ଅଛି ମର୍ତ୍ତ୍ୟପୁରେ । ନ୍ୟାୟଗୁଣେ ପରିପୂର୍ଣ୍ଣ ସେହି ଯେ ଅଟଇ । ବିଚାର କରି ଆମ୍ଭଙ୍କୁ ପାରିବ ସେ କହି । ଚାଲ ତା ପାଖକୁ ଏବେ ଦୁହେଁ ଚାଲିଯିବା । କିଏ ବଡ଼ କିଏ ସାନ ତା ମୁଖୁଁ ଶୁଣିବା । ଏତେ ଭାବି ଶନି ଲକ୍ଷ୍ମୀ ଦୁହେଁ ଚାଲିଗଲେ । ଉଜ୍ଜୟିନୀ ନଗରରେ ପ୍ରବେଶ ହୋଇଲେ । ବିକ୍ରମାଦିତ୍ୟ ସଭାରେ ,ପ୍ରବେଶି ବହନ । ଦେଖିଲେ ତାହାର ସଭା ସୁଧର୍ମା ସମାନ । ନବରତ୍ନସହ ଛତ୍ର ପାତ୍ର ମନ୍ତ୍ରୀଗଣ । ସିଂହାସନେ ବସିଅଛି ବିକ୍ରମ ରାଜନ । ଶନି ଲକ୍ଷ୍ମୀ ଦୁହିଙ୍କୁ ଦେଖିଣ ନୃପବର । ସିଂହାସନରୁ ଉଠିଣ ଆସିଲା ସତ୍ୱର । ଦୁହିଙ୍କର ପାଦଧୌତ କରିଣ ବହନ । ଆସନେ ବସାଇ ପୂଜା କଲା ତତକ୍ଷଣେ । ସଭାର ସମସ୍ତ ଜନେ ବନ୍ଦିଲେ ଚରଣେ । କରପଦ୍ମ ଯୋଡ଼ି ରାଜା ପୁଚ୍ଛନ୍ତି ତୋଷମନେ । କି କାରଣେ ଆଗମନ ଦୁହିଙ୍କର ହେଲା । ଦେଖି ମୋହର ନୟନ କୃତାର୍ଥ ଲଭିଲା । ଜଗତ ଜନନୀ ଲକ୍ଷ୍ମୀ ଗ୍ରହରାଜ ଶନି । ଆଜି ମୋହର ସଭାକୁ ଆସିଛନ୍ତି ବେନି । ତେଣୁକରି ମୁହିଁ ଆଜ ହୋଇଅଛି ଧନ୍ୟ । କରଯୋଡ଼ି ପୁଚ୍ଛନ୍ତି ରାଜା ଆସିବା କାରଣ । ରାଜାର ଏ ବାକ୍ୟ

ଶୁଣି ଶନି ଲକ୍ଷ୍ମୀ ବେନି । ବୋଇଲେ ସୁରପତେ ଶୁଣ ତୁମ୍ଭେ ନୃପମଣି ॥ ଅମ୍ଭ ଦୁହିଙ୍କ ମଧ୍ୟରେ ବିବାଦ ଜନ୍ମିଛି । କେଉଁ ଉପାୟରେ ତାହା ମେଣ୍ଟି ନ ହେଉଛି ॥ ଅମ୍ଭ ଦୁହିଙ୍କ ମଧ୍ୟରେ କେ ବଡ଼ କେ ସାନ । ଏହି କଥାଟୋଟି ନ ହୋଇଲା ସମାଧାନ ॥ କେହି ଏହି ବିବାଦକୁ ଭାଙ୍ଗି ନ ପାରିଲେ । କେତେ ଯୁଗ ହୋଇଲାଣି ଏହି ପରକାରେ ॥ ଧବ୍ୟଶଢେ ବିଗୁବଣି ଶୁଣ ନୃପବର । ଏହି ଯୋଗୁଁ ଅମ୍ଭେ ବେନି ଅସିଛୁଁ ଏଠାର ॥ ଲକ୍ଷ୍ମୀ କହୁଛନ୍ତି ମୁହିଁ ବଡ଼ ନିଶ୍ଚେଁ ଜାଣ । ଶନି କହୁଅଛି ମୁହିଁ ବଡ଼ଟି ପ୍ରମାଣ । ଏମନ୍ତ ପ୍ରକାରେ ଦୁହେଁ ତହିଁ କଳି କଲେ । ଶୁଣି ବିକ୍ରମ ରାଜନ ତାହାଙ୍କୁ ଚାହିଲେ ॥ ଅନର୍ଥ କରିବାରେ ନାହିଁଟି ପ୍ରୟୋଜନ । ନିଶ୍ଚୟ ଏ କଥା ହୋଇଯିବ ସମାଧାନ ॥ ଶନି କହୁଅଛି ରାଜା ଶୁଣ ମୋର ବାଣୀ । ମୋର କ୍ରୂର ଦୃଷ୍ଟି ଯେଉଁଠାରେ ପଡ଼େ ପୁଣି ॥ ସକଳ ଭସ୍ମ ହୁଅଇ କ୍ଷଣକ ମଧ୍ୟରେ । ରକ୍ଷାକରି ନ ପାରଇ କେହୁ ସେ ବେଳରେ ॥ ଯେବେ ଏକ ସୁଦୃଷ୍ଟି ମୋ ପଡ଼ଇ ନିଶ୍ଚୟ । ଭୁଚ୍ଛ୍ୟଜନ ଅବସ୍ଥାରେ ହୁଏ ନରନାଥ ॥ ତେଣୁକରି ମୁହିଁ ବଡ଼ କେମନ୍ତେ ନୁହଇ । ଗ୍ରହଙ୍କ ମଧ୍ୟରେ ଶ୍ରେଷ୍ଠ ଅଟଇ ଯେ ମୁହିଁ । ଲକ୍ଷ୍ମୀ ବୋଲୁଛନ୍ତି ରାଜା ସତ୍ତ୍ୱରେ ଶୁଣ । ମୋ କୃପାରେ ରାଜ ହୁଏ ଧନ ହୀନ ଜନ ॥ ମୋହର ଅକୃପା ହେଲେ ସୁଖ ନାହିଁ କା'ର । ସମସ୍ତ ପ୍ରାଣୀଙ୍କୁ ପଡ଼ିଧଏ ମୁଁ ନିକର ॥ ତେଣୁ ଜଗତ ଜନନୀ ନାମ ଅଟେ ମୋର ॥ ମୋର କୃପାରେ ମଙ୍ଗଳ ପ୍ରାଣୀମାନଙ୍କର ॥ ଇନ୍ଦ୍ର ଦେବତାଙ୍କୁ ଶାପୁଁ ଉଦ୍ଧାର କରିଲି । ଧର୍ମ୍ମାତ୍ମକ ରାଜାଙ୍କୁ ମୁଁ ରାଜ୍ୟଭାର ଦେଲି ॥ ନିର୍ଦ୍ଧୟାପଣ ମୋହର ହୁଏ ଯାହାଠାରେ । ଅନ୍ନବସ୍ତ୍ର ନ ମିଳଇ ତାକୁ କେଉଁଠାରେ । ଶ୍ରୀହୀନ ହୋଇଣ ସେହୁ ଭ୍ରମଇ ଜଗତେ । ମୋ କୃପାରେ ସୁଖ ଭୋଗ କରନ୍ତି ସମସ୍ତେ । ଲକ୍ଷ୍ମୀଙ୍କଠାରୁ ଏ କଥା ଶୁଣି ଶନୈଶ୍ଚର

କହୁଅଛି ମୋର ଦୃଷ୍ଟି ପଡ଼େ ଯା ଉପର । ସକଳ ସୁଖ ସମ୍ପଦ ତାର ହୁଏ ନାଶ । ମହା ଅମଙ୍ଗଳ ତାର କେବେଁ ନାହିଁ ଯଶ ॥ ଲକ୍ଷ୍ମୀ ବୋଲନ୍ତି ମୋହର କୃପା ଯେବେ ଥିବ । ଶନି ସପ୍ରଦଶା ହେଲେ କିଛି ନ ହୋଇବ ॥ ଶନି କହୁଅଛି ପୁଣି ଲକ୍ଷ୍ମୀଙ୍କି ସୁହିଁଣି । ଗଣେଶଙ୍କଠାରେ ମୋର କୋପକାଳେ ଜାଣି ॥ ରକ୍ଷାକରି ନ ପାରିଲେ କେହି ସେ ବେଳରେ । ଶିରଚ୍ଛେଦ ହେଲା ତାର ସେହି ସମୟରେ ॥ ଏମନ୍ତ ପ୍ରକାରେ ଶନି ବଡ଼ିମା ଦେଖାଇ । ଲକ୍ଷ୍ମୀଙ୍କି କହିଲା ତୋରଠାରୁ ବଡ଼ ମୁହିଁ ॥ ଏ ବଚନ ଶୁଣି ଲକ୍ଷ୍ମୀ କିଛି ନ କହିଲେ । ଶନି କହୁଛି ବିକ୍ରମ ଦିତ୍ୟଙ୍କ ଆଗରେ ॥ ତୁମ୍ଭେ ନ୍ୟାୟବନ୍ତ ରାଜା ନ୍ୟାୟ ବିଚାରରେ । କିଏ ବଡ଼ କିଏ ସାନ କୁହ ଚଞ୍ଚଳରେ ॥ ଯେବେ ଅବିଚାର କରି ଯାହା କହିଦେବ । ମୋର କୋପଦୃଷ୍ଟିରେଟି ନିଶ୍ଚୟ ପଡ଼ିବ ॥ ଏହା ଶୁଣି ନୃପତିଙ୍କ ବ୍ୟଗ୍ର ହେଲା ମନ । ଭାବିଲେ ପ୍ରମାଦ ମୋତେ ପଡ଼ିଲା ଆସିଣ ॥ ମନରେ ବହୁତ ଭୟ ତାଙ୍କର ଜନ୍ମିଲା । କି କଥା କହିବି ବୋଲି ବାକ୍ୟ ନ ସ୍ଫୁରିଲା ॥ ଲକ୍ଷ୍ମୀଙ୍କି ବଡ଼ ବୋଲିଣ ଯେବେ ମୁଁ କହିବି । ଶନି କୋପରେ କପଣ ନିଶ୍ଚୟ ଲଭିବି ॥ ଶନିଙ୍କ ଯଦି ମୁଁ ବଡ଼ ବୋଲିବି ନିଶ୍ଚୟ । ଲକ୍ଷ୍ମୀଙ୍କ କୋପେ ମଙ୍ଗଳ ମୋର ହେବ ହତ ॥ କାହାକୁ ଏବେ ମୁଁ ବଡ଼ ବୋଲିବି ଏଠାରେ । କାହାକୁ ସାନ କରିବି କେଉଁ ପରକାରେ ॥ ମନରେ ଏତେ ଭାଳିଣ ବିକ୍ରମ ରାଜନ । ଶନି ଲକ୍ଷ୍ମୀ ଦୁହିଙ୍କୁ ସେ ବୋଇଲେ ବଚନ ॥ କାଲି ପ୍ରଭାତରୁ ତୁମ୍ଭେ ଦୁହେଁ ଯେ ଆସିବ । କିଏ ବଡ଼ କିଏ ସାନ ବୁଝିକରି ଯିବ ॥ ଶୁଣି ଶନି ଲକ୍ଷ୍ମୀ ସେ ସ୍ଥାନରୁ ଚଳିଗଲେ । ବିକ୍ରମ ରାଜନ ମନ ମଧ୍ୟରେ ଭାବିଲେ ॥ ବୋଇଲେ ବିପଦ ଆସି ହେଲା ଉପସ୍ଥିତ । କି ବୁଦ୍ଧି କରିବି ଚିତ୍ତ ହୁଏ ବିଚଳିତ ॥ ଏହିରୂପେ ମନ ମଧ୍ୟେ ମହାଭୟ କଲେ । କାଳିଦାସଙ୍କୁ ଡକାଇ ସମସ୍ତ

କହିଲେ । କାଳିଦାସ ଶୁଣି ତାଙ୍କୁ ବୋଇଲେ ବଚନ । ଏଥିପାଇଁ ଚିନ୍ତା କେଉଁ ନ କର ରାଜନ । ଏ ସାମାନ୍ୟ କଥା ବ୍ୟସ୍ତ ନୁହ ଏଥିପାଇଁ । ସାନ ବଡ଼ ବୋଲି ମୁଖେ କିଛି ଯେ ନ କହି । ସ୍ୱର୍ଣ୍ଣ ରୌପ୍ୟରେ ଦୁଇଟି ଆସନ ନିର୍ମାଣି । ତା ପରେ ନୂତନ ବସ୍ତ୍ର ଘୋଡ଼ାଇଣ ପୁଣି । ଭିନ୍ନ ଭିନ୍ନ କରି ଦୁଇ ସ୍ଥାନରେ ରଖିବ । କେ କେଉଁ ଦ୍ରବ୍ୟେ ନିର୍ମିତ ଜାଣି ନ ହୋଇବ । ସେ ଦୁହେଁ ଆସିଣ ନିଜ ଇଚ୍ଛା ଅନୁସାରେ । ବସିଲେ ତହିଁରୁ ଜାଣି ଯିବେ ସେ ବେଗରେ । ସେଥିରେ ଆପଣଙ୍କର ନ ହୋଇବ ଦୋଷ । ନିଜ ଆସନକୁ ଦେଖି ନିଜେ ହେବେ ତୋଷ । କିଏ ବଡ଼ କିଏ ସାନ ତହିଁରୁ ଜାଣିବେ । ଆପଣଙ୍କୁ କେତେବେଳେ ଦୋଷ ସେ ନ ଦେବେ । କାଳିଦାସଙ୍କ ମୁଖରୁ ଶୁଣି ଏ ବଚନ । ବହୁତ ପ୍ରଶଂସା ତାଙ୍କୁ କରିଲେ ରାଜନ । ସ୍ୱର୍ଣ୍ଣର ଗୋଟିଏ ଆଉ ରୌପ୍ୟର ଗୋଟିଏ । ଏହି ପରକାରେ କଲେ ଆସନ ଯୋଡ଼ିଏ । ସେହି ଦିବସ ମଧ୍ୟରେ ଯତ୍ନରେ ଗଢ଼ାଇ । ସଭାରେ ରଖିଲେ ନେଇ ବସନ ଘୋଡ଼ାଇ । ବାହାରକୁ ନ ଦିଶିଲା କାର ଚିହ୍ନ ବର୍ଣ୍ଣ । ଜାଣି ନ ହେଲା କେ କେଉଁ ଦ୍ରବ୍ୟରେ ନିର୍ମାଣ । ଏମନ୍ତେ ସେ ରାତି ପାହି ହୋଇଲା ପ୍ରଭାତ । ଶନି ଲକ୍ଷ୍ମୀ ଦୁହେଁ ଆସି ହେଲେ ଉପସ୍ଥିତ । ତାହାଙ୍କୁ ଦେଖିଣ ରାଜା ବହୁ ମାନ୍ୟ କଲେ । ଆସନରେ ବସ ବୋଲି ଦୁହିଙ୍କୁ ବୋଇଲେ । ଏହା ଶୁଣି ଲକ୍ଷ୍ମୀ ଏକ ଅସନେ ବସିଲେ । ଶନୈଶ୍ଚର ବସିଲେ ଯେ ଏକ ଅସନରେ । ରାଜାଙ୍କୁ ପୁଚ୍ଛିଲେ କୁହ କାଳି ପ୍ରଶ୍ନବାଣୀ । ଆମ୍ଭ ମଧ୍ୟେ କିଏ ସାନ କିଏ ବଡ଼ ପୁଣି । ଏହା ଶୁଣିକରି ରଜା ବିରସ ମନରେ । କରଯୋଡ଼ି ବୋଇଲେ ଶ୍ରୀଶନି ସୁଚରିତରେ । ବଡ଼ ସାନ କହିବାକୁ ମୁଁ ନୁହେଁ ଭାଜନ । ବସିବା ଅସନ ଦେଖି କର ନିରୂପଣ । ଏହା ଶୁଣି ଦୁହେଁ ଯେଝା ଅସନ ଦେଖିଲେ । ଲକ୍ଷ୍ମୀ ବସିଛନ୍ତି ସ୍ୱର୍ଣ୍ଣ

ଆସନ ଉପରେ ॥ ରୌପ୍ୟ ଆସନରେ ବସିଛନ୍ତି ଶନୈଶ୍ଚର । ଏହା ଦେଖି ଦୁହେଁ ମନେ କରଲେ ବିଗ୍ରହ ॥ ସ୍ୱର୍ଣ୍ଣ ଆସନରେ ଲକ୍ଷ୍ମୀ ବସିବାରୁ ଜାଣ । ଜାଣିଲେ ବଡ଼ ବୋଲିଣ ମୁଁ ହେଲି ପ୍ରମାଣ ॥ ଅତ୍ୟନ୍ତ ହରଷ ହୋଇ ଉତ୍ତମ ମନରେ । ରାଜାଙ୍କୁ ପ୍ରଶଂସା କରି ଗଲେ ଧାତକାରେ ॥ ରୌପ୍ୟ ଆସନ ନିମନ୍ତେ ନିଜେ ମଣି ସାନ । କୋପରେ ପ୍ରଜ୍ୱଳି ଶନି ଉଠିଲା ବହନ ॥ ବୋଇଲେ ଅରେ ନୃପତି ସାନ କଲୁ ମୋତେ । ଦେଖିବା ସୁଖରେ ତୁହି ରହିବୁ କେମନ୍ତେ । ଶେଷରେ ଜାଣିବୁ କିଏ ବଡ଼ କିଏ ସାନ । ଏମନ୍ତ କହିଣ ଚାଲିଗଲେ ସେ ବହନ ॥ ବିକ୍ରମ ରାଜନ ଶୁଣି ମନେ ଭୟ କଲେ । ଦୋଷ ନାହିଁ ଲକ୍ଷ୍ମୀଧର କହନ୍ତି ଗୀତରେ ॥

---

## ଶନି କୋପରୁ ବିକ୍ରମାଦିତ୍ୟଙ୍କ ଦୁଃଖଭୋଗ

ଏଥୁ ଅନନ୍ତରେ କଥା ଶୁଣ ସୁଜନରେ । ଶନି ଲକ୍ଷ୍ମୀ ଗଲେ ପଛୁଁ ଏମନ୍ତ ପ୍ରକାରେ ॥ ଦେବଗଣେ ତୋଷ ହୋଇ ଆକାଶ ମାର୍ଗରେ । ବିକ୍ରମାଦିତ୍ୟଙ୍କ ଶିରେ ପୁଷ୍ପ ବୃଷ୍ଟି କଲେ ॥ ଆନନ୍ଦ ମନରେ ନୃପ ରଜନୀ ଦିବସେ । ପ୍ରଜାମାନଙ୍କୁ ପାଳନ କରନ୍ତି ବିଶେଷେ ॥ ଅତି ପୁଣ୍ୟବନ୍ତ ରାଜା ଅତି ନିଷ୍ଠାବାନ । ଅତ୍ୟନ୍ତ ଧାର୍ମିକ ପର ଉପକାରୀ ପୁଣି ॥ ଦୟାଗୁଣ କ୍ଷମାଶୀଳ ସମ୍ପନ୍ନ ଅଟନ୍ତି । ନିୟମ ବିରୁଦ୍ଧ କାର୍ଯ୍ୟ କେବେଁ ନ କରନ୍ତି ॥ ଏହିରୂପେ କିଛୁଦିନ ଭୋଗ ହୋଇଗଲା । ରାଜାଙ୍କ ଅଙ୍ଗରେ ଶନି ପଶି ନ ପାରିଲା ॥ ମନେ ମନେ ଶନି ଭାବେ କେମନ୍ତେ ପ୍ରବେଶିବି । ରାଜାକୁ ନେଇଣ ମହା ବିପଦେ ପକାଇବି ॥ ମୋତେ ସାନ ବୋଲି ଦେଲା ବଡ଼ ଅପମାନ । ଏହାର ପ୍ରତିଶୋଧ ମୁଁ ନେବି ବହନ ॥ ଏପରି ଭାବିଣ ଶନି ଥାଏ କୋପମନେ । ରାଜାଙ୍କ ଛିଦ୍ରକୁ ଖୋଜୁଥାଏ

ଅନୁକ୍ଷଣେ । ଏକଇ ଧନର କଥା ହେତୁକରି ଶୁଣ । ଭୋଜନକୁ ଯିବାପାଇଁ ବିକ୍ରମ ରାଜନ । ଜଳଦ୍ୱାରା ନିଜପାଦ ଧୋଇବା କାଳରେ । ଜଳ ନ ଲାଗିଲା ତାଙ୍କ ପାଦ ଗୋଇଠିରେ ॥ ଜାଣି ନ ପାରି ରାଜନ ଭୋଜନେ ବସିଲେ । ଏତିକି ମାତ୍ର ଅନ୍ୟାୟ ସେହୁ ଯେ କରିଲେ । ଏହି ଅନୀତିକୁ ଦେଖି ଶନିଗ୍ରହ ପୁଣ । ରାଜାଙ୍କ ଅଙ୍ଗେ ପ୍ରବେଶ କରିଲା ବହନ । ସେହିଦିନୁ ନରପତି ମଳିନ ଦିଶିଲେ । ଭୋଜନ ଶୟନ କିଛି ପରାୟେ ମଣିଲେ । ଦେହ କ୍ଷୀଣ ହେଲା ଜ୍ଞାନ ହୋଇଲା ବିନାଶ । ଶରୀରରେ ନାନା ରୋଗ କଲା ପରବେଶ । ମିତ୍ର ବନ୍ଧୁ ଆଦି ପ୍ରିୟ-ଜନଙ୍କ ସଙ୍ଗରେ । କଳହ କରିଲେ ରାଜା ନିଶି-ଦିବସରେ । ମନକଷ୍ଟେ ନୃପବର ବୃଥାରେ ରମିଲେ । ରାଜକାର୍ଯ୍ୟମାନ ସେହୁ କେବେ ନ ବୁଝିଲେ । ଯେ ଯେତେ କହିଲେ ରାଜା କେବେ ନ ବୁଝନ୍ତି । ବିକଳ ସ୍ୱରରେ ବସି କ୍ରନ୍ଦନ କରନ୍ତି । ଜୁଆରେ ଧନ ରତ୍ନାଦି ସବୁ ହରାଇଲେ । ରାଜ୍ୟ ଉତ୍ପାତ ଘଟିଲା ପ୍ରଜା ନାଶ ଗଲେ । ରାଜାଙ୍କର ଏହିରୂପେ ଯନ୍ତ୍ରଣା ଦେଖିଣ । ରାଣୀ ଭାନୁମତୀ ଭାବେ ଶନି ହେତୁ ପୁଣ । ରାଜାଙ୍କୁ ଏ କ୍ଲେଶମାନ ହୁଅଇ ନିଶ୍ଚୟ । ଶନି କୋପ ଦଶା ଯୋଗୁଁ ଉପୁଜଇ ଭୟ । ରାଣୀ ଭାନୁମତୀ ଏହା ମନରେ ଭାବନ୍ତି । ରାଜାଙ୍କୁ ବହୁ ପ୍ରକାରେ ସାନ୍ତ୍ୱନା ଦିଅନ୍ତି । ନ ଶୁଣନ୍ତି ରାଜା ସେହୁ କଥାକୁ କର୍ଣ୍ଣରେ । ମନେ ଅଭିମାନ ବହି କାନ୍ଦନ୍ତି ବିକଳେ । ଏ ପ୍ରକାରେ କେତେ ଦିନ ଭୋଗ ହୋଇଗଲା । ପୁଣି ଶନିଙ୍କର କୋପ ଅଧିକେ ବଢ଼ିଲା । ଶନି ଭାବିଲେ ରାଜା ତ ଗୃହରେ ରହିଲା । ତେବେ ସୁଦ୍ଧା ମୋତେ ବଡ଼ ଜାଣି ନ ପାରିଲା । ଏବେ ତାଙ୍କୁ ଦେଶାନ୍ତର କରାଇବି ମୁହିଁ । ତେବେ ଜାଣିବ ବଡ଼ ମୁଁ କେମନ୍ତେ ହୁଅଇ । ଏତେ ବୋଲି ଶନି ମହାକୋପ କଲେ ପୁଣ । ସେ କୋପରୁ ରାଜ୍ୟ ତ୍ୟାଗ କରିଲେ ରାଜନ । ଉନ୍ମତ୍ତ ପରାୟେ ହୋଇ ଅନ୍ୟ

ଦେଶେ ଯାଇଁ । ଭିକ୍ଷା ମାଗିଲେ ତାହାଙ୍କୁ ନ ଦିଅନ୍ତି କେହି ॥ ଉପରକୁ ଫିଙ୍ଗନ୍ତି ଯେ ଧୂଳିମାଟି ଟେଳା । ବୋଲନ୍ତି ଆହୁଁ କେ ତୁହି ଅସିଛୁ ପାଗଳା ॥ ଦିନାଦିନେ ଥରେ ମାତ୍ର ଅହାର ମିଳଇ । ପୁଣି ଦିନାଦିନ ଉପବାସେ ଥାନ୍ତି ରହି ॥ ଏହିରୂପେ ଗ୍ରାମେ ଗ୍ରାମେ କରିଲେ ଭ୍ରମଣ । ବହୁତ କଷ୍ଟ ହୋଇଲା ନ ପାଇ ଭୋଜନ ॥ ଗ୍ରାମ ଛାଡ଼ି ବନସ୍ତରେ ପ୍ରବେଶ ହୋଇଲେ । ବନ ଫଳ ମୂଳ ଶୂନ୍ୟ ହୋଇବା ଦେଖିଲେ ॥ ଏହା ଦେଖି ଶନି ଭାବେ ହୋଇଅଛି ଭଲ । ମୋତେ ସାନ ବୋଲି ନିନ୍ଦା ଦେଲୁ ତୁ ଅପାର ॥ ଏତେ ବୋଲି ଶନି ଏକ ସର୍ପରୂପ ହୋଇ । ରାଜାର ଉଦରେ ମାସ୍ୟାକର ରହେ ଯାଇଁ ॥ ଏକଦିନେ ଜଳପାନ କରୁଁ ନୃପବର । ସେ ଜଳରେ ମିଶି ଗଲା ଗର୍ଭକୁ ତାହାର ॥ ସେହି କଥା ଗୋଟି ରାଜା ନ ପାରିଲେ ଜାଣି । ଦିନୁ ଦିନ ଉଦର ବଢ଼ିଲା ତାଙ୍କ ପୁଣି ॥ ଦେହ ଅତି କ୍ଷୀଣ ହୋଇ ବିକୃତ ଦିଶିଲା । ଚାଲିବାକୁ ରାଜାଙ୍କର ଶକ୍ତି ନ ପାଇଲା ॥ ଅତିକଷ୍ଟେ ନୃପ ବସି ବସି ଯେ ଚାଲିଲେ । ଅରଣ୍ୟରେ କଣ୍ଟାମାନ ବାଜିଲା ଅଙ୍ଗରେ ॥ ସର୍ବାଙ୍ଗ ଚିରି ହୋଇଣ ବହିଲା ରକତ । ତେଣୁ ନୃପବର କଷ୍ଟ ଲଭିଲେ ବହୁତ ॥ ତେବେ ସୁଦ୍ଧା ଶନିଙ୍କର ଦୟା ନ ହୋଇଲା । ତାଙ୍କ କୋପରୁ ନୃପତି କଷଣ ଲଭିଲା ॥ ସଜ୍ଜନ ଜାଣନ୍ତି ଶନିଙ୍କର କୋପ ହେତୁ । ପ୍ରାପ୍ତ ଦ୍ରବ୍ୟ ଚାଲିଯାଏ ରାଜାଙ୍କର ହାତୁଁ ॥ ଶନି ବିଚାରିଲେ ଏହି ନୃପତିଙ୍କୁ ମୁହିଁ । ଜୀବନେ ନ ମାରି କଷ୍ଟ ଦେବି ଯେ ଭ୍ରମାଇ ॥ ଏହାଠାରୁ ବଳି ନାନାଦୁଃଖ ଯାକୁ ଦେବି । କଷ୍ଟର ଉପରେ କଷ୍ଟ ଆଣି ଘଟାଇବି ॥ ଏହା ଭାବି ଶନୈଶ୍ଚର ରାଜାଙ୍କୁ ସତ୍ୱରେ । ସ୍ୱର୍ଣ୍ଣବତୀ ନଦୀର ଗର୍ଭକୁ ଫିଙ୍ଗିଦେଲେ ॥ ନଦୀ ମଧ୍ୟେ ପୂର୍ଣ୍ଣଭାବେ ବହୁଥିଲା ଜଳ । ତହିଁରେ ପଡ଼ିଣ ରାଜା ଭାସିଲେ ସତ୍ୱର ॥ ମନରେ ଭାବନ୍ତି କିଛି ଦୋଷ ମୁଁ ନ କରି । କଷ୍ଟ ଦେଇ ଶନି ମୋତେ କଲେ ଏତେ ସରି ॥ ସତ୍ୟ

ଦୟା ଧର୍ମ ଯେବେ ଥିବଟି ମୋହର । ଏ କଷ୍ଟୁ ନିସ୍ତର ତେବେ
ହୋଇବି ମୁଁ ପାର ॥ ମନରେ ଏମନ୍ତ ପାଞ୍ଚି ବିକ୍ରମ ରାଜନ ।
ଲକ୍ଷ୍ମୀଙ୍କି ସ୍ତୁତି କରିଲେ ବିନୟ ଭାଷେଣ ॥ ବେନିକର ଯୋଡ଼ି ରାଜା
ମନେ କରି ଧ୍ୟାନ । ବୋଇଲେ ଗୋ ପଦ୍ମାଳୟା ଶୁଣ
ନିବେଦନ ॥ କି ସ୍ତୁତିରେ ତୁମ୍ଭଙ୍କୁ ମୁଁ କରିବି ସନ୍ତୋଷ ।
ଶନିଙ୍କ କୋପରେ ଏତେ ଲଭୁଛି ମୁଁ କ୍ଲେଶ ॥ ତୁମ୍ଭେ ଯେବେ
ମାତଃ ରକ୍ଷା ନ କରିବ ମୋତେ । ତେବେ ରକ୍ଷା ନ ହୋଇବି
ମୁହିଁ କେଉଁମତେ ॥ ଶରୀରରେ ତିଳେ ମାତ୍ର ବଳ ନାହିଁ ମୋର ।
ଏ ଗମ୍ଭୀର ଜଳୁ କେମନ୍ତେ ହେବି ମୁଁ ଉଦ୍ଧାର । କେଉଁ ଦୋଷ ମୁଁ
କରିଲି କେବେ ବା କାହାର । ବିନାଦୋଷେ ଦଣ୍ଡ ମୋତେ
ଦାଏନ୍ତି ଶନୈଶ୍ଚର ॥ ସତ୍ୟ ଧର୍ମ ନ୍ୟାୟ କଲେ ଏପରି ଭୋଗିବି ।
ଅଭି କି କର୍ମରେ ମୁହିଁ ସୁଖକୁ ପାଇବି ॥ କେମନ୍ତ ପ୍ରକାରେ ଅବ
ଚଳିବ ସଂସାର । ଅଗୋ ମାତଃ ବେଗେ ମୋର କଷ୍ଟ କର ଦୂର ॥
ଲକ୍ଷ୍ମୀଙ୍କୁ ଏମନ୍ତେ ଯହୁଁ ରାଜା ସ୍ତୁତି କଲେ । ଶନୈଶ୍ଚର ଜାଣି ମହା
କୋପ ଯେ ହୋଇଲେ ॥ ସେ ଜଳରେ ରାଜାଙ୍କୁ ବୁଡ଼ାଇ
ସାତଥର । ଭସାଇ ନିଅନ୍ତି ପୁଣି ତହୁଁ କେତେଦୂର ॥ ସେ ଜଳରୁ
ବହୁକଷ୍ଟେ କୂଳକୁ ଆସିଲେ । ଅଚେତା ହୋଇଣ କଣ୍ଟସଣ ଯେ
ପଡ଼ିଲେ ॥ ପୁଣି କ୍ରମେ କ୍ରମେ ଚେତା ଆସିଲା ତାଙ୍କର । ପ୍ରାଣରେ
ବିନାଶ ନ କରିଲେ ଶନୈଶ୍ଚର ॥ ସେହି ନଦୀକୂଳେ ଏକ ବଟ ତରୁ
ମୂଳେ । ବିଶ୍ରାମ କରିଲେ ରାଜା ନିଶ୍ଚିନ୍ତ ମନରେ ॥ ନାସାରୁ ବାୟୁ
ବହଇ ହୋଇ ଘନ ଘନ । ଏହିପରି ଭାବେ କଷ୍ଟ ଭୋଗି କିଛିଦିନ ॥
ଶନିଙ୍କର କୋପ କ୍ରମେ କ୍ରମେ ହେଲା ଶାନ୍ତ । ଲକ୍ଷ୍ମୀଙ୍କର କୃପାଦୃଷ୍ଟି
ହୋଇଲା ନିୟତ ॥ ତେଣୁ ରାଜାଙ୍କର ଅଳପ କଷ୍ଟ ହୋଇ ଦୂର ।
କ୍ରମେ କ୍ରମେ ଆରୋଗ୍ୟ ଯେ ହୋଇଲା ଶରୀର ॥ ତଦନ୍ତେ ବନରେ
ପୁଣି କରନ୍ତେ ଭ୍ରମଣ । ମନମଧ୍ୟେ ଭାବଣ ଯେ ବିକ୍ରମ ରାଜନ ॥

ସଉରାଷ୍ଟ୍ର ଦେଶ ମଧ୍ୟେ ପ୍ରବେଶିଲେ ଯାଇ । ମନର ପରିବର୍ତ୍ତନ ଘଟିଲା ସେଠାଇଁ ॥ ସେ ଦେଶରେ କଉଣସି ଉପଦ୍ରବ ନାହିଁ । କେଉଁ ପ୍ରାଣୀ କାହାଠାରେ ହିଂସା ନ କରଇ ॥ ସେ ଦେଶ ମଧ୍ୟେ ଭ୍ରମଣ କରିଲେ ନୃପତି । ଶୋଭାରେ ତାଙ୍କର ମନ ହୋଇଲା ଯେ ତୃପ୍ତି ॥ ନଗରର ଶୋଭା ଦେଖି ହୋଇଲେ ସନ୍ତୋଷ । ଅବର ଦେଖିଲେ ସେହି ସ୍ଥାନରେ ବିଶେଷ ॥ ଜଗତି ଅଟ୍ଟାଳିମାନ ଶୋଭେ ଧାଡ଼ି ଧାଡ଼ି । ମାର୍ଗରେ କର୍ପୂରରଜମାନ ଅଛି ପଡ଼ି ॥ ପୁଷ୍ପ ଉପବନ ଏକ ଅଛି ସେ ସ୍ଥାନରେ । ସରୋବର ଏକ ସ୍ଥିତ ତାହାର ପାର୍ଶ୍ୱରେ ॥ ଅମୃତ ସମାନ ନୀର ତହିଁରେ ଅଟଇ । ତାହାର ନିକଟେ ଶିବ ମନ୍ଦିର ଅଛଇ ॥ ସେ ସ୍ଥାନରେ ନରପତି ପ୍ରବେଶ ହୋଇଲେ । ବିଶ୍ରାମ ନିମନ୍ତେ ତହିଁ ମନରେ ଭାବିଲେ ॥ ଏହିସ୍ଥାନେ ଆଜି ରହି କାଲି ଚାଲିଯିବି । ଏହି ଉପବନ ମଧ୍ୟେ ଶୟନ କରିବି ॥ ଏତେ ଭାବି ସେହି ପୁଷ୍ପ ଉଦ୍ୟାନ ମଧ୍ୟରେ । ଶୟନ କରିଲେ ନୃପ ଏକ ବୃକ୍ଷ ମୂଳେ ॥ ସେହି ସମୟରୁ ସୂର୍ଯ୍ୟ ଅସ୍ତ ହୋଇଗଲେ । ଲକ୍ଷ୍ମୀଧର ଗର୍ଗବଟୁ କହନ୍ତି ଗୀତରେ ॥

---

## ମହାରାଷ୍ଟ୍ର ରାଜକନ୍ୟା ସହ ବିକ୍ରମାଦିତ୍ୟଙ୍କ ବିବାହ

ଏଥୁ ଅନନ୍ତରେ କଥା ସୁଜ୍ଞଜନେ ଶୁଣ । ସୂର୍ଯ୍ୟ ଅସ୍ତପରେ ରାତ୍ରି ହୋଇଲା ଅସିଣ । ସେହି ଉଦ୍ୟାନରେ ଶିବ ପୂଜାର ନିମନ୍ତେ । ମହାରାଷ୍ଟ୍ର ରାଜକନ୍ୟା ଭାବି ନିଜ ଚିତ୍ତେ ॥ ଶିବଙ୍କର ପୂଜାଦ୍ରବ୍ୟ ଘେନି ନିଜ କରେ । ଏକାକିନୀ ହୋଇ ଚାଲିଗଲା ଧୀରେ ଧୀରେ ॥ ଶିବଙ୍କ ମନ୍ଦିରେ ଯାଇଁ ହୋଇଲା ପ୍ରବେଶ । ବିଲ୍ୱ ଦଳ ଚମ୍ପାଫୁଲ ଦୁବୁରି ଗଇଣ ॥ ଶର୍କରା ଲବଣୀ ରମ୍ଭାଫଳ ନାରିକେଳ । ଚନ୍ଦନାଦି ପୂଜାଦ୍ରବ୍ୟମାନ ଯେ ସକଳ ॥ ଶିବ ଶିରେ

ଦେଇ ଯଥାବିଧି ପୂଜା କଲା । ଶିବ ଶିବ କହି ସାଷ୍ଟାଙ୍ଗରେ ପ୍ରଣମିଲା । ମୁଖେ ନାନା ସ୍ତୁତି କରି ଯୋଡ଼ି ବେନିକର । ରାଜକନ୍ୟା ଶିବଙ୍କୁ ଜଣାଏ ତତକାଳ ॥ ହେ ଦେବ ଉମାବଲ୍ଲଭ ମୋର ନିବେଦନ । ଯେଣୁ ମୋତେ ଏହି ବର କରନ୍ତୁ ପ୍ରଦାନ ॥ ବିକ୍ରମାଦିତ୍ୟ ନୃପତି ସ୍ୱାମୀ ହୋନ୍ତୁ ମୋର । ଏହି କାମନା ଅଛଇ ମୋର ନିରନ୍ତର । ମୋର ଏହି ଅଭିଲାଷ କରିବ ପୂରଣ । ତୁମ୍ଭପଦତଳେ ମୁହିଁ ପଶୁଛି ଶରଣ । ଏହା କହି ରାଜଜେମା ପୁଣି ପ୍ରଣମିଲା । ଜୟ ଶିବଶମ୍ଭୁ ବୋଲି ମୁଖେ ଉଚ୍ଚାରିଲା । ରାଜକନ୍ୟାର ଏମନ୍ତ ଭକତି ଦେଖିଣ । ପ୍ରସନ୍ନ ହୋଇଣ ଶିବ ସ୍ୱରୂପ ଧରିଣ । ରାଜଜେମାକୁ କହିଲେ ହରଷ ଭାବରେ । ଅଲୋ ରାଜଦୁହିତା ସନ୍ତୋଷ ମୁଁ ତୋଠାରେ । ବହୁତ ଦିନରୁ ସେବା କରୁଛୁ ତୁ ମୋତେ । ଯାହା ତୁ କହିଲୁ ସେହି ବର ଦେଲି ତୋତେ । ବିକ୍ରମାଦିତ୍ୟ ରାଜନ ସ୍ୱାମୀ ହେଉ ତୋର । ମୋ ମନ୍ଦିର ପଛରେ ସେ ଶୋଇଛି ଧୂଳିର । ଏକଇ ବୃକ୍ଷ ମୂଳରେ ଦେଖି ଭଲକରି । ଶନି ପୀଡ଼ାରୁ ଅଛି ବିକୃତ ରୂପ ଧରି । ସେ ଯୋଗୁଁ ରାଜଲକ୍ଷ୍ମୀକି ଅଛି ସେ ହରାଇ । ନାନା ଦୁଃଖ ଭୋଗି ଏଥେଁ ଅସିଅଛି ସେହି । ପୂର୍ବେ ତାହାକୁ ଦେଖିଣ ଥିଲେଟି ଯେମାନେ । ଅଜ ଦେଖି ଚିହ୍ନି ନ ପାରିବେଟି ସେମାନେ । ତାହାର ରୂପ ବିକୃତ ହୋଇଣ ଦିଶୁଛି । ଶନିଗ୍ରହ କୋପୁଁ ନାନା କଷଣ ଲଭୁଛି । ତାକୁ ଦେଖି କେବେ ତୁହି ଘୃଣା ନ କରିବୁ । ବରଣମାଳା ନେଇ ତା ଗଳେ ଲମ୍ବାଇବୁ । ଅଳ୍ପ କେତେଦିନେ ତାର ଦୁଃଖ ହେବ ଦୂର । ରାଜଲକ୍ଷ୍ମୀ ପ୍ରବେଶିବେ ଶରୀରେ ତାହାର । ପୂର୍ବପ୍ରାୟ ରାଜ୍ୟଶିରୀ ଭୁଞ୍ଜିବ ସକଳ । ମନରେ କଦାପି ତୁହି ସଂଶୟ ନ କର । ରାଜକନ୍ୟାକୁ ଏମନ୍ତ କହି ଗଙ୍ଗାଧର । ଅନ୍ତର୍ଦ୍ଧାନ ହୋଇ ତହୁଁ ଗଲେ ଯେ ସତ୍ୱର । ଏମନ୍ତ ବର ପାଇଣ ସେ

ରାଜକୁମାରୀ । ଶିବଙ୍କ ଦେଉଳ ପଛଭାଗେ ଗଲା ଚଳି ॥ ଦେଖିଲା ଏକଇ ବୃକ୍ଷମୂଳେ କ୍ଷଣ ପାଇ । ଶୟନ କରନ୍ତି ଜଣେ ବୃଦ୍ଧ ସେ ଭିକାରୀ ॥ ଶିବଙ୍କର କଥାକୁ ସେ ଭାବଣ ମନରେ । ଜାଣିଲା ବିକ୍ରମାଦିତ୍ୟ ନିଶ୍ଚେ ଏ ସ୍ଥାନରେ ॥ ଏପରି ଦୀନ ବେଶରେ ଏଠେ ରହିଛନ୍ତି । ମନରେ ଏଥିରେ ମୋର କିଛି ନାହିଁ ଭ୍ରାନ୍ତି ॥ ଏହି ନିଶ୍ଚେ ବିକ୍ରମାର୍କ ନୃପତି ଅଟନ୍ତି । ଏବେ ତାଙ୍କ ପାଦସେବା କରିବି ଝଟିତି ॥ ଏତେ ଭାବି ନିକଟକୁ ରାଜଜେମା ଯାଇ । ତାହାଙ୍କ ଚରଣ ସେବା କଲା ବେଗ ହୋଇ ॥ ଶିବଙ୍କ କଥାରୁ ମନେ ଜନ୍ମିଛି ବିଶ୍ୱାସ । ତେଣୁ ଚରଣ ସେବଇ ହୋଇଣ ହରଷ ॥ ବିକ୍ରମାର୍କ ନୃପ ବହୁ ପଥ ଭ୍ରମି ଭ୍ରମି । ଅଚେତାରେ ଶୋଇଛନ୍ତି ହୋଇ ପଥଶ୍ରମୀ ॥ ରାଜଜେମା ଙ୍କର ସ୍ପର୍ଶ ଯୋଗରୁ ନିକର । ରାଜାଙ୍କର ନିଦ୍ରା ହତ ହୋଇଲା ସତ୍ୱର ॥ ଭାବିଲେ ଗଗନରୁ କି ଚନ୍ଦ୍ରମା ଆସିଲା । ସୁଶୀତଳ କରେ ମୋର ଚରଣ ସେବିଲା ॥ ମୋର ଅଙ୍ଗ ଅଗ୍ନି ପ୍ରାପ୍ତ ହୋଇଥିଲା ପୂର୍ବେ । ଶୀତଳ ହୋଇ ଉଶ୍ୱାସ ଲଭିଲାଟି ଏବେ ॥ ରାଜାଙ୍କର ଦେହ ଲାଗିବାରୁ ଅଲ୍ପେ ଭଲ । ଶୟନ ସ୍ଥାନରୁ ଉଠି ବସିଲେ ସତ୍ୱର ॥ ଦେଖିଲେ ଯୁବତୀ ଏକ ବସିଛି ପାଶରେ । ପାଦ ସେବା କରୁଅଛି ମନ ହରଷରେ ॥ ଏହା ଦେଖି ନୃପବର ଅତ୍ୟନ୍ତ ବେଗରେ । ସେ ରାଜକନ୍ୟାକୁ ଚାହିଁ ବଚନ ବୋଇଲେ ॥ କିଏ ତୁମ୍ଭେ କି କାରଣେ ସେବା କର ମୋତେ । ରାଜକନ୍ୟା ପ୍ରାୟ ମୋର ମନେ ହୁଏ ପ୍ରତେ ॥ ଦୀନ ଦୁଃଖୀ ଅଟେ ମୁହିଁ ସଂସାର ମଧ୍ୟରେ । ମୋ ପାଦ ମର୍ଦ୍ଦୁଅଛ କେଉଁ କାରଣରେ ॥ ସୁବଦନି କୁହ ତୁମ୍ଭେ ଫିଟାଇ ସକଳ । ଶୁଣିଲେ ମୋହର ମନ ହୋଇବ ଯେ ସ୍ଥିର ॥ ଏମନ୍ତ ବଚନ ଶୁଣି ସେ ରାଜକୁମାରୀ । ବିକ୍ରମ ନୃପଙ୍କୁ କହୁଅଛି ବେଗକରି ॥ ମୋ ଜୀବନ ସ୍ୱାମୀ ଏବେ ଅଟନ୍ତି ଆପଣ ।

ମୁହିଁ ଆପଣଙ୍କ ପତ୍ନୀ ଅଟଇ ପ୍ରମାଣ । ଆପଣ ବିକ୍ରମାଦିତ୍ୟ ନୃପତି
ଅଟନ୍ତି । ତେଣୁ ମୋର ମନରେ ଯେ ନାହିଁ କିଛି ଭ୍ରାନ୍ତି । ମୋର
ପରିଚୟ ଏବେ ଘେନନ୍ତୁ ଆପଣ । ଏହି ମହାରାଷ୍ଟ୍ର ଦେଶର ଯେ
ନରବର ॥ ତାହାଙ୍କର ଦୁହିତାଟି ମୁହିଁ ଯେ ଅଟଇ । ପ୍ରତିଦିନ
ଶିବଙ୍କର ସେବା ମୁଁ କରଇ । ଅଜ ମୋତେ ସୁପ୍ରସନ୍ନ ହୋଇ
ଦେବ ହର । ମୋର ମନବାଞ୍ଛା ପୂର୍ଣ୍ଣ କରି ଦେଲେ ବର । ମୋତେ
ବୋଇଲେ ବିକ୍ରମାଦିତ୍ୟ ନୃପବର । ସ୍ୱାମୀ ତୋର ହେବେ ସେହୁ
ଅତ୍ୟନ୍ତ ସତ୍ୱର ॥ ତୁମ୍ଭେ ଏହିସ୍ଥାନେ ଅଛ ବୋଲି ସେ କହିଲେ ।
ଶନି କୋପେ ମନ୍ଦଦଶା ଘଟିଛି ଅଙ୍ଗରେ । ରାଜ୍ୟଭ୍ରଷ୍ଟ ଘଟିବାରୁ
ଭ୍ରମି ନାନାଦେଶ । ଏ ବୃକ୍ଷ ମୂଳରେ ହୋଇକରି ସେ ପ୍ରବେଶ ।
ଶୟନ କରି ଅଛନ୍ତି ଅଚେତ ଭାବରେ । ଏହା ମୋତେ ସଦାଶିବ
କହିଣ ସତ୍ୱରେ ॥ ଅନ୍ତର୍ଦ୍ଧାନ ହୋଇ ଗଲେ ଦେବ ଦିଗମ୍ବର ।
ଏ ସ୍ଥାନକୁ ମୁହିଁ ତହୁଁ ଆସିଲି ସତ୍ୱର । ଆପଣଙ୍କୁ ସ୍ୱାମୀ ଭାବି
ସେବଇ ପୟର । ଆପଣଙ୍କ ପଦସେବା ଦାସୀ ମୁଁ ନିକର । ଆପଣ
ମୋର ଜୀବନ ଠାକୁର ଅଟନ୍ତି । ମୁଁ ତୁମ୍ଭର ଦାସୀ ଦୟାକର
ମୋର ପ୍ରତି । କଦାପି ନିରାଶ ମୋତେ ନ କର ଆପଣ । ଶିବଙ୍କୁ
ମନାଇ ତୁମ୍ଭଙ୍କୁ ପାଇଲି ଜାଣ । ତୁମ୍ଭ ସୁଖେ ସୁଖୀ ମୁହିଁ ତୁମ୍ଭ
ଦୁଃଖେ ଦୁଃଖୀ । ତୁମ୍ଭେ ଅଭିଛ ହୋଇଲେ ମୁଁ ହେବି ନିର୍ମିଷୀ ।
ତୁମ୍ଭେ ରାଜା ହେଲେ ରାଣୀ ହୋଇବି ମୁଁ ଜାଣ । ତୁମ୍ଭ ସଙ୍ଗ
ରହି ସଦା କାଟିବି ମୁଁ ଦିନ ॥ ତୁମ୍ଭର ଯେପରି ଗତି ହୋଇଛି
ନିକର । ମୋର ସେହି ଗତି ହେବ ଜାଣ ନୃପବର ॥
ମହାରାଷ୍ଟ୍ର କନ୍ୟା ଯହୁଁ କହିଲା ଏମନ୍ତ । ବିକ୍ରମ ରାଜନ ଶୁଣି
ବୋଇଲେ ତୁରିତ । ଅଗୋ ରାଜକନ୍ୟା ଯାହା କହୁଅଛ ତୁମ୍ଭେ ।
ସେ କଥା ମୋର ମନକୁ ନ ଆସଇ କେବେ ॥ ତୁମ୍ଭେ ରାଜକନ୍ୟା
ସବୁଗୁଣେ ପରିପୂର୍ଣ୍ଣା । ନିତାନ୍ତ ଦରିଦ୍ର ମୁହିଁ ଅଟଇ ଯେ ସିନା ॥

ସ୍ୱାମୀରୂପେ ମୋତେ ପାଇବାକୁ ଇଚ୍ଛାକର । ବିକ୍ରମ ନୃପତି ବୋଲିଣ
ମୋତେ ମନେ କର ॥ କିନ୍ତୁ ବିକ୍ରମ ନୃପତି ପୃଥିବୀ ମଧ୍ୟରେ ।
ରାଜନ ଅଟନ୍ତି ସେହୁ ସମସ୍ତଙ୍କ ପରେ ॥ ତାଙ୍କର କାହିଁକି ଦଶା
ହୁଅନ୍ତା ଏପରି । ମୁହିଁ ଜଣେ ଏ ଦେଶରେ ଅଟଇ ଭିକାରି ॥ ବିକ୍ରମ
ନରପତିଙ୍କି ତୁମ୍ଭେ ନ ଚହ୍ନିଣି । ଏମନ୍ତ ଭାବନା ମନେ କଲ
ଅକାରଣି ॥ ଏହା ଶୁଣି ରାଜକନ୍ୟା ତାହାଙ୍କୁ କହଇ । ଭିକ୍ଷୁକ
କି ଅବା ତୁମ୍ଭେ ହୁଅ ନରସାଇଁ । ନିଶ୍ଚେ ତୁମ୍ଭେ ମୋର ସ୍ୱାମୀ ମୁଁ
ପତ୍ନୀ ତୁମ୍ଭର । ତୁମ୍ଭ ସଙ୍ଗେ ଥାଇ ସଦା ସେବିବି ପୟର ॥ ଏତେ
କହି ରାଜକନ୍ୟା ଅତିତୋଷ ହୋଇ । ବିକ୍ରମଙ୍କ ଗଳେ ମାଳା
ଲମ୍ବାଇଲା ନେଇ ॥ ସେ ପୁଷ୍ପମାଳାକୁ ବିକ୍ରମ ନୃପତି ପାଇ ।
ପ୍ରତିମାଲ୍ୟ ରୂପେ କନ୍ୟା ଗଳେ ଦେଲେ ନେଇ ॥ ପତ୍ନୀ ଭାବେ
ତାହାଙ୍କୁ ସେ ପ୍ରତିମାଲ୍ୟ ଦେଇ । ନିଜର ସକଳ କଥା କହିଲେ
ବୁଝାଇ ॥ ଶନିକୋପେ ଯେତେ ଯେତେ କଷ୍ଟ ଭୋଗିଥିଲେ ।
ରାଜକନ୍ୟା ଆଗେ ସବୁ ଫିଟାଇ କହିଲେ ॥ କନ୍ୟା ଶୁଣି
ଶନିଙ୍କି ସେ ବହୁ ସ୍ତୁତି କଲା । ମନରେ କିଛି ସଂଶୟ ତାର
ନ ରହିଲା ॥ ଅତି ତୋଷମନେ କହେ ସ୍ୱାମୀଙ୍କ ଅଗ୍ରତେ ।
ହେ ନାଥ ବିଶ୍ରାମ କର ରହିଥାଅ ଏଥେଁ ॥ ପିତାଙ୍କ ଅଗରେ
ଯାଇଁ ଏକଥା କହିବି । ତାଙ୍କ ଆଦେଶରେ ନିଜ ନବରକୁ
ନେବି ॥ ବିଭା କରାଇବେ ସେହୁ ଯଥା ବିଧାନରେ । ସଂସାରକୁ
ସୂଚିତ ଏ ଦମ୍ପତିଙ୍କ ବେଭାରେ ॥ ବିକ୍ରମାଦିତ୍ୟଙ୍କୁ ଏହା କହି
କନ୍ୟା ଗଲା । ନିଜ ମାତାଙ୍କ ଅଗରେ ଯାଇଣ କହିଲା ॥
ବୋଇଲା ବିବାହକାଳ ହୋଇଲା ମୋହର । କିପାଇଁ କରିନ୍ତି ନାହିଁ
ବିଭା ସ୍ୱୟମ୍ବର ॥ ରାଜାମାନଙ୍କୁ ଡକାଇ ଆଣି ବେଗକର । ବରଣ-
ମାଳା ମୁଁ ଦେବି ଦେଖି ଚିନ୍ତା କର ॥ ଯାହାଠାରେ ମୋର ମନ
ହେବଟି ପ୍ରମାଣ । ମାଳା ଦେଇ ତାଙ୍କୁ ମୁହିଁ କରିବି ବରଣ ॥

କନ୍ୟାଠାରୁଁ ଏହି କଥା ମାତା ଯେ ଶୁଣିଲେ । ସେ ଯାଇଁ ସ୍ୱାମୀଙ୍କ
ଅଗ୍ରେ ଏ କଥା କହିଲେ ॥ ରାଜା ଶୁଣି ମନେ ଅତି ଆନନ୍ଦ
ହୋଇଲେ । କାଲି ସ୍ୱୟମ୍ବର ସଭା କରିବ ବୋଇଲେ ॥ ପାତ୍ର
ମନ୍ତ୍ରୀମାନଙ୍କୁ ସେ କହିଲେ ଡାକିଣ । ଅମ୍ଭ ଦୁହିତାର ବିବାହ
ନିମନ୍ତେ ଜାଣ ॥ ସ୍ୱୟମ୍ବର ସଭା ଏକ କର ହୋ ନିର୍ମାଣ ।
ବିଳମ୍ବରେ କଦାପି ନାହିଁଟି ପ୍ରୟୋଜନ ॥ ସଂସାର ମଧ୍ୟରେ ଯେତେ
ଛନ୍ତି ନୃପବର । ନିମନ୍ତ୍ରଣ ଦେଇ ତାଙ୍କୁ ଆଣ ଆ ସତ୍ୱର । ସେମାନଙ୍କ
ରହିବାର ବ୍ୟବସ୍ଥା କରାଅ । ସଭା ମଣ୍ଡପାଦି ଗୃହ ସତ୍ୱରେ ଭିଆଅ ॥
ରାଜାଙ୍କ ମୁଖରୁ ପାତ୍ର ମନ୍ତ୍ରୀ ଆଦି ଶୁଣି । ସଭା ଗୃହ ମଣ୍ଡପାଦି
ଭିଆଇଲେ ପୁଣି ॥ ନିମନ୍ତ୍ରଣ ପତ୍ର ଲେଖି ଦୂତ ହସ୍ତେ ଦେଲେ ।
ପତ୍ର ଘେନି ଦୂତମାନେ ବେଗେ ଚଳିଗଲେ ॥ ଅଙ୍ଗ ବଙ୍ଗ କଳିଙ୍ଗ
ଯେ ସୌରାଷ୍ଟ୍ର ଗୁର୍ଜ୍ଜର । ମାଳବ ମଗଧ କୋଶଳ ଦେଶ ଅବର ॥
ମତ୍ସ୍ୟଦେଶ କରାତ ଜାଙ୍ଗଲ ବ୍ରହ୍ମଦେଶ । ବିଦର୍ଭ ଦେଶ ଘେନିଣ
ଯେତେକ ନରେଶ । ସମସ୍ତଙ୍କ ପାଶେ ଦୂତେ ପ୍ରବେଶ ହୋଇଲେ ।
ସ୍ୱୟମ୍ବର କଥା ସବୁ ବୁଝାଇ କହିଲେ ॥ ଆସିବା ନିମନ୍ତେ ନିମନ୍ତ୍ରଣ
ପତ୍ର ଦେଇ । ଏପରି ସକଳ ଦେଶେ ଦୂତମାନେ ଯାଇଁ ॥ ସବୁ
ରାଜାମାନଙ୍କୁ କରିଲେ ନିମନ୍ତ୍ରଣ । ପତ୍ର ପାଇ ରାଜାମାନେ ଆସିଲେ
ବହନ ॥ ବର ବେଶ ହୋଇ ସବୁ ନୃପତି ଆସିଲେ । ସଉରାଷ୍ଟ୍ର
ନୃପତିର ନଗରେ ମିଳିଲେ ॥ ସମସ୍ତଙ୍କ ସଙ୍ଗେ ସୈନ୍ୟ ଛନ୍ତି
ଅଗଣନ । ମୃଗରାଜ ଗୋଳେ ମହୀ ହୁଏ କମ୍ପମାନ ॥ ଗଜ ଅଶ୍ୱ
ଆଦି ଯାନ ନାନା ପରକାରେ । ଆସିଛନ୍ତି ସମସ୍ତଙ୍କୁ ଘେନିଣ
ସଙ୍ଗରେ ॥ ସମସ୍ତଙ୍କୁ ବାସଗୃହ ମିଳିଲା ତକ୍ଷଣେ । ସ୍ୱୟମ୍ବର ସଭା
ହେବ ତହିଁ ପରଦିନେ । ଏମନ୍ତେ ସେ ଦିନ ସନ୍ଧ୍ୟାକାଳ ପ୍ରବେଶିଲା ।
ରାଜକନ୍ୟା ଶିବ ସେବା କରିବାକୁ ଗଲା । ଯେଉଁ ପରକାରେ
ଶିବଙ୍କର ପୂଜା ବିଧି । ତାହା ସମ୍ପୂର୍ଣ୍ଣ କରିଣ ସେ ଲାବଣ୍ୟନିଧି ॥

ବିକ୍ରମ ନୃପତି ଯେଉଁ ବୃକ୍ଷମୂଳେ ଥିଲେ । ରାଜକନ୍ୟା ତହିଁ ପ୍ରବେଶିଲା ତତକାଳେ । ବିକ୍ରମ ନୃପତିଙ୍କର ଚରଣେ ନମିଲା । ଉଠି ଉଭାହୋଇ କରଯୋଡ଼ିଣ ବୋଇଲା । ଅହୋ ନାଥ ଶୁଣ ଏବେ ବଚନ ମୋହର । ମୋ ପାଇଁ କରିବେ ପିତା କାଲି ସ୍ୱୟମ୍ବର । ବହୁତ ଦେଶରୁ ଆସିଲେଣି ନୃପଗଣେ । ନଗ୍ର ମଧ୍ୟେ ରହିଛନ୍ତି ଅତି ତୋଷମନେ । ଆଜ ନିଶି ପାହି କାଲି ପ୍ରଭାତ ହୋଇଲେ । ସବୁ ନୃପେ ପ୍ରବେଶିବେ ସେ ସଭା ମଧ୍ୟରେ । ଅହୋ ନାଥ କରୁଅଛି ମୁହିଁ ନିବେଦନ । ସେ ସଭାକୁ କାଲି ବିଜେ କରିବେ ଆପଣ । ସମସ୍ତଙ୍କ ପାଶେ ଯାଇଁ ଆପଣ ବସିଲେ । ପୁଷ୍ପମାଳା ଘେନି ପ୍ରବେଶିବି ସେ ସଭାରେ । ଆପଣଙ୍କ ଗଳେ ନେଇ ପୁଷ୍ପମାଳା ଦେବି । ସମସ୍ତଙ୍କ ଆଗରେ ମୁଁ ପ୍ରତ୍ୟକ୍ଷେ ବରିବି । ସବୁ ନୃପତି ଏ ବାହୁଡ଼ିଣ ଯିବେ ଚଳେ । ବିବାହ କରିବେ ମୋତେ ତୁମ୍ଭ ସଙ୍ଗତରେ । ଏ କାର୍ଯ୍ୟ ଉତ୍ତମ ହେବ ଜାଣିବେ ସମସ୍ତେ । ନିନ୍ଦା କରି କହି ନ ପାରିବେ କେହି ମୋତେ ॥ ବିକ୍ରମାଦିତ୍ୟ ରାଜନ ଏକଥା ଶୁଣିଣ । ଯିବି ବୋଲି କନ୍ୟାକୁ ସେ କହିଲେ ବଚନ । ଏହା ଶୁଣି ରାଜକନ୍ୟା ହରଷ ମନରେ । ନିଜ ମନ୍ଦିରକୁ ଚଳିଗଲା ଧାଡିକାରେ । ନିଜ କୃତ୍ୟ ବଢ଼ାଇ ସେ ଶୟନ କରିଲା । କେତେ କାଳ ପରେ ସେହି ରାତ୍ରି ଯେ ପାହିଲା । ପ୍ରଭାତ ହେବାରୁ ବିହଙ୍ଗମଗଣ ତୋଷେ । ଆନନ୍ଦ ଭାବରେ ରବ କରିଲେ ବିଶେଷେ । କାକମାନେ ନିଜ ନିଜ ବସା ଛାଡ଼ିକରି । ଖାଦ୍ୟ ଅନ୍ୱେଷଣେ କଲେ ଦ୍ୱାରେ ଦ୍ୱାରେ ବୁଲି । ତାମ୍ରଚୂଡ଼ ରାବ କ୍ରମେ କ୍ରମେ ହେଲା ସ୍ଥିର । ପୂର୍ବଦିଗେ ଉଦୟ ହୋଇଲେ ଦିନକର । ଏମନ୍ତେ ସକଳ ନୃପେ ଶଯ୍ୟା ତ୍ୟାଗ କରି । ନିଜ ନିଜ ନିତ୍ୟକର୍ମ ବେଗେ ଦେଲେ ସାରି । ଏଣେ ମହାରାଜ ନୃପ ଲୋକଙ୍କ ହସ୍ତରେ । ସଭା ମଣ୍ଡଳ ଅଛନ୍ତି ଯତନ ପ୍ରକାରେ । ରାଜାମାନଙ୍କ ବସିବା ନିମନ୍ତେ-

ଆସନ । ସଜାଇବାକୁ ଦିଶୁଛୁ ଅତ୍ୟନ୍ତ ଯତନ ॥ ରଜାମାନେ ଅସି ସେହୁ ସଭାରେ ବସିଲେ । କନ୍ୟାକୁ ପାଇବା ଯୋଗେ ସର୍ବେ ମନେ କଲେ ॥ ଏଣେ ବିକ୍ରମ ରାଜନ ଦରିଦ୍ର ବେଶରେ । ପ୍ରବେଶ ହୋଇଲେ ଯାଇଁ ସେ ସଭା ମଧ୍ୟରେ ॥ ଗୁଳିବାର ଠାଣି ତାଙ୍କ ଅତି ମନୋରମ । ଦୀନ ବେଶ ହୋଇ ସୁଦ୍ଧା ମତ୍ତଗଜ ସମ ॥ ସଭାର ଏକ ଅସନେ ଯାଇଁଣ ବସିଲେ । ମହାରାଷ୍ଟ୍ର ନୃପତି ଯେ ବେଗେ ଅଜ୍ଞାଦେଲେ ॥ କନ୍ୟାକୁ ଅଣାଅ ସଭାମଧ୍ୟକୁ ବହନ । ବିଳମ୍ବ କରିବା ଆଉ ନାହିଁ ପ୍ରୟୋଜନ ॥ ଅଜ୍ଞା ପାଇ ମୃଦୁସୁଲିଗଣେ ବେଗେ ଗଲେ । କନ୍ୟାକୁ ସବେଶ କରି ସଭାକୁ ଅଣିଲେ ॥ କନ୍ୟାର ରୂପ ଦେଖିଣ ସର୍ବ ରଜାମାନେ । ପାଗଳ ହୋଇଲେ ପୀଡ଼ାପାଇ କାମବାଣେ ॥ ଭାବିଲେ ଶିବଙ୍କ ସେବା ଯେହୁ କରିଥିବ । ସେହି ବ୍ୟକ୍ତି ଅବା ଏହି କନ୍ୟାକୁ ପାଇବ ॥ ଏ କନ୍ୟାର ପାଦରେ ନୂପୁର କରେ ସ୍ୱନ । ସ୍ୱନ ନୁହେଁ ସେହୁ ଅଟେ କାମର ନିଶାଣ ॥ ଏହାର ଭ୍ରୂଲତା କନ୍ଦର୍ପର ଧନୁ ସମ । ପଞ୍ଚବାଣ ହୋଇଛୁ ଯା କଟାକ୍ଷ ନୟନ ॥ ଏ କଟାକ୍ଷ ବାଣ ଯାର ହୃଦରେ ବାଜିବ । ହୃଦୟକୁ ଭେଦି ସେହୁ ମହାପୀଡ଼ା ଦେବ ॥ ମସ୍ତକର ବେଣୀ କଳାନାଗପରି ବିଶେ । ବିରହୀ ଜନର ହୃଦୟକୁ ସେହୁ ଦଂଶେ ॥ ପୃଥୁଳ କୁଚ ଦିଶଇ ସ୍ୱର୍ଣ୍ଣକୁମ୍ଭ ସମ । ମୁଖ ଶୋଭା ନିନ୍ଦାକରେ ଚନ୍ଦ୍ରମାକୁ ପୁଣ ॥ ତମ୍ବରୁ ମଧ୍ୟା ପୃଥୁଳ ନିତମ୍ବ ଅଟଇ । ଗତିକି ମତ୍ତ ବାରଣ ସମାନ ନୁହଇ ॥ କେତେକାଳ କସି ବିଧି ଯାକୁ ଗଢ଼ିଥିଲା । ଏ ଲାବଣ୍ୟ ରୂପବତୀ କାହୁଁ ଅଣିଦେଲା ॥ କଣ୍ଠ ନିନ୍ଦା କରୁଅଛୁ ଶଙ୍ଖକୁ ଅବିର । ବସନ୍ତ କୋକିଳକୁ ନିନ୍ଦୁଛୁ ସ୍ୱର ଯାର ॥ ସିଂହକୁ ନିନ୍ଦୁଛୁ କଟି ସ୍ୱର୍ଣ୍ଣ ନିନ୍ଦେ କାନ୍ତି । ରାଜହଂସମାନଙ୍କୁ ନିନ୍ଦୁଛୁ ଯାର ଗତି ॥ ସ୍ୱର୍ଗ ନାୟିକାଙ୍କୁ ଯାର ରୂପ ନିନ୍ଦା କରେ । ତିଳପୁଷ୍ପ ଜିଣି ନାସା ଦିଶଇ ସୁନ୍ଦରେ ॥ ଡାଳିମ୍ବ ବୀଜ ସଦୃଶ ଦନ୍ତ ଯେ ଦିଶଇ । କୁନ୍ଦୁଳ

ପଣରେ ସେହୁ ହାରକୁ ନିନ୍ଦଇ । ବାହୁଯୁଗ ନିନ୍ଦା କରେ ପଦ୍ମ ମୃଣାଳକୁ । ଅଙ୍ଗୁଳି ନିନ୍ଦଇ ଚମ୍ପା କଳିକାମାନଙ୍କୁ । ଏମନ୍ତ ପ୍ରକାରେ କନ୍ୟା ରୂପ ଗୁଣି ଗୃହିଁ । ପରସ୍ପରେ ଜଣେ ଜଣେ ହେଲେ କୁହାକୁହି । କେ ବୋଲେ ପୂର୍ବରେ ଗଙ୍ଗାରେ ଯେ ବୁଡ଼ିଥିବ । ସେହି ଏ କନ୍ୟାକୁ ଏକା ପାଇ ତୋଷ ହେବ । କେହୁ ବୋଲେ ଶିବରାତ୍ରି ଦିନ ଉଜାଗରେ । ଜାଗର ଜାଳି ଯେ ଥିବ ଶିବଙ୍କ ପାଖରେ । ସେହି ଏକା ଏ କନ୍ୟାକୁ ପାଇବ ନିଶ୍ଚୟ । ଏ କଥାରେ ଆଉ କିଛି ନାହିଁ ଯେ ସଂଶୟ । କେହୁ ବୋଲେ ମକରରେ ପ୍ରୟାଗ ତୀର୍ଥରେ । ସ୍ନାନ କରିଥାଏ ଯେହୁ ସଂକ୍ରମ କାଳରେ । ସେ ବ୍ୟକ୍ତି ଏପରି କନ୍ୟା ହୁଅନ୍ତି ପ୍ରାପତ । ଅଥବା ଯେବେ କି ଥିବ ପୂର୍ବର ସୁକୃତ । ତେବେ ସିନା ଏହିପରି କନ୍ୟାକୁ ପାଇବ । ପୂର୍ବର ତପସ୍ୟା ତେଣୁ ତାର ଜଣାଯିବ । ପୁଣି କେ ନୃପ କହଇ ମନ ବିରସରେ । ପ୍ରତେ ଲାଗୁନାହିଁ କେବେ ମୋହର ମନରେ । ଏ କନ୍ୟାର ଉପଯୁକ୍ତ ବର ଏ ସଭାରେ । ନାହାନ୍ତି ବୋଲିଣ ମୁହିଁ ଭାବୁଛି ମନରେ । କନ୍ୟାର ରୂପକୁ ଦେଖି ସବୁ ରାଜା ଗଣେ । ଜଡ଼ ପ୍ରାୟେ ରହି ଗୃହିଁଛନ୍ତି ଏକ ଧ୍ୟାନେ । କନ୍ୟାର ମୁଖକୁ ଗୃହିଁ କାଷ୍ଠ ପ୍ରାୟ ହେଲେ । ଆଉ କିଛି ବାହ୍ୟଜ୍ଞାନ ନାହିଁ କା ହୃଦରେ । କେହୁ ବୋଲେ ଏ କନ୍ୟା ଯେ ପ୍ରାପ୍ତ ହେବ ମୋତେ । ଅନେକ ବୋଲଇ ତାହା ନୁହେ କଦାଚିତେ । ମୋ ଗଳାରେ ନିଶ୍ଚେ ସେହୁ ବରମାଲ୍ୟ ଦେବ । ମୋପରି କାହାର ଭାଗ୍ୟ କେବେ ନ ହୋଇବ । ଏହିପରି ଭାବେ ନରପତିମାନେ ତହିଁ । ପରସ୍ପରେ କଥୋପକଥନେ ମନ ଦେଇ । ଦୀନ ବେଶେ ସର୍ବ ପଛେ ବିକ୍ରମ ନୃପତି । ମଉନେ ବସିଣ କା'କୁ କିଛି ନ କହନ୍ତି । ଏହି ସମୟରେ ରାଜକନ୍ୟା ସେ ସଭାରେ । ପ୍ରବେଶ ହୋଇଲା ମାଳା

ଘେନି ନିଜକରେ । ଜଣ ଜଣ କରି ନରପତିଙ୍କୁ ଚାହିଁଣ ।
କନ୍ୟାର ମନ କା ଠାରେ ନ ଲାଗିଲା ଜାଣ । ସେଠାରୁ ରାଜଦୁହିତା
ପୁଣି ଚଳିଗଲା । ସେ ସଭାରେ ମ୍ଳେଚ୍ଛଙ୍କର ନିକଟେ ମିଳନ୍ତି । ତାହା
ଦେଖି ନୃପତିଏ ଭାବିଲେ ମନରେ । କନ୍ୟା କପାଁ ବରମାଲ୍ୟ ନ
ଦେଲା କା ଗଳେ । ଅମ୍ଭେ ଏତେ ରାଜା ଥାଉଁ ପସନ୍ଦ ନ ହେଲୁଁ ।
ତାହା ମୁଖ ଚାହିଁ ଅମ୍ଭେ ଘରୁ ଆସିଥିଲୁଁ । ତାହାର ଭାଗ୍ୟରେ
ଏହା ଘଟିଲା ତ ନାହିଁ । କେମନ୍ତେ ଫେରଣ ଯିବୁଁ ମୁଖକୁ
ଦେଖାଇ । ଏମନ୍ତେ ଯେ ରାଜାମାନେ କୁହାକୁହି ହେଲେ ।
ଅବସରେ ମୁଖ ପୋତି ତଳକୁ ବସିଲେ ॥ ଏମନ୍ତେ ସେ କନ୍ୟା
ଯାଇଁ ମ୍ଳେଚ୍ଛଙ୍କ ମଧ୍ୟରେ । ପ୍ରବେଶିଣ ଜଣେ ଜଣେ ଦେଖଇ
ସଭାରେ ॥ ସେ ମ୍ଳେଚ୍ଛ ଗୋଷ୍ଠୀ ମଧ୍ୟରେ ବିକ୍ରମ ରାଜନ । ମୁଖ
ପୋତି ବସିଛନ୍ତି ହୋଇଣ ମଉନ ॥ ରାଜକନ୍ୟା ତାଙ୍କୁ ଦେଖି
ହରଷ ମନରେ । ବରଣମାଳାକୁ ନେଇ ଦେଲା ତାଙ୍କ ଗଳେ ।
ସଭାରେ ଯେତେକ ଜନ ଆସି ବସିଥିଲେ । ଏମନ୍ତ ଘଟଣା ସେହୁ
ନୟନେ ଦେଖିଲେ । ଭାବିଲେ ଏ ରାଜକନ୍ୟା କି କାର୍ଯ୍ୟ କଲା ।
ଭିକାରି ଚୋଟାଙ୍କ ଗଳେ ବରମାଲ୍ୟ ଦେଲା । ଏଣେ ବିକ୍ରମଙ୍କ
ଗଳେ ବରମାଲ୍ୟ ଦେଇ । ରାଜକନ୍ୟା ନିଜପୁରେ ଚଳେ ବେଗ
ହୋଇ । ମହାରାଷ୍ଟ୍ର ନୃପତି ଯେ ସେ କଥା ଜାଣିଲେ । ମନରେ
ବହୁତ ଦୁଃଖ ସେହୁ ଯେ କଲେ । ଯାହା ଅର୍ଜିଲା ସେ ଫଳ
ସେହୁ ଭୋଗ କରୁ । ଆମ୍ଭମାନଙ୍କର ଦୋଷ କାହାର ନ ଧରୁ ।
ଦାସୀମାନେ ମନେ କଷ୍ଟ କଲେ ବହୁତ । ରାଣୀଙ୍କ ଆଗରେ ଯାଇଁ
କହିଲେ ସମସ୍ତ । କନ୍ୟାର ହରଷ ମନ ସମସ୍ତେ ଦେଖିଲେ ।
ଏ କେଉଁ କାରଣ କିଛି ଜାଣି ପାରିଲେ । ପୂର୍ବରୁ ତ ରାଜକନ୍ୟା
ସବୁ ଅଛି ଜାଣି । ତେଣୁ ତାର ମନ ତୋଷ ହୋଇଅଛି ପୁଣି ।
ଶିବଙ୍କୁ ସୁମରି ମନେ ସ୍ତୁତି ସେ କରଇ । ତାର ମନୋରଥ ପୂର୍ଣ୍ଣ

ସେଣ୍ଣୁ ଅଟୁ ହୋଇ । ଗୁଣୀଜନ ଅନ୍ୟର ଗୁଣକୁ ପାରେ ଚିହ୍ନି । ଜ୍ଞାନ କଥା ଜ୍ଞାନୀଜନ ପାରଇ ଯେ ଜାଣି । ବଣିଆ ଜାଣଇ ଏକା ସୁବର୍ଣ୍ଣକୁ ଜାଣ । ସନ୍ତକୁ ଚିହ୍ନି ପାରଇ ଏକା ସନ୍ତଜନ । ସେହୁ ଘେନ ବିକ୍ରମକୁ ଏ କନ୍ୟା ଚିହ୍ନିଲା । ବରଣମାଳା ତାଙ୍କର ଗଳାରେ ଦେଲା । ଅନ୍ୟର କଥାକୁ ସେହୁ ଶୁଣିବ କିପାଇଁ । ଲକ୍ଷ୍ମୀଧର ଭଣିଲେ ଯେ ଶଙ୍କରଙ୍କୁ ଧାୟି ।

---

## ବିକ୍ରମାଦିତ୍ୟଙ୍କ ସଙ୍ଗରେ ରାଜକନ୍ୟାର ବନବାସ

ସୁଜ୍ଞଜନମାନେ ଶୁଣ ଏଥୁ ଅନନ୍ତରେ । ରାଜକନ୍ୟା ମାଳା ଦେଲା ବିକ୍ରମଙ୍କ ଗଳେ । ଅନ୍ୟ ଲୋକମାନେ ତାହା ଜାଣି ନ ପାରିଲେ । ଭିକାରିର ଗଳେ ମାଳା ଦେବାଟି ଜାଣିଲେ । ମହାରାଜ ନୃପତିଙ୍କି ସମସ୍ତେ କହିଲେ । ଦୁହିତା ଏମନ୍ତ କାର୍ଯ୍ୟ କଲା କି ଯୁକ୍ତିରେ । ମ୍ଳେଚ୍ଛର ଗଳାରେ ମାଳା ଦେଲା ହୋଇ ତୋଷ । ତାର ପତ୍ନୀ ହେଲେ ସେହୁ ଲଭିବ କି ଯଶ । ନରପତିଗଣେ ଏହା କହି ଚଳିଗଲେ । ନଗର ମଧ୍ୟରେ ଏହା ସମସ୍ତେ ଶୁଣିଲେ । ସେ କନ୍ୟାର ଭାଇମାନେ ଏ କଥା ଶୁଣିଲେ । ଭଉଣୀ ଉପରେ ସେହୁ ବହୁକୋପ କଲେ । ଭାବିଲେ ରଣ୍ଡାଲୀ କେଡ଼େ ହୀନ କଥା କଲା । ଭିକାରି ଗୋଟାକ ଗଳେ ବରମାଲ୍ୟ ଦେଲା । ସେଥିରେ ତାହାର ମନ ହୋଇଅଛି ତୋଷ । ଆମ୍ଭେ ଏହା ଶୁଣି ସହି ନ ପାରୁ ଅବଶ୍ୟ । ଏତେ ଭାବି ଅନ୍ତଃପୁର ମଧ୍ୟକୁ ଯାଇଣ । ଭଉଣୀର କେଶ ଧରି ଆଣିଲେ ବହନ । ରାଜା ତାହାଙ୍କର ଦେଖି ଏ ବିପର୍ଯ୍ୟମାନ । ପୁତ୍ରମାନଙ୍କୁ ସେ ଡାକି କହିଲେ ବଚନ । ଅରେ ଅରେ ପୁତ୍ରମାନେ ହେଲ କି ଅଜ୍ଞାନ । ଭଉଣୀଉପରେ କୋପ କର ଅକାରଣ । ସ୍ତ୍ରୀହତ୍ୟା ମହାପାପ ଶାସ୍ତ୍ରର ଲିଖନ ।

ସେ ପାପ ଅର୍ଜିବା ପାଇଁ କପାଁ କର ମନ । କେତେବେଳେ ଏହା ତୁମ୍ଭେ ନ କର ରେ କେହୁ । ସ୍ତ୍ରୀବଧ କଥା ମହାପାପ ଯେ ଅଟଇ । ପୁତ୍ରମାନେ ଏହାଶୁଣି ଭଗିନୀର କେଶ । ଘୁଣ୍ଡ଼ ଦେଇ ମନେ ମନେ ହୋଇଲେ ବିରସ । କନ୍ୟାକୁ ତାହାର ପିତା ପଚାରିଲେ ପୁଣ । ନୀଚ ଜନକୁ କପାଇଁ କଲୁ ବରଣ । ମହା ମହା ନରପତି ସଭା ମଧ୍ୟେ ଥିଲେ । ତୋ ମନକୁ ସେମାନେ ଯେ କେହୁ ନ ଅସିଲେ । ନୀଚ ଜନଠାରେ ମନ ଗଲା କି ପ୍ରକାରେ । ରାଜକନ୍ୟା ହୋଇ ମାଳା ଦେଲୁ ଭିକାରୀରେ । ଯାହାର ଆଶ୍ରୟ ପାଇ ହୋଇଥାନ୍ତି ସୁଖୀ । ସେ ଅଟେ ଭିକାରୀ ଲୋକ ବିଶେଷରେ ଦୁଃଖୀ । ତା ଗଳେ ବରଣ ମାଳା କପାଇଁ ତୁ ଦେଲୁ । ଭଲ ମନ୍ଦ କଥାକୁ ତୁ ମନେ ନ ଭାବିଲୁ । ଲକ୍ଷେ ରାଜା ନିମନ୍ତ୍ରଣ କରି ଅଣିଥିଲି । ତୋର ଏ କାର୍ଯ୍ୟରୁ ମହାଲଜ୍ଜା ମୁଁ ପାଇଲି । ମହା ଧନୁର୍ଦ୍ଧର ଭାଇମାନେଟି ତୋହର । ତାଙ୍କ ମନେ କଷ୍ଟ ଜାତ ହୋଇଲା ଅପାର । ପିତାଙ୍କ ମୁଖରୁ କନ୍ୟା ଏହୁ କଥା ଶୁଣି । କରଯୋଡ଼ି ତାଙ୍କୁ ସେହୁ କହୁଅଛି ବାଣୀ । ଯାହା ପଚାରିଲ ପିତା କହୁଛି ତା ଶୁଣ । ବରଣ ମାଳା ଯାହାଙ୍କୁ କଲି ମୁଁ ପ୍ରଦାନ ॥ ସେ ବ୍ୟକ୍ତି କେବେ ସାମାନ୍ୟ ଲୋକ ଯେ ନୁହନ୍ତି । ସବୁ ଜ୍ୱାଇଁଙ୍କ ମଧ୍ୟରେ ଶ୍ରେଷ୍ଠ ସେ ଅଟନ୍ତି । ତୁମ୍ଭର ଯେ ଏକବିଂଶ ଜୁଆଇଁ ଅଛନ୍ତି । ସମସ୍ତଙ୍କଠାରୁ ଯାଙ୍କ ନାମ ଅଟେ ଖ୍ୟାତ । ପୃଥିବୀ ମଧ୍ୟରେ ସେହୁ ରାଜ ଚକ୍ରବର୍ତ୍ତୀ । ତାଙ୍କ ସମାନରେ କେହି ନାହାନ୍ତି ଯେ କ୍ଷତ୍ରୀ ॥ କଦାପି ଭିକ୍ଷୁକ ସେହୁ ନୁହନ୍ତିଟି ଜାଣ । ତେଣୁ ତାଙ୍କୁ ବରମାଳା କରିଲି ପ୍ରଦାନ । ଯାହା ହେବାର ତ ତାହା ସରିଲାଣି ହୋଇ । ଏଥିପାଇଁ ଭାବନା କରୁଛ କାହିଁପାଇଁ । ଦୁହିତାର ମୁଖୁଁ ଏହା ଶୁଣି ନୃପବର । ମଉନ ହୋଇ ରହିଲେ ମନକରି ସ୍ଥିର । କନ୍ୟାକୁ ତାହାର ଭାଇମାନେ

ଗାଳିଦେଲେ । ହିଂସାସ ବଚନ ନାନା ପ୍ରକାରେ କହିଲେ । ଲୋକଙ୍କ ଠାରୁ ଏପରି ବଚନକୁ ଶୁଣି । ରାଜକନ୍ୟା କାନ୍ଦକରି କହେ ତାଙ୍କୁ ବାଣୀ । ମୋର କର୍ମଫଳ କିଏ କରିବଟି ଆନ । ଯାହା ମୁଁ ଅର୍ଜିଛି ତାହା ଭୋଗିବି ପ୍ରମାଣ । ଏଥିପାଇଁ ତୁମ୍ଭେମାନେ ଶୋଚନା ନ କର । ଭାଗ୍ୟରେ ଥିଲେ ଲଭିବି ନିଶ୍ଚେ ଶୁଭଫଳ । ତୁମ୍ଭମାନଙ୍କର ଅନିଷ୍ଟ ତ କିଛି ନାହିଁ । ଅକାରଣେ କ୍ରୋଧ କରୁଅଛ କାହିଁପାଇଁ । ଯେଉଁ ଭିକ୍ଷୁକ ସ୍ୱାମୀଙ୍କି କରିଛି ବରଣ । ତାଙ୍କ ସଙ୍ଗେ ରହି ମୁହିଁ କଟାଇବି ଦିନ । ତାହାଙ୍କର ସେବା ମୁହିଁ ନିରତେ କରିବି । ସେ ଯେଣିକି ଯିବେ ତାଙ୍କ ସଙ୍ଗେ ମୁହିଁ ଯିବି । ଏହା କହି ରାଜକନ୍ୟା ହୋଇ ତର ତର । ଅଙ୍ଗରୁ କାଢ଼ିଲା ତାର ସବୁ ଅଳଙ୍କାର । ସମସ୍ତ ନେଇଣ ପୁର ମଧ୍ୟରେ ରଖିଲା । ପିତା ମାତାଙ୍କର ପାଦେ ପ୍ରଣାମ କରିଲା । ଯାଉଛି ବୋଲିଣ କହି ତହୁଁ ଚାଲିଗଲା । କାହାର କଥାକୁ ଆଉ କର୍ଣ୍ଣେ ନ ଶୁଣିଲା । ରାଜପୁର ଛାଡ଼ି ଚାଲିଗଲା ତୋଷଭରେ । ପ୍ରବେଶିଲା ବିକ୍ରମାଦିତ୍ୟଙ୍କ ନିକଟରେ । ଏଣେ ରାଜପୁରେ ମାତା ଭଉଣୀ ସହିତେ । କନ୍ୟା ଚାଲିଯିବା ଦେଖି କାନ୍ଦିଲେ ତୁରିତେ । ସେ କନ୍ୟାର ପିତା ଭ୍ରାତା ତାଙ୍କୁ ଶାନ୍ତ କଲେ । ଯାଉ କର୍ମଫଳ ଭୁଞ୍ଜୁ ବୋଲି ସେ ବୋଇଲେ । ତେଣେ ବିକ୍ରମାଦିତ୍ୟଙ୍କ ସଙ୍ଗେ ସଙ୍ଗ ହୋଇ । ସ୍ୱର୍ଣ୍ଣବତୀ ନଦୀକୂଳେ ପ୍ରବେଶିଲା ଯାଇଁ । ପତି ପତ୍ନୀ ଦୁହେଁ ତହିଁ ହରଷ ମନରେ । ପତ୍ରର କୁଟୀର ଗୋଟି ନିର୍ମିଣି ରହିଲେ । ସର୍ବଦା ଶିବଙ୍କୁ ମନେ କରନ୍ତି ସ୍ମରଣ । ନଦୀଜଳ ସ୍ନାନେ ପାନେ ହରଷିତ ମନ । ସ୍ୱାମୀଙ୍କି ସେବା କରଇ ରାଜକନ୍ୟା ନିତି । ସେହି ନଦୀକୂଳେ ଥାଏ ତୋଷକରି ମତି । ଦୁଃଖକୁ ସୁଖ ଭାବିଣ ଥାଏ ନିରନ୍ତରେ । ଖଣ୍ଡିଏ ମାତ୍ର ଭୂଷଣ ନାହିଁ ଯେ ଅଙ୍ଗରେ । ବସ୍ତ୍ର ମଧ୍ୟ ଅଳ୍ପକ ସେ ହୋଇଛି ତାହାର । ଭୁଞ୍ଜିବାକୁ ପେଟମତେ ନ ମିଳେ ଆହାର ।

ଉଥାନ୍ତ ସ୍ୱାମୀ ସେବାରେ ସନ୍ତୋଷ ତା ମନ । ଶିବଙ୍କୁ ମନ ମଧ୍ୟରେ କରଇ ସ୍ମରଣ ॥ ସ୍ୱାମୀ ମନ ଜାଣି କନ୍ୟା ସେବା କରେ ନିତ । କେତେବେଳେ ବିରସ ଯେ ନାହିଁ ତାର ମତ ॥ ଦିନେ ସ୍ୱାମୀ ପଦ ସେବା କରୁଥିଲା ବସି । ବାହାରକୁ ଚାହିଁ ଦେଲା ସେହୁ ଦିବ୍ୟକେଶୀ ॥ ଭାଇମାନେ ତାର ମୃଗୟାକୁ ଅସିଛନ୍ତି । ସେହି ପଥ ଦେଇ ଗତ କରିଣ ଯାଅନ୍ତି ॥ କନ୍ଧରେ ଯେ ମୃଗଭାର ଅଛୁଟି ତାଙ୍କର । ରାଜକନ୍ୟା ଏହା ଦେଖି ଭାବିଲା ମନର ॥ ମୋର ଭାଇମାନେ ମୃଗୟାକୁ ଅସିଛନ୍ତି । ମୃଗଭାର କନ୍ଧରେ ଯେ ବହି ନେଉଛନ୍ତି ॥ ଏତେ ଭାବି ସ୍ୱାମୀଙ୍କର ଆଗରେ କହିଲା । ଶୁଣି ବିକ୍ରମ ରାଜାଙ୍କ ମନ ତୋଷ ହେଲା । ବୋଇଲେ ତୁମ୍ଭର ଭାଇମାନେ ଅସିଛନ୍ତି । ମୃଗ ମାରି ଭାର କରି ଘେନି ଯାଉଛନ୍ତି ॥ ଅଗୋ ପ୍ରିୟେ ମୃଗ ମାଂସଠାରେ ଶ୍ରଦ୍ଧା ମୋର । ଭାଇଙ୍କି କହିଣ ମାଂସ ଅଣା ଯା ସତ୍ୱର ॥ ସ୍ୱାମୀଙ୍କ ମୁଖରୁ କନ୍ୟା ଏ କଥା ଶୁଣିଣ । ହସିଣ ତାହାଙ୍କୁ ସେହୁ ବୋଲଇ ବଚନ ॥ ଅହୋ ନାଥ ମୋତେ ତୁମ୍ଭେ କହିଲ ଯେ ବାଣୀ । ଶୁଣିକରି ଉପହାସ ଲାଗେ ମୋତେ ପୁଣି ॥ ତୁମ୍ଭଙ୍କୁ ବରିଲି ବୋଲି ସେହି ଭାଇମାନେ । ଭର୍ତ୍ସନା କରିଲେ ମୋତେ ଅତି କୋପମନେ ॥ ତେଣୁ ଗୃହରୁ ବାହାର ହୋଇଣ ଅସିଲି । ତୁମ୍ଭ ସଙ୍ଗେ ରହି ସବୁ ଦୁଃଖ ପାସୋରିଲି ॥ କେମନ୍ତେ ତାହାଙ୍କୁ ମାଂସ ମାଗିଯିବି ମୁହିଁ । ତୁମ୍ଭ ନାମ ଶୁଣି କୋପ କରିବେ ଯେ ସେହି ॥ ବହୁତ କଷଣ ମୋତେ ଦେବେ ସେ ନିକର । କି ଅବା ପ୍ରାଣରେ ମୋତେ କରିବେ ସଂହାର ॥ କିଏ ମୋତେ ପରିତ୍ରାଣ କରିବ ସେଠାରୁ । ମନ ହେଉନାହିଁ ମୋର ସେହି କାରଣରୁ ॥ ଏହା ଶୁଣି ବିକ୍ରମ ରାଜନ ତୋଷମନେ । ପତ୍ନୀଙ୍କି କହନ୍ତି ସେହୁ ଅଶ୍ୱାସ ବଚନେ ॥ ଅଗୋ ପ୍ରିୟେ ମାଂସ ଭକ୍ଷଣକୁ ହୁଏ ମନ । ଭାଇଙ୍କି ଯଦ୍ୟପି ତୁମ୍ଭେ ନ କୁହ ଏମାନ ॥ ତେବେ ଲିଖିବର ତୁମ୍ଭେ

ଯାଇଁ ନିକଟରେ । ମାଂସ କଥା ଜଣାଇବ ମାତାଙ୍କର ପାଶେ ॥ ତୁମ୍ଭ କଥା ଶୁଣି ମାତା ବିକଳ ଭାବରେ । ସିଦ୍ଧ ମାଂସ ଦେବେ ଘେନ ଅସ ଧାଇଁକରେ ॥ ତୁମ୍ଭଠାରେ ରୋଷ ନାହିଁ ମାତାଙ୍କର ଭଲେ । ବିଳମ୍ବ ନ କର ଚଳିଯାଅ ବେଗଭରେ ॥ ଏହା ଶୁଣି ରାଜକନ୍ୟା ଭାବିଲା ମନରେ । ସ୍ୱାମୀଙ୍କ ଆଜ୍ଞା ଲଙ୍ଘିବା ନୁହେଁ କେତେବେଳେ ॥ ମାଂସ ଯାଇଁ ଗଲେ ନିଶ୍ଚେ ମିଳିବ କପଣି ॥ ସ୍ୱାମୀଙ୍କ ନିମନ୍ତେ ତାହା ଭୋଗିବି ପ୍ରମାଣ ॥ ଯାହା ହେଉ ସ୍ୱାମୀଙ୍କର ଆଜ୍ଞା ମୁଁ ପାଳିବି । କଷ୍ଟ ଭୋଗିବାର ଥିଲେ ଅବଶ୍ୟ ଭୋଗିବି ॥ ସ୍ୱାମୀଙ୍କ ଆଜ୍ଞା ଲଙ୍ଘନ କରେ ଯେଉଁ ନାରୀ । ତାହାଠାରୁ ବଳି କେହି ନାହିଁଟି ଦୋଗୁରୀ ॥ ନାରୀର ଅରାଧ୍ୟ ଦେବ ଅଟେ ନିଜ ପତି । ତାହା ବୁଝି ପାରେ ନାହିଁ ଅସତୀ ଯୁବତୀ ॥ ମୋ କର୍ମରେ ଏବେ ଯାହା ଲେଖା ହୋଇଥିବ । ସେ କଥା ଗୋଟିକ ମୋତେ ପ୍ରାପତ ହୋଇବ ॥ ଏତେ ଭାବି ରାଜକେମା କରିଲା ଗମନ । ମାତାଙ୍କ ନିକଟେ ଯାଇଁ ମିଳିଲା ବହନ ॥ ଝିଅକୁ ଦେଖିଣ ମାତା ବିରସ ମନରେ । ଅତି ଉଇସ୍ୱରେ ସେହୁ ରୋଦନ କରିଲେ ॥ ମାତା ରୋଦନ କରନ୍ତେ ଅନ୍ୟ ଭଗ୍ନୀମାନେ । ଭଉଣୀର ଦଶାକୁ ସେ ଦେଖିଣ ନୟନେ ॥ ବେଶଭୂଷା ଅଳଙ୍କାର ନାହିଁ ଯେ ଅଙ୍ଗରେ । ଅପ୍ରଚ୍ଛନ୍ନ ରୂପ ତାର ଦେଖିଣ ସତ୍ୱରେ ॥ ସେମାନେ ରୋଦନ କଲେ ଅକୁଳିତ ହୋଇ । ବୋଇଲେ ଏମନ୍ତ ଦଶା ଭୋଗିଲୁ କିପାଇଁ ॥ ଝିଅକୁ କହନ୍ତି ମାତା ଅକୁଳ ଭାବରେ ॥ ଅଲୋ ମନୋରମା ତୋର ଭାଗ୍ୟ ଏ ପ୍ରକାରେ ॥ ସବା ସାନଝିଅ ବୋଲି ତେହ୍ଲା କରିଥିଲି । ଏପରି ଅବସ୍ଥା ଆଜ ନୟନେ ଦେଖିଲି ॥ ଦୁଃଖ ସହୁ ସ୍ୱାମୀ ସଙ୍ଗେ ବନେ ବାସ କଲୁ । କାଣି ଶୁଣି ଭଲ କଥାମାନଙ୍କୁ ଭୁଲିଲୁ ॥ ଏରୂପର କଥା କହୁ କରିଲୁ ରୋଦନ । ସାନ୍ତ୍ୱନା କରଣେ ଝିଅ କହଇ ବଚନ ॥ ଦେବାଙ୍କରେ

ନିବେଦନ କରୁଛ କାହିଁପାଇଁ । ଯାହା ମୋ କର୍ମ ଲିଖନ ତା ଭୋଗୁଛି ମୁହିଁ ॥ ଏଥିପାଇଁ ମନେ ଚିନ୍ତା କରୁଛି ଯେ ନ କରି । କଷ୍ଟସ୍ୟ ଭୁଞ୍ଜିବି କର୍ମଫଳ ଯାହା ମୋର ॥ ଏହା ଶୁଣି ଭଗ୍ନୀମାନେ ତାହାକୁ କହନ୍ତି । କସା କରି କେଉଁବନେ କରିଅଛୁ ସ୍ଥିତ ॥ କେଉଁପରି ଭାବେ ତୁହି ଚଳୁଛୁ ସେଠାରେ । ଖାଦ୍ୟଦ୍ରବ୍ୟ ମିଳେ ତହିଁ କେମନ୍ତ ପ୍ରକାରେ ॥ ଶୁଣିକରି ମନୋରମା ତାହାଙ୍କୁ କହଇ । ଯାହାଙ୍କୁ ବରଣମାଳା ମୁହିଁ ଅଛି ଦେଇ ॥ ସପ୍ତଦ୍ୱୀପା ଧରଣୀର ଚକ୍ରବର୍ତ୍ତୀ ସେହି । ତାଙ୍କ ଠାରୁ ବଳି ଶ୍ରେଷ୍ଠ ନୃପ ନାହିଁ କେହି ॥ ତାଙ୍କ ବାସସ୍ଥାନ ଅଟେ ଉଜ୍ଜ୍ୱଳ ନଗର । ବିକ୍ରମାଦିତ୍ୟ ବୋଲିଣି ନାମ ତାହାଙ୍କର ॥ ଶନି କୋପେ କ୍ଲେଶ ଭୋଗ କରୁଛନ୍ତି ସେହି । ତେଣୁ ବନେ ବୁଲୁଛନ୍ତି ନାନା କଷ୍ଟ ସହି ॥ ଅଳ୍ପ ଅଳ୍ପ ଦିନେ ଦଶା ହୋଇବ ଖଣ୍ଡନ । ତହିଁ ପରେ ଜାଣିବଟି କେଉଁପରି ଜନ ॥ ତୁମ୍ଭେମାନେ ମନେ ଚିନ୍ତା କରୁଛ ଯେ ନ କରି । ଯେତେଦିନ କ୍ଲେଶ ଅଛି ଭୁଞ୍ଜିବି ନିକରି ॥ ଯେ ନିମନ୍ତେ ତୁମ୍ଭପାଶେ ଆସିଅଛି ମୁହିଁ । ସେ କଥା କହୁଛି ଏବେ ଶୁଣ ମନଦେଇ ॥ ମୃଗ ମାଂସ ପାଇଁ ଶ୍ରଦ୍ଧା କଲେ ସ୍ୱାମୀ ମୋର । ରନ୍ଧା ମାଂସ ନେବାକୁ ପେଷିଲେ ପିତାଘର ॥ ଯେବେ ଅଛି କଷ୍ଟ ଅଣି ଦିଅ ମାତ ମୋତେ । ସତ୍ୱରେ ଦେବି ମୁଁ ନେଇ ସ୍ୱାମୀଙ୍କ ଅଗ୍ରତେ ॥ ଏକଥା ଶୁଣିଣି ମାତା ଗଲେ ବେଗ ହୋଇ । ମାଂସର ବ୍ୟଞ୍ଜନ ଅଣି ଦୁହିତାକୁ ଦେଇ ॥ ନିଅ ଅଲେ ମନୋରମା ଏ ମାଂସ ବ୍ୟଞ୍ଜନ । ଜାମାତାଙ୍କୁ ଦେବୁ ସେହି କରିବେ ଭୋଜନ ॥ ମୃଗ ମାଂସର ବ୍ୟଞ୍ଜନ ଅଟଇ ଯେ ଏହି । ବେନିଜନ ବସି ସୁଖେ କରିବ ଯେ ଦେହି ॥ ସ୍ୱାମୀଙ୍କର ମନ ଜାଣି ସେବା କରୁଥିବୁ । ମନ ହୋଇଲେ ଅମ୍ଭର ପୁରକୁ ଆସିବୁ ॥ ମାତାଠାରୁ ମୃଗମାଂସ ବ୍ୟଞ୍ଜନ ଘେନିଣି । ମନୋରମା ବାହାରିବା ସମୟକୁ ଜାଣି ॥ ଭାଉଜମାନଙ୍କ ଆଗେ କେ ଯାଇଁ କହୁଛି । ସେମାନଙ୍କ

କର୍ଣ୍ଣେ ପଡ଼ୁ ଏ କଥା ବାଜିଲା । ତତକ୍ଷଣେ ସେମାନେ ଯେ ଅସିଲେ ଧାଇଁଣ । କ୍ରୋଧଭରେ ନେତ୍ରକୁ ସେ କର ରକ୍ତବର୍ଣ୍ଣ । ପଥ ଓଗାଳିଲେ ମନୋରମାକୁ ସେ ଯାଇଁ । ବୋଇଲେ ତୁ ମାଂସ ଚୋର କଲୁ କାହିଁପାଇଁ । ଏହା କହି ବହୁତ ପ୍ରକାରେ ଗାଳିଦେଲେ । ଅବର ଗୁଣ୍ଠୁଣୀ ଦ୍ୱାରା ପ୍ରହାର କରିଲେ । ଖୋସାଭଣି ନେଲେ ଚୁଟି ଧରି କରି ତାର । ଗୋବର ଗଦାରେ ନେଇ ଫିଙ୍ଗିଲେ ସତ୍ୱର । ତାହାର ସ୍ୱାମୀଙ୍କୁ ନାନା ଭର୍ତ୍ସନା କରିଲେ । ଏକଥା ଶୁଣି ବିନୟେ ମନୋରମା ବୋଲେ । ମୋତେ ପଛେ ଗାଳି ମାନ୍ଦ ଦେଉଥାଅ ଯେତେ । ମୋ ସ୍ୱାମୀଙ୍କି ନିନ୍ଦା ନ କରିବ କଦାଚିତେ । ତାଙ୍କଠାରେ ତିଳେ ମାତ୍ର ଦୋଷ ନାହିଁ ଜାଣ । ଅଦୋଷୀ ପୁରୁଷ ସେ ଯେ ଅଟନ୍ତି ପ୍ରମାଣ । ମନୋରମ ମୁଖରୁ ଏମନ୍ତ କଥା ଶୁଣି । ଭୃତ୍ୟମାନେ କହିଲେ ତାକୁ କଡ଼ ବାଣୀ । ବୋଇଲେ ଲୋ ଅଲକ୍ଷଣୀ ଯାଅ ହୋଇ ଦୂର । ତୋ ମୁଖ ଚାହିଁଲେ ଦୋଷ ମିଳିବ ଅପାର । ଏହା ଶୁଣି ମନୋରମା କାନ୍ଦ କାନ୍ଦ ଚଳି । ସ୍ୱାମୀଙ୍କ ଅଗରେ ଯାଇଁ ସକଳ କହିଲା । ବିଷମ ବଚନ ଶୁଣି ପ୍ରିୟାର ମୁଖରୁ । ଦୁଃଖୀ ହୋଇକରି ଶାନ୍ତ କରିଲେ ଅଗରୁ । କୋମଳ ବଚନ କହି ବୁଝାଇଲେ ମନ । ମୋ ପାଇଁ ସହିଲୁ ସଖି ଏମନ୍ତ ଭର୍ତ୍ସଣ । ବିନାଦୋଷେ ଏତେ ଦଣ୍ଡ ଭୋଗିଲୁ ନବାନା । କି କହିବା ସବୁ ବିଧାତାର ବିଡ଼ମ୍ବନା । ଯେଉଁମାନେ ଏତେ ଦଣ୍ଡ ଦେଇଛନ୍ତି ତୋତେ । ଦିନେ ତାଙ୍କ ପ୍ରତିଫଳ ଦେଖିବୁ ନିଶ୍ଚିତେ । ମୁଁ ତାହାଙ୍କୁ କଷ୍ଟେ ଶାସ୍ତି ଦେବି ହେଲେ ବେଳ । ସବୁଦିନେ ଏହିଦଶା ଥିବ କି ମୋହର । କେତେବେଳେ ଦୁଃଖ ପୁଣି କେତେବେଳେ ସୁଖ । ଉଲଟ ପାଲଟ ଭାବେ ଚଳନ୍ତି ପ୍ରତ୍ୟକ୍ଷ । ଦିନ ପରେ ରାତ୍ର ପୁଣି ରାତ୍ର ପରେ ଦିନ । କ୍ରମାନ୍ୱୟେ ହେଉଅଛି ଜାଣ ଏ ପ୍ରମାଣ । ସେହିପରି ଅମ୍ଭ ଦୁଃଖ ହୋଇଲେ

ମୋଚନ । ପୁଣି ସୁଖ ଭୁଞ୍ଜିବାଟି ଥିଲେ ପିଣ୍ଡେ ପ୍ରାଣ ॥ ସୁଖଦୁଃଖ ପରିବର୍ତ୍ତନ ହୁଏ ନିରନ୍ତରେ । ତେଣୁ ମନେ ଦୁଃଖ ନ କରିବ କେତେବେଳେ ॥ ବିପଦରେ ଅଧୀର ନୋହିବ କେବେ ପୁଣ । ସମ୍ପଦ ବେଳେ ଗୁମର ନ କରିବ ଜାଣ ॥ ଅଜ୍ଞ ଯାର ସୁଖ କାଲି ଦୁଃଖ ତା ଅଟଇ । ତେଣୁ ଦୁଃଖ ଦଶା ସବୁଦିନକୁ ନ ଥାଇ ॥ ତେଣୁ ମନରେ ଭାବନା କଦାପି ନ କର । ଗୀତରେ ଭଣିଲେ ମହାମନା ଲକ୍ଷ୍ମୀଧର ॥

## ବିକ୍ରମାଦିତ୍ୟଙ୍କର ଶନିଦଶା ମୋଚନ ଓ ପୁନଃ ଯୌବନ ଲାଭ

ସାଧୁଜନମାନେ ଏବେ ଶୁଣ ମନ ଦେଇ । ଏଣିକି ଯା ହେଲା ତାହା କହିବା ବୁଝାଇ ॥ ବିକ୍ରମାଦିତ୍ୟ ନୃପତି ଘେନି ଶକ ନାରୀ । ସେ ବନେ ରହିଲେ ଦୁଃଖ କଷ୍ଟ ସହିକରି ॥ ଏହିପରି କେତେଦିନ ଭୋଗ ହୋଇଗଲା । ଶନୈଶ୍ଚରଙ୍କର କୋପ କ୍ରମେ ଊଣା ହେଲା ॥ ତେଣୁ ରାଜାଙ୍କର ମନ ହେଲା ଅଳ୍ପେ ସ୍ଥିର । ଆରୋଗ୍ୟ ହୋଇ ଆସିଲା ଶରୀର ତାଙ୍କର ॥ ବିକ୍ରମାଦିତ୍ୟଙ୍କ ମନେ ଜନ୍ମିଲା ସୁଜ୍ଞାନ । ଭାବିଲେ ଲକ୍ଷ୍ମୀଙ୍କି କିପାଁ ନ କରି ସ୍ମରଣ ॥ ଜଗତର ମାତା ସେହୁ ସହଜେ ଅଟନ୍ତି । ତାଙ୍କୁ ଚିନ୍ତ ପ୍ରାଣୀଗଣେ ଚତୁର୍ବର୍ଗ ପାନ୍ତି ॥ ମୁଁ ମୂଢ଼ ଅଧମ ତାଙ୍କୁ ନ ଭାବିଲି ଭଲେ । ତେଣୁ ଏତେ କଷ୍ଟ ମୁହିଁ ଲଭିଲି ଶରୀରେ ॥ ଏତେ ଭାବି ନୃପବର ମାଳା କରେ ଧରି । ଦୃଢ଼େ ବସିଲେ ଲକ୍ଷ୍ମୀଙ୍କ ମନ୍ତ୍ର ଜପ କରି ॥ ବୈକୁଣ୍ଠପୁରରେ ଥାଇ ଲକ୍ଷ୍ମୀ ତା ଜାଣିଲେ । କେତେ କଷ୍ଟ ବିକ୍ରମ ଯେ ଲଭିଲା ଭାବିଲେ ॥ ନାନା କଷଣ ଲଭିଲା ଶନି କୋପ କେତେ । ରକ୍ଷା କରି ନ ପାରିଲି ତାକୁ ମୁହିଁ ପୁଣି । ଏବେ ତାକୁ

ଦୁର୍ଗତିରୁ କରିବି ଉଦ୍ଧାର । ତାର ଦୁଃଖ ଶୋକରେ ମୋଚନ କରୁଛୁ ବିକଳ । ଏତେ ବୋଲି ଲକ୍ଷ୍ମୀଦେବୀ ମନେ ଦୟା କଲେ । ବିକ୍ରମଙ୍କ ପରେ ସେହୁ କୃପାଦୃଷ୍ଟି ଦେଲେ । ଏଣେ ବିକ୍ରମରାଜନ ପଢ଼ି ଲକ୍ଷ୍ମୀ ମନ୍ତ୍ର । ଜପ କରି ଆବର ପଢ଼ନ୍ତି ଲକ୍ଷ୍ମୀ ସ୍ତୋତ୍ର । ଭକ୍ତି ସ୍ତୁତି ନାନା ପରକାରେ ସେହୁ କଲେ । ନମୋ ପଦ୍ମାଳୟା ପଦ୍ମବାସିନୀ ବୋଇଲେ । ନମୋ ଜଗତ ଜନନୀ ନମୋ ହରିପ୍ରିୟା । ଏ ଅଧମ ପ୍ରତି ମାଗୋ କରେ କର ଦୟା । ଶନି କୋପ ହୋଇ ମୋତେ ଏତେ ଦଣ୍ଡ ଦେଲା । ତେବେ ତାର ମନ ଅଦ୍ୟ ଶାନ୍ତ ନ ହୋଇଲା । ଦଣ୍ଡ ପରେ ଦଣ୍ଡ ମୋତେ ଦେଲା ଅକାରଣେ । କେମନ୍ତେ ବଞ୍ଚିବି ମୁହିଁ ଅଉ ଏ ଜୀବନେ । ତୁମ୍ଭପାଦେ ଶରଣ ମୁଁ ପଶୁଛି କାତରେ । ଜଗତ ଜନନୀ ଏବେ ରକ୍ଷାକର ମୋତେ । ଏତେ କହି ସାଷ୍ଟାଙ୍ଗରେ ପ୍ରଣିପାତ ହେଲେ । ପୁଣି କରଯୋଡ଼ି କମଳାଙ୍କୁ ସ୍ତୁତି କଲେ । ବୋଇଲେ ମୁଁ ରାଜ ଐଶ୍ୱର୍ଯ୍ୟୀ ହୋଇଥିଲି । ଶନି କୋପ ହେତୁ ଆସି ବନରେ ବୁଲିଲି । ତେବେ ମଧ୍ୟ ଶନି କୋପ ଶାନ୍ତ ଯେ ନୋହିଲା । ଶରୀରେ ମୋହର ନାନା ପୀଡ଼ା ଜାତ କଲା । ଉଦର ବୃଦ୍ଧି ଲଭୁଛି ଧନ୍ତୁ ଦନ୍ତୁ ମୋର । ଉଠି ବସି ବୁଲିବାକୁ ପାଉନାହିଁ ବଳ । ଏ ଦୁଃଖରୁ ମାତ ମୋତେ କର ଗୋ ଉଦ୍ଧାର । ନୋହିଲେ ଜୀବନ ଏବେ ଗଲାଟି ମୋହର । ମୋ ଜୀବନ ଯିବ ଯେବେ ମାତ ଗୋ ଏଥିରେ । ନିନ୍ଦା ନୋହିବ କି ତୁମ୍ଭଙ୍କ ତିନିପୁରରେ । ତୋ ବିନା ଗୋ ମାତ ମୋର ସାହା କେହି ନାହିଁ । କ୍ଷୀରାବ୍ଧିତନୟା କୃପାକର ଦୟାବନ୍ତ । ଏ ପ୍ରକାରେ ଅକୁଳରେ ବିକ୍ରମ ରାଜନ । ଲକ୍ଷ୍ମୀଙ୍କି ବହୁତ ସ୍ତୁତି କରିଲେ ସେ ଜାଣ । ଏହା ଜାଣି କମଳା ଯେ ବୈକୁଣ୍ଠୁ ଆସିଲେ । ଶୂନ୍ୟେ ଥାଇ ବିକ୍ରମଙ୍କୁ ଡାକିଣ ବୋଇଲେ । ଅହେ ବିକ୍ରମ ରାଜନ ନ ହୁଅ ଅକୁଳ । ଅଜ୍ଞ ଅଳ୍ପଦିନେ ସବୁ

କ୍ଳେଶ ହେବ ଦୂର । ପୂର୍ଣ୍ଣଭାବେ ଦୟା ଅଛିଠାରୁ କଲି ମୁହିଁ ।
ଶନି ଅଉ ଦଣ୍ଡି ନ ପାରିବ କଦାପିହିଁ ॥ ପୂର୍ବଠାରୁ ଅଧିକେ ତୁ
ସୁଖୀ ଯେ ହୋଇବୁ । ବିଶେଷରେ ଧନ ମାନ ଯଶ ଅରଜିବୁ ।
ସବୁଦୁଃଖ ସବୁକଷ୍ଟ ଏବେ ହେବ ଦୂର । ଏଥିଯୋଗେ ମନେ
ଅଉ ଚିନ୍ତା ତୁ ନ କର ॥ ବିକ୍ରମ ନୃପତି ବନେ ଶାଳବୃକ୍ଷ ମୂଳେ ।
ଶୟନ କରିଥିଲେ ଯେ ସେହି ସମୟରେ ॥ ନେତ୍ରକୁ ଅଳପ ଭାବେ
ନିଦ୍ରା ଆକର୍ଷଇ । ମନୋରମା ବସି ତାଙ୍କ ପାଦ ମଞ୍ଜାଳଇ ॥
ଶୂନ୍ୟରେ ମହାଲକ୍ଷ୍ମୀ ଯେ ଏମନ୍ତ କହିଲେ । ବିକ୍ରମରାଜନ ତାହା
ସବୁ ଯେ ଶୁଣିଲେ ॥ ତାଙ୍କ ପତ୍ନୀ ମନୋରମା ଶୁଣିଲେ ଯେ ପୁଣି ।
ଶୂନ୍ୟେ ଥାଇ ଲକ୍ଷ୍ମୀ କହୁଛନ୍ତି ଏହି ବାଣୀ ॥ ବିକ୍ରମ ରାଜନ ଶୁଣି
ହରଷ ହୋଇଲେ । ତେଣେ ମହାଲକ୍ଷ୍ମୀ ତାଙ୍କ ଶନିକୁ କହିଲେ ॥
ଅରେ ଅରେ ଶନି ବେଗେ ହୋଇଯାଅ ଦୂର । ବିକ୍ରମ ରାଜାର
ସୁସ୍ଥ ହେଉ କଳେବର ॥ ରାଜାର ଉଦରେ ଅଛୁ ସର୍ପରୂପ ହୋଇ ।
ତେଣୁ ଅତିକ୍ଳେଶ ଭୋଗ କରେ ନରସାଇଁ ॥ ଏ ବିକ୍ରମ ନୃପ
ଯୁଧିଷ୍ଠିରଙ୍କ ସମାନ । ଦୟା ଧର୍ମ ଗୁଣ ଯାହା ଶରୀରେ ପରିପୂର୍ଣ୍ଣ ॥
ନ୍ୟାୟ ଧର୍ମପଥେ ଯାର ମତି ନିରନ୍ତର । ଅତ୍ୟନ୍ତ ଧାର୍ମିକ ଏ
ବିକ୍ରମ ନୃପବର ॥ ଅରେ ଶନି ନ ଜାଣୁ କି ମହିମା ମୋହର ।
ମୁହିଁ ଦୟା କରିଲିଟି ରାଜାକୁ ଏଥର ॥ ଅଉ ତୁହି କ୍ଳେଶ କେବେ
ନ ପାରିବୁ ଦେଇ । ମୋ ବଚନେ ରାଜାଠାରୁ ଯାଅ ଦୂର ହୋଇ ॥
ଅଦୋଷୀ ଲୋକକୁ ଦଣ୍ଡ ଦେଉ ଅକାରଣେ । ଯେବେ ଦୂର ନ
ହୋଇବୁ ଏ ମୋର ବଚନେ ॥ ତେବେ ତାର ପ୍ରତିଫଳ ଭୋଗିବୁ
ଅବଶ୍ୟ । ବିକ୍ରମ ନୃପତି କେବେ କରିନାହିଁ ଦୋଷ ॥ ଶନିକୁ
ଏରୂପେ ମହାଲକ୍ଷ୍ମୀ ଯେ କହିଲେ । ପୁଣି ମନୋରମାକୁ ସେ
ଡାକିଣ ବୋଇଲେ ॥ ଅଲୋ ମନୋରମା ଏବେ ଶୁଣ ମୋ ବଚନ ।
ସ୍ୱୟଂ ମହାଲକ୍ଷ୍ମୀ ମୁହିଁ ନ ଭାବିବୁ ଅନ୍ୟ ॥ ଯାହା ମୁଁ କହୁଛି ତାହା

ଶୁଣ ମନଦେଇ । ତୋର ସ୍ୱାମୀ ଶନି କୋପେ ବହୁକ୍ଳେଶ ପାଇ । ରାଜ୍ୟ ସିଂହାସନ ଅଦ ଗୃହଣ ଅସିଲେ । ନାନାଦୁଃଖ କଷ୍ଟ ସହି ବନରେ ରହିଲେ । ତୁ ମଧ୍ୟ ତାଙ୍କ ସଙ୍ଗରେ ଲଭୁଛୁ କଷଣ । ମନ ଦମ୍ଭକର ସବେ ରହ ଅଳ୍ପଦନ । ସକଳ ବିପଦ ଏବେ ହୋଇଯିବ ଦୂର । ରାଜାଙ୍କର ଅରୋଗ୍ୟ ଯେ ହୋଇବ ଶରୀର । ତୋତେ ମୁଁ କହୁଛୁ ଯାହା ହେତୁକର ଧେନ । ଯେମନ୍ତେ ସ୍ୱାମୀ ଅରୋଗ୍ୟ ହୋଇବେ ତା ଶୁଣ । ତ୍ରିଫଳା ସଙ୍ଗରେ କଅଫୁଲ ବେଲପତ୍ର । ଶିମ୍ବଳୀର କଢ଼ ଜାଇଫୁଲ ସମଯୁକ୍ତ । ତା ସଙ୍ଗେ ହଳଦୀ ନିମ୍ବପତ୍ର ସମ କର । ସୋରିଷକୁ ମିଶାଇ ସମାନ ଭାଗ ଧର । ଏ ସବୁଦ୍ରବ୍ୟ ଏକତ୍ରେ ବାଟିଣ ରଖିବୁ । ସ୍ୱାମୀଙ୍କୁ ଏ ଅଉଷଧ ପିଆଇଣ ଦେବୁ । ତୋ ସ୍ୱାମୀ ଉଦରେ ଶନି ସର୍ପରୂପେ ଅଛୁ । ଅନ୍ୟ ଅଉଷଧି ସେହୁ ନ ମାନିବ କିଛୁ । ଏହି ଔଷଧ ପିଇଲେ ଉଦରରୁ ଜାଣ । ସର୍ପଗୋଟି ପଡ଼ିଯିବ ସେହୁ ମିଳାଇଣ । ତହୁଁ ସବୁରୋଗ ହୁଦୁଁ ହୋଇଯିବ ଦୂର । ଏ କଥାରେ ସଂଶୟ ତୁ କଦାପି ନ କର । ତୋର ସ୍ୱାମୀ ସବୁରୋଗୁଁ ଅରୋଗ୍ୟ ହୋଇବ । ପୂର୍ବଠାରୁ ଶତେ ଗୁଣେ ତେଜ ବିକାଶିବ । ପୁଣି ରାଜ୍ୟଧନ ପାଇ ହୋଇବ ସନ୍ତୋଷ । ଏ କଥାରେ ସଂଶୟ ନ କର ତୁହି ଲେଶ । ମୁହିଁ ନିଜେ ମହାଲକ୍ଷ୍ମୀ ଅନ୍ୟ ନୁହେ କେହି । ଅଲ୍ପେ ମନୋରମା ଏହା କର ବେଗେ ତୁହି । ଏତେ କହି କମଳା ବୈକୁଣ୍ଠେ ଚଳିଗଲେ । ତାହା ଶୁଣି ଶନୈଶ୍ଚର ଅତ୍ୟନ୍ତ ବେଗରେ । ବିକ୍ରମାଦିତ୍ୟଙ୍କ ଉଦରରୁ ଶନୈଶ୍ଚର । ନାସା ବାଟେ ବାହାରିଣ ଗଲେ ସେ ସତ୍ୱର । ଲକ୍ଷ୍ମୀଙ୍କଠାରୁ ଶୁଣିଣ ମନୋରମା ନାରୀ । ସେହି ସବୁ ଦ୍ରବ୍ୟକୁ ଅଣିଲା ବେଗକରି । ଏକତ୍ରେ ବାଟିଣ ସ୍ୱାମୀଙ୍କୁ ସେ ପିଆଇଲା । ଲକ୍ଷ୍ମୀଙ୍କ ଚରଣେ ସେହୁ ଶରଣ ମାଗିଲା । ବିକ୍ରମ ରାଜନ ସେହୁ ଔଷଧ ପିଇଣ । ଉତ୍ତୁଦନ

ଅରୋଗ୍ୟ ସେ ହୋଇଲେ ପ୍ରମାଣ । ହୃଦରୁ ସକଳ ବ୍ୟାଧି ହୋଇଲା ବିନାଶ । ପୂର୍ବ ପ୍ରାୟ ତେଜ ତାଙ୍କ ହୋଇଲା ପ୍ରକାଶ ॥ ଶୁକ୍ଳ ପକ୍ଷରେ ଯେସନେ ବଢ଼େ ଶଶଧର । ସେହିପରି ବୃଦ୍ଧି ହେଲା ରାଜାଙ୍କ ଶରୀର ॥ ପୂର୍ବଠାରୁ ଶତେ ଗୁଣେ ତେଜ ବିକାଶିଲା । କନ୍ଦର୍ପ ପ୍ରାୟେ ସୁନ୍ଦର ଶରୀର ଦିଶିଲା ॥ ବିକ୍ରମ ନୃପତି ଅତି ମୂର୍ତ୍ତିମନ୍ତ ହେଲେ । କଉଣସି ବ୍ୟାଧି ଆଉ ନାହିଁଟି ଶରୀରେ ॥ ସ୍ୱାମୀଙ୍କର ଏ ସୌଭାଗ୍ୟ କଉଣ ବର୍ଣ୍ଣନ । ମନୋରମା ହୋଇଲେ ଅତି ତୋଷମନ ॥ ଅତ୍ୟନ୍ତ ବିନୟ ଭାବ ହୋଇଣ ଯେ ସେହି । ସ୍ୱାମୀଙ୍କ ଆଗରେ କରଯୋଡ଼ି ଉଭା ହୋଇ ॥ ପାଦତଳେ ପଡ଼ି ମନୋରମା ଯେ ବୋଲଇ । ଅହେ ନାଥ ଦୋଷ ଯେବେ କରିଥିବି ମୁହିଁ ॥ ସେ ଦୋଷକୁ ମୋର କ୍ଷମା କରିବ ସତ୍ୱର । ଦାସୀ ଦୋଷ କଲେ ସ୍ୱାମୀ ଧରେ କି ମନର । ଏହା କହି ପୁଣି ସ୍ୱାମୀପାଦେ ପ୍ରଣମିଲା । କୃତାଞ୍ଜଳିପୁଟେ ପୁଣି ନିବେଦନ କଲା ॥ ନାରୀର ଏପରି ଭକ୍ତି ଦେଖି ନୃପବର । ଆଶ୍ୱାସ ବଚନେ ତାକୁ ବୋଲନ୍ତି ଉତ୍ତର ॥ ଅଗୋ ମନୋରମା ତୁମ୍ଭ ସମ ନାରୀ ନାହିଁ । ବନେ ସେବା କରୁଅଛ କେତେ କଷ୍ଟ ସହି ॥ ମୋର ଯେତେ ସେବା ତୁହି କଲୁଣି ରେ ସହି । ତାର ଉପକାର ଶୁଝି ନ ପାରିବି ମୁହିଁ ॥ ଏ ଘୋର ଅରଣ୍ୟେ ଭେଟିବାକୁ ଆସି ତୁହି । ବନବାସ କଷ୍ଟ କେବେ ଜାଣି ନାହିଁ ମୁହିଁ ॥ ରାଜକନ୍ୟା ହୋଇ କେତେ କଷ୍ଟ ତୁ ସହିଲୁ । ମୋ ଲାଗି ବହୁତ ଦୁଃଖ ଭୋଗ ତୁହି କଲୁ ॥ ସବୁ ସୁଖ ଛାଡ଼ିଦେଇ ଭଜିଲୁ ତୁ ମୋତେ । ତାହା ମେଣ୍ଟାଇ ପାରିବି ନାହିଁ ମୁଁ କିଞ୍ଚିତେ ॥ ସ୍ୱୟମ୍ବର ସଭାରେ ତୁ କରିଅଛୁ ଯାହା । ମନରୁ ପାସୋରି ଅଉ ପାରିବି କି ତାହା ॥ ଏତେ ଏତେ ରାଜାମାନେ ଆସିଥିଲେ ତହିଁ । ମୋତେ ମାଳା ଦେଲୁ ଆଉ କାହାକୁ ନ ଦେଇ ॥ ତେଣୁ ପିତା ଭ୍ରାତା ଆଦି କୋପିଲେ

ଖେଦା ପରେ । ପୁରରେ ପୁରାଇ ନ ଦେଲେ ସେ କେତେବେଳେ ॥ ତାଙ୍କଠାରୁ ନାନା ଗାଳିମନ୍ଦ ସହିକରି । ପୁଣି ମାଂସ ଖାଇବାକୁ ଗଲ୍ ରେ ସୁନ୍ଦରି ॥ ମାଂସପାଇଁ ଯାଇ ନାନା କଷଣ ସହିଲି । ଭାଇଙ୍କମାନଙ୍କ କଥା ସହିଣ ଅସିଲୁ ॥ ଭାଇଙ୍କମାନେ ଯେପରି ଦଣ୍ଡ ଦେଇଛନ୍ତି । ତାର ପ୍ରତିଫଳ ସେହୁ ଲଭିବେ ନିଶ୍ଚିତ ॥ ସେମାନଙ୍କ ଅବସ୍ଥା ଯେ ଦେଖିବୁ ନୟନେ । ତେବେ ସନ୍ତୋଷ ହୋଇବୁ ତୋର ନିଜ ମନେ ॥ ପରକୁ ଯେ ଦଣ୍ଡ ଦେଇଥାଇ ଅକାରଣେ । ତାହାର ପ୍ରତିଫଳ ସେ ଭୋଗଇବେ ଦିନେ ॥ ଏରୂପେ ବିକ୍ରମ ନୃପ ପ୍ରିୟାକୁ କହିଣ । ଅଷ୍ଟବେତାଳଙ୍କୁ ମନେ କରନ୍ତେ ସ୍ମରଣ ॥ ଆସିଣ ଅଷ୍ଟବେତାଳେ ସମ୍ମୁଖରେ ମିଳିଲେ । ଲକ୍ଷ୍ମୀଧର ଗର୍ଭବନ୍ଧୁ କହନ୍ତି ଗୀତରେ ॥

---

## ମହାରାଷ୍ଟ୍ର ଦେଶରେ ବିକ୍ରମାଦିତ୍ୟଙ୍କ ମହିମା ପ୍ରକାଶ ଓ ଗୌରବ ଲାଭ

ଶୁଣ ସାଧୁ ସୁଜ୍ଞଜନେ ଚିତ୍ତ ମନ ଦେଇ । ଅପୂର୍ବ କାହାଣୀ ପୁଣ୍ୟମୟ ଏ ଅଟଇ ॥ ବିକ୍ରମାଦିତ୍ୟ ରାଜାଙ୍କ ଚରିତ୍ର ବର୍ଣ୍ଣନ ॥ ହୋଇବାରୁ ଏହି ଗ୍ରନ୍ଥ ଅତି ସୁଶୋଭନ ॥ ବିକ୍ରମାଦିତ୍ୟ ରାଜନ ରହି ସେ ସ୍ଥାନରେ । ବେତାଳମାନଙ୍କୁ ନିଜ ମନରେ ସ୍ମରିଲେ ॥ ସତ୍ୱରେ ବେତାଳଗଣେ ସମ୍ମୁଖରେ ମିଳିଲେ । କି କାର୍ଯ୍ୟ କରିବୁଁ ବୋଲି ରାଜାଙ୍କୁ କହିଲେ ॥ କରଯୋଡ଼ି ବେତାଳେ ଯେ ବୋଇଲେ ବଚନ । କି କାରଣେ ବନ୍ଧୁ ଦୁଃଖ ନ କଲ ସ୍ମରଣ ॥ ଏତେ କଷ୍ଟ ସହି ବନେ କରିଅଛ ବାସ । କେଉଁଣେ ଅଛେ ନଗରର ସବୁ ଦାସୀ ଦାସ ॥ କି କାରଣେ ଏତେ କଷ୍ଟ ଭୋଗିଲ

ଅଙ୍ଗରେ । ଅମ୍ଭଙ୍କୁ ଛାଡ଼ିଲ ନାହିଁ ବିପଦ କାଳରେ ॥ ବିକ୍ରମ ନୃପତି ତାଙ୍କୁ ବୋଇଲେ ବଚନ । ଅରେ ଅଗ୍ନିବେତାଳରେ ମୋର କଥା ଶୁଣ ॥ ଶନି କୋପକର ମୋତେ ଏତେ ଦଣ୍ଡ ଦେଲା । ରାଜ୍ୟ ଧନ ପୁରଆଦି ଛଡ଼ାଇଣ ନେଲା ॥ ମୋର ଶରୀରରେ ଭୋଗକଲି ନାନାକ୍ଳେଶ । ସେ ଶନି କୋପରୁ ମୋର ହେଲା ଜ୍ଞାନ ନାଶ ॥ ତେଣୁ ତୁମ୍ଭ କଥା ମନେ ନ ପଡ଼ିଲା ମୋର । ଏଡ଼ି ନ ପାରିଲି ଲଲାଟର ଲେଖା ଫଳ ॥ ଏବେ ଅଳ୍ପଦିନ ହେଲା କ୍ଳେଶ ଗଲା ନାଶ । ବଳ ବୁଦ୍ଧି ଜ୍ଞାନ ହୃଦେ ହେଲାଣି ପ୍ରବେଶ ॥ ଏବେ ତୁମ୍ଭଙ୍କୁ ସ୍ମରଣ କରିଲି ଯେ ମୁହିଁ । ଏକ ନଗର ନିର୍ମାଣ କର ବେଗେ ଯାଇ ॥ ଇନ୍ଦ୍ର ଭୁବନରୁ ବଳି ରମଣୀୟ ହେବ । ନାନା ଉପବନମାନ ତା ମଧ୍ୟରେ ଥିବ ॥ କୂପ ପୁଷ୍କରିଣୀମାନ ଥିବ ସ୍ଥାନେ ସ୍ଥାନେ । ଦେବାଳୟମାନ ଥିବ ଅତ୍ୟନ୍ତ ଯତନେ ॥ ମେଢ଼ ମଣ୍ଡପେ ନଗର ହୋଇଥିବ ପୂର୍ଣ୍ଣ । ତା ମଧ୍ୟେ ଅତିଥିଶାଳା ଥିବ ଯେ ପ୍ରମାଣ ॥ ନାଟ୍ୟଶାଳା ଶିକ୍ଷାଗୃହ ତହିଁ ନିର୍ମିଣିବ । ପଶୁଶାଳା ଚିକିତ୍ସା ଆଳୟ ତହିଁ ହେବ ॥ ବନ୍ୟ ପଶୁମାନେ ଯେଉଁଠି ରହିବେ ନିରତେ । ତା ମଧ୍ୟେ ସେପରି ସ୍ଥାନ କରିବ ତୁରିତେ ॥ ବନ୍ୟପଶୁ ସବୁଙ୍କୁ ଯେ ତହିଁରେ ରୁନ୍ଧିବ । ଜଳଚର ସ୍ଥଳଚର ଆଦିଙ୍କୁ ରଖିବ ॥ ଏମନ୍ତ ଭାବେ ନଗର କରିବ ନିର୍ମାଣ । ତୁମ୍ଭଙ୍କୁ କହିବି କିସ ସବୁ ତୁମ୍ଭେ ଜାଣ ॥ ଏହା ଶୁଣି ବେତାଳେ ଯେ ଶୀଘ୍ର ଚଳିଗଲେ । ଅମରାବତୀ ସଦୃଶ ପୁର ନିର୍ମିଥିଲେ ॥ ପୁର ଦେଖି ବିକ୍ରମ ନରେଶ ହେଲେ ତୋଷ । ଅବିଳମ୍ବେ ପତ୍ନୀ ସଙ୍ଗେ କଲେ ତହିଁ ବାସ ॥ ଯେଉଁରୂପେ ବେତାଳଙ୍କୁ ଆଦେଶ ସେ କଲେ । ସବୁ ସେ ପ୍ରକାରେ ହୋଇଅଛି ଯେ ଦେଖିଲେ ॥ ଏମନ୍ତେ କେତେକ ଦିନ ଭୋଗ ହୋଇଗଲା । ବିକ୍ରମଙ୍କ ପାଶେ ମନୋରମା ଯେ ରହିଲା ॥

ଏ ଉତ୍ତାରେ ଯାହା ହେଲା ସୁଜ୍ଞଜନେ ଶୁଣ । ମହାରାଷ୍ଟ୍ର ନୃପଙ୍କର
ପିତୃଶ୍ରାଦ୍ଧ ଦିନ । ସବୁଦେଶ ନୃପତିଙ୍କି ନିମନ୍ତି ଆଣିଲେ । ଭୋଜନ
ଦେବାକୁ ମନେ ସେଦିନ ଭାବିଲେ । ମହାରାଷ୍ଟ୍ର ନୃପତି ସେ
ପୁତ୍ରଙ୍କୁ ଡାକିଣ । ବୋଇଲେ ତୁମ୍ଭେମାନେ ଯେ ବନକୁ ଯାଇଣ ।
ମୃଗ ମାରି ଆଣ ତୁମ୍ଭେ ଇଚ୍ଛା ଅନୁସାରେ । ବ୍ୟଞ୍ଜନ ହୋଇବ
ତାହା ଶ୍ରାଦ୍ଧ ଦିବସରେ । ବହୁତ ଲୋକ ଭୋଜନ କରିବେ ଅସ୍ଥିର ।
ପିତୃଶ୍ରାଦ୍ଧ ହେତୁ ତୁମ୍ଭେମାନେ ମନେ କର । କାଲି ପିତୃଶ୍ରାଦ୍ଧ
ଜାଣ ଅମ୍ଭର ହୋଇବ । ସମସ୍ତଙ୍କୁ ଭୋଜନ ଦେବାକୁ ଯେ ପଡ଼ିବ ।
ଏହାଶୁଣି ପୁତ୍ରମାନେ ବେଗେ ଚଳିଗଲେ । ଅରଣ୍ୟ ମଧ୍ୟରେ ଯାଇ
ପ୍ରବେଶ ହୋଇଲେ । ମୃଗ ଅନ୍ୱେଷଣ କଲେ ଭ୍ରମିଣ ବହୁତ ।
କେଉଁଠାରେ ନ ପାଇଣ ହୋଇଲେ ଚକିତ । ମୃଗ କଥା ଦୂରେ
ଥାଉ ତାଙ୍କ ପଦଚିହ୍ନ । ଭଲେମାନ ସେ ବନରେ ଦିଶୁନାହିଁ ଜାଣ ।
ଏମନ୍ତେ ବହୁତ ଚେଷ୍ଟାକରି ପୁତ୍ରମାନେ । କାହିଁ ଏକ ମୃଗ ସୁଦ୍ଧା
ନ ଦେଖି ନୟନେ । ନିରାଶ ହୋଇଣ ମନ ମଧ୍ୟରେ ଭାବିଲେ ।
ବିଧାତାର ବିଡ଼ମ୍ବନା କଥା କି ନୋହିଲେ । ପଶୁ ଜନ୍ତୁ ପକ୍ଷୀ ଆଦି
ବନସ୍ତ ମଧ୍ୟରେ । ଗୋଟିଏ ହୋଇ ନାହାନ୍ତି କେଉଁଣ ସ୍ଥାନରେ ।
ଏମନ୍ତ ଭାବିଣ ମନେ ଅତି ବ୍ୟସ୍ତ ହୋଇ । କହିଲେ ଏ କଥା
ଅତି ନିନ୍ଦା ଯେ ଅଟଇ । ଏହା ଭାବି ଆଗକୁ ସେ ବେଗେ
ଦେଲେ ଚାହିଁ । ଦୂରରେ ଏକ ଅପୂର୍ବ ନଗର ଦିଶଇ । ଭାବିଲେ
ଏ ବନମଧ୍ୟେ କାହାର ନଗର । ପାଶକୁ ଯାଇଁ ଦେଖିବା କାହାର
ସେ ପୁର । ଏମନ୍ତ ଭାବି ସେଠାକୁ ଯିବା ବିଚାରିଲେ । ଶୂନ୍ୟେ
ଥାଇ ବେତାଳେ ଯେ ସେ କଥା ଜାଣିଲେ । ବାଳକଙ୍କ ଆଗେ
ଯାଇଁ କହିଲେ ସତ୍ୱର । ଅହୋ ନୃପବର ବାଳକମାନେ
ତୁମ୍ଭର । ମୃଗ ମାରିବା ନିମନ୍ତେ ଆସିଥିଲେ ବନେ । ମୃଗ
ନ ପାଇଣ ଆସିଛନ୍ତି ଏହୁ ସ୍ଥାନେ । ବେତାଳେ କୋପନ୍ତେ

ଏହା ରାଜାଙ୍କୁ କହିଲେ । ଶୁଣି ବିକ୍ରମ ନରେଶ ହରଷ ଭାବରେ । ସନ୍ନ୍ୟାସୀ ବେଶ ଧାରଣ କରିଲେ ସତ୍ୱର । ଅଙ୍ଗେ ଭସ୍ମ ଲେପି ହେଲେ ମୁଣ୍ଡେ ଜଟାଭାର । କଟିରେ ପିନ୍ଧିଲେ ସେହୁ ଭଗ କଉପୀନ । ହସ୍ତରେ ଦୀର୍ଘ ଚିମୁଟା କରିଲେ ଧାରଣ । ଧୁନି ଜାଳି ବସିଲେ ଯେ ବ୍ୟାଘ୍ର ଚର୍ମ ପରେ । ମନ୍ତ୍ର ଜପ କଲେ ଜପମାଳା ଧରି କରେ । ତାହାଙ୍କ ଚେଲା ହୋଇଲେ ବେତାଳେ ସକଳ । କେ ରହିଲା ପୁରଦ୍ୱାରେ କେ ରହେ ପାଖର । ଏମନ୍ତ ସମୟେ ଏଣେ ରାଜପୁତ୍ରଗଣେ । ବନରେ ବୁଲି ବୁଲି ସେ ମୃଗ ଅନ୍ୱେଷଣେ । ମହା ଶ୍ରାନ୍ତ ଭରେ ସେହି ପୁର ନିକଟରେ । ପ୍ରବେଶ ହୋଇଲେ ଆସି ସେହି ସମୟରେ । ପୁର ଦେଖିକରି ସର୍ବେ ଆଶ୍ଚର୍ଯ୍ୟ ହୋଇଲେ । କାହାର ପୁର ଏ ଜାଣି ନ ପାରୁଁ ବୋଇଲେ । କେ ବୋଲେ ସ୍ୱର୍ଗରୁ ଛାଡ଼ି ଦେବ ପୁରନ୍ଦର । ଏ ବନ ମଧ୍ୟରେ ଆସି ରଚିଅଛି ପୁର । କେ ବୋଲେ କେଉଁ ଅସୁର ଘର ଏ ଅଟଇ । ଅନ୍ୟ ବୋଲେ ଗନ୍ଧର୍ବ ନଗର ଜଣା ହୋଇ । କେହୁ ବୋଲେ ବିଶ୍ୱକର୍ମା ବସି କେତେକାଳ । ନିର୍ମାଣ କରିଛି ଏହି ଅପୂର୍ବ ନଗର । କେ ବୋଲେ ଚାଲ ଭିତରେ ବୁଲିଣ ଦେଖିବା । ଏ କାହାର ପୁର ଜାଣି ସନ୍ତୋଷ ହୋଇବା । ଏମନ୍ତ ବିଚାରି ଭିତରକୁ ଯାନ୍ତେ ଚାଲି । ଆଗରେ ଅଡ଼ା ଦିଶୁଛି ମହା ଶୋଭା ଶାଳ । ସେ ଅଡ଼ା ମଧ୍ୟରେ ନାନା ପଶୁ ପକ୍ଷୀମାନେ । ଦିଶୁଛନ୍ତି କାହାରକୁ ଅତ୍ୟନ୍ତ ସ୍ୱଚ୍ଛନ୍ଦେ । ଏହା ଦେଖି ରାଜପୁତ୍ରମାନେ କହିଲେ । ବନରୁ ଧରି ଆଣି ଏ ଛାଡ଼ନ୍ତି ଭିତରେ । କେଉଁ ଗୋଟିଏ ହୋଇଣ ନାହାନ୍ତି ବନରେ । କାହୁଁ ପାଇବାଟି ଅଛନ୍ତି ଯେତେକ ବା ଖୋଜିଲେ । ଏହା କହି ପୁଣି ଭିତରକୁ ଗଲେ ବୁଲି । ଦେଖିଲେ ଜଣେ ସନ୍ନ୍ୟାସୀ ଧରି ଜପମାଳି । ତପ କରୁଅଛନ୍ତି ବସି ଯୋଗ ଆସନରେ । କପଟ ସନ୍ନ୍ୟାସୀ ବୋଲି ଜାଣି

ନ ପାରିଲେ ॥ ଭାବିଲେ ଏତ ପ୍ରଧାନ ତପସ୍ୱୀ ଅଟନ୍ତି । ଧୂନି ଜାଳି ଜପାମାଳୀ ଧରିଣ ଜପନ୍ତି ॥ ସମସ୍ତେ ଏକତ୍ର ହୋଇ ତାଙ୍କ ପାଶେ ଗଲେ । ପାଦରେ ତାଙ୍କର ବେଗେ ପ୍ରଣମିତ ହେଲେ ॥ କପଟ ସନ୍ନ୍ୟାସୀ ତାଙ୍କୁ କରିଲେ କଲ୍ୟାଣ । ବୋଇଲେ ଏଠାରେ ବସ ହୋଇ ସାବଧାନ ॥ ଶୁଣି କରି ରାଜପୁତ୍ରେ ପାଶରେ ବସିଲେ । ହୃଷ୍ଟ ମନେ ସନ୍ନ୍ୟାସୀଙ୍କ ସେହୁ ପୁଚ୍ଛା କଲେ ॥ ପୁର୍ବେ ଅମ୍ଭେମାନେ ଏ ବନକୁ କେତେଥର । ଆସିଥିଲୁଁ ଦେଖିନାହୁଁ ଯେ ଏହି ନବର ॥ ଆପଣ ମଧ୍ୟ ଏଠାରେ ନ ଥିଲେ ସେବେଳେ ॥ କେଉଁଦିନୁ ଅସ ପ୍ରବେଶିଲେଣି ଏଠାରେ ॥ ଏ ନବର ତୋଳାଇଛ କେବେ କେତେଦିନ । ନ ଜାଣି ସଂଶୟ କରୁଅଛୁ ଆମ୍ଭମନ । କପଟ ସନ୍ନ୍ୟାସୀ ତାଙ୍କୁ କହିଲେ ସତ୍ୱରେ । ତୀର୍ଥବାସୀ ଜନ ଆମ୍ଭେ ଅଟୁଁ ଯେ ବେଭାରେ ॥ ବହୁତ ଦୂରରୁ ଅମ୍ଭେ ଅସିଅଛୁଁ ଜାଣ । ତପବଳେ ଏହି ଗୃହ ହୋଇଛି ନିର୍ମାଣ ॥ ଏଠାରେ ବାସ କରିଛୁଁ ଅଳ୍ପଦିନ ପାଇଁ । ଅନ୍ୟ ସ୍ଥାନେ ଯିବୁଁ ଆଉ ଗୁହଦିନ ରହି ॥ ଆଉ କିଛି କାର୍ଯ୍ୟ ଅମ୍ଭ ରହିଛୁ ଏଠାରେ । ପଶୁମାନେ ଛନ୍ତି ଯେତେ ଏ ଅଡା ମଧ୍ୟରେ । ପୂଜାରେ ବଳି ଦେବାକୁ ତାଙ୍କୁ ଧରିଅଣି । ରଖିଛୁ ଅଡ଼ା ମଧ୍ୟରେ ଯତନରେ ପୁଣି ॥ ପୂଜା ମଧ୍ୟେ ତାଙ୍କୁ ବଳି ଦେବୁ ମୁହିଁ ଜାଣ । ଯଜ୍ଞକୁ ଆଉର କେତେ ହେବେ ପ୍ରୟୋଜନ ॥ ଏ ସବୁ କାର୍ଯ୍ୟ ସାରିଣ ଏଥୁଁ ଚଳିଯିବୁ । ତୀର୍ଥବାସୀ ହୋଇ ଏକସ୍ଥାନେ କି ରହିବୁ ॥ ସନ୍ନ୍ୟାସୀଙ୍କ ମୁଖୁଁ ଏହା ରାଜପୁତ୍ରେ ଶୁଣି । ନିଜ ନିଜ ମନେ ସେହୁ ଭାବିଲେ ଯେ ପୁଣି ॥ ଏ ସନ୍ନ୍ୟାସୀ ସାମାନ୍ୟ ତ ନୁହନ୍ତି ଜାଣିଲୁଁ । କେବଣ ସ୍ଥାନେ ଏପରି ଦେଖିଣ ନ ଥିଲୁଁ ॥ ଅମ୍ଭଙ୍କୁ ବଡ଼ ଆଶ୍ଚର୍ଯ୍ୟ ଏ କଥା ଲାଗଇ । ରାଜପୁତ୍ରେ ଏପରି ହୋଇଲେ କୁହାକୁହି ॥ ଅସ୍ତ୍ର ଶସ୍ତ୍ର ନାହିଁ କିଛି ଏହାଙ୍କ ପାଶରେ । ପଶୁମାନଙ୍କୁ ଅୟତ୍ତ କଲେ କି ପ୍ରକାରେ ॥ ଆଉର

ବସିଲେ ଋଷି ଅଛୁ ଏହିପୁରେ । କେଉଁଠାରୁ ଅଣିଲେ ଏ କେମନ୍ତ ଭାବରେ । ଅରଣ୍ୟ ମଧ୍ୟରେ କାହୁଁ ପାଇଲେ ଏ ଧନ । ସବୁ ଦେଖୁଅଛୁଁ ଅସମ୍ଭବ କଥାମାନ ॥ ଏପରି ମନରେ ଭାବି ରାଜପୁତ୍ର-ଗଣ । କରଯୋଡ଼ି ସନ୍ନ୍ୟାସୀଙ୍କି କହିଲେ ବଚନ । ଅହୋ ତାପସ-ପ୍ରବର ଶୁଣ ଆମ୍ଭ ବାଣୀ । ଆମ୍ଭ ପିତାଙ୍କର ପିତୃଶ୍ରାଦ୍ଧ ହେବ ପୁଣି ॥ ନାନାଦେଶୁ ନୃପତିଏ ନିମନ୍ତ୍ରଣ ପାଇ । ଆମ୍ଭ ଗୃହେ ପ୍ରବେଶିଣ ଛନ୍ତି ତୋଷ ହୋଇ ॥ କାଲି ହେବ ପିତୃଶ୍ରାଦ୍ଧ ଦିବସ ପ୍ରମାଣ । ସବୁ ନୃପତି ବସିଣ କରିବେ ଭୋଜନ । ମୃଗମାଂସ ଯୋଗେ ପିତା ଆମ୍ଭଙ୍କୁ ପେଷିଲେ । ଦେଖିଲୁଁ ପଶୁ ଗୋଟିଏ ନାହାନ୍ତି ବନରେ ॥ ମୃଗ ମାରି ନ ନେଲେ ତ ବଡ଼ ନିନ୍ଦା ହେବ । ଏଣିକରୁ ବଳି ଲଜ୍ଜା ଆମ୍ଭଙ୍କୁ ଘଟିବ ॥ ଅହୋ ମହା ତପସ୍ୱୀ ଆମ୍ଭଙ୍କୁ ପରିତ୍ରାଣ । କରିଲେ କୃତାର୍ଥ ହେବୁଁ ଏ କଥା ପ୍ରମାଣ । ଆପଣଙ୍କୁ ନିବେଦନ କରୁଛୁଁ ସକଳେ । ଏଥିରୁ ମୃଗ ଗୋଟିଏ ଦିଅନ୍ତୁ ଦୟାରେ । ତାକୁ ନେଇ ପିତୃଶ୍ରାଦ୍ଧ କାର୍ଯ୍ୟେ ଲଗାଇବୁଁ । ପିତାଙ୍କ ମୁଖରୁ ଅମ୍ଭେ ପ୍ରଶଂସା ଶୁଣିବୁଁ ॥ ରାଜପୁତ୍ରମାନଙ୍କର ମୁଖୁଁ ଏହା ଶୁଣି । କପଟ ସନ୍ନ୍ୟାସୀ ତାଙ୍କୁ କହୁଛନ୍ତି ବାଣୀ ॥ ଯେବେ ଏତେ ବିନୟରେ ମାଗୁଅଛ ମୋତେ । ତେବେ ନେବ ତୁମ୍ଭେ ମୋର ଉପଦେଶ ମତେ ॥ ଯେବେ ମୋ ଆଦେଶ ତୁମ୍ଭେ କରିବ ପାଳନ । ତେବେ ଏକ ମୃଗ ମୁହିଁ ଦେବଟି ବହନ ॥ ଦାସତ୍ୱ ସ୍ୱୀକାର ଯେବେ କରିବ ମୋହର । ତେବେ ମୃଗ ନେଇ ଗୃହେ ଚଳିବ ସତ୍ୱର ॥ ଏହା ଶୁଣି ରାଜପୁତ୍ରେ କୁହାକୁହି ହେଲେ । ସନ୍ନ୍ୟାସୀର ଦାସ ଯେବେ ହେବା ଏ ବନରେ । କିଏ ଏଥିଁ ଅଛୁ ଦେଖି ନଗରେ କହିବ । ତେଣୁ ଏ କଥାରେ କ୍ଷତି ନାହିଁଟି ଜାଣିବ ॥ ମୃଗ ଗୋଟି ସୁଖେ ନେଇ ପୁରକୁ ଯିବା । ପିତାଙ୍କର ପାଶେ ଦେଇ ପ୍ରଶଂସା ଲଭିବା ॥ ମହାରଣ୍ୟ ରାଜପୁତ୍ରେ ଏମନ୍ତ ବିଚାରି । ସନ୍ନ୍ୟାସୀଙ୍କ

ଆଗେ ଉଭା ହେଲେ ବେଗ କରି ॥ ବୋଇଲେ ତୁମ୍ଭର ଅମ୍ଭେ ହୋଇଲୁଁ ଯେ ଦାସ । ମୃଗ ଗୋଟି ଦିଅ ଅମ୍ଭେ ଯିବୁଁ ନିଜବାସ ॥ ଶୁଣିଣ ମାୟା ସନ୍ୟାସୀ ବୋଇଲେ ଉତ୍ତର । ସେ କଥା ହୋଇବ ନାହିଁ କହିଲେ କେବଳ ॥ ତୁମ୍ଭମାନଙ୍କର ଦେହେଁ ଚିହ୍ନ ମୁହିଁ ଦେବି । ତେବେ ଦାସ ବୋଲି ସିନା ମୁହିଁ ଯେ ଜାଣିବି ॥ ପିଣ୍ଡୁ ପୋଡ଼ି ଚିମୁଟାର ଦାଗ ଦେହେଁ ଥିଲେ । ଭୂତ ପ୍ରେତଙ୍କର ଭୟ ନ ହୋଇବ ତଳେ । ଏହା ଶୁଣି ରାଜପୁତ୍ରେ ଗୁହାଗୁହି ହେଲେ । ଏ କଥା ଗୋଟିକ ନ କହିବା କେତେବେଳେ ॥ ପୁଣି ଭାବିଲେ ପିଣ୍ଡୁରେ ବସ୍ତ୍ର ତଳେ ଥିବ । ଅନ୍ୟ ଲୋକ କେହୁ ତାହା ଜାଣି ନ ପାରିବ ॥ ଏହି କଥା ଗୋଟି ମନେ କରିଣ ବିଚାର । ବସ୍ତ୍ର କାଢ଼ି ପିଣ୍ଡୁ ଦେଖାଇଲେ ସେ ସତ୍ୱର । ସେ ମାୟା ସନ୍ୟାସୀ ଚିମୁଟାକୁ ତତାଇଣ । ସମସ୍ତଙ୍କ ପିଣ୍ଡୁରେ ଯେ ଦାଗିଲେ ତତକ୍ଷଣ ॥ ପିଣ୍ଡୁ ପୋଡ଼ିକର ଚିହ୍ନମାନ ବିରାଜିଲା । ଦାସ ବୋଲିକର ତହୁଁ ଜଣା ଯେ ହୋଇଲା ॥ ତକ୍ଷଣେ ଗୋଟିଏ ମୃଗ ସନ୍ୟାସୀ ଯେ ଦେଲେ । ମୃଗ ନେଇ ରାଜପୁତ୍ରେ ନଗରକୁ ଗଲେ ॥ ପିତାଙ୍କ ଅଗେ କହିଲେ ଶିକାର କରିଣ । ଏ ମୃଗଗୋଟି ଆଣିଲୁ ଅମ୍ଭେମାନେ ଜାଣ ॥ ତହିଁ ପରଦିନ ପିତୃ ଶ୍ରାଦ୍ଧ କର୍ମ ହେଲା । ଭୋଜନ ବ୍ୟବସ୍ଥା ସବୁ ହେବାକୁ ଲାଗିଲା ॥ ଏଣେ ବିକ୍ରମ ନୃପତି ଗୁଣ୍ଡି ତପୀବେଶ । ରାଜବସ୍ତ୍ର ପରିଧାନ କଲେ ହୋଇ ତୋଷ ॥ ତାଙ୍କ ପତ୍ନୀ ମନୋରମା ଯଥା ବିଧାନରେ । ରାଜରାଣୀ ପରିଧେୟ ଆଭରଣ ହେଲେ ॥ ଗଜଦନ୍ତ ଶିବିକାରେ ତାହାଙ୍କୁ ବସାଇ । ସଙ୍ଗରେ ବହୁତ ଦାସଦାସୀଙ୍କୁ ଯେ ନେଇ ॥ ପିତାଙ୍କ ପୁରକୁ ତାଙ୍କୁ ପଠାଇବ ଦେଲେ । ବାଟରେ ସମସ୍ତେ ଦେଖି ଆଶ୍ଚର୍ଯ୍ୟ ହୋଇଲେ ॥ ପିତାଙ୍କ ନଗରେ ଯାଇଁ ହୁଅନ୍ତେ ପ୍ରବେଶ । ପୁରବାସୀ ଜନେ ଦେଖି ମନେ ହୋଇ ତୋଷ ॥ ବୋଇଲେ ଅମ୍ଭର ରାଜଜେମା ଏ ଅଟନ୍ତି । କର୍ପା

ଚିନ୍ତା କରୁଥିଲେ ହୋଇ ଦୁଃଖମତି ॥ ଏହାଙ୍କର ଭାଗ୍ୟ ଏଥୁଁ ଜଣା ପଡୁଅଛି । କେଉଁସ୍ଥାନେ ହୋଇଛନ୍ତି ଏହୁ ରାଜରାଣୀ ॥ ଲକ୍ଷ୍ମୀ ପରାୟେ ଦିଶଇ ଏହାଙ୍କ ଶରୀର । ସେହିପରି ସ୍ୱାମୀ ହୋଇଥିଲେ କି ଯୁଆଙ୍କର ॥ ଏପରିଭାବେ ଜନେ କଥାଭାଷା ହେଲେ । ପିତାମାତା ଆସି ଝିଅ ପାଖରେ ମିଳିଲେ ॥ ତାଙ୍କ ପାଦେ ପ୍ରଣମିତା ମନୋରମା ହେଲା । ମାତା ନେଇ ଝିଅକୁ ଯେ କୋଳରେ ଧଇଲା ॥ ମୁଖେ ଚୁମ୍ବଦେଇ ତାର ପୁଚ୍ଛିଲେ କୁଶଳ । ଭଉଣୀମାନେ ପ୍ରବେଶ ହୋଇଲେ ସେଠାରେ ॥ ଦାସୀମାନେ ଆସି ତାଙ୍କ ପାଶରେ ମିଳିଲେ । ବନ୍ଧାପନା କରିଣ ଯେ ସଦନକୁ ନେଲେ ॥ ସମସ୍ତେ ମନରୁ ହିଂସାଭାବକୁ ଛାଡ଼ିଣ । ମନୋରମାକୁ ଦେଖିଣ ହେଲେ ତୋଷମନ ॥ ଯେଉଁମାନେ ମାଡ଼ ଗାଳି ଦେଇଥିଲେ ତାକୁ । ସମସ୍ତେ ଆସିଲେ ଭଲ କରିଣ ମନକୁ ॥ ଅତ୍ୟନ୍ତ ଆଦର ଭାବ ନଣନ୍ଦକୁ କଲେ । ଭୋଜନ ନିମନ୍ତେ ଆଣି ନାନାଦ୍ରବ୍ୟ ଦେଲେ ॥ ବୋଇଲେ ଭୋଜନ କର ମନୋରମା ତୁହି । ପୂର୍ବ କଥାମାନ ସବୁ ମନୁ ଛାଡ଼ିଦେଇ ॥ ମନୋରମା ଏହା ଦେଖି ମନ ମଧ୍ୟେ ଭାବିଲେ । ମାଂସମାଗି ଆସିଥିଲି ମୁହିଁ ଯେତେବେଳେ ॥ ଏମାନେ ସେବେଳେ ମୋତେ ମାଡ଼ ମାରିଥିଲେ । ବର୍ତ୍ତମାନ ସମୟରେ ତାହା ଭୁଲିଗଲେ ॥ ସେକଥା କହିବା ଆଉ ନାହିଁ ପ୍ରୟୋଜନ । ଏହା ଭାବି ମନୋରମା ହସେ ପୁନଃପୁନ ॥ ଏହାଙ୍କର ମୁଖେ ଲାଜ ନାହିଁ ଭଲେ ହୋଇ । ଗତ କଥାକୁ ଧଇଲେ କି ଫଳ ମିଳଇ ॥ ମନୋରମା ଏ ପ୍ରକାରେ ମନରେ ଭାବିଲା । ଆପଣାର ବାକସକୁ ବେଗେ ପିଠାଇଲା ॥ ଗଜମୋତି ମାଳା ସବୁ କରିଣ ବାହାର ॥ ଭାଉଜଙ୍କୁ ମାଳେ ମାଳେ ଦେଲା ସେ ସତ୍ୱର ॥ ତାହାଙ୍କ ଗଳାରେ ନେଇ ପିନ୍ଧାଇଣ ଦେଲା । ସେମାନଙ୍କ ମନେ ତହୁଁ ଲାଜ ଉପୁଜିଲା ॥ ତେଣୁକରି ସେମାନଙ୍କ ଶୁଖିଗଲା ମୁଖ ।

ପୂର୍ବରୁ ଦେଇଥିବାରୁ ସେହୁ ନାନାଦୁଃଖ । ଏମନ୍ତ ପ୍ରକାରର ମନୋରମା ଯେ ରହିଲା । ପିତାଙ୍କର ଶ୍ରାଦ୍ଧକାର୍ଯ୍ୟ ଅୟୋଜନ ହେଲା ବହୁତ ଲୋକ ପ୍ରବେଶ ନଗ୍ରରେ ହୋଇଲେ । ନରପତିମାନେ ପୂର୍ବଦନୁ ଅସିଥିଲେ । ମହାରାଷ୍ଟ୍ର ନରପତି ଅନନ୍ଦିତ ହୋଇ । ଶ୍ରାଦ୍ଧର ସକଳ ଦ୍ରବ୍ୟ ସମ୍ପାଦିଲେ ନେଇ । ଭଗବତୀଙ୍କର ପାଦ ସୁମରି ହୃଦରେ । ଲକ୍ଷ୍ମୀଧର ଗର୍ଗବଟୁ କହନ୍ତି ଗୀତରେ ।

---

## ବିକ୍ରମଙ୍କ ଦ୍ୱାରା ମହାରାଷ୍ଟ୍ର ରାଜପୁତ୍ରଙ୍କର ଗର୍ବ ଚୂର୍ଣ୍ଣ

ଏଥିଅନ୍ତେ ଜନେ ଶୁଣ ହୋଇ ହୃଷ୍ଟଚିତ୍ତ । ଏହାଦ୍ୱାରା ମନ ପ୍ରାଣ ହେବ ପୁଲକିତ । ମହାରାଷ୍ଟ୍ର ନବରକୁ ଯେତେ ନୃପବର । ଅସିଥିଲେ ସର୍ବେ ବସି ଏକଇ ସ୍ଥାନରେ । ଅନ୍ୟାନ୍ୟ ଲୋକ ସକଳ ବନ୍ଧୁ ବାନ୍ଧବାଦି । ସମସ୍ତେ ଏକ ସ୍ଥାନରେ ବସିଲେ ପ୍ରସିଦ୍ଧି । ସେ ଦେଶର ରାଜପୁତ୍ର ଏକବିଂଶ ଜଣ । ସେ ସଭାରେ ସମସ୍ତେ ଯେ ମିଳିଲେ ଆସିଣ । ଏଣେ ବିକ୍ରମ ନୃପତି ଭାବିଲେ ମନରେ । ଶ୍ୱଶୁରଙ୍କ ସଦନକୁ ଯିବି ଏହା ଚିତ୍ତେ । ତାଳ ବେତାଳଙ୍କୁ ରାଜ କହିଲେ ବୁଝାଇ । ଶୁଣି ସେ ଦୁହେଁ ଅତ୍ୟନ୍ତ ହରଷିତ ହୋଇ । ଅଶ୍ୱହେଲା ବେତାଳ ଯେ ତାଳ ରକ୍ଷୁ ହେଲା । ଏପରି ଅଶ୍ୱ କାହିଁ ଯେ ଦେଖିବା ନୋହିଲା । ସେ ଅଶ୍ୱ ପୃଷ୍ଠରେ ବସି ବିକ୍ରମ ନରେଶ । ନାନା ଆଭରଣ ହୋଇ ପିନ୍ଧି ରାଜବେଶ । ଶ୍ୱଶୁରଙ୍କ ସଦନକୁ କରିଲେ ଗମନ । ଅଗରେ ଉଡ଼ୁଛି ବୀରବାନା ସୁଯତନ । ଲୌହ ଟମ୍ବଠାକୁ ଘେନିଛନ୍ତି ସଙ୍ଗତରେ । ଶାଳକଙ୍କ ପିରୁ ଚିହ୍ନ ପ୍ରକାଶ ହେତୁର । ପ୍ରବେଶ ହୋଇଲେ ମହାରାଷ୍ଟ୍ର ଦେଶେ ଯାଇଁ । ସମସ୍ତେ ଦେଖିଣ ଅଶ୍ଚର୍ଯ୍ୟ ଭାବକୁ ବହି । ମହାରାଷ୍ଟ୍ର ରାଜସଭା ମଧ୍ୟେ ପ୍ରବେଶିଲେ । ସମସ୍ତେ ଦେଖିଣ ମହା ଅଶ୍ଚର୍ଯ୍ୟ ହୋଇଲେ । ଭାବିଲେ କି ପୁରନ୍ଦର ସ୍ୱର୍ଗରୁ ଅସିଲା । ଏ ସଭାରେ ଅସି ଏବେ

ଉପସ୍ଥିତ ହେଲା । ନୃପତିଗଣେ ଦେଖିଣ ଚିହ୍ନି ନ ପାରିଲେ । ସ୍ୱର୍ଗର ନୃପତି ବୋଲି ମନରେ ଭାବିଲେ । ଭୟକରି କେହି କିଛି ପଚାରି ନ ପାରି । ଥକା ହୋଇଣ ରହିଲେ କାଷ୍ଠ ଶମ୍ଭପରି । ଏହା ଦେଖି ବେତାଳ ଯେ ତାହାଙ୍କୁ କହିଲା । କାହିଁକି ମନରେ ଭୟ କରୁଛ ବୋଇଲା । ଉଜ୍ଜୟିନ ନଗରାଧୀଶ ଅଟନ୍ତି ଯେ ଏହି । ବିକ୍ରମାଦିତ୍ୟ ବୋଲିଣ ନାମ ପ୍ରକାଶଇ । ମହାରାଷ୍ଟ୍ର ରାଜାଙ୍କ ଦୁହିତା ଯେ ଅଟନ୍ତି । ମନୋରମା ବୋଲିଣ ଯାହାଙ୍କ ନାମ ଖ୍ୟାତି । ସ୍ୱୟମ୍ବରେ ଏହାଙ୍କୁ ସେ ବରିଛନ୍ତି ଜାଣ । ଏହାଶୁଣି ଆନନ୍ଦେ ଉଠିଲେ ନୃପଗଣ । ବିକ୍ରମାଦିତ୍ୟଙ୍କ ପାଦେ ବନ୍ଦନା କରିଲେ । ମହାରାଷ୍ଟ୍ର ରାଜା ଆସି ସେଠାରେ ମିଳିଲେ । ସତ୍ୱରେ ବିକ୍ରମ ତାଙ୍କ ପାଦେ ପ୍ରଣମିଲେ । ଶାଳକଗଣେ ଆସିଣ ଅର୍ଘ୍ୟ ନିବେଦିଲେ । ପାଦ ଧୌତ କରାଇଣ ହସ୍ତ ଧରି ନେଲେ । ଯଥା ଯୋଗ୍ୟ ଆସନରେ ନେଇ ବସାଇଲେ ॥ ଦାସୀଗଣେ ଆସି ତାହାଙ୍କର ସେବା କଲେ । ଅଲଟ ଚାମର ଧରି ନିଛୁଳି କଲେ । ନଗର ଲୋକେ ଦେଖି ଆଶ୍ଚର୍ଯ୍ୟ ହୋଇଲେ । ଧନ୍ୟ ମନୋରମା ବୋଲି ପ୍ରଶଂସା କରିଲେ । ଏପରି ସୁନ୍ଦର ସ୍ୱାମୀ ପାଇଲୁ ଯେ ତୁହି । ତିନିପୁରେ ଏହାପରି ନ ଥିବ ଯେ କାହିଁ । ନାରୀମାନେ ଖଣ୍ଡେ ଦୂରୁ ତାଙ୍କୁ ଚାହିଁଦେଇ । ଅନନ୍ଦ ହୋଇଣ ସବେ ହେଲେ ଲୁହାଲୁହି । ମନୋରମା ଏହାଙ୍କୁ ଯେ ବରିଥିଲା ଜାଣି । ସମସ୍ତେ ତାହାଙ୍କୁ ନିନ୍ଦା କଲେ ଅକାରଣ । ଏବେ କୋଟି କନ୍ଦର୍ପର ରୂପ ଦିଶୁଛନ୍ତି । ଏପରି ସୁନ୍ଦର ଜନ ସଂସାରେ ନାହାନ୍ତି । ପୁର ନାରୀଗଣେ ଦେଖି ଧୈର୍ଯ୍ୟ ହରାଇଲେ । ଅତି କାମଲୋଭେ ତାଙ୍କ ନିକଟକୁ ଗଲେ । ସର୍ବାଙ୍ଗେ ପ୍ରେମ ଚିହ୍ନର ଉଠିଲା ତାଙ୍କର । କାମଲୋଭେ କାମିନୀଏ ହେଲେ ଜର ଜର । ମୁଖେ ଚୁମ୍ବନ ଦେବାକୁ ଆଶା ବଳାଇଲେ । କୋଳାଗତ କରିବାକୁ ବାହୁଟେକି

ଗଲେ । ଅଜ୍ଞାନରେ ସର୍ବ ବାଳୀ ହରାଇଲେ ଜ୍ଞାନ । ପୁଣି କେତେକ୍ଷଣ ପରେ ଲଭିଲେ ଚେତନ । ଜାଣିଲେ ଭାମ ବିଭାର ଜଳିଛି ହୃଦରେ । କେଶୁକର ଦୁଃଖିତା ହୋଇଲେ ଲଜ୍ଜାଭରେ । ମନ କଥା କାହା ଆଗେ ନ ପାରିଲେ କହି । ମନରେ ଭାବିଲେ ଗୃହେ ଅବଶ୍ୟକ ନାହିଁ । ଦାସୀ ହୋଇ ଏହାଙ୍କର ଚରଣ ସେବିବା । ଏହାଙ୍କ ଅଙ୍ଗ ସଙ୍ଗ ପାଇ କୃତାର୍ଥ ହୋଇବା । ଗଙ୍ଗାସାଗର ସଙ୍ଗମେ କିବା ପ୍ରୟାଗରେ । ବାସ ଦେଇଥିବ ଯେହୁ ପୂର୍ବ ଜନମରେ । ତାକୁ ବିନା ଏ ପୁରୁଷ ହୋଇବ ପ୍ରାପତ । କହିଲେ କି ହେବ ନାହିଁ ପୂର୍ବର ସୁକୃତ । ଯେଉଁ ନାରୀ ଏହି ପୁରୁଷଙ୍କୁ ପ୍ରାପ୍ତ ହେବ । ସ୍ୱର୍ଗ ସମ୍ପଦକୁ ସେହୁ ତୁଚ୍ଛ କରିଦେବ । ରୂପ ଦେଖି ଏହାଙ୍କର ମତି ଭୁଲିଯିବ । ଏହାଙ୍କ ରୂପ ଲକ୍ଷଣ ବର୍ଣ୍ଣି ନ ହୋଇବ ଏହିପରି କାମେ ବାଇ ହୋଇ ନାରୀଗଣେ । ପ୍ରବେଶ ହୋଇଲେ ଯାଇଁ ଯେ ଯାହା ସଦନେ । ଗୃହ କୃତ୍ୟ କଲେ ସବୁ ବିହ୍ୱଳ ମନରେ । ସ୍ଥିର ନୋହେ ମନ ଭୂତ ଲାଗିବା ପ୍ରକାରେ । କିବା କହୁଛନ୍ତି ଏ ଅନଙ୍ଗ ଭୂତ ଅସି । ରମଣୀମାନଙ୍କ ହୃଦେ ଶୂନ୍ୟରେ ପ୍ରବେଶି । ଏପରି ଉନ୍ମାଦ କରୁଛି କି ସେହି ବାଣ । ନାରୀଏ ଏପରି ଭାବେ ବାହ୍ରା ହେଇଣ । ରନ୍ଧନ କରନ୍ତି ଚିତ୍ତ ନ କରଣି ସ୍ଥିର । ବ୍ୟଞ୍ଜନରେ ଲବଣ ଦେବା ନାହିଁଟି ମନର । ଦୁଗ୍ଧ ସଙ୍ଗ ମତ୍ସ୍ୟ ରାନ୍ଧି କେଉଁ ନାରୀବର । ବ୍ୟଞ୍ଜନ ପାତ୍ରକୁ ନେଇ ରଖି ଦାଣ୍ଡଦ୍ୱାର । ଏମନ୍ତେ ପୁର ନାରୀଏ କରିଲେ କନ୍ଦନ । ଛଳେମାନ କାହାରି ଯେ ନାହିଁ ସ୍ଥିର ମନ । ତେଣେ ବିକ୍ରମ ନୃପତି ଅଛନ୍ତି ସଭାରେ । ମହାରାଷ୍ଟ୍ର ନୃପ ଉଠି ଏହି ସମୟରେ । ବିକ୍ରମଙ୍କୁ ସମ୍ମାନ ଦେଖାଇବା ନିମନ୍ତେ । ମଧୁର ବଚନେ ତାଙ୍କୁ କହିଲେ ତୁରିତେ ॥ ଜାମାତାଗଣେ ଅଛନ୍ତି ଯେତେ ଯେତେ ମୋର । ଜାଣୁଛି ସବୁଙ୍କ ପରେ ତୁମ୍ଭେ ଅଟ

ସାର । ଭାଗ୍ୟକୁ କନ୍ୟା ମୋହର ତୁମ୍ଭଙ୍କୁ ବରଛି । ଜୀବନକୁ ତାର ସୁଖମୟ ସେ କରଛି । ସ୍ୱୟମ୍ବର କାଳେ ଅସ୍ମେ ଛନ୍ଦିନ ପାରଣ । ବହୁ ଅପମାନ କଥା କହୁଅଛୁଁ ପୁଣ । ସେଥିରେ ମୋହର ଦୋଷ ହୋଇଛି ଅପାର । ଦୟା ବହି ସେଥିରୁ ଯେ ମୋତେ କ୍ଷମା କର । ଆଜ ପିତୃଶ୍ରାଦ୍ଧ ଦିନ ହୋଇଛି ମୋହର । ତେଣୁ ନିମନ୍ତ୍ରି ଅଣିଛୁ ଏତେ ନୃପବର । ଇଚ୍ଛାସୁଖେ ଏଥେ ଆସିଥିବାରୁ ଆପଣ । ତେଣୁ ବହୁତ ଆନନ୍ଦ ହେଉଅଛି ମନ । ଏହା ଶୁଣି ବିକ୍ରମ ଯେ ବୋଇଲେ ତକ୍ଷଣ । ଏ କାରଣୁ ତୁମ୍ଭ ଗୃହେ ଆସି ନାହିଁ ଜାଣ । ମନରେ କୌଣସି ଦୁଃଖ ତଳେମାତ୍ର ନାହିଁ । ମୋର ଭୃତ୍ୟଗଣେ ଆସି ଅଛନ୍ତି ଏଠାଇଁ । ସେମାନଙ୍କୁ ଦେଖିବା ନିମନ୍ତେ ଆସିଅଛୁ । ଆଉ କେଉଁ କଥାମାନ ନ ଜାଣେ ମୁଁ କିଛି । ଏହା ଶୁଣି ମହାରାଷ୍ଟ୍ର ନୃପତି ବୋଇଲେ । କେଉଁ ଭୃତ୍ୟ ଅଛି ଜାଣି ନ ପାରେ ମୁଁ ଭଲେ । ଶୁଣି ବିକ୍ରମ ରାଜନ ଅଙ୍ଗୁଳି ଦେଖାଇ । ଶାଳକମାନଙ୍କୁ ତହିଁ ଦେଲେ ଯେ ଦେଖାଇ । ଶୁଣି ମହାରାଷ୍ଟ୍ର ନୃପ ବିସ୍ମୟ ହୋଇଲେ । ମୋ ପୁତ୍ରେ ତୁମ୍ଭର ଭୃତ୍ୟ କହ କି ପ୍ରକାରେ । ଶୁଣି ବିକ୍ରମ ବୋଇଲେ ତୁମ୍ଭ ପୁତ୍ରମାନେ । ମୋର ଭୃତ୍ୟ ଅଟନ୍ତି ଯେ କହିଲେ ସେମାନେ । ଚିହ୍ନ ଦେଇଅଛି ମୁହିଁ ଦେହରେ ତାଙ୍କର । ଭୁଲିଇ ପାରିବେ ନାହିଁ ଥିବେ ଯେତେ କାଳ । ତାହା ଶୁଣି ମହାରାଷ୍ଟ୍ର ନୃପତି ବୋଇଲେ । କି ଚିହ୍ନ ଦେଇଛ କହ ତାହାଙ୍କ ଦେହରେ । ଅବର ଦେଖାଇ ଦିଅ କରିବା ବିଶ୍ୱାସ । ଶୁଣି ପୁତ୍ରମାନଙ୍କର ଉଡ଼ିଲା ସାହସ । ଭାବିଲେ ତପସ୍ୱୀ ରୂପ ହୋଇଥିଲେ ଏହି । ଅମ୍ଭମାନଙ୍କ ପିଠିରେ ଲୌହ ଦାଗଦେଇ । ମୃଗ ଚୋଟି ଦେଇଥିଲେ ଢେଙ୍କଣି ଆସିଲୁ । ଏତେବେଳେ ମହାଅଡୁଆରେ ଯେ ପଡ଼ିଲୁ । ଏଥିରୁ କେମନ୍ତେ ଅସ୍ମେ ଲଭିବା ନିସ୍ତାର ।

ନୋହିଲେ ନିଷ୍ଟୟ ଲଜ୍ଜା ପାଇବା ଅପାର ॥ ରାଜପୁତ୍ରଗଣେ ଏହା
ଶୁଣିକରି ତହିଁ । ସମସ୍ତେ ମୌନେ ବସିଲେ ତଳମୁଖ ହୋଇ ॥
ବିକ୍ରମ ବୋଇଲେ ଏବେ ଦେଖାଇଲେ ଚିହ୍ନ । ମନରେ ବିଶ୍ବାସ
ତେଣୁ ଯିବେଟି ଅପଣ ॥ ଏହା କହି ତାଳ ବେତାଳଙ୍କୁ ସେ
ଡାକିଲେ । ଶାଳକମାନଙ୍କୁ ବେଗେ ଅଣ ରେ ବୋଇଲେ ॥
ସେମାନଙ୍କ ପିଠିରୁ ଯେ କାଢ଼ିଣ ବସନ । ଦେଖନ୍ତୁ ଅଛି କି ନାହିଁ
ତମ୍ଭୁଠାର ଚିହ୍ନ ॥ ସଭାରେ ଯେତେକ ଜନ ଅଛନ୍ତି ଅବର ॥
ସମସ୍ତଙ୍କ ନେତ୍ର ତାହା ନୟନ ଗୋଚର ॥ ଏହା ଶୁଣିକରି ତାଳ
ବେତାଳ ଯେ ଗଲେ । ରାଜପୁତ୍ରମାନଙ୍କୁ ସେ ସଭାକୁ ଆଣିଲେ ॥
ସେମାନଙ୍କ ପିଠିରୁ ଯେ କାଢ଼ିଲେ ବସନ । ଦେଖିଲେ ଅଛି
ସେଠାରେ ପୋଡ଼ା ଚିହ୍ନମାନ ॥ ସଭାରେ ଯେତେକ ଜନ ଥିଲେ
ସେ ବେଳରେ । ଏହା ଦେଖି ସମସ୍ତେ ଯେ କଦେଇ ହାସ୍ୟକଲେ ॥
ରାଜପୁତ୍ରଙ୍କୁ ବିଶେଷେ ଲଜ୍ଜା ଯେ ହୋଇଲା । ମହାରାଷ୍ଟ୍ର ନୃପତି ଯେ
ସେ କଥା ଦେଖିଲା ॥ ବିକ୍ରମନୃପ ବୋଇଲେ ସମସ୍ତେ ଦେଖିଲ ।
ମୋ କଥା ସତ କି ମିଛ ବୋଲି ଭାବୁଥିଲ ॥ ବିକ୍ରମଙ୍କ ଏମନ୍ତ
କଥାକୁ ସର୍ବେ ଶୁଣି । ଧନ୍ୟ ଧନ୍ୟ କହି ତାଙ୍କୁ ପ୍ରଣମିଲେ ପୁଣି ॥
ମହାରାଷ୍ଟ୍ର ନୃପ ବିକ୍ରମଙ୍କୁ ପଚାରିଲେ । ମୋ ପୁତ୍ରୀ ତୁମ୍ଭର ଭାର୍ଯ୍ୟା
ହେଲେ କି ପ୍ରକାରେ ॥ ଏ କଥା ଘଟଣା ହେଲା କହ
କେଉଁଠାରେ । ଶୁଣିଣ ବିକ୍ରମ ତାଙ୍କୁ କହନ୍ତି ସତ୍ବରେ ॥ ଯେଉଁ
ପରକାରେ ମୃଗ ମାରି ଆଣିଥିଲେ । ପୋଡ଼ାଦାଗ ଦେଲେ ଯେତେକେ
ସନ୍ନ୍ୟାସୀ ରୂପରେ ॥ ସକଳ କଥା ବିସ୍ତାର କରିଣ କହିଲେ ॥
ଶୁଣି ମହାରାଷ୍ଟ୍ର ନୃପ ହରଷ ହୋଇଲେ ॥ ବୋଇଲେ ତୁମ୍ଭେ
ମୋହର ଜାମାତା ଯେ ଅଟ । ସବୁ ଜାମାତାଙ୍କ ପରେ ତୁମ୍ଭେ
ବିଶେଷ ଶ୍ରେଷ୍ଠ ॥ ଅମ୍ଭ କନ୍ୟା ପୂର୍ବେ କେତେ ତପ କରିଥିଲା ।
ସ୍ବାମୀରୂପେ ତୁମ୍ଭଙ୍କୁ ଯେ ସେ ପୁଣି ପାଇଲା ॥ ଧନ୍ୟ ମୋର ଭାଗ୍ୟ

ଏବେ ତୁମ୍ଭଙ୍କୁ ଦେଖିଲି । ପୂର୍ବ ତପସ୍ୟା ବଳରୁ ତୁମ୍ଭଙ୍କୁ ପାଇଲି ॥ ବିକ୍ରମ ବୋଲନ୍ତି ତୁମ୍ଭେ ମୋର ଗୁରୁଜନ । ତୁମ୍ଭଙ୍କୁ ସେ କଥା କହୁ ନାହେଁ ମୁଁ ଭାଜନ ॥ ପରିହାସ ପଣେ ଶାଳକମାନଙ୍କୁ ମୋର । ଚିମୁଟା ଭିଡାଇ ଦାଗ ଦେଲି ସେ ବେଳର ॥ ଏଥିରେ ଦୋଷ ମୋହର କ୍ଷମା ଯେ କରିବ । ମନରେ ଶୋଚନା ଥିଲେ ତାହା ଉପେକ୍ଷିବ ॥ ମହାରାଷ୍ଟ୍ର ନୃପ ତାଙ୍କୁ ବୁଝାଇ କହିଲେ । ଏ କଥାରେ ମନେ କଷ୍ଟ ନାହିଁ ମୋର ଭଲେ । ଏହିପରି ଭାବେ ଶ୍ୱଶୁରଙ୍କ ସଙ୍ଗତରେ । ବିକ୍ରମ ନୃପ କଥୋପକଥନ ଯେ ହେଲେ ॥ ଶ୍ରାନ୍ତ କ୍ଲାନ୍ତ ଭୁଞ୍ଜିଣ ଯେ ନୃପତି ସକଳ । ଆନନ୍ଦ ମନରେ ଚଳିଗଲେ ଯେଝା ପୁର ॥ ଶ୍ୱଶୁରଙ୍କ ଭବନରେ ବିକ୍ରମ ରାଜନ । ଆନନ୍ଦ ଭାବେ ରହିଲେ ଥିର କରି ମନ । ନିଜ ପତ୍ନୀ ମନୋରମା ରହିଲା ସେଠାରେ । ଲକ୍ଷ୍ମୀଧର ଗର୍ଗବନ୍ଧୁ କହିଲେ ଗୀତରେ ॥

## ପତ୍ନୀସହ ବିକ୍ରମଙ୍କ ନିଜ ରାଜ୍ୟରେ ପ୍ରବେଶ ଓ ଶୁକପକ୍ଷୀ ଲାଭ

ସୁଜ୍ଞଜନମାନେ ଏବେ ଶୁଣ ଦେଇ ମନ । ଶ୍ୱଶୁରଙ୍କ ସଦନରେ ବିକ୍ରମ ରାଜନ । ପତ୍ନୀ ମନୋରମା ସହ ଆନନ୍ଦ ମନରେ ॥ ବାସ କରି ରହିଲେ ଯେ ନିଶି ଦିବସରେ ॥ ଏହିପରି ଭାବେ କେତେଦିନ ବହିଗଲା । ନିଜ ରାଜ୍ୟ ଯିବାପାଇଁ ମନ ଯେ ବଳିଲା ॥ ଶ୍ୱଶୁରଙ୍କୁ ବିକ୍ରମ ଯେ ଏ କଥା କହିଲେ । ଶୁଣି ମହାରାଷ୍ଟ୍ର ନୃପ ହରଷ ହୋଇଲେ ॥ ଗଜ ଅଶ୍ୱ ରଥ ଯେ ବିବିଧ ଯାନରତ୍ନ । ସନ୍ତୋଷେ ଯୌତୁକମାନ ଦେଲେ କରି ଯତ୍ନ ॥ ଦାସ ଦାସୀଗଣ ସଙ୍ଗେ ଦେଲେ ପଠାଇ । ଯାହା ଯଉତୁକ ଦେଲେ କଳନା ନୋହାଇ ॥ ବିଦାୟ ମାଗି ବିକ୍ରମ ହୋଇଲେ ବାହାର । ମନୋରମା

ଅଛନ୍ତି ଯେ ସଙ୍ଗରେ ତାଙ୍କର । ବହୁତ ସମ୍ଭ୍ରମେ ସେଠାରୁ ଚାଲିଗଲେ । ଅପଣାର ରାଜ୍ୟ ଆସି ପ୍ରବେଶ ହୋଇଲେ ॥ ରାଜ୍ୟ ଆସିବା ଦେଖି ରାଜ୍ୟ ପ୍ରଜାଗଣେ । ବାଟରୁ ପାଛୋଟି ନେଲେ ଆସିଣ ବହନେ । ରାଜା ରାଣୀ ଦୁହିଙ୍କୁ ସେ ଭିତରକୁ ନେଲେ । ଅନ୍ତଃପୁରେ ମନୋରମା ସୁଖରେ ରହିଲେ ॥ ସିଂହାସନ ପରେ ବିଜେ କରିଲେ ନୃପତି । ଦେଖି ସମସ୍ତଙ୍କ ମନ ହୋଇଲା ତୃପତି ॥ ପ୍ରଜାଗଣେ କରଯୋଡ଼ି ଆଗେ ଜଣାଇଲେ । ଆଜ୍ଞା ଏ ମହାରାଜା ଥିଲ କେଉଁଠାରେ ॥ ତୁମ୍ଭେ ନ ଥିବାରୁ ରାଜ୍ୟ ନଷ୍ଟଭ୍ରଷ୍ଟ ହେଲା । ଆରର ଦେଶରୁ ଆମ୍ଭ ଶିରୀ ତୁଟିଗଲା । ତେଣୁକରି ନାନାକଷ୍ଟ ଆମ୍ଭ ଭୋଗ କଲୁଁ । ବରଷା ନୋହିଲା ପୁଣି କେଉଁ କାରଣରୁ । ଶସ୍ୟମାନେ ଜଳିଗଲେ ସୂର୍ଯ୍ୟ କିରଣରେ । ରୋଗ ବ୍ୟାଧିମାନ ପ୍ରବେଶିଲା ଘରେ ଘରେ ॥ ଶୁଷ୍କ ହୋଇଗଲେ ତେଣୁ ଜଳାଶୟମାନ । ଜଳହୀନ ଲଭିଲୁଁ ଯେ ବହୁତ କଷଣ । ଖାଦ୍ୟ ଅଭାବରେ ସଦା କ୍ଷୁଧାରେ ଆକୁଳ । ଗ୍ରାମେ ଗ୍ରାମେ ଚୋରଭୟ ହୋଇଲା ପ୍ରବଳ । ନାନା ଉତପାତ ପୁଣି ଦେଶରେ ଘଟିଲା । ଅକସ୍ମାତ ଅଗ୍ନି ଉଠି ଗୃହକୁ ଜାଳିଲା । ଦୁର୍ଭିକ୍ଷ ମଡ଼କ ଆଦି ଯେତେକ ଅମଙ୍ଗଳ । ଦେଶରେ ଘଟିଲା ଆସି ଜାଣ ସେ ସକଳ । ଆମ୍ଭ ଦୁଃଖ କଷ୍ଟ ଯେତେ କେହୁ ବା ଶୁଣିବ । କି କହିବୁ ମହାରାଜା ସେହୁ କଥାସବୁ । ଆପଣଙ୍କ ଆଗମନ ହେତୁ ଆଜ୍ଞା ପୁଣି । ଆନନ୍ଦ ହୋଇଲା ଆମ୍ଭର ଯେ ମନ ପ୍ରାଣ । ପ୍ରଜାଙ୍କ ମୁଖରୁ ବିକ୍ରମ ଏହି କଥା ଶୁଣି । ସାନ୍ତ୍ୱନା କରିଣ ତାଙ୍କୁ କହୁଛନ୍ତି ବାଣୀ । ମନରୁ ସକଳ ଚିନ୍ତା ସବୁ ତ୍ୟାଗ କର । ବିପଦ ନିମନ୍ତେ ଆଉ ନ ହୁଅ କାତର । ଏହି ସମୟରେ ଆସି ଭାଟ ବନ୍ଦୀଗଣ । ବିକ୍ରମଙ୍କ କୀର୍ତ୍ତି ମୁଖେ କରି ଉଚ୍ଚାରଣ । ରାଜାଙ୍କ ଆଗରେ ଆସି ବହୁସ୍ତୁତି କଲେ । ବ୍ରାହ୍ମଣମାନେ ଆସିଣ ନାରାୟ

ପଢ଼ିଲେ ॥ ମଙ୍ଗଳଅଷ୍ଟକ ଗାନ କଲେ ଜଗତପେ । ଏହିରୂପେ
ସର୍ବେ ଆସି ବିକ୍ରମଙ୍କ ପାଶେ ॥ ଯେ ଯାହାର କାର୍ଯ୍ୟ ପୂର୍ବୁ ଥିଲା
ଯେଉଁପରି । ସେହି ଦିନଠାରୁ କାର୍ଯ୍ୟ କଲେ ସେହିପରି ॥
ଦେବାଳୟମାନଙ୍କରେ ପୂର୍ବ ପରକାରେ । ପୂଜାବିଧି କରାଗଲା
ରାଜାଙ୍କ ଆଜ୍ଞାରେ ॥ ପୂର୍ବ ପ୍ରାୟେ ରାଜାହୋଇ ବିକ୍ରମ ନରେଶ ॥
ସିଂହାସନେ ବସି ପାଳିଲେ ଯେ ନିଜ ଦେଶ ॥ ନବରତ୍ନ ପଣ୍ଡିତେ
ଯେ ଆସି ପ୍ରବେଶିଲେ । ବିକ୍ରମାଦିତ୍ୟ ରାଜାଙ୍କ ସଭାରେ ବସିଲେ ॥
ନିଜ ନିଜ କାର୍ଯ୍ୟ ସେହୁ କରି ବିଧିମତେ । ସ୍ୱର୍ଣ୍ଣ ରୌପ୍ୟ ଅଳଙ୍କାର
ନେଲେ ତୋଷ ଚିତ୍ତେ ॥ ହୋମ ଦାନ ଆଦି ପୁଣ୍ୟକାର୍ଯ୍ୟ
କରାଇଲେ । ପାପ ବିନାଶିବା ପାଇଁ ପ୍ରାୟଶ୍ଚିତ୍ତ କଲେ ॥ ସ୍ଥାନେ
ସ୍ଥାନେ ଗୀତ ନୃତ୍ୟ ମହୋତ୍ସବ ହେଲା । ପ୍ରଜାମାନଙ୍କର ମନ
ତୋଷରେ ରହିଲା ॥ ଏହିରୂପେ କେତେ ଦିନ ଭୋଗ ହୋଇଗଲା ।
ମୃଗୟା ନିମନ୍ତେ ବିକ୍ରମଙ୍କ ମନ ଗଲା । ସୈନ୍ୟମାନଙ୍କୁ ଆଦେଶ
ଦେଲେ ସେହିକ୍ଷଣି । ଅସ୍ତ୍ର ଶସ୍ତ୍ର ଧରି ସେହୁ ଆସିଲେ ବହନି ॥
ନିଜେ ବିକ୍ରମ ନୃପତି ହୋଇ ବୀରବେଶ । ଅଶ୍ୱପୃଷ୍ଠେ ଆରୋହଣ
କଲେ ହୋଇ ତୋଷ ॥ ଧନୁ ଧରି ସେନାଙ୍କର ମଧ୍ୟେ ବିଜେ
କଲେ । ଆଗେ ପଛେ ସେନା ସେନାପତିଏ ଗମିଲେ ॥ ନାନା
ବାଦ୍ୟ ବଜାଇ ଚଳିଲେ ବେଗ ହୋଇ । ଅରଣ୍ୟ ମଧ୍ୟରେ ସର୍ବେ
ପ୍ରବେଶିଲେ ଯାଇଁ ॥ ହରିଣ ଶାର୍ଦ୍ଦୂଳ ଗଣ୍ଡା ଶମ୍ବର ଗବୟ ।
ବହୁଜୀବ ନାଶ କଲେ ହୋଇଣ ନିର୍ଭୟ ॥ ଯେଉଁ ପଶୁକୁ ବିନ୍ଧନ୍ତି
ବିକ୍ରମ ଯେ ଶର । ନିଶ୍ଚେ ସେ ପଶୁ ତହିଁରେ ପଡ଼ଇ ନିକର ॥
ବ୍ୟର୍ଥ ନ ହୁଅଇ କେବେ ତାହାଙ୍କର ବାଣ । ବହୁତ ମୃଗଙ୍କୁ
ପୁଣି କରିଲେ ନିଧନ ॥ ତାହାଙ୍କ ମଧ୍ୟରୁ ଏକ ମୃଗ ଭୟୁ କଷ୍ଟ ॥
ପଳାଇଣ ଗଲା ତାକୁ ନ ପାରିଲେ ମାରି ॥ ସେ ମୃଗର ପଛେ
ପଛେ ବିକ୍ରମ ଚଳିଲେ । ଅନେକ ପ୍ରକାରେ ବାଣ ତାକୁ

ନିକ୍ଷେପିଲେ । ଗୋଟିଏ ବାଣ ତାହାର ଦେହେ ନ ବାଜିଲା ।
ବିକ୍ରମାଦିତ୍ୟଙ୍କ ବାଣ ବ୍ୟର୍ଥ ହୋଇଗଲା ॥ ଏମନ୍ତେ ବହୁତ ପଥ
ରାଜା ଗଲେ ଚାଲି । ନିରସ ହୋଇଣ ରାଜା ମନେ ମନେ ଭାଳି ॥
ମୃଗ ନୁହେଁ ଏ କେବଣ ରାକ୍ଷସ ଅଟଇ । ଏତେ ପଥ ଆଣିଲାଣି
ମୋତେ ସେ ଭୁଲାଇ ॥ ସୈନ୍ୟଙ୍କର ମଧ୍ୟୁ ମୁହିଁ ଆସିଲି ବାହାରି ।
ଏ ରାକ୍ଷସ ଆଣିଅଛି ନିଶ୍ଚେ ମାୟାକରି ॥ ନିଶ୍ଚେ ଯାକୁ ବଧିବି ମୁଁ
ଯାହା ହେଲେ ହେଉ । ନୋହିଲେ ଯା ହାତେ ମୋର ପ୍ରାଣ
ଛାଡ଼ିଯାଉ ॥ କଦାପି ଛାଡ଼ିବି ନାହିଁ ଯାକୁ ଜୀବନରେ । ନୃପତି
ଗୋଡ଼ାଇଛନ୍ତି ସେ ମୃଗ ପଛରେ ॥ ଏମନ୍ତେ ସନ୍ଧ୍ୟା ସମୟ ହେଲା
ଉପସ୍ଥିତ । ମନେ ବିଚାରିଲେ ସେ ବିକ୍ରମ ନରନାଥ ॥ ସୈନ୍ୟ-
ମାନଙ୍କୁ ବହୁତ ଦୂରେ ଛାଡ଼ି ଆସି । ଏ ଘୋର ଅରଣ୍ୟ ମଧ୍ୟେ
ଅଛି ମୁହିଁ ପଶି ॥ ଜାଣୁ ଜାଣୁ ବିପଦକୁ ବରଣ କରଇ ।
କେଣିକି ଏବେ ଏଠାରୁ ନ ପାରିବି ଯାଇ ॥ ଏହୁ ବୃକ୍ଷମୂଳେ ଆଜି
ଜାଗ୍ରତେ ରହିବି । କୌଣସି ପ୍ରକାରେ ନିଶି ଗୋଟି କଟାଇବି ।
ମନେ ଏହୁକଥା ଭାବି ବିକ୍ରମ ରାଜନ । ଏକ ଶିଂଶପା ବୃକ୍ଷର
ମୂଳରେ ବହନ ॥ ଧନୁଶର ଥୋଇଦେଇ ବସିଲେ ସେଠାରେ ।
ରଜନୀ ପ୍ରବେଶ ହେଲା ସେହୁ ସମୟରେ ॥ ସେ ବୃକ୍ଷରେ ଶୁକ ସାରୀ
ବସା କରିଥାନ୍ତି । ଦିନବେଳେ ଚରି ବୁଲି ବାହାରକୁ ଯାନ୍ତି ॥
ସେ ଦିନ ମଧ୍ୟ ସେପରି ଚରି ଯାଇଥିଲେ । ରାତି ହୋଇ ଆସିବାରୁ
ବସାକୁ ଆସିଲେ ॥ ସେ ପକ୍ଷୀ ପକ୍ଷିଣୀ ଦୁହେଁ ନାନା ପରକାରେ ।
କଥୋପକଥନ ହେଲେ ତହିଁ ପରସ୍ପରେ ॥ ଏମନ୍ତେ ରଜନୀ ଅଧ
ଅର୍ଦ୍ଧ ଯେ ହୋଇଲା । ଦଇବେ ସେ ସାରୀଗୋଟି ତଳକୁ ଚାହିଁଲା ॥
ଦେଖିଲା ଏକ ପୁରୁଷ ସେ ବୃକ୍ଷ ମୂଳରେ । ଧନୁ ଧରି ବସିଅଛି
ଜାଣିଲା ସେ ଭଲେ ॥ ବିସ୍ମୟ ମନରେ ଶୁକକୁ ସେ ପଚାରିଲା ।
ଅହେ ନାଥ ମୋର ମନେ ସନ୍ଦେହ ଜନ୍ମିଲା । ଏ ବୃକ୍ଷ ମୂଳରେ

ଏକ ବ୍ୟକ୍ତି ବସିଅଛୁ । ଧନୁଶର ମଧ୍ୟ ତାର ହାତରେ ରହିଛୁ । କେତେଣସି ଧନ ତ ନ ଦେଖୁଁ ଏହୁପର । କିଏ ସେ ବସିଛୁ ହସ୍ତେ ଧନୁଶର ଧର । ଏହା ଶୁଣି ଶୁକ କହେ ପ୍ରାଣ ପ୍ରିୟା ଶୁଣ । ବୃକ୍ଷମୂଳେ ବସିଛନ୍ତି ବିକ୍ରମ ରାଜନ । ଯାହାଙ୍କୁ ବିକ୍ରମାଦିତ୍ୟ ବୋଲିଣ ବୋଲନ୍ତି । ପଣ୍ଡିତ ପଣରେ ସେ ଯେ ଯେହ୍ନେ ବୃହସ୍ପତି । ଯୁଧିଷ୍ଠିରଙ୍କ ସମାନେ ଅତି ଧର୍ମବନ୍ତ । ଅନ୍ୟାୟ ବର୍ତ୍ତିର ଯାଙ୍କ ନାହିଁ ତିଳେ ମାତ୍ର । ପ୍ରଜାଙ୍କୁ ପାଳନ୍ତି ଏହୁ ମଣ୍ଡଳ ପର୍ଯ୍ୟ । ସମୁଦ୍ର ତୁଲ୍ୟ ଗମ୍ଭୀର ଏହାଙ୍କ ହୃଦୟ । ଧନପତି ସମାନରେ ଧନୀ ଏ ଅଟନ୍ତି । ମେରୁ ସମ ଧଇର୍ଯ୍ୟରେ ସଦା ଶୋଭା ପାନ୍ତି । ଫଳବନ୍ତ ତରୁପ୍ରାୟେ ଅଟନ୍ତି ବିନୟୀ । ଦେବ ବିପ୍ର ସେବା ନୀତି କରନ୍ତି ଯେ ଏହି । ଦୁଷ୍ଟଙ୍କୁ ଦଣ୍ଡନ୍ତି ଯେହ୍ନେ ସ୍ୱୟଂ ଦଣ୍ଡଧର । ଯାଙ୍କ ବାସସ୍ଥାନ ଅଟେ ଉଜ୍ଜୟିନୀ ନଗର । ଦାନ ଯଜ୍ଞ ମହୋତ୍ସବ କରନ୍ତି ବହୁତ । ସସାଗରା ଧରାରେ ଅଟନ୍ତି ନରନାଥ । ସବୁ ଲକ୍ଷଣରେ ଏ ଅଟନ୍ତି ପରିପୂର୍ଣ୍ଣ । ଯାଙ୍କ ଯଶ କାହିଁ କର ନୋହିବ ବର୍ଣ୍ଣନ । କିନ୍ତୁ ନିକଟରେ ଭଲ ମନ୍ତ୍ରୀ ଯେ ନାହାନ୍ତି । ନବରତ୍ନ ପଣ୍ଡିତଙ୍କୁ ସଭାରେ ବସାନ୍ତି । ମନ୍ତ୍ରୀ ନ ଥିବାରୁ କେତେ କାର୍ଯ୍ୟ ଏହଙ୍କର । ଅସୁବିଧା ଘଟୁଅଛୁ ଜାଣ ନିରନ୍ତର । ମନ୍ତ୍ରୀ ପଦ ଦେଇ ଯେବେ ରଖନ୍ତେ ସେ ମୋତେ । ତାହାଙ୍କୁ ବିପଦ ନ ପଡନ୍ତା କଦାଚିତେ । ଭବିଷ୍ୟତ କଥା ଜାଣି ତାହାଙ୍କୁ କହନ୍ତି । ଯଶ ଧନ ଗଉରବ ଅଧିକ ଯେ ବଢ଼ାନ୍ତି । ସହଜେ ମୁଁ ପକ୍ଷୀ ଜନ୍ତୁ ହୋଇବାରୁ ଜାଣି । ମୋ ପରେ ବିଶ୍ୱାସ ଯିବେ କି ନ ଯିବେ ପୁଣି । ଏହା ଶୁଣି ସାରୀ କହେ ଶୁକକୁ ବୁଝାଇ । ପର ଉପକାର କଲେ ସ୍ୱର୍ଗେ ବାସ ପାଇ । ଜୀବ ଥିବା ଯାଏ ଯଶ ପ୍ରଶଂସା ଯେ ପାଏ । ପର ଉପକାର କର୍ମେ କହୁ ଧର୍ମ ହୁଏ । ଯାଅ ନାଥ ସେ ରାଜାଙ୍କ ମନ୍ତ୍ରୀ ତୁମ୍ଭେ ହୁଅ । ଭଲ ମନ୍ଦ କଥା ଜାଣି ତାଙ୍କୁ କହୁଥାଅ । ଧର୍ମ କର୍ମ ଲୋକ ନାମ

ଆଏ କାଳେ କାଳେ । ଏ କଥା ଶୁଣିଣ ଶୁକ ବୋଲଇ ସତ୍ୱରେ ।
ଜାଣିଲିରେ ପିୟୂଷହୁ ତୋର କଥାମାନ । ଅନ୍ୟ କାହା
ସଙ୍ଗତରେ ବଳାଇଲୁ ମନ । ଗୁପ୍ତ ପୀରତି କାହା ସଙ୍ଗରେ
କରିବୁ । ମୋରଠାରୁ ତୁହି ଏତେବ ସ୍ନେହ ଉପେକ୍ଷିବୁ । ନୋହିଲେ
ଏପରି କଥା କହନ୍ତୁ କି ତୁହି । ଜାଣିଲିରେ ସହୁ ତୋର ମନ
କଥା ମୁହିଁ । ଶୁକ ମୁଖୁଁ ସାରୀ ଏହି କଥାକୁ ଶୁଣିଲା । ଥକ୍‌କାହୋଇ
ଧର୍ମ ଧର୍ମ ବୋଲିଣ କହିଲା । ଥଜ୍ଞ କି କଳଙ୍କ ଅଣି ଲଗାଅ
ମୋଠାରେ । ତୁମ୍ଭ ବିନୁ ନାଥ ମୁହିଁ ନ ଜାଣେ କାହାରେ । ଏମନ୍ତ
କହିଣ ସାରୀ ହେଲା ମୂର୍ଚ୍ଛାଗତ । ଜଳ ଅଣି ମୁଖେ ଶୁକ ସିଞ୍ଚିଲା
ତୁରିତ । କଛୁକ୍ଷଣରେ ସାରୀର ମୂର୍ଚ୍ଛା ଭଙ୍ଗ ହେଲା । କୋଳେ
ବସାଇଣି ଶୁକ ଚେତା କରାଇଲା । ସାରୀକି ବୋଲଇ ଶୁକ ଶୁଣରେ
ପ୍ରେୟସି । ତୋ ମନ ବୁଝିବା ପାଇଁ କହୁଥିଲି ହସି । ସତୀ ପଣେ
ଶ୍ରେଷ୍ଠା ତୁହି ଅଟୁ ଅଟେ ସହି । ମନ ବୁଝିବାକୁ ଖାଲି କହୁଥିଲି
ମୁହିଁ । ସେ କଥାରେ ମନେ ଦୁଃଖ କଦାପି ନ କର । ଜୀବ
ଥିବାଯାଏ ମୁହିଁ ତୋର ତୁହି ମୋର । ଯାଉଛୁ ସେ ରାଜାଙ୍କର
ମନ୍ତ୍ରୀ ମୁଁ ହୋଇଣି । ନୀତି ଶିକ୍ଷା ଦେବି ତାଙ୍କୁ ମୁହିଁ କିଛୁଦିନ ।
ତା ପରେ ଆସିବା ଫେର ନିକଟକୁ ତୋର । ଏ କଥାକୁ ମନରେ
ତୁ ସଂଶୟ ନ କର । ଏହିପରି ଭାବେ ସେହି ବୃକ୍ଷର ଉପରେ ।
ଶୁକ ସାରୀ ଦୁହେଁ ଥାଇ କଥା ବାର୍ତ୍ତା ହେଲେ । ସେ ବୃକ୍ଷ ମୂଳରେ
ଥାଇ ବିକ୍ରମ ରାଜନ । ତାହାଙ୍କର କଥା ସବୁ ଥିଲେ ଯେ ଶୁଣିଣ ।
ରାତ୍ରି ପାହି ପ୍ରଭାତ ଯେ ହେବା ସମୟକୁ । ବିକ୍ରମ ତାଙ୍କ କହିଲେ
ସତ୍ୱରେ ଶୁକକୁ । ଅହେ ଶୁକ ଯେତେ କଥା ତୁମ୍ଭ ଦୁହିଙ୍କର ।
ଏହି ରାତ୍ରିରେ ଶୁଣିଛୁ ମୁହିଁ ତା ସକଳ । ଆଉ କିଛୁ କହିବାରେ
ନାହିଁ ପ୍ରୟୋଜନ । ମୋ ସଙ୍ଗରେ ଆସ ଏବେ ପିଚାଟି ବନ୍ଧନ ।
ପ୍ରଧାନ ମନ୍ତ୍ରୀ ମୋହର ତୁମ୍ଭେଟି ହୋଇବ । ଜାଣଚି ତମ୍ଭଯୋଗେ

ମୋ ଶୁଭ ପ୍ରକାଶିବ । ଅର୍ପଣ କରିବି ତୁମ୍ଭ କରେ ରାଜ୍ୟଭାର ଅଙ୍କଠାରୁ ମନ୍ତ୍ରୀ ତୁମ୍ଭେ ହୋଇଲ ନିକର । ନୃପତିଙ୍କ ମୁଖୁଁ ଶୁକ ଏହି କଥା ଶୁଣି । ଆନନ୍ଦ ମନରେ ତାଙ୍କୁ କହୁଅଛି ବାଣୀ । ଅହେ। ନୃପ । ଏକ କଥା କହିବି ଯେ ମୁହିଁ । ମନ୍ତ୍ରୀ ଭାବେ ତୁମ୍ଭର ସଭାରେ ଥିବି ରହି ॥ କେତେବେଳେ ମୋତେ ବନ୍ଦକରି ନ ରଖିବ । ଇଚ୍ଛାମତେ ବୁଲୁଥିବି ତୁମ୍ଭେ ତା ଦେଖିବ । ତୁମ୍ଭର ହିତ ସାଧନ କରିବା ନିମନ୍ତେ । ଖୋଲା ଭାବେ ରହିଥିବି ଇଚ୍ଛା ଅନୁମତେ । ଏ କଥା ଯଦ୍ୟପି ସତ୍ୟ କରଣ କହିବ । ତେବେ ମୋର ମନ ସିନା ଆନନ୍ଦ ହୋଇବ । ଶୁକମୁଖୁଁ ଏହି କଥା ବିକ୍ରମ ଶୁଣିଲେ । ଯାହା କହିଲ ତାହା ମୁଁ କରିବି ବୋଇଲେ । ଏ ମୋହର ସତ୍ୟ ବାକ୍ୟ ଅନ୍ୟଥା ନୋହିବ । ତୁମ୍ଭ ଇଚ୍ଛା ମତେ ତୁମ୍ଭେ ମୋ ପୁରେ ରହିବ । ରାଜାଙ୍କର ସତ୍ୟ ବାକ୍ୟ ଶୁକ ଯେ ଶୁଣିଲା । ବୃକ୍ଷରୁ ଆସି ତାହାଙ୍କ ହସ୍ତରେ ବସିଲା । ବୋଇଲା ନିଜ ନଗରେ ଚଳ ହେ। ନୃପତି । ଶୁଣ ବିକ୍ରମ ନରେଶ ତୋଷ କରି ମତି । ଅଶ୍ୱ ପୃଷ୍ଠେ ବସି ନିଜ ରାଜ୍ୟକୁ ଫେରିଲେ । ପ୍ରଧାନ ମନ୍ତ୍ରୀ କରଣ ଶୁକକୁ ରଖିଲେ । ବହୁତ ଶ୍ରଦ୍ଧା ତାହାକୁ କରନ୍ତି ରାଜନ । ଉତ୍ତମ ସୁମିଷ୍ଟ ଫଳ କରାନ୍ତି ଭୋଜନ । ଶୁକକୁ ପଚାରି ସବୁକାର୍ଯ୍ୟ ସେ କରନ୍ତି । ଶୁକଠାରୁ ଭଲ ଭଲ ଉପଦେଶ ପାନ୍ତି । ଏପରି ଭାବରେ ରାଜ୍ୟ ଚଳାନ୍ତି ନରେଶ । ଗୀତେ କହେ ଲକ୍ଷ୍ମୀଧର ମନେ ହୋଇ ତୋଷ ।

---

## ବିକ୍ରମାଦିତ୍ୟ ସଭାରେ ରାକ୍ଷସୀର ପ୍ରବେଶ ଓ ପ୍ରଶ୍ନ

ସୁଜ୍ଞଜନମାନେ ଶୁଣ ଏଥୁଅନନ୍ତରେ । ବିକ୍ରମ ରାଜନ ଦିନେ ଅଛନ୍ତି ସଭାରେ ॥ ପାଞ୍ଚ ମନ୍ତ୍ରୀ ସକଳେ ଯେ ଅଛନ୍ତି ବସିଣ । ସେ ମଧ୍ୟରେ ଶଙ୍କ ଅଙ୍କ ବୋଲନ୍ତି ମହାର । ନବରତ୍ନ ମଣ୍ଡିତେ ଯେ

ଅଳଙ୍କ ଅବର । ସବୁ ଶାସ୍ତ୍ର ଅଲୋଚନା ହେଉଅଛି ସେଠାର ॥ ଯଶ ଗୁଣ ଗାଉଛନ୍ତି ବନ୍ଦ ଭାଟମାନେ । ନୃତ୍ୟ କରୁଛନ୍ତି କାଭ ବିଳାସିନୀ ଗଣେ ॥ ଦ୍ୱାରୀମାନଙ୍କ ଗୁହାର ହେଉଅଛି ବାହୁର । ସୁଧର୍ମୀ ପରସ୍ତେ ଶୋଭା ଧରଇ ସୁନ୍ଦର ॥ ଏହି ସମୟରେ ଏକ ରାକ୍ଷସୀ ଅସିଣ । ସେ ସଭାରେ ମିଳିଲା ଯେ କି ଭୀଷଣ ମନ ॥ ଅତି ଭୟଙ୍କର ରୂପ ତାହାର ଅଟଇ । ମୁଖ ଅତି ବିକଟାଳ ହୋଇଣ ଦିଶଇ ॥ ନାସିକା ଦିଶୁଛି ଯେହ୍ନେ ଚୁଲ୍ଲୀ ମୁହଁ ପରି । କୁଲ ସଦୃଶ ଦିଶୁଛି କାନ ଯୋ ତାହାର ॥ ଦନ୍ତ ଦିଶୁଛି ଗାବଲ ପର୍ବତ ବିକୃତ । କଥା ଶୁଭେ ଫଟା ଢୋଲ ଶବଦ ଯେସନ୍ତ ॥ ଏମନ୍ତ ଭାବରେ ରାକ୍ଷସୀ ତହିଁ ପ୍ରବେଶିଣ । ବିକ୍ରମାଦିତ୍ୟଙ୍କୁ ଗୁହିଁ ବୋଲଇ ବଚନ ॥ ହେ ରାଜା ପୃଥିବୀ ମଧ୍ୟେ ଶ୍ରେଷ୍ଠ ବୋଲି ତୁହି । ନ୍ୟାୟବନ୍ତ ବୋଲି ଶୁଣା ପାଇଲି ଯେ ମୁହିଁ ॥ ତେଣୁ ତୋର ପାଶେ ମୁହିଁ ଅସିଲି ବହନ । ଗୋଟିଏ କଥା ତୁମ୍ଭଙ୍କୁ କରିବି ପ୍ରଶନ ॥ ଜନ୍ମପୁରସାକ ବୁଲି ଅସିଲି ଯେ ମୁହିଁ । ପ୍ରଶ୍ନର ଉତ୍ତର କେହି ନ ପାରିଲେ ଦେଇ ॥ ନ ପାରିଲେ ଦେଇ ଯେଣୁ ପ୍ରଶ୍ନର ଉତ୍ତର । ମୁଣ୍ଡ ମୋଡ଼ି ସେମାନଙ୍କୁ କରିଛି ଅହାର ॥ ପ୍ରଶ୍ନର ଉତ୍ତର ଯେବେ ନ ପାରିବୁ ଦେଇ । ତୋ ସହିତେ ସମସ୍ତଙ୍କୁ ଯିବି ମୁହିଁ ଖାଇ ॥ ରାକ୍ଷସୀ ମୁଖରୁ ଏହିପରି କଥା ଶୁଣି । ବିକ୍ରମାଦିତ୍ୟ ତାହାଙ୍କୁ କହୁଛନ୍ତି ବାଣୀ ॥ ପଗ୍ଗୁର କି ପ୍ରଶ୍ନ ଏବେ ପଗ୍ଗୁରିବୁ ତୁହି । ନ କହିଲେ ତୁହି ସିନା ଯିବୁ ମୋତେ ଖାଇ । କହିଲେଟି ପୁରସ୍କାର ମୋତେ ତୁହି ଦେବୁ । ଅଗରୁ ଏ କଥା ମୋତେ କହିଥାଅ ସବୁ ॥ ଏହା ଶୁଣି ରାକ୍ଷସୀ ଯେ ବୋଲଇ ବଚନ । ଶୁଣ ତୁହି ଏକମନେ ବିକ୍ରମରାଜନ ॥ ଏକ ବନ ମଧ୍ୟେ ଥିଲେ ମୃଗ ଯେ ମୃଗୁଣୀ । ପତି ପତ୍ନୀ ରୂପେ ଥାନ୍ତି ଦିବସ ରଜନୀ ॥ ଦଇବେ ମୃଗୁଣୀ ଗର୍ଭବତୀ ଥିଲା ହୋଇ । ପାଞ୍ଚମାସ ବୋଲି ତାହା ଜାଣି ନ ରସାଇଁ ॥ ମୃଗ ମୃଗୀ ଦୁହେଁ ବନେ ବନେ

ଭ୍ରମୁଥିଲେ । ଶବର ଶର ବାନ୍ଧବା ନୟନେ ଦେଖିଲେ । ଅତି ଭୟ ମନେ ଦୁହେଁ ପଳାଇଣ ଗଲେ । ପଥଶ୍ରାନ୍ତପାଇ ତୃଷାରେ ଆତୁର ହେଲେ । ଏଣେ ବ୍ୟାଧ ନିରାଶରେ ଗୃହେ ଫେରିଗଲା । ମୃଗ ମୃଗୀ ଦୁହିଙ୍କି ଯେ ଅତି ତୃଷା ହେଲା । ସେହି ବନଗୋଟି ଷୋଳକୋଶ ଯେ ଅଟଇ । ବୁଲି ବୁଲି ଦୁହେଁ ଜଳ ନ ପାଇଲେ କାହିଁ । ପୁଣି କିଛିଦୂର ସେହି ଗମନ କରିଲେ । ଏକଇ ପର୍ବତ ପାଶେ ପ୍ରବେଶ ହୋଇଲେ । ସେ ପର୍ବତ କୋଟେ ଅଛି ଅତି ଅଳ୍ପ ଜଳ । ପିଇବା ପାଇଁକି ହେବ ଏକ ଜଣଙ୍କର । ଦୁହେଁ ପିଇଲେ କାହାର ତୃଷା ନ ହରିବ । ଜଣେ ପିଇଲେ ବା ତାର ଜୀବନ ରହିବ । ସେହି ଜଳକୁ ଦେଖିଲେ ମୃଗ ମୃଗୀ ଦୁଇ । ମୃଗ ବୋଇଲା ମୃଗୁଣୀ ମୃଗିକୁ ଅନାଇଁ । ତୁମ୍ଭେ ଏହି ଜଳଟିକ ବେଗେ ପାନ କର । ଅସ୍ମା ତୁମ୍ଭର ହେଉଛି ଅତ୍ୟନ୍ତ ବିକଳ । ତୁମ୍ଭର ଗର୍ଭରେ ଶିଶୁ ଅଛି ଯେ ଅବର । ସେ ମଧ୍ୟ ଶାନ୍ତି ଲଭିବ ମନେ ହେତୁକର । ଏହି ତୃଷା ଲାଗି ଯେବେ ମୃତ୍ୟୁ ହୁଏ ମୋର । ତେବେ କିଛି ଚିନ୍ତା ନାହିଁ ଜାଣ ଗୋ ନିକର । ଜଳ ନ ପିଇଣ ତୁମ୍ଭେ ମୃତ୍ୟୁ ଯେ ଲଭିଲେ । ସ୍ତ୍ରୀହତ୍ୟା ଶିଶୁହତ୍ୟା ଦୋଷ ବିଶେଷରେ । ଅରଜିବି ସିନା ମୁହିଁ ଏକଥା ପ୍ରମାଣ । ମୃଗୀକି ମୃଗ ବୋଲଇ ଏମନ୍ତ ବଚନ । ମୃଗୁଣୀ ବୋଲଇ ନାଥ ତୁମ୍ଭେ ପିଅ ଜଳ । ତୃଷାରେ ତୁମ୍ଭର ପ୍ରାଣ ହେଉଛି ବିକଳ । ଏହି ଅଳ୍ପ ଜଳ ତୁମ୍ଭେ ବେଗେ କର ପାନ । ତାପିତ ପ୍ରାଣ ଶୀତଳ କର ହେ ବହନ । ମୁଁ ଯେବେ ଜଳ ପିଇବି ତୁମ୍ଭେ ନାଶିବ । ଅନ୍ୟ ବେଳେ କେବେ ମୋତେ ପତି ନ ମିଳିବ । ସ୍ତ୍ରୀ ଜନ୍ମ ପାଇଅଛି କେତେ ପାପ କରି । ତୁମ୍ଭ ଆଗେ ମଲେ ଏ ଜନ୍ମରୁ ଯିବି ତରି । ମୋ ଜୀବନ ରଖି ତୁମ୍ଭଙ୍କୁ କି ବିନାଶିବି । ଏ ଅଲୋଡ଼ା ପ୍ରାଣ ରଖି କି ସୁଖ ଲଭିବି । ମୋର ହୃଦୟ ଠାକୁର ତୁମ୍ଭେ ଅଟ ଜାଣ । ତୁମ୍ଭ

ଜୀବ ରହୁ ଗଲେ ଯାଉ ମୋର ପ୍ରାଣ । ମୋ ଜୀବନ ଯିବା ପାଇଁ ଭୟ ଯେ ନ କର । ତୁମ୍ଭ ପ୍ରାଣ ରହୁ ନାଥ ପିଅ ଏହୁ ଜଳ ॥ ଏହା ଶୁଣି ମୃଗ କହେ ମୃଗୁଣୀକି ଚାହିଁ । ତୁମ୍ଭେ ଏ ଜଳକୁ ପିଅ ସୁସ୍ଥକର ଦେହୀ ॥ ମୃଗୀ କହେ ମୁହିଁ ଜଳ ପାନ ନ କରିବି । ତୁମ୍ଭେ ଜଳ ପିଅ ମୁହିଁ ମଲେ ବା ମରିବି । ପୁରୁଷ ଥାଇଁ ତାହାର ସ୍ତ୍ରିୟ ମରେ ଯେବେ । ଅନ୍ତେ ସ୍ୱର୍ଗ ବାସ ତାକୁ ମିଳଇଟି ତେବେ । ସ୍ତ୍ରିୟ ଥାଇଁ ତା ପୁରୁଷ ଯେବେଟି ମରଇ । ତେବେ ସେ ସ୍ତ୍ରିୟ ସେ ଦଣ୍ଡୁ ବିଧବା ହୁଅଇ । ବିଧବାକୁ କେତେବେଳେ ନାହିଁ ପରିତ୍ରାଣ । ନରକରେ ବାସ ତାର ଅଟଇ ପ୍ରମାଣ । ତେଣୁ ତୁମ୍ଭେ ବଞ୍ଚିଥିଲେ ପାଇବି ମୁଁ ଗତି । ତୁମ୍ଭବିନେ ଭୁଞ୍ଜିବି ମୁଁ ବହୁତ ଦୁର୍ଗତି । ତେଣୁ ତୁମ୍ଭେ ଏହୁ ଜଳ କର ବେଗେ ପାନ । ମୃଗ କହେ ତୁହି ଜଳ ପିଅ ହେ ବହନ । ଏ ପ୍ରକାରେ ମୃଗ ମୃଗୀ କଥା ବାର୍ତ୍ତା ହେଲେ । ଦୁହେଁ ସେ ଜଳକୁ କେହୁ ପାନ ନ କରିଲେ । ତୃଷାରେ ବିକଳ ହୋଇ ହରାଇଲେ ପ୍ରାଣ । ପରସ୍ପରେ ସ୍ନେହ ରଖି ଲଭିଲେ ମରଣ ॥ ରାକ୍ଷସୀ ବୋଇଲା ନୃପ ଏ ପ୍ରଶ୍ନ ମୋହର । ପରସ୍ପରେ ସ୍ନେହରଖି ନ ପିଇଲେ ଜଳ । କାହାଠାରେ କାର ସ୍ନେହ ଅଧିକ ଯେ ଥିଲା । ଏ କଥା ଗୋଟିକ ମୋତେ କହ ବେଗେ ଭଲା । ପ୍ରଶଂସାଭାଜନ କେହୁ ଦୁହିଙ୍କ ମଧ୍ୟରେ । ବିସ୍ମରଣ କହ ରାଜା ଭାବିଣ ହୃଦରେ । ପ୍ରକୃତ ଉତ୍ତର ଦ୍ୱାର ପାଇବଟି ଯେବେ । ସନ୍ତୋଷ ମନରେ ଏଥୁଁ ଚାଲିଯିବି ତେବେ । ବିଳମ୍ବ ନ କର କହ ଏହାର ଉତ୍ତର । ସନ୍ତୋଷ ହୋଇବ ମନ କହେ ଲକ୍ଷ୍ମୀଧର ॥

ପ୍ରତାପ ଇଲେକ୍ଟ୍ରିକ ପ୍ରେସ, ରାଉରକେଲା

ପାଠାଗାର
ନଂ ୭୬୬୯୯
୧୫.୨.୬୯

## ରାକ୍ଷସୀର ପ୍ରଶ୍ନ ପ୍ରତି ଶୁକର ଯଥାର୍ଥ ଉତ୍ତର ପ୍ରଦାନ

ସୁଜ୍ଞଜନମାନେ ଏବେ ମନ ଦେଇ ଶୁଣ । ରାକ୍ଷସୀ ଏମନ୍ତ ଯନ୍ତୁଁ କରିଲା ପ୍ରଶନ । ବିକ୍ରମାଦିତ୍ୟ ନୃପତି ଶୁଣି ଏହି ବାଣୀ । ପଣ୍ଡିତମାନଙ୍କୁ ଗୃହିଁ କହିଲେ ସେକ୍ଷଣି ॥ ତୁମ୍ଭେମାନେ ଏ ପ୍ରଶ୍ନର ଦିଅ ଯେ ଉତ୍ତର । ଶୁଣି ବରରୁଚି ତହୁଁ ହୋଇଲେ ତତ୍ପର । ବୋଇଲେ କହୁଛି ମୁହିଁ ସେ ପ୍ରଶ୍ନ ଉତ୍ତର । ଅଟଲ ନିଶାଚରୀ ଶୁଣ ମନ କରି ସ୍ଥିର । ସେ ମୃଗ ମୃଗୁଣୀ ଦୁହିଙ୍କର ମଧ୍ୟେ ଜାଣ । ମୃଗୁଣୀର ସ୍ନେହ ବେଶୀ ହେଉଛି ପ୍ରମାଣ । ଶୁଣି ରାକ୍ଷସୀ ବୋଲଇ ଏ କଥା ନୁହଇ । ମନକୁ ମୋହର ଏହା କେବେ ଆସୁନାହିଁ । ଏହା ଶୁଣି କାଳିଦାସ ବୋଲୁଛନ୍ତି ପୁଣି । ମୋଠାରୁ ଯଥାର୍ଥ ଉତ୍ତର ଆଜ ଏବେ ଶୁଣ । ମୃଗର ଅତ୍ୟନ୍ତ ସ୍ନେହ ମୃଗୀଠାରେ ଜାଣ । ବୁଝାଇ କହୁଛି ଏବେ ତାହାର ପ୍ରମାଣ । ପୁରୁଷମାନେ ସ୍ତ୍ରୀଙ୍କୁ ରକ୍ଷା ଯେ କରନ୍ତି । ସ୍ୱାମୀ ବିନା ନାରୀଙ୍କର ନାହିଁ ଅନ୍ୟ ଗତି । ତେଣୁ କରି ସ୍ନେହ କରିଥାନ୍ତି ସ୍ୱାମୀଠାରେ । ସେ ବିନା ଜଳ ପିଇଲା ନାହିଁ କେତେବେଳେ । ମୃଗୀର ଜୀବନ ରକ୍ଷା କରିବା ନିମନ୍ତେ । ଜଳ ନ ପିଇଣ ମୃଗ ମରିଲା ତୁରିତେ । ତେଣୁ ମୃଗୀଠାରୁ ମୃଗ ସ୍ନେହ ବେଶୀ କଲା । ମୃଗୀ ନିମନ୍ତେ ସେ ନିଜ ପ୍ରାଣ ବିସର୍ଜିଲା । ଏ କଥା ଶୁଣି ରାକ୍ଷସୀ କଲା ନାହିଁ ନାହିଁ । ମନକୁ ମୋହର ଜମା ଏହା ଆସୁନାହିଁ । ଅହୋ ବିକ୍ରମ ନୃପତି କୁହ ଏ ଉତ୍ତର । ନ କହିଲେ ସମସ୍ତଙ୍କୁ ଭକ୍ଷିବା ମୋ ମୂଳ । ବିକ୍ରମ ନୃପତି ରାକ୍ଷସୀଙ୍କି କହୁଛନ୍ତି । ମୋଠାରୁ ଉତ୍ତର ଶୁଣ ଦେଇ କରି ଶ୍ରୁତି । ସମାନ ସ୍ନେହ ଅଟଇ ମୃଗ ମୃଗୀଙ୍କର । ତେଣୁକରି ଦୁହେଁ କେହି ନ ପିଇଲେ ଜଳ । ଦୁହେଁ ଦୁହିଙ୍କ ନିମନ୍ତେ ପରାଣ ତେଜିଲେ । ଉଭୟେ ସମାନ ହେଲେ ସ୍ନେହ କରିବାରେ ।

ରାକ୍ଷସୀ ବୋଇଲା ଶୁଣି ନୁହେଁ ଏ ଉତ୍ତର । ମାନୁନାହିଁ ଏଥିରେ କଦାପି ମନ ମୋର । ଏହା ଶୁଣି ବିକ୍ରମ ଯେ ବିସ୍ମୟ ହୋଇଲେ । ଶୁକକୁ ଗୁହିଁଣ ବେଗେ ବଚନ ବୋଇଲେ । ଏହାର ଉତ୍ତର ବେଗେ ଦିଅ ବାବୁ ତୁହି । ନୋହିଲେ ସମସ୍ତଙ୍କୁ ରାକ୍ଷସୀ ଯିବ ଖାଇ । ଏହା ଶୁଣି ଶୁକବୋଲେ ରାକ୍ଷସୀକୁ ଚାହିଁ । ଏହାର ଉତ୍ତର ଏବେ କହିବି ଯେ ମୁହିଁ । ଏହି ସାମାନ୍ୟ କଥାକୁ ସଭାରେ ପଚାରୁ । ଅକାରଣେ ବସିଅଛୁ ଏତେ କ୍ରୋଧକର । ଏବେ କହୁଅଛୁ ଶୁଣ ପ୍ରଶ୍ନର ଉତ୍ତର । ତଳେ ସ୍ନେହ ନ ଥିଲା ସେ ମୃଗ ମୃଗୀଙ୍କର । କାହାଠାରେ କାର ସ୍ନେହ ନ ଥିବାରୁ ଜାଣ । ଜଳ ନ ପିଇଣ ଦୁହେଁ ଲଭିଲେ ମରଣ । ଜଣକର ସ୍ନେହ ଯେବେ ଥାନ୍ତା ଅନ୍ୟଠାରେ । ତେବେ ଜଣେ ଜଳ ପିଇଥାନ୍ତା ଆନନ୍ଦରେ । ସମାନ ସ୍ନେହ ତାହାଙ୍କ ମଧ୍ୟେ ତଳେ ନାହିଁ । ଥିଲେ ତାଙ୍କ ମଧ୍ୟୁ ଜଳ ପିଇଥିଲେ କେହି । ଅନ୍ୟ ଜଣକର ତୃଷା ହୋଇଥାନ୍ତା ନାଶ । ତେଣୁକରି ବଞ୍ଚିରହି ଥାନ୍ତେଟି ଅବଶ୍ୟ । ମାୟା ଫାଶେ ବନ୍ଧା ହୋଇ ଦୁହେଁ ରହିଥିଲେ । ଯଦା ସ୍ନେହ ଥିଲା ଖାଲି ଦୁହିଙ୍କ ମଧ୍ୟରେ । କାହାର ହୃଦ ଭିତରେ ସ୍ନେହ ଯେ ନ ଥିଲା । ବାହ୍ୟ ସ୍ନେହ ବୋଲି ତାହା ଜଣା ପଡ଼ିଗଲା । ମୃଗ ମୃଗୀ ଦୁହେଁ ମର ଜନ୍ମ ହେବେ ପୁଣି । କେ କେଣିକି ଯିବ କେହି ନ ପାରିବେ ଜାଣି । ଏ ଜନ୍ମରେ ପିନା ପତି ପତ୍ନୀ ହୋଇଥିଲେ । ପରଜନ୍ମେ ତାହା କେବେ ହୋଇଣ ନ ପାରେ । ତେଣୁ କାହାଠାରେ ସ୍ନେହ କାହାର ନ ଥିଲା । ଜଳ ନ ପିଇ ଦୁହିଙ୍କ ଜୀବନ ଯେ ଗଲା । ଏହା ଶୁଣି ରାକ୍ଷସୀ ଯେ ଆନନ୍ଦ ହୋଇଣ । ବୋଇଲା ଧନ୍ୟରେ ଶୁକ କହିଲୁ ପ୍ରମାଣ । ପ୍ରଶ୍ନର ଉତ୍ତର ତୁହି ଦେଲୁ ପ୍ରକୃତରେ । ଜାଣିଲି ତୋଠାରୁ ଜ୍ଞାନୀ ନାହିଁ କେ କ୍ଷିତିରେ । ପକ୍ଷୀକୁଳେ ଜନ୍ମ ପିନା ହୋଇଅଛୁ ତୁହି । ନୋହିଲେ ତୁ ମହାଜ୍ଞାନୀ ବୋଲି ଜାଣିଲଇଁ ।

ପ୍ରଶଂସା କରି ରୂପସୀ ତହୁଁ ଚାଲିଗଲା । ବିକ୍ରମାଦିତ୍ୟଙ୍କ ମନ
ଆନନ୍ଦ ହୋଇଲା । ସମସ୍ତେ ସଭାରେ ଥାଇ ଆନନ୍ଦ ହୋଇଲେ ।
ଶୁକକୁ ସମସ୍ତେ ପୁଣି ପ୍ରଶଂସା କରିଲେ । ପୁଣ ପ୍ରାୟ ଜ୍ଞାନ କରି
ବିକ୍ରମ ରାଜନ । ଶୁକକୁ ରଖିଲେ ସେହୁ କରଣ ଯତନ । ଏହିରୂପେ
କେତେଦିନ ଭୋଗ ହୋଇଗଲା । ଶୁକ ଯୋଗେ ବିକ୍ରମଙ୍କ ସମ୍ମାନ
ବଢ଼ିଲା । ଦିନେ ସଭାରେ ବସିଣ ବିକ୍ରମ ରାଜନ । ଶୁକକୁ କହୁଲେ
ହୋଇ ହରଷିତ ମନ । ଅରେ ବାରୁ ଶୁକ ଭବିଷ୍ୟତ କଥା
ତୋତେ । ଜଣାହୁଏ ବୋଲି ମୁହିଁ ଯାଉଛୁ ପରତେ । ଏବେ କହ
ଭାନୁମତୀ ରାଣୀ ଅନ୍ତଃପୁରେ । କି କାର୍ଯ୍ୟ କରୁଅଛନ୍ତି ଏହୁ
ସମୟରେ । ଏହା ଶୁଣି ଶୁକ କହେ ରାଜାଙ୍କୁ ବୁଝାଇ । ନିଜ ହସ୍ତେ
ଫୁଲମାଳ ଗୁନ୍ଥୁଛନ୍ତି ସେହି । ଏହା ଶୁଣି ବିକ୍ରମ ରାଜନ
ତୋଷଚିତ୍ତେ । ସତ ମିଛ ଜାଣିବାକୁ କୌତୁକ ନିମନ୍ତେ । ଦାସୀକି
ଡକାଇ ନୃପବର ତତକ୍ଷଣ । ବୋଇଲେ ଲୋ ଦାସୀ ଏବେ ଯାଇଁ
ତୁ ବହନ । ଅନ୍ତଃପୁର ମଧ୍ୟେ ଅଛୁ ଭାନୁମତୀ ରାଣୀ । କି
କରୁଅଛନ୍ତି ବେଗେ ଦେଖିଅସ ପୁଣି । ଦାସୀ ଯାଇଁ ଅନ୍ତଃପୁରେ
ରାଣୀଙ୍କି ଦେଖିଲା । ଫୁଲମାଳ ଗୁନ୍ଥୁଥିବା ଆସି ଜଣାଇଲା । ଶୁଣି
ବିକ୍ରମ ନୃପତି ଆନନ୍ଦ ହୋଇଲେ । ଏଥିର କାରଣ ପୁଣି ଶୁକକୁ
ପୁଚ୍ଛିଲେ । ରାଣୀ ନିଜେ କାହିଁପାଇଁ ଗୁନ୍ଥୁଛନ୍ତି ଫୁଲ । ଦାସୀ
ପରିବାର ଥାଉଁ ଥାଉଁ ଏ ସକଳ । କାହାକୁ ଦେବେ ବୋଲିଣ
ଭାବିଛନ୍ତି ମନେ । ଏପରି ଘଟଣା ଦେଖି ନ ଥିଲି ମୁଁ ଦିନେ ।
କହ ଶୁକ ମନେ କିଛି ସଂଶୟ ନ କରି । ମନ ମୋର ବୋଧ
ହୋଇବଟି ଯେଉଁପରି । ରାଜାଙ୍କ ମୁଖରୁ ଏହା ଶୁକପକ୍ଷୀ ଶୁଣି ।
ଅତି ହରଷରେ ତାଙ୍କୁ କହୁଅଛି ବାଣୀ । ଶୁଣ ନୃପ ରାଣୀଙ୍କର
କନିଷ୍ଠା ଭଗିନୀ । ତିଲୋତ୍ତମା ବୋଲି କରି ତାଙ୍କ ନାମ ପୁଣି
ଭୋଜରାଜାଙ୍କର କନ୍ୟା ସେହୁ ଯେ ଅଟଇ । ଅତ୍ୟନ୍ତ ସୁନ୍ଦରୀ ସବ

ସୁଲକ୍ଷଣୀ ସେହି । ତାର ବାଭ୍ରଘର ଅଙ୍କ ଗର୍ବରେ ହୋଇବ । ମନରେ ମୋହର ତେଣୁ ହୁଅଇ ସମ୍ଭବ । ବାଭ୍ରଘର ଦେଖିବାକୁ ରାଣୀ ନିକଟେ ଯିବେ । ବର କନ୍ୟାଙ୍କୁ ବହୁତ ଅଲଙ୍କାର ଦେବେ । ତା ସଙ୍ଗରେ ଫୁଲମାଳ କରିବେ ପ୍ରଦାନ । ତେଣୁ ସନ୍ତୋଷ ହୋଇବ ତାହାଙ୍କର ମନ ॥ ପିତାଙ୍କ ଆଳୟେ ଆଜି ରାତ୍ରେ ନିଶ୍ଚେ ଯିବେ । ରାଜା ବୋଇଲେ ଏହା ସମ୍ଭବ ନୁହେଁ କେବେ । ବଡ଼ ଅସମ୍ଭବ କଥା ଏହି ଯେ ଅଟଇ । ପାଞ୍ଚଶତ କୋଶ ପରଯନ୍ତ ପଥ ହୋଇ । ଏକରାତ୍ରେ ସେ ସ୍ଥାନକୁ ଯିବେ କି ପ୍ରକାରେ । କେମନ୍ତେ ଆସିବେ ପୁଣି ଯେ ରାତ୍ର ମଧ୍ୟରେ । ତାହା ଶୁଣି ଶୁକ ବୋଲେ ଶୁଣ ନୃପବର । ଶୂନ୍ୟରେ ଆସିଣ ଯୋଗିନୀଗଣ ଯେ ସକଳ । ରାଣୀଙ୍କ ନେବେ ସେ ଏକ ବୃକ୍ଷରେ ବସାଇ । ନିମିଷ ମାତ୍ରକେ ତହିଁ ପ୍ରବେଶିବେ ଯାଇଁ । ଶୁଣି ବିକ୍ରମ ନରେଶ କ୍ଷଣେ ପରଯନ୍ତେ । ମଜ୍ଜନ ହୋଇ ବସିଲେ ଚିନ୍ତି ହୃଦ ଗତେ । ତହୁଁ କିଛୁକ୍ଷଣ ପରେ ସଭାମଧ୍ୟୁ ଗଲେ । ଅନ୍ତଃପୁରେ ଯାଇଣ ସେ ପ୍ରବେଶ ହୋଇଲେ । ରାଣୀ ଭାନୁମତୀ ଛନ୍ତି ଯେଉଁଣ ମନ୍ଦିରେ । ପ୍ରବେଶ ହୋଇଲେ ରାଜା ଯାଇଁ ସେଠାବରେ । ସନ୍ଧ୍ୟାକାଳ ପାଇଁ ରାତ୍ରି ପ୍ରବେଶ ହୋଇଲା । ରାଜାଙ୍କ ମନରେ ମହା ସନ୍ଦେହ ଜନ୍ମିଲା । ସତ ମିଛ ପରୀକ୍ଷା କରିବା ପାଇଁ ସେହି । ମିଛେ ଘୁମାଇଲେ ରାଜା ମହାଭଙ୍ଗୀ ହୋଇ । ସତେ ଯେସନେ ରାଜାଙ୍କୁ ଯେ ନିଦ୍ରା ଆକର୍ଷଇ । ଏପରି ଭାବେ ରାଣୀଙ୍କି କହିଲେ ଯେ ଯାଇଁ । ଅଗୋ ରାଣୀ ନିଦ୍ରା ମୋତେ ବହୁ ଆକର୍ଷିଲା । ସଭା ମଧ୍ୟରେ କଦାପି ବସି ନ ହୋଇଲା । ତେଣୁ ଶୟନ କରିବା ନିମନ୍ତେ ଆସିଲି । ନିଦ୍ରା ଆଳସ୍ୟରେ ଆଉ ବସି ନ ପାରିଲି । ଶଯ୍ୟା ସଜକର ଏବେ ଶୋଇବା ନିମନ୍ତେ । ରାଣୀ ଏହା ଶୁଣି ପାଣି ଧରିଣ ତୁରିତେ । ନୃପତିଙ୍କି ନେଇ ପାଦଧୌତ କରିଦେଲା । କଂସୁଲି ତୁଳି ଶଯ୍ୟାରେ ନେଇ ଶୁଆଇଲା । ରାଜାଙ୍କର ପାଦ

ମଞ୍ଜାଳିଲ ବସି ରାଣୀ । ମନେ ମନେ ଅତି ହରଷିତ ହୋଇ ପୁଣି ॥
ରାଣୀ ଭାବିଲ ସୁଯୋଗ ମିଳିଲଟି ମୋତେ । ଏବେ ପିତାଗୃହେ
ମୁହିଁ ଯିବଟି ନିଶ୍ଚିନ୍ତେ ॥ ଶୟନ କରନ୍ତୁ ନୃପବର ସୁଖାସନେ ॥
ମୁହିଁ ଚାଲିଯିବି ପିତା ଗୃହେ ତୋଷମନେ । ରାଜା ଜାଗିବାକୁ ଭୟ
ଥିଲା ମନେ ମୋର । ଏବେ ସେ ଭୟ ମନରୁ ହୋଇଗଲା ଦୂର ।
ଏପରି କଥାକୁ ରାଣୀ ମନରେ ଭାବିଲେ । ବିକ୍ରମ ରାଜନ ମିଛେ
ନିଦ୍ରାରେ ଶୋଇଲେ । ଲକ୍ଷ୍ମୀଧର ଗର୍ଗବଟୁ ଭାଷନ୍ତି ଗୀତରେ ।
ସୁଜ୍ଞଜନମାନେ ଏହା ଶୁଣ ସୁଚିତ୍ତରେ ।

---

## ଭାନୁମତୀଙ୍କ ପିତାଗୃହକୁ ବିକ୍ରମାଦିତ୍ୟଙ୍କ ଗୁପ୍ତଗମନ ଓ ତିଲୋତ୍ତମା ସହ ବିବାହ

ସାଧୁଜନମାନେ ଏବେ ଶୁଣ ମନଦେଇ । ବିଚିତ୍ର କାହାଣୀ
ମହା ରହସ୍ୟ ଅଟଇ ॥ ବିକ୍ରମ ଶୟନ କଲେ କପଟ ନିଦ୍ରାରେ
ତାହାଙ୍କର ପାଦ ରାଣୀ ମଞ୍ଜାଳୁଣ ଥିଲେ । ଏକବୃକ୍ଷ ଘେନି ଏହି
ସମୟ ମଧ୍ୟରେ । ଯୋଗିନୀମାନେ ଆସିଲେ ଯେ ଗଗନ ମାର୍ଗରେ ।
ସେଠାବରେ ପ୍ରବେଶ ସେ ହୋଇଲେ ତକ୍ଷଣି । ବୃକ୍ଷକୁ ଛାଡି ଚାଲିଲେ
ହୋଇ ଜଣ ଜଣ । ରାଣୀ ଶୟନ ଗୃହକୁ ଅନାଇ ଦେଖିଲେ ।
ରାଣୀ ବସି ରାଜାଙ୍କର ପାଦକୁ ମଞ୍ଜାଳେ ॥ ଜାଳାକବାଟୀ ମାର୍ଗରେ
ରୁହିଁ ଯୋଗିନୀଗଣ । ରାଣୀଙ୍କୁ ହସ୍ତରେ ଠାର ଡାକିଲେ ବହନ ॥
ଠାର ଜାଣି ରାଣୀ ବେଗେ ପଲଙ୍କୁ ଓହ୍ଲାଇ । ରାଜାଙ୍କ ଦେହେ
ବସନ ଦେଲା ସେ ଘୋଡାଇ । ପ୍ରକୃତ ନିଦ୍ରାରେ ରାଜା ଶୋଇଛନ୍ତି
ବୋଲି । ରାଣୀ ସେ ଗୃହରୁ ବେଗେ ଅଇଲେ ଯେ ଚାଲି ॥ ପୁଷ୍ପମାଳ
ଆଦି ଯାହା ଅନ୍ୟ ଆଭରଣ । ସଜ କରିଲେ ସେ ଅନ୍ୟ ଗୃହକୁ
ଯାଇଣ । ଏଣେ ପଲଙ୍କରୁ ଉଠି ବିକ୍ରମ ରାଜନ । ପଲଙ୍କ

ଉପରେ ଯାହା ଥିଲା ସ୍ୱ ବସନ । ତାହାକୁ ମନୁଷ୍ୟ ପ୍ରାପ୍ତ କରଣ ରଖିଲେ । ଗୁପ୍ତରେ ଆସି ସେ ବୃକ୍ଷ ଉପରେ ବସିଲେ । ତେଣେ ଭାନୁମତୀ ରାଣୀ ସବୁ ଦ୍ରବ୍ୟ ଘେନି । ବୃକ୍ଷରେ ବସିଲେ ଆସି ତୋଷେ ସେହିକ୍ଷଣି । ତହୁଁ ଯୋଗିନୀଗଣେ ସେହି ବୃକ୍ଷ ନେଲେ ବହି । ନିମିଷକ ମଧ୍ୟେ ଯାଇଁ ପ୍ରବେଶିଲେ ସେହି । ସେ ବେଳକୁ ପାଞ୍ଚଘଡ଼ି ରାତି ହୋଇଥିଲା । ବିକ୍ରମଙ୍କ ଆସିବା କେ ଜାଣି ନ ପାରିଲେ । ଭୋଜରାଜାଙ୍କ ପୁରରେ ବୃକ୍ଷ ରଖାଇଲେ । ଭାନୁମତୀ ରାଣୀ ସେ ବୃକ୍ଷରୁ ଓହ୍ଲାଇଲେ । ଦାସୀମାନେ ଆସି ବାଟ ଚାହିଁ ବସିଥିଲେ । ରାଣୀଙ୍କି ସେ ପାଛୋଟାଇ ସେଠାବରୁ ନେଲେ । ବିକ୍ରମ ନରେଶ ରହିଲେ ସେ ବୃକ୍ଷ ଉପରେ । ଓହ୍ଲାଇଲେ ନାହିଁ ଲୋକେ ଦେଖିବା ହେତୁରେ । ଭାବିଲେ ଶ୍ୱଶୁର ଝିଅ ବିବାହ କରିବେ । ମୋତେ ନିମନ୍ତ୍ରଣ ଦେଇ ନାହାନ୍ତି ସେ ଯେବେ । ତେବେ ବିନା ନିମନ୍ତ୍ରଣେ କାହିଁପାଇଁ ଯିବି । ଏହିଠାରେ ରହି ପଛେ ବିବାହ ଦେଖିବି । ଭାନୁମତୀ ଯାଇ ତାଙ୍କ ପିତାଙ୍କ ଚରଣେ । ପ୍ରଣମିତା ହେଲେ ସେହୁ ହରଷିତ ମନେ । ପିତା ଦେଖି ତାହାଙ୍କୁ ସେ ମହାତୋଷ ହେଲେ । ସାନଝିଅ ଦଭ୍ରା କଥା ବୁଝାଇ କହିଲେ । ଏମନ୍ତେ ଭାନୁମତୀ ଯେ ସେଠାରେ ରହିଲେ । ବାଦ୍ୟନାଦେ ସେହି ସ୍ଥାନ କମ୍ପିଲା ପ୍ରବଳେ । ବର ଆସିବାକୁ ସର୍ବେ ଛନ୍ତି ବାଟ ଚାହିଁ । ଭୂପମଣ୍ଡଳଙ୍କର ପୁଅ ବର ଯେ ଅଟଇ । ନୃତ୍ୟ ଗୀତେ ପୂର୍ଣ୍ଣ ହୋଇଅଛି ସବୁସ୍ଥାନ । ଉତ୍ସବରେ ପୁର ମଣ୍ଡିଛନ୍ତି କି ଯତନ । ସ୍ଥାନେ ସ୍ଥାନେ ମେଳ ହୋଇ ଲୋକେ ଚାହିଁଛନ୍ତି । ବର କିପାଁ ଅସୁନାହିଁ ବୋଲିଣ ବୋଲନ୍ତି । ଏ ସମୟେ ନାନା ବାଦ୍ୟ ଦୂରରୁ ଶୁଭିଲା । ସମସ୍ତେ କହିଲେ ଏହି ବର ଯେ ଆସିଲା । ପୁରଅନ୍ତ ଲୋକେ ଆସି ଜୁଣ୍ଟ ହୋଇଗଲେ । ବରକୁ ଦେଖିବା ପାଇଁ ଆନନ୍ଦେ ମାତିଲେ । ବୃକ୍ଷଡାଳେ ବସିଥିଲେ ବିକ୍ରମ ରାଜନ । ଭାବିଲେ

ଏଭଳି ବେଳେ ଯିବ ଓହ୍ଲାଇଣ । ଏ ସମୟେ ବର ଆସି ପ୍ରବେଶ ହୋଇଲା । ଲୋକ ଗହଳରେ ସେହି ସ୍ଥାନ ପୂର୍ଣ୍ଣ ହେଲା । ବିକ୍ରମ ଭାବିଲେ ଏହିକାଳରେ ମୁଁ ଯିବି । ବର ସଙ୍ଗତରେ ବରଯାତ୍ରୀ ମୁହିଁ ହେବି । ଏହା ଦେଖି ବୃକ୍ଷରୁ ଯେ ଓହ୍ଲାଇ ଆସିଲେ । ତଳେ ଉଭା ହୋଇ ସବୁ ଘଟଣା ଦେଖିଲେ । ବୃକ୍ଷୁଁ ଓହ୍ଲାଇବା ଦେଖି ସେ ସ୍ଥାନର ଚୋର । ଧାଇଁଆସି ବୋଇଲା ତୁ କେଉଁଦେଶ ଚୋର । କି କାରଣେ ବୃକ୍ଷପରେ ଚଢ଼ିଥିଲୁ ତୁହି । ବନ୍ଧରେ କହିବୁ ଚୋଲ ଛାଡ଼ି ଦେବି ନାହିଁ । ଏହା କହି ତାହାଙ୍କର ହସ୍ତକୁ ଧଇଲା । ବହୁତ ପ୍ରକାରେ ଗାଳି ବିକ୍ରମଙ୍କୁ ଦେଲା । ପୁଣି ବୋଇଲା କାହିଁକି ଲୁଚିଥିଲୁ କହ । ବିକ୍ରମ ବୋଇଲେ ଅଜ୍ଞ ରୋଷ ତୁ ନ କର । ନୁହଇ ମୁଁ ଖଣ୍ଡ ଚୋର ଜାଣି ଭଲ କର । ବରକୁ ଦେଖିବା ପାଇଁ ମୁହିଁ ଆସିଥିଲି । ଏମନ୍ତେ ଯେତେ ପ୍ରକାରେ ବିକ୍ରମ କହିଲେ । ଚୋରମାନେ ତାହାଙ୍କୁ ଯେ କେବେ ନ ଛାଡ଼ିଲେ । ବିକ୍ରମ ତାହାଙ୍କୁ ପରିଚୟ ଦେଲେ ନାହିଁ । ବର ପିତା ଆଗେ ନ୍ତରେ ଉଭା କଲେ ନେଇ । ବୋଇଲେ ହେ ମହାରାଜା ଆମ୍ଭ କଥା ଶୁଣ । ଏହି ଚୋର ଗୋଟା ଏବେ କାହୁଁ ଯେ ଆସିଣ । ବୃକ୍ଷ ପରେ ଚଢ଼ି ସେହି ଲୁଚି ରହିଥିଲା । ଲୋକଙ୍କ ଗହଳି ଦେଖି ଓହ୍ଲାଇଣ ଥିଲା । ଆମ୍ଭେ ତାକୁ ବାନ୍ଧି ଅଣିଅଛୁ ନୃପବର । ଏହି ଦେଖନ୍ତୁ ଏହାକୁ ଅପୂର୍ବ ଏ ଚୋର । ଚୋରଗଣେ ଏହିକଥା ରାଜାକୁ କହିଲେ । ଭୁଟମଲ୍ଲ ବିକ୍ରମଙ୍କୁ ଅନାଇଣ ଦେଖିଲେ । ଭାବିଲେ ତ ଚୋର ପ୍ରାୟେ ଦିଶୁନାହିଁ ଏହି । ରୂପ ଲକ୍ଷଣ ଏହାର ଉତ୍ତମ ଅଟଇ । ରାଜ ଚକ୍ରବର୍ତ୍ତୀ ଠାଣି ଯାଠାରେ ରହିଛି । କନ୍ଦର୍ପ ପରାୟେ ରୂପ ଏହାର ଦିଶୁଛି । ପଚାରିଲେ କୁହ ବାବୁ କାହିଁ ତୁମ୍ଭ ଘର । କି କାରଣେ ଚୋରମାନେ ବୋଲନ୍ତି ଏ ଚିର । ବିକ୍ରମ ବୋଇଲେ ବର ଦେଖିବା ନିମନ୍ତେ । ଖଣ୍ଡ ଚୋର ନୁହେଁ

ମୁହିଁ ଅସିଥିଲି ଏଥେଁ । କାନ୍ୟକୁବ୍ଜ ଦେଶ ଜନ୍ମସ୍ଥାନ ଯେ ଅଛଇ । ଜନାର୍ଦ୍ଦନ ବୋଲିଣ ମୋର ନାମ ହୋଇ । ଅଟଇଁ ଦରିଦ୍ର ମୁଁ ଯେ ଧନହୀନ ଜନ । କେହି ସାହାପଣ ମୋର ନାହାନ୍ତି ପ୍ରମାଣ । ବୃକ୍ଷମୂଳେ ବସିଥିଲି ଦେଖିବାକୁ ବର । ଗୃହମାନେ ଯାଇ ମୋତେ ଧଇଲେ ସତ୍ୱର । ବୋଇଲେ ରେ ଚୋର ତୁହି କାହୁଁ ଅସିଅଛୁ । ଚୋର ପ୍ରାୟେ ଅମ୍ଭଙ୍କୁ ତୁ ଜଣା ଯାଉଅଛୁ । ଏତେ କହି ମୋତେ ବାନ୍ଧି ଏଠାକୁ ଅଣିଲେ । ଏଥିକୁ ବିଗ୍ଭର ଯାହା କରନ୍ତୁ ମନରେ । ଏତେ କହି ବିକ୍ରମ ଯେ ମଉନେ ରହିଲେ । ଭୁବମଲ୍ଲ ନୃପତି ଯେ ଗୃହଙ୍କୁ ବୋଇଲେ । ଏହାଙ୍କ ବନ୍ଧନ ଶୀଘ୍ର କର ହେ ମୋଚନ । କଦାପି ଚୋର ଏ ନୁହେଁ ଜାଣିଲି ପ୍ରମାଣ । ତାହା ଶୁଣି ଗୃହମାନେ ବନ୍ଧନ ଫେଡ଼ିଲେ । ଅମ୍ଭଦୋଷ କ୍ଷମାକର ବୋଲିଣ ବୋଇଲେ । ପାଖରୁ ଅନ୍ତର ଗୃହମାନେ ହେଲେ ଯହୁଁ । ବିକ୍ରମଙ୍କୁ ଚାହିଁ ଭୁବମଲ୍ଲ ବୋଲେ ତହୁଁ । କର ପାରିବ କି କହୁଁ ଉପକାର ମୋର । କହିବାକୁ ମୋତେ ତାହା ମାଡୁଅଛି ଡର । ବିକ୍ରମ ବୋଇଲେ ନୃପ କୁହନ୍ତୁ ଫିଟାଇ । ଶକ୍ତି ଥିଲେ ନିଶ୍ଚେ ତାହା କରିବି ଯେ ମୁହିଁ । ଭୁବମଲ୍ଲ ବୋଲେ ତୁମ୍ଭ ଦ୍ୱାରା ନିଶ୍ଚେ ହେବ । ସେ ଯୋଗେ ବହୁତ ଧନ ତୁମ୍ଭେ ଯେ ପାଇବ । ବର ହୋଇ ଅସିଅଛି ମୋର ପୁତ୍ର ଯେହୁ । ଜନମକାଳରୁ କୁଜା ଅଛଇ ଜାଣ ସେହୁ । ବେଦୀରେ ତାହାକୁ ଲୋକେ ଦେଖିବେଟି ଯେବେ । କଦାପି ଯେ ଦଣ୍ଡଘର କରାଇ ନ ଦେବେ । ଏଣୁ ମୁଁ କହୁଛି ତୁମ୍ଭେ ବରବେଶ ହୋଇ । ସମସ୍ତଙ୍କ ଅଗେ ବେଦୀପରେ ବସ ଯାଇଁ । ବିଭାହ ବିଧି ସକଳ ହୁଏ ଯେଉଁପରି । ତୁମ୍ଭଦ୍ୱାରା ବର କାମ ହେଉ ସେହିପରି । ଏ ଭୋଜ ରାଜାଙ୍କ କନ୍ୟା ଅତ୍ୟନ୍ତ ସୁନ୍ଦରୀ । ତିଲୋତ୍ତମା ବୋଲି ନାମ ଅଛଇ ତାହାର । ମୋ ପୁଅକୁ କୁଜା ଦେଖି

ଭକ୍ତ ହୋଇବ । ତୁମ୍ଭଙ୍କୁ ଦେଖି ତାହାର ମନ ତୋଷ ହେବ ॥ ଆଉ ଏକ କଥା ମୁହିଁ କହୁଛୁ ତୁମ୍ଭଙ୍କୁ । ଅଗେ ତୁମ୍ଭେ ଯିବ ମଧୁଶପଥା ସଦନକୁ ॥ ବସିଥିବ ଖାଲି କିଛି ନ କହ କାହାକୁ । ଏତିକି ମାତ୍ର କରିବ କହିଲି ତୁମ୍ଭଙ୍କୁ ॥ ମୋର ପୁତ୍ର ଯେତେବେଳେ ସେ ଗୃହକୁ ଯିବ । ଗୁପତ ଭାବରେ ତହୁଁ ତାହାର ଆସିବ ॥ ଏତିକି କାର୍ଯ୍ୟ ଯେବେ ବଟି କରିପାର ମୋର । ମୋର ରାଜ୍ୟକୁ ତୁମ୍ଭଙ୍କୁ ନେବି ସତ୍ୱର ॥ ପାଞ୍ଚଖଣ୍ଡ ଗ୍ରାମ ଦେବି ତୁମ୍ଭଙ୍କୁ ଯେ ମୁହିଁ । ଧନ ରତ୍ନ ଅଳଙ୍କାର ଅତର ଦେବଇଁ ॥ ଦରିଦ୍ର ଦଶା ତୁମ୍ଭର ହୋଇଯିବ ଦୂର । ବିକ୍ରମଙ୍କୁ ଭୂରିମଲ୍ଲ କହନ୍ତେ ଏ ଗିର ॥ ରାଜି ହୋଇ ବିକ୍ରମ ଯେ ବରବେଶ ହେଲେ । ସତ୍ୱରେ ପାଲିଙ୍କି ପରେ ଯାଇଣ ବସିଲେ ॥ ଭୂରିମଲ୍ଲଙ୍କର ପୁଅ କୁଜା ଯେ ଅଟଇ । ବସାଘରେ ଲୁଚିକରି ରହିଲା ଯେ ସେହି ॥ ବିକ୍ରମଙ୍କ ବରବେଶ ଦେଖି ଭୂରିମଲ୍ଲ । ମନରେ ଆନନ୍ଦ ସେହୁ ହୋଇଲେ ଅପାର ॥ ଭାବିଲେ ଲଜ୍ଜାରୁ ଏବେ ହେଲି ପରିତ୍ରାଣ । କାହୁଁ ଯୁଟାଇଲେ ଆଣି ଏ ସୁନ୍ଦର ଜନ ॥ ଏହାକୁ ଦେଖି ସମସ୍ତେ ହୋଇବେ ସନ୍ତୋଷ । ମୋହର ମାନ କଦାପି ହେବ ନାହିଁ ନାଶ ॥ ଏହାକହୁ ଭୂରିମଲ୍ଲ ବର ପଠୁଅର । ପାଲିଙ୍କିରେ ବସ ଇଣି ଘେନିଗଲେ ବର ॥ ଭୋଜରାଜଙ୍କର ନଗ୍ର ଭିତରକୁ ଗଲେ । ସିଂହଦ୍ୱାରଠାରେ ଯାଇଁ ପ୍ରବେଶ ହୋଇଲେ ॥ ଭିତରକୁ ଗଲେ ତହୁଁ ବରକୁ ଘେନିଣ । ପୁରବାସୀ ବର ଦେଖି ହେଲେ ତୋଷମନ ॥ ନାରୀମାନେ ଦେଖି କାମେ ଭୋଳ ହୋଇଗଲେ । ଏମନ୍ତ ସୁନ୍ଦର ରୂପ ଥିଲା କେଉଁଠାରେ ॥ ଧନ୍ୟ ଅମ୍ବୁ ତିଳୋତ୍ତମା କେତେ ତପ କଲା । ଏପରି ସୁନ୍ଦର ସ୍ୱାମୀ ସେହି ଯେ ଲଭିଲା ॥ ନାରୀମାନେ ଏହିପରି କୁହାକୁହି ହେଲେ । ଭୋଜରାଜ ଆସି ତାଙ୍କୁ ବରଣ କରିଲେ ॥ ବିବାହ ବେଦୀକି ନେଲେ ବର ହାତଧରି । କାମେ ଘାରି ହେଲେ

ଦେଖି ଅନ୍ତଃପୁର ନାରୀ । ଭାବନ୍ତି ଏପରି ରୂପ ଦେଖାଇ ନ ଥିଲ ।
ସ୍ୱର୍ଗପୁର ଗନ୍ଧର୍ବ ଏଠାକୁ ଆସିଲ । କି ଅବା ସାକ୍ଷାତେ ଏହୁ
ଅଟଇ ମଦନ । ନାରୀକୁଳକୁ କରିବା ନିମନ୍ତେ ଜଗୁଛନ୍ତି । ଆସିଅଛୁ
ବେଦୀକି ଏ ବରବେଶ ହୋଇ । ଏହିପରି ନାରୀଗଣେ ହୋନ୍ତି
କୁହାକୁହି । ପୁଣି ବୋଲନ୍ତି ବିକ୍ରମାଦିତ୍ୟଙ୍କୁ ଗୁଡ଼ିଲେ । ଏପରି
ସୁନ୍ଦର ବ୍ୟକ୍ତି ନାହାନ୍ତି ମହୀରେ । ଏମନ୍ତ ବେଳରେ ଆସି
ଭାନୁମତୀ ରାଣୀ । ଗବାକ୍ଷ ମାର୍ଗରେ ଚାହିଁଦେଲେ ସେହିକ୍ଷଣି ।
ବେଦୀରେ ବରକୁ ଦେଖି ମନରେ ଭାବିଲେ । କି ସୁନ୍ଦର ରୂପ ଏହି
ଦେଖିଲି ନୟନରେ । ଭାବିଲେ ଭଗିନୀ ମୋର କେତେ ତପ
କଲା । କନ୍ଦର୍ପ ପରି ସୁନ୍ଦର ସ୍ୱାମୀଙ୍କି ପାଇଲା । ପୁଣି ଭାବିଲେ ମୋ
ପତି ଏପରି ସୁନ୍ଦର । ମାୟାକରି ଆସି କିବା ହୋଇଛନ୍ତି ବର ।
ତାଙ୍କ ବିନା ଏମନ୍ତ ସୁନ୍ଦର ଜନ କାହିଁ । ସଂସାର ମଧ୍ୟରେ କେବେ
ଦେଖି ନାହିଁ ମୁହିଁ । ପୁଣି ଭାବିଲେ ମୋ ସ୍ୱାମୀ ଗୃହରେ ଅଛନ୍ତି ।
ମନେ ମୋହର ଜନ୍ମୁଛି କାହିଁପାଇଁ ଭ୍ରାନ୍ତି । ଏପରି ଭାବିଣ ବେଗେ
ଭଗ୍ନୀ ପାଶେ ମିଳି । ବୋଇଲେ ଲୋ ତିଳୋତ୍ତମା କେତେ ତପ
କଲୁ । ଏପରି ସ୍ୱାମୀ ପାଇଲୁ ଧନ୍ୟ ତୋ ସୁକୃତ । ତୋର ପୂର୍ବ
ପୁଣ୍ୟ ଫଳ ହୋଇଲା ପ୍ରାପତ । ଭାନୁମତୀ ରାଣୀ ଚିନ୍ତେ ମଗନେ
ରହିଲେ । ସୁଜ୍ଞଜନମାନେ ଶୁଣ ଏଥୁଅନନ୍ତରେ । କନ୍ୟାକୁ ବେଗ
କରାଇ ଭୋଜ ନୃପବର । ବିବାହ କର୍ମର ବିଧି ଯୋଗାଡ଼ି ସକଳ ।
ବ୍ରାହ୍ମଣଗଣେ ବିବାହ କର୍ମ ଆରମ୍ଭିଲେ । କନ୍ୟା ଘେନି ଭୋଜନୃପ
ବେଦୀରେ ବସିଲେ । ବିକ୍ରମଙ୍କୁ ଘେନି ବସିଲେକ ଭୂବମଲ୍ଲ ।
ବିବାହର କର୍ମ କଲେ ବ୍ରାହ୍ମଣ ସକଳ । ପ୍ରଥମେ ଗଣେଶ ପୂଜା
ବିଧିମତେ କରିଲେ । ତହିଁ ଅଧିବାସ କରି ବୈଶାଳ ରୋପିଲେ ।
ଅଭ୍ୟୁଦକ ପରେ ବାନ୍ଧିଲେ କୌତୁକ ସୂତ୍ର । ବସୁଧାରା ଦେଇ
ପଢ଼ିଲେ ତାହାର ମନ୍ତ୍ର । କନ୍ୟା ହସ୍ତେ ଲବଣ ଗୃମର ଯେ

ଆଣିଲ । ଦୁର୍ଗାଙ୍କୁ ସୁମରି ବର ପରେ ନିକ୍ଷେପିଲ । ତହିଁ ପରେ ମହାବାକ୍ୟ କରି ଉଚ୍ଚାରଣ । ବରହସ୍ତେ କନ୍ୟାହସ୍ତ କରିଲେ ପ୍ରଦାନ । କୁଶଗଛ ଦ୍ୱାରା ତାହା ବ୍ରାହ୍ମଣେ ବାନ୍ଧିଲେ । କିନ୍ତୁ ସମସ୍ତ ଉତ୍ତାରେ ତାହା ଫିଟାଇଲେ । ଲଜାହୋମ କରିଲ ଉତ୍ତାରେ ପଞ୍ଚଗ୍ରାସି । ବନ୍ଦାପନା ବିଧି ସବୁ ଶେଷ କରି ବସି । ତା ଉତ୍ତାରେ ନାରୀମାନେ ସେଠାକୁ ଆସିଲେ । ବର କନ୍ୟାଙ୍କୁ ଉଠାଇ ଭିତରକୁ ନେଲେ । ନାନା ପରିହାସ କଥା ବରକୁ କହିଲେ । କନ୍ୟାକୁ ମଧ୍ୟ ସେପରି ବଚନ ବୋଇଲେ । ବର କନ୍ୟାକୁ ସେ ନାନା ଅଳଙ୍କାର ଦେଇ । ବନ୍ଦାପନା କଲେ ସର୍ବେ ହରଷିତା ହୋଇ । ଦୂବ ବଦରୀ ପତର ଅକ୍ଷତ ପକାଇ । ହୁଳହୁଳି ଦେଲେ ନାରୀଗଣେ ଏକ ହୋଇ । ଏହି ସମୟରେ ସେହି ଭାନୁମତୀ ରାଣୀ । ଯେଉଁ ଫୁଲମାଳା ହସ୍ତେ ଗୁନ୍ଥିଥିଲେ ପୁଣି । ତାକୁ ବର କଣ୍ଠେ ନେଇ ଲମ୍ବାଇଣ ଦେଲେ । ନାନା ରତ୍ନହାର କନ୍ୟା କଣ୍ଠେ ଲମ୍ବାଇଲେ । ମୁଖପୋଛି ଭିତରପୁରକୁ ଗଲେ ଚଳି । ଏହା ଦେଖି ବିକ୍ରମ ଯେ ମନେ ମନେ ଭାଳି । ଆନନ୍ଦ ହୋଇଣ ଚିତ୍ତେ କରନ୍ତି ବିଚାର । ଧନ୍ୟରେ ଶୁକ ତୋ ବୁଦ୍ଧି ଅଟଇ ଅପାର । ତୋହଠାରୁ ଶୁଣି ଏହି କନ୍ୟା ଲଭ କଲି । ଏମନ୍ତେ ବିକ୍ରମ ନୃପ ମନେ ମନେ ଭାଳି । ଏଣେ ତିଲୋତ୍ତମା ମନେ କରଇ ବିଚାର । ଅପୂର୍ବ ସୁନ୍ଦର ସ୍ୱାମୀ ଲଭ ହେଲା ମୋର । ସମସ୍ତେ କହନ୍ତି ଅତି ଦୁର୍ଲ୍ଲଭ ଏ ବର । କେତେବେଳେ ଦେଖିବି ମୁଁ ବଦନ ତାଙ୍କର । ଏ ଉତ୍ତାରୁ ବର କନ୍ୟା ଦୁହିଙ୍କି ନେଇଣ । ନାରୀମାନେ ତହୁଁ କରାଇଲେ ଯେ ଭୋଜନ । ରାଜପୁରେ ଯେତେ ବନ୍ଧୁ ବାନ୍ଧବ ଥିଲେ । ସମସ୍ତେ ଏକତ୍ର ହୋଇ ଭୋଜନ କରିଲେ । ସେହି ସମୟକୁ ଅର୍ଦ୍ଧରାତ୍ରି ଅନ୍ତ ହୋଇ । କନ୍ୟାକୁ ବେଶ କରିଲେ ସଖିମାନେ ଯାଇଁ । ବିକ୍ରମ ଅଛନ୍ତି ଯାହିଁ ମନ୍ଦୁଶଯ୍ୟା ଘରେ । ଆନନ୍ଦ ମନରେ

ବସିଛନ୍ତି ପଲ୍ୟଙ୍କରେ । ତିଳୋତ୍ତମାକୁ ନେଇଣ ସହଚରୀଗଣ ॥ ମଧୁଶଯ୍ୟା ଗୃହକୁ ଯେ ଚଳିଲେ ବହନ ॥ ପେଲି ପେଲି ନେଇ ସେ କନ୍ୟାକୁ ରହସ୍ୟରେ । ମଧୁଶଯ୍ୟା ଗୃହ ଭିତରକୁ ଛାଡ଼ିଦେଲେ ॥ ବାହାରେ କବାଟ ଦେଇ କହିଲେ ଅବିର । ତୁମ୍ଭଙ୍କୁ କହବୁ କସ ହେ ନବନାଗର ॥ ଏ ସଖୀ ଆମ୍ଭର ଅଟେ ଅତି ସୁକୁମାରୀ । ଗେହ୍ଲାରେ ବଢ଼ିଛୁ ତନ୍ତୁ ପାଇଲ ଏହାର ॥ ଅତ୍ୟନ୍ତ କୋମଳ ଦେହ ଅଟଇ ଏହାର । ବଜ୍ରରୁଁ କଠିନ ପୁଣି ପୁରୁଷ ଶରୀର ॥ ରସ ରଙ୍ଗ ଭୋଗ କରିବ ହେ ପୁଂସରାଜ । ଅମ୍ଭ ସଖୀ କରୁଅଛୁ ବହୁତ ଯେ ଲାଜ ॥ ତାହାଠାରେ ଦୟା କରି ରସ ଭୋଗ କର । ତୁମ୍ଭଙ୍କୁ ଏତିକି କଥା କହୁବା ଆମ୍ଭର । ପୁଣି ତିଳୋତ୍ତମାକୁ ସେ ହସିଣ କହିଲେ । ସ୍ୱାମୀଙ୍କ ପାଶରେ ଲାଜ ନ କରିବୁ ତିଳେ ॥ ଏହା କହି ସଖୀଗଣେ ଯେଝା ବାସେ ଗଲେ । ତିଳୋତ୍ତମା ଲାଜକରି ଛିଡ଼ାହୋଇ ଥିଲେ ॥ ବିକ୍ରମ ରାଜନ କନ୍ୟା କରକୁ ଧରିଣ । ବଳେ ନେଇ କୋଳରେ ଯେ ବସାଇଲେ ପୁଣ ॥ କୋଳରେ ବସାନ୍ତେ ଖସି ତଳକୁ ବସଇ । ମନକୁ ମୋହିଲେ ନାନା ଗୂଢ଼କଥା କହି ॥ ଆଲିଙ୍ଗନ କରି ଚନ୍ଦ୍ରବୁଲନ ଯେ କଲେ । କନ୍ୟା ମନ ମଜ୍ଜିଗଲା ଶୃଙ୍ଗାର ରସରେ ॥ ମୁଖରେ ଚୁମ୍ବନ ଦେଇ କୁଚକୁ ମର୍ଦ୍ଦିଲେ । ଚଉଷଠି ବନ୍ଧେ ରତି ବିକ୍ରମ କରିଲେ ॥ ବିପରୀତ ଭାବରେ ଦୁହେଁ ବିବସନ ହୋଇ । ରତିରସେ ମଜ୍ଜିଛନ୍ତି ମୁଖେ ନାହେ କହି ॥ ହାରିଣ ମଦନରାଜ ତହୁଁ ପଳାଇଲା । ରତି ଶେଷେ ଦୁହିଙ୍କର ଲଜ୍ଜା ପ୍ରକାଶିଲା ॥ ବସନ ପିନ୍ଧିଣ ଦୁହେଁ କରିଲେ ଶୟନ । ତିଳୋତ୍ତମାକୁ ବୋଇଲେ ବିକ୍ରମ ରାଜନ ॥ ଅଗୋ ସଙ୍ଗି ଶୁଣ ଏବେ ବଚନ ମୋହର । ଅସମ୍ଭବ କଥା ଶୁଣି ନ ହେବ କାତର ॥ ସତ୍ୟକଥା କହୁଅଛୁ ତୁମ୍ଭ ଆଗେ ମୁହିଁ ॥ ବିଭା ହେଲ ଯିନା ତୁମ୍ଭ ସ୍ୱାମୀ ନୁହେ ମୁହିଁ । ମୁଁ ନୁହଇ କେବେ ।

ଭୂରମଲ୍ଲଙ୍କର ପୁତ୍ର । ତାଙ୍କ ପୁଅ ଅଟେ ଅତି ଅସୁନ୍ଦର ପାତ୍ର ।
ତା ପିଠିରେ କୁଜ ଏକ ଅଛି ବିଶେଷରେ । ତେଣୁ ବିଭା
ହୋଇବାକୁ ନ ବସି ବେଦୀରେ । ବସାଘରେ ଲୁଚିକରି ସେହି
ଯେ ରହିଲା । ମୋତେ ବରବେଶ କରି ଏଠାକୁ ପଠାଇଲା । ତାର
ଅସୁନ୍ଦର ରୂପ ଦେଖି ଲୋକମାନେ । ବିଭା କରିବେ ନାହିଁ
ବୋଲି ଭୟ ମନେ । ଲୁଚିଅଛି ବସାଘର ମଧ୍ୟରେ ସେ ଯାଇ ।
ତୁମର ପ୍ରକୃତ ବର ସେହି ଯେ ଅଟଇ । ଆସିଥିଲି ମୁହିଁ
ଦେଖିବାକୁ ଉତ୍ସବର । ତା ପିତା ମୋତେ ଦେଖିଣ ଡାକିଲା
ସତ୍ୱର । ବୋଇଲା ବହୁତ ଧନ ତୋତେ ମୁହିଁ ଦେବି । ମୋ କଥା
ମାନିଲେ ମହା ଆନନ୍ଦ ହୋଇବି । ମୋର ପୁତ୍ର ଗୋଟି
ଅଟେ ବଡ଼ ଅସୁନ୍ଦର । ପିଠିରେ ଗୋଟିଏ କୁଜ ଅଛଇ
ତାହାର । ମୋ ପୁତ୍ର ଏପରି ବୋଲି କେ ଜାଣନ୍ତି ନାହିଁ ।
ଆଜି ଏହା ଦେଖିଲେ ଯେ ଦେବେ ସେ ଫେରାଇ । ତହୁଁ ବଡ଼
ଅପମାନ ହୋଇବ ଯେ ମୋତେ । ବରବେଶ ଗୋଟି ତୁହି ହୋଇଣ
ତୁରିତେ । ବେଦୀରେ ବସି କନ୍ୟାକୁ ବିବାହ ହୋଇବୁ ।
ମଧୁଶଯ୍ୟାଘରେ ଯାଇ ଗୁପ୍ତେ ବସିଥିବୁ ॥ ମୋର ପୁଅ ଯେତେବେଳେ
ଯିବ ସେ ଗୃହକୁ । ସ୍ଥିର ହୋଇ ବାହାରକୁ ଆସିବୁ ପଦାକୁ ।
ଆଗୋ ସଖି ମୋତେ ଏହି ପରିକରେ ଜାଣ । ଭୂରମଲ୍ଲ ରାଜା
କହିଅଛନ୍ତି ପ୍ରମାଣ । ଯାହା ହେଲା ହେଲା ଏତେ ସମୟ ରହିଲି ।
ଆଉ ରହି ନ ପାରିବି ତୁମ୍ଭଙ୍କୁ କହିଲି । ତୁମ୍ଭର ଯେ ସ୍ୱାମୀ ଏଥେ
ଆସିବେ ଏଥର । ମୋତେ ଟିକେମନେ କରୁଥିବୁ ନାହିଁ ବର । ଯାଉଛି
ବିଦାୟ ହୋଇ ସବୁଜନ ପାଇଁ । ବିଳମ୍ବ ହେଉଣି ଆଉ ନ ପାରିବି
ରହି । ଶୁଣି ରାଜକୁମାର ସେ ବାକ୍ୟ ନ ସ୍ଫୁରିଲା । କପାଳରେ
ହାତ ମାରି ଭୂମିରେ ପଡ଼ିଲା । ମସ୍ତକରେ ଯେସନେ ବଜ୍ର ପଡ଼ଇ
ତାହାର । ବାକ୍ୟ ଗଦଗଦେ ରୁଦ୍ଧ ହେଲା କଣ୍ଠ ସ୍ୱର । ବିକଳେ

ବୋଇଲା ନାଥ କି କଥା କହିଲ । ବିଭା ହୋଇ ଛାଡ଼ିଯିବା ଅଟେ କି ବିଗୁର ॥ ପ୍ରାଣନାଥ ମୋତେ ତୁମ୍ଭେ ଛାଡ଼ିଯିବ ଯେବେ । ନିଶ୍ଚେ ବିଷ ଖାଇ ମୃତ୍ୟୁ ଲଭିବି ମୁଁ ତେବେ । ସ୍ତ୍ରୀହତ୍ୟା ଦୋଷ ଗୋଟି ତୁମ୍ଭେ ଅର୍ଜିବ । ଇହ ପର ଦୁଇକାଳେ ନିନ୍ଦାକୁ ଲଭିବ ॥ ଏପରି କଥା କିପରି କହିଲ ହେ ନାଥ । ଅତି ସୁଖକାଳେ ଅତି ଦୁଃଖ କର ଜାତ ॥ ଅନାଥିନୀ କରି ମୋତେ ଛାଡ଼ିଯିବ କେଉଁଣେ । ତୁମ୍ଭେ ଯେଉଁଣେ ଯିବ ମୁହିଁ ଗୁଲିବଟି ତେଉଁଣେ ॥ ପିତା ମୋତେ କରିଛନ୍ତି ତୁମ୍ଭଙ୍କୁ ପ୍ରଦାନ । ମୋର କି ଦୋଷ ହୋଇଲା କୁହ ଜୀବଧନ ॥ ମୁଁ ତ କେତେବେଳେ ହେଲେ କରିନାହିଁ ଦୋଷ । ଅକାରଣେ ମୋରଠାରେ ବହ କିପାଁ ରୋଷ ॥ ଏହା କହି ତିଲୋତ୍ତମା ସ୍ୱାମୀଙ୍କ ପାଦରେ । ମସ୍ତକ ଲଗାଇ ପ୍ରକାଶିଲା ବିକଳରେ ॥ ପ୍ରିୟାର ଏମନ୍ତ କଥା ବଚନ ଦେଖିଣ । ଭାବିଲେ ଯେବେ ଏହାକୁ ଯିବ ମୁଁ ଛାଡ଼ିଣ ॥ ତେବେ ଏ ଜୀବନ ହତ୍ୟା ନିଶ୍ଚୟେ ହୋଇବ । ନ ଗଲେ ସେ ଭୁବନମଲ୍ଲି ଦେଶକୁ ବହିବ ॥ କି କଥା କରିବ ବୁଦ୍ଧି ଦିଶୁ ନାହିଁ ମୋତେ । ପୁଣ ଏକ କଥା ଭାବି ନିଜ ଅନ୍ତର୍ଗତେ ॥ ପ୍ରିୟାକୁ ବୋଇଲେ ପୁଣି ଶୁଣ ମୋର ବାଣୀ । ଯାହାପାଇଁ ଯାଉଛୁ ଭଇଅଇଛୁ ପ୍ରୟୋଜନ ॥ ସେ କଥାକୁ କିଏ କରି ପାରିବଟି ଆନ । ମୋ ହସ୍ତମୁଦ୍ରିକା ଏବେ ରଖ ତୋ ବହନ ॥ ସେଥିରେ ମୋ ନାମ ଲେଖା ହୋଇଛୁ ଦେଖିବ । ତେଣୁ ମୋର କଥା ତୁମ୍ଭ ମନେ ପଡୁଥିବ । ବିଭା ହୋଇଅଛୁ ଯେତେବେଳେ ମୋତେ ତୁହି । କେତେବେଳେ ଅନ୍ତର ଗୋ ହୋଇବ ତ ନାହିଁ ॥ ତୋ ପିତାଙ୍କ ସତ୍ୟ ରକ୍ଷା କରିବା ନିମନ୍ତେ । ପଦାକୁ ଯାଉଛୁ ମୁହିଁ ରହିଥାଅ ଏଥେ ॥ ଲୁଚା ଯେବେ ଏ ସ୍ଥାନକୁ ଅସି ଇଚ୍ଛା କରେ । କଦାପି ପୂରାଇ ତାକୁ ନ ଦେବ ଗୃହରେ ॥ ଚରଣ ମାରି ପଦାକୁ ତାକୁ ଦେବ ପେଲି ।

ମୋର ନାମାଙ୍କିତ ମୁଦ୍ରା ରଖ ଗୋ ସୁନ୍ଦର । ଏହିରୂପେ ମନକଥା ଖୋଲିଣ କହିଲେ । ପ୍ରିୟା ହସ୍ତେ ମୁଦ୍ରାଦେଇ ଅନ୍ତର ହୋଇଲେ ॥ ଯେଉଁ ବୃକ୍ଷେ ଅସିଥିଲେ ସେ ବୃକ୍ଷ ଉପରେ । ଲୁଚିଣ ରହିଲେ କଉତୁକ ଦେଖିବାରେ ॥ ଏମନ୍ତ ସମୟେ ସେହି ରାଜା ଭୂମିମଲ୍ଲ । କୁଜାପୁଅକୁ ଘେନିଣ ନିଜ ସଙ୍ଗତର ॥ ମଧୁରଯ୍ୟା ଗୃହ ନିକଟରେ ଛିଡ଼ା ହେଲା । ଭିତରକୁ ଯାଅ ବୋଲି ପୁଅକୁ କହିଲା ॥ ପିଲାର କଥାକୁ ଶୁଣି କୁଜାପୁଅ ତାର । ଭିତରକୁ ଯିବାପାଇଁ ପ୍ରବେଶନ୍ତେ ଦ୍ୱାର ॥ ଜାଣି ତିଲୋତ୍ତମା ଘରୁ ଆସିଣ ବହନ । ପୋଇଠାଏ ଦେଲା ତାକୁ ପ୍ରବଳ ଗୁବେଣ ॥ ଚୋଟଠା ଘାତରେ କୁଜା ଢଳି ଗଡ଼ି ଗଲା । ଖଣ୍ଡେ ଦୂରଠାରେ ଛେଚି ହୋଇଣ ପଡ଼ିଲା ॥ ପଥର ଉପରେ କୁଜା ଛୁଆଁଇ ପଡ଼ିଲା । ଛେଚି ହୋଇବାରୁ ତାର କୁଜ ଫାଟିଗଲା ॥ ତେବେଣେ ତିଲୋତ୍ତମା ଯେ କବାଟ ଦେଲା କିଳି । ସ୍ୱାମୀଙ୍କର କଥାକୁ ସେ ବସିଲା ଯେ ଭୁଲି ॥ କୁଜାର ଯେମନ୍ତେ ଏଣେ କୁଜ ଫାଟିଗଲା । ମଲି ଲୋ ବୋପା ଲୋ ବୋଲି ଉଚ୍ଚରେ କାନ୍ଦିଲା ॥ ବଡ଼ ପାଟିକର କାନ୍ଦ କହିଲା ପିତାକୁ । ରାଜକନ୍ୟା ମାରି ଫଟାଇଲା ମୋ କୁଜକୁ ॥ ମରଗଲି ମରଗଲି ରଖ ବେଗେ ଅସି । କି କରିବି କେଣେ ଯିବି ନ ପାରଇ ବସି ॥ ଏହିରୂପେ କୁଜା ଅତି ବଡ଼ ପାଟି କରି । କାନ୍ଦିବାରୁ ଧାଇଁଣ ଆସିଲେ ନରନାରୀ ॥ ବୋଇଲେ ଏ କି ଘଟଣା ବେଗକର କହ । କାହିଁକି କାନ୍ଦୁଛୁ ଅରେ ପୋଚ୍ଛୁପଙ୍କା ଲୁହ ॥ କୁଜା କହୁଅଛି କାନ୍ଦି ସମସ୍ତଙ୍କୁ ଶୁହିଁ । ରାଜକନ୍ୟା ମାରି ମୋତେ ଦେଲା ଫୋପଡ଼ାଇ ॥ ତେଣୁକରି ମୋର ପିଠି ଫୁଲି ଉଠିଅଛି । ଅବିର ରକତ ଧାର ତହିଁରୁ ବହୁଛି ॥ ସେ ଅଘାତେ ମୁହିଁ ଉଠିପାରୁ ନାହିଁ ଜାଣି । ଏତେବେଳେ ବାହାର କି ଯିବ ମୋ ଜୀବନ ॥ ତେଣୁ ବହୁତ କଷ୍ଟ ମୋ ହେଉଛି ଶରୀରେ । ଛାଡ଼ ପାଉଛି ଜୀବନ ସେହି ଅଘାତରେ ॥

ପ୍ରକାଣ୍ଡ ରାକ୍ଷସୀ ଗୋଟା ଅଟଇ ଯେ ସେହି । ତାହାର ସ୍ୱଭାବ ଜାଣି ନ ପାରିଲେ କେହି ॥ ନ ଜାଣିଣ ପିତା ମୋତେ ବିଭା କରିଦେଲେ । ରାକ୍ଷସୀ ବୋଲିଣ ସେହୁ ଜାଣି ନ ପାରିଲେ ॥ ଏହା ଶୁଣି ଜେମାକୁ ଯେ ନିନ୍ଦିଲେ ସମସ୍ତେ । ସ୍ୱାମୀକୁ ତୋ ପାଦେ ମାଡ଼ି ମାରିଲୁ କେମନ୍ତେ ॥ ଏ କଥା ଶୁଣି ସେ ଘର ଭିତରେ ଥାଇଣ । ରାଜକନ୍ୟା କାନ୍ଦି କାନ୍ଦି କହିଲା ତକ୍ଷଣ ॥ ବିଭାକାଳେ ମୋ ସ୍ୱାମୀଙ୍କୁ କେବା ଦେଖି ନାହିଁ । ତାହାଙ୍କଠାରୁ ସୁନ୍ଦର ଅଙ୍ଗ ଅଛୁ କାହିଁ ॥ କୋଟିଏ କନ୍ଦର୍ପ ଜିଣି ରୂପ ଯାହାଙ୍କର । ତାଙ୍କୁ ଦେଖି ଧୈର୍ଯ୍ୟଚ୍ୟୁତ ହେଲା ନାରୀଙ୍କର ॥ ସେହି ସ୍ୱାମୀ ମୋର ତାଙ୍କ ବିଭା ହୋଇଥିଲି । ମୋ ପୁଣ୍ୟବଳୁଁ ସେଭଳି ସ୍ୱାମୀଙ୍କୁ ପାଇଲି । ରାତିଗୋଟିକ ସେ ମୋର ପାଶେ ରହିଥିଲେ । ରାତି ଶେଷ ହେବା ଦେଖି କାହାରକୁ ଗଲେ ॥ ଏ କୁଜା କପର ମୋର ସ୍ୱାମୀ ଯେ ହୋଇଲା । କେଉଁ କାରଣରୁ ସେ ଏଠାକୁ ଆସୁଥିଲା ॥ ତା ମୁଖକୁ ଲାଜ ନାହିଁ ଉଲେମାନ ହୋଇ । ସମସ୍ତେ ତାହାର କଥା ଶୁଣୁଛ କପାଇଁ ॥ କନ୍ୟା ବାପ ଭୋଜ ନୃପ ମଧ୍ୟ ଅସିଥିଲେ । ଝିଅର ମୁଖରୁ ଏହି କଥାକୁ ଶୁଣିଲେ ॥ ଉପସ୍ଥିତ ହୋଇଥିଲା ତହିଁ ଭୁବମଲ୍ଲ । ଏହା ଶୁଣିକର କୋପ ହୋଇଣ ପ୍ରବଳ ॥ ଭୋଜ ନୃପଙ୍କୁ ବୋଇଲା ତୁମ୍ଭ ଦୁହିତାର । ଅଚରଣ ଭଲ ନୁହେ ଜାଣିଲି ନିକର ॥ ନିଶ୍ଚୟ ଅସତୀ ଏହୁ କନ୍ୟା ଯେ ଅଟଇ । ଅନ୍ୟ କାହା ପ୍ରେମେ ପଡ଼ି ହୋଇଛୁ ଏ ବାଇ ॥ କି ସୁନ୍ଦର ପୁଅକୁ ମୋ ମାରି କୁଜା କଲା । ବିଭା ହେଲା ସ୍ୱାମୀକୁ ସେ କପର ମାରିଲା ॥ ଏଡ଼େ ବଡ଼ କୁଳ ବୋଲି ଜାଣିଥିଲୁ ଅମ୍ଭେ । ଏଡ଼େ ନୀଚକର୍ମ ଏବେ କରୁଅଛ ତୁମ୍ଭେ ॥ ଭୁବମଲ୍ଲ ଏ ପ୍ରକାରେ ବହୁ ଧିକ୍କାରିଲା । ସମସ୍ତେ କହନ୍ତି ଏହା ଉଚିତ ନୋହିଲା ॥ ଭୋଜ ନୃପ ବୋଲୁଛନ୍ତି ଭୁବମଲ୍ଲେ ଶୁଣ । ତୁମ୍ଭ କଥାକୁ ଝିଅର

କଥା ଭିନ୍ନ ହୋଇ ॥ ପୁଅ ବୋଲୁଛୁ ତୁମ୍ଭର ଏକଇ ପ୍ରକାର ॥ ଅନ୍ୟ କଥା କହୁଅଛୁ ଝିଅ ଯେ ଆମ୍ଭର ॥ ଏଥକୁ ଜଟିଳ ନ୍ୟାୟ ବିଚାର କରଣ। ବୁଝନ୍ତୁ ଅଛନ୍ତି ଆସି ଯେତେ ନୃପଗଣ ॥ ସେଠାବରେ ଯେତେ ରାଜା ଥିଲେ ଉପସ୍ଥିତ । କରଯୋଡ଼ି ତାଙ୍କୁ ବୋଲେ ଭୋଜ ନରନାଥ ॥ ଏ କଥା ସର୍ବେ ବିଚାର କର ହୋ ବୋଇଲେ । ଏ ପ୍ରଧାନ ଭାର ନ୍ୟସ୍ତ ତୁମ୍ଭର ଉପରେ ॥ ସବୁ ନୃପେ ଏହା ଶୁଣି ସେଠାରେ ବସିଲେ । ନାନା ପରକାରେ ତାହା ଆଲୋଚନା କଲେ ॥ କିଏ ମିଛ କିଏ ସତ ନ ପାରିଲେ ଜାଣି । ତେଣୁ ସମସ୍ତେ ବସିଲେ ହୋଇଣ ଯେ ତୁନି ॥ ବିପ୍ର ଲକ୍ଷ୍ମୀଧର ଏହା କହନ୍ତି ଗୀତରେ । ବିକ୍ରମଙ୍କ ବିନା କେ ମୀମାଂସା କରିପାରେ ॥

---

## ନ୍ୟାୟ ମୀମାଂସା ନିମନ୍ତେ ଭୋଜନୃପଙ୍କ ସହ ଭୂରିମଲ୍ଲଙ୍କର ବିକ୍ରମାଦିତ୍ୟଙ୍କ ପାଖକୁ ଗମନ ଓ ତିଲୋତ୍ତମାର ବିକ୍ରମଙ୍କ ସହ ମିଳନ

ଏଥୁଅନନ୍ତରେ ଶୁଣ ସାଧୁ ସୁଜ୍ଞଜନ । ବିଚିତ୍ର କାହାଣୀ ଏ ଯେ ଅପୂର୍ବ ଆଖ୍ୟାନ । ଶୁଣିଲେ ଆଶ୍ଚର୍ଯ୍ୟ ଭାବ ହୃଦରେ ଜନ୍ମିବ ॥ ଶ୍ରାବଣ ବରଷା ପରି ମନକୁ ତୋଷିବ ॥ ଏମନ୍ତେ ସେଠାରେ ବିଭା କାର୍ଯ୍ୟ ଶେଷ ହେଲା । ଭାନୁମତୀ ମନେମନେ ବିଚାର କରିଲା ॥ ରାତି ପାହିବାକୁ ଆଉ ତିନିଘଡ଼ି ଅଛି । ସ୍ୱାମୀ ଗୃହେ ଯିବା ବିଳମ୍ବ ନ କର କିଛି ॥ ସ୍ୱାମୀ ଶୋଇଛନ୍ତି ମୋର ପଲ୍ୟଙ୍କ ଉପରେ । ସେ ଜାଣି ନାହାନ୍ତି ମୁହିଁ ଆସିଛି ଏଠାରେ ॥ ଯେଉଁ ବୃକ୍ଷେ ଆସିଥିଲି ସେ ବୃକ୍ଷରେ ଯିବି । ପ୍ରଥମେ ସ୍ୱାମୀଙ୍କୁ ଯାଇଁ ଯେପରି ଦେଖିବି ।

ତେବେ ମୋର ମନ ଯାଇଁ ହରଷ ହୋଇବ । ଅଜ ନ କରିବ କେବେ ସମସ୍ତ ବିଳମ୍ବ ॥ ସ୍ୱାମୀ ଜାଣିଲେ ନିଶ୍ଚୟ ଦୋଷୀ ମୁଁ ହୋଇବି । ଯାଉଛୁ ମାତାଙ୍କଠାରୁ ବିଦାୟ ଅଣିବି ॥ ଏହା ଭାବି ଭାନୁମତୀ ରାଣୀ ବ୍ୟଗ୍ର ହୋଇ ॥ ବିଦାୟ ମାଗିଲେ ମାତାଙ୍କ ପାଶରେ ଯାଇଁ ॥ ସେଠାରୁ ମେଲାଣି ହୋଇ ବହନ ଅସିଲେ । ଯେଉଁ ବୃକ୍ଷେ ଅସିଥିଲେ ତହିଁ ଅରୋହିଲେ ॥ ଅଗରୁ ସେ ବୃକ୍ଷେ ଛନ୍ତି ବିକ୍ରମ ରାଜନ । ସେ କଥାକୁ କେହି ଜାଣି ନ ପାରିଲେ ପୁଣ ॥ ବୃକ୍ଷ ଅରୋହଣ କଲ ଯହୁଁ ଭାନୁମତୀ ॥ ଯୋଗୀଗଣେ ମିଳି ବୃକ୍ଷ ନେଇଣ ଯାଉଁଛନ୍ତି ॥ ଉଜ୍ଜ୍ୱଳ ନଗରେ ଯାଇ ପ୍ରବେଶ ହୋଇଲେ । ଭାନୁମତୀ ରାଣୀ ତହୁଁ ଓହ୍ଲାଇଣ ଗଲେ ॥ ଏହି ସମସ୍ତ ମଧ୍ୟରେ ବିକ୍ରମ ରାଜନ । ଓହ୍ଲାଇଣ ଗଲେ ପୁରେ ଗୁପତ ହୁବେଶ ॥ ପୂର୍ବପ୍ରାୟ ପଲ୍ୟଙ୍କ ଉପରେ ଯେ ଶୋଇଲେ । ଭାନୁମତୀ ରାଣୀ ତାହା ଜାଣି ନ ପାରିଲେ ॥ ଗଳାର ହାରକୁ ଓହ୍ଲାଇଣ ରଖିଦେଲେ । ନ ଜାଣିଲ ପ୍ରାୟେ ମିଛେ ନିଦ୍ରାରେ ଶୋଇଲେ ॥ ଏଣେ ଯୋଗୀଗଣେ ବିଦାୟ ହୋଇଣ ଯାନ୍ତେ ॥ ଶୟନ ମନ୍ଦିରେ ରାଣୀ ପଶିଲେ ତୁରିତେ ॥ ଦେଖିଲେ ପଲ୍ୟଙ୍କ ପରେ ରାଜା ଶୋଇଛନ୍ତି । ତେଣୁ ରାଣୀଙ୍କର ମନ ପ୍ରଫୁଲ୍ଲିତ ଅତି ॥ ଭାବିଲେ ରାଜା ଏ ସବୁ ନାହାନ୍ତି ତ ଜାଣି । ଭଲଯୋଗେ ଯାଇ ଅସି ପାରିଲେ ଯେ ପୁଣି ॥ ଏତେ ଭାବି ରାଣୀ ତହୁଁ ରାଜାଙ୍କୁ ଡାକିଲେ । ରାତି ପାହିଲଣି କେତେ ନିଦ୍ରା ଯାଅ ଭଲେ ॥ ଉଠ ନାଥ ଅପଣାର ନିତ୍ୟକର୍ମ ସାର । ଏହା ଶୁଣି ବିକ୍ରମ ଯେ ଉଠିଲେ ସତ୍ୱର ॥ ଗୋବିନ୍ଦ ସୁମରି ମିଛେ ଅଳସ ଭାଙ୍ଗିଲେ । ରାତ୍ରିକଥା ଭାବି ମନେ ମନେ ସେ ହସିଲେ ॥ ତାହାକୁ କିଛି ନ କହି ନିତ୍ୟକର୍ମ କଲେ । ତହୁଁ ସୁବେଶ ହୋଇଣ ସଭାକୁ ଅସିଲେ ॥ ସିଂହାସନେ ବସି ରାଜନୀତି ବିଗୁରିଲେ । ପ୍ରଜାଙ୍କ ଗୁହାରି ଶୁଣି

ବିଚାର କରିଲେ । ଏହିପରି ଦୁଇ ଚାରି ଦିନ ଭୋଗ ହେଲା । ଭୁବନମଲ୍ଲ ଭୋଜଙ୍କର କଳହ ଲାଗିଲା । ମୀମାଂସା ନୋହିଲା ସେହି କଳହ ତାଙ୍କର । କନ୍ୟା ନେବାକୁ କହିଲା ତାଙ୍କୁ ଭୁବନମଲ୍ଲ । କୁଜା ସଙ୍ଗେ କନ୍ୟା ଦିବା ପାଇଁ ନାହିଁ କଲା । ଏହି କଥା ମୀମାଂସା ଯେ କେବେ ନ ହୋଇଲା । ଭୋଜ ଭୁବନମଲ୍ଲ ଦୁହେଁ କରିଣ ବିଚାର । ବିକ୍ରମାଦିତ୍ୟଙ୍କ ପାଶେ ଚଳିଲେ ସତ୍ୱର । ସେ ନିଶ୍ଚେ ଆମ୍ଭର କଳି ଭାଗିଣ ପାରିବେ । ବିଚାର କରିଣ ଯେଉଁ କଥା ସେ କହିବେ । ଶୁଣୁଛୁ ଉତ୍ତମ ନ୍ୟାୟବନ୍ତ ସେ ରାଜନ । ସେ ଯାହା କହିବେ ତାହା ମାନିବା ଦୁହିଜଣ । ଏତେ ଭାବି କରି ପଥେ ଗମନ କରିଲେ । ଉଜ୍ଜୁଳ ନଗରେ ଯାଇ ପ୍ରବେଶ ହୋଇଲେ । ସଙ୍ଗତରେ କୁଜା ପୁଅ ତିଲୋତ୍ତମା ଛନ୍ତି । ବିକ୍ରମଙ୍କ ସଭାରେ ସେ ମିଳିଲେ ତୁରିତ । ଦୁହିଁଙ୍କି ଦେଖି ବିକ୍ରମାଦିତ୍ୟ ନୃପବର । ଅତିବେଗେ ତାହାଙ୍କୁ ଯେ କଲେ ସମାଦର । ଉତ୍ତମ ଆସନେ ଦୁହିଙ୍କି ଯେ ବସାଇଲେ । ତିଲୋତ୍ତମାଙ୍କୁ ଅନ୍ତଃପୁରେ ପଠାଇଲେ । ତହୁଁ ଭୋଜଙ୍କୁ ବିକ୍ରମରାଜନ ପୁଚ୍ଛିଲେ । କି ନିମନ୍ତେ ଆଗମନ କରିଲ ବୋଇଲେ । ଆବର ସଙ୍ଗତେ ଆସିଛନ୍ତି ଭୁବନମଲ୍ଲ । ଏହାର କାରଣ ମୋତେ କୁହନ୍ତୁ ସତ୍ୱର । ଏହା ଶୁଣି ଭୋଜନୃପ କହନ୍ତି ଉତ୍ତର । ଏକ ଚିତ୍ତେ ଶୁଣ ହେ ବିକ୍ରମ ନରେଶ୍ୱର । ଭୁବନମଲ୍ଲ ଯହିଁ ପାଇଁ ସଙ୍ଗେ ଆସିଛନ୍ତି । ତାହାର କାରଣ ଏବେ ଶୁଣନ୍ତୁ ନୃପତି । ଆମ୍ଭ ଦୁହିଙ୍କ ମଧ୍ୟରେ କଳହ ହୋଇଛୁ । କଉଣସି ମତେ ତାହା ମୀମାଂସା ନୋହୁଛୁ । ତୁମ୍ଭେ ନ୍ୟାୟବନ୍ତ ରାଜା ଅଟ ତ୍ରିଭୁବନେ । ତୁମ୍ଭ ବିଚାରକୁ ଯାହା ଆସିବ ଏଥରେ । ସେ କଥା ମାନିବୁଁ ଏବେ ଆମ୍ଭେ ଦୁଇଜଣ । ସତ୍ୟ ସତ୍ୟ ଏହି କଥା ଅଟଇ ପ୍ରମାଣ । ଭୁବନମଲ୍ଲଙ୍କର କୁଜା ପୁଅ ଏ ଅଟଇ । ମୋ କନ୍ୟା ତିଲୋତ୍ତମାକୁ ବିବାହର ପାଇଁ ।

ଜନ୍ମବେଳେ ଏହାଙ୍କୁ ଯେ ଦେଖିଥିଲି ମୁହିଁ । କୋଟିଏ କନ୍ଦର୍ପ ପ୍ରାୟେ ଦିଶୁଥିଲା ଏହି ॥ ତହିଁ ଅରବିନ୍ଦ ମୁଖକୁ ଦେଖିଲି ଯେମନ୍ତେ । ପିଠିରେ ଗୋଟାଏ କୁଜ ହୋଇଛି ଅଦ୍ଭୁତେ ॥ ଭୂମିରେ ଗଡ଼ି କାନ୍ଦଇ ଅତି ପ୍ରଭାତରୁ । ପିତାଙ୍କୁ ଡାକି ତାହାର କହେ ସେ ସ୍ଥାନରୁ ॥ ରାଜାଙ୍କ ଝିଅ ମାରି କରି ତଡ଼ିଦେଲା ମୋତେ । ପିଠିରେ କୁଜ ବାହାରି ପଡ଼ିଲା ଯେ ଏଥେ ॥ ମୋତେ ଭୂରମଲ୍ଲ ନାନା ଜିଜ୍ଞାସି କହିଲେ । ତୁମ୍ଭ ଝିଅ ମୋ ପୁତ୍ରକୁ ମାରିଲା ବୋଇଲେ ॥ ଏମନ୍ତ ପ୍ରକାରେ ଯହୁଁ ଶୁଣିଲି କର୍ଣ୍ଣରେ । କୁଜାର ଏପରି ରୀତି ଦେଖିଲି ନେତ୍ରରେ ॥ ଝିଅ ଠାରୁ ବୁଝିଲି ସକଳ ମୁହିଁ ଯାଇଁ । ଝିଅ କହେ ଏହାଙ୍କୁ ସେ ବିଭା ହୋଇନାହିଁ ॥ ବୋଲେ ମୋର ସ୍ୱାମୀ ଯେହୁ ଅତ୍ୟନ୍ତ ସୁନ୍ଦର । ମଧୁଯୋଗରେ ସେହୁ ଥିଲେ ରାତ୍ରିକାଳ ॥ ରାତ୍ରି ଶେଷ ହେବା ସମୟକୁ ଉଠିଗଲେ । ଏ କୁଜା ସେହି ଘରକୁ ପଶୁଥିଲେ ବଳେ ॥ କବାଟକୁ ପେଲୁଥିଲା ପଶିବାକୁ ଘରେ । ପୁରାଇ ନ ଦେଲି ଯାକୁ ଘରେ ସେ ବେଳରେ ॥ ପେଲି ଦେବାରୁ ସେ ଯାଇଁ ପଡ଼ିଲା ଭୂମିରେ । କବାଟକୁ କିଳିଦେଇ ରହିଲି ଭିତରେ ॥ ମୋର ଝିଅ ତିଲୋତ୍ତମା ନାମ୍ନୀ ଯେ ଅଟଇ । ଏହି କଥା ଦୃଢ଼ଭାବେ କହୁଅଛି ସେହି ॥ ବୋଲଇ କଦାପି ଯାକୁ ବିଭା ହୋଇନାହିଁ । ସର୍ବେ ଦେଖିଛନ୍ତି ସ୍ୱାମୀ ଅଟନ୍ତି ଯେହି ॥ ଏ ଭୂରମଲ୍ଲ ରାଜନ କହୁଛନ୍ତି ମୋତେ । କୁଜାପୁଅ ସଙ୍ଗେ ତୁମ୍ଭ ଝିଅକୁ ତୁରିତେ ॥ ଝିଅ ମୋର ନାହିଁ କରିବାରୁ ନ ପଠାଇ । ଏଠାକୁ ଆସିଲିଁ ନ୍ୟାୟ କରିବାର ପାଇଁ ॥ ଏତେ କହି ଶ୍ରେଷ୍ଠୀ ନୃପ ତୁନି ଯେ ହୋଇଲେ । ଭୂରମଲ୍ଲ ପୁଣି ବିକ୍ରମଙ୍କୁ ଯେ କହିଲେ ॥ ଶୁଣ ଅହୋ ନୃପବର ଗୁହାରି ମୋହର । ବୋହୂଙ୍କୁ ପଠାଇଦ୍ୟନ୍ତୁ ନ କର ଉଚ୍ଛୁର ॥ ସଙ୍କଟରେ ମୋ ରାଜ୍ୟକୁ ଘେନିଯିବି ମୁହିଁ । ଯାହା ତ ହେବାର

ହେଲ ବିଳମ୍ବ କିପାଇଁ । ଏକଥା ଶୁଣି ବିକ୍ରମ ହସୁଥାନ୍ତି ମନେ । ଭୋଜନୃପଙ୍କୁ ଚାହିଁଣ ବୋଲନ୍ତି ଉଷତେ ॥ ଝିଅ ବିଭାକଲ ମୋତେ ଜଣାଇଲ ନାହିଁ । ତୁମ୍ଭର ଅଟଇ ପରା ମୁଁ ବଡ଼ ଜୁଆଇଁ ॥ ବିଭାଘର କରିଦେଲ ନ ଖୋଜିଣ ମୋତେ । ହେଉ ଯାହା କଲ ଦୁଃଖ ନାହିଁ ମୋର ଚିତ୍ତେ ॥ ଏହା ଶୁଣି ଭୋଜନୃପ ଚିନ୍ତିତ ହୋଇଲେ । ବିସ୍ମୟ ଭାବରେ ମୁଖ ତଳକୁ କରିଲେ ॥ ଶ୍ୱଶୁରଙ୍କ ଅବସ୍ଥା ଯେ ଏରୂପେ ଦେଖିଣ । ବିକ୍ରମ ନୃପତି ତାଙ୍କୁ କହିଲେ ତକ୍ଷଣ ॥ ଯାହା ହେବାର ତ ହୋଇଅଛି ସେଥିପାଇଁ । ମନେ ଚିନ୍ତା କରିବାର ଉଚିତ ନୁହଇ ॥ ଏବେ ତୁମ୍ଭ ନ୍ୟାୟଗୋଟି କରିବା ବିଚାର । ବିଳମ୍ବ କରିବା ନୁହେଁ ଉଚିତ ବେଭାର ॥ ତିଳୋତ୍ତମା ଏ ସ୍ଥାନକୁ ଆସୁ ବେଗ ହୋଇ । ଅମ୍ଭ ଅନ୍ତଃପୁରେ ଜାଣି ରହିଅଛି ସେହି ॥ ଦାସୀମାନଙ୍କୁ ଏକଥା ଜଣାଇଣ ଦେଲେ । କ୍ଷଣକ ମଧ୍ୟରେ ଚୌରିବାଡ଼ ସଜାଡ଼ିଲେ ॥ ତିଳୋତ୍ତମାକୁ ଘେନିଣ ଭାନୁମତୀ ରାଣୀ । ସଭାରେ ଯାଇଁ ପ୍ରବେଶ ହେଲେ ସେହିକ୍ଷଣି ॥ ତିଳୋତ୍ତମାକୁ ବିକ୍ରମ କହିଲେ ସତ୍ୱରେ । ସତ୍ୟ କଥା ଗୋଟି କହ ଏ ସଭା ମଧ୍ୟରେ ॥ ଏ କୁଜାକୁ ତୁହି ବିଭା ହୋଇଛୁ କି ନାହିଁ । ଶୁଣି ତିଳୋତ୍ତମା ବୋଲେ ନାହିଁ ନାହିଁ ନାହିଁ ॥ ମୁଁ ଯାହାକୁ ବିଭା ହୋଇଅଛି ସେ ପୁରୁଷ । ଅତ୍ୟନ୍ତ ସୁନ୍ଦର କୋଟି କନ୍ଦର୍ପ ସଦୃଶ ॥ ବିଭାକାଳେ ସମସ୍ତେ ତ ନେତ୍ରେ ଦେଖିଛନ୍ତି । ଏ କୁଜାକୁ କେବେ କେହୁ ଦେଖି ତ ନାହାନ୍ତି ॥ ମିଥ୍ୟାରେ କହୁଛି ବିଭା ହୋଇଅଛି ବୋଲି । କେହୁ ନ ଦେଖିଲେ ବିଭା କେମନ୍ତେ ମୁଁ ହେଲି ॥ ଏହା ଶୁଣି ବିକ୍ରମ ଯେ କୁଜାକୁ ଡାକିଲେ । ବିବାହ ହୋଇଛୁ ତୁ କି ବୋଲି ପଚାରିଲେ ॥ ଯଦି ତିଳୋତ୍ତମାକୁ ତୁ ହୋଇଅଛୁ ବିଭା । ତାଠାରେ କି ନିଶାଣି ତୁ ରଖିଛୁ ଦେଖିବା ॥ କୁଜା କହେ କିଛିମାତ୍ର ନିଶାଣି ମୋ ନାହିଁ । ମାଡ଼ ମାରି ମୋର ପିଠି କୁଜା

କଲ ଯେହୁ ॥ ବିକ୍ରମ ନରେଶ ତିଳୋତ୍ତମାକୁ କହୁଲେ । ଭଗ୍ନୀ ସଙ୍ଗେ ଭିତରକୁ ଯାଅ ତୁ ବୋଇଲେ । ଜାଣିଲି ଏ କୁଜା କେବେ ପତି ନୁହେ ତୋର । ନିଶାଣ ଯେ ଦେଇଥିବ ସ୍ୱାମୀ ସେ କେବଳ ॥ ପତିର ପ୍ରମାଣ ଏକା ଅଟଇ ନିଶାଣ । ଦେଇଥିବା କଥା ଆସି କହିବ ଯେ ଜନ ॥ ସେହୁ ସିନା ପତି ବୋଲି ଜାଣିବା ପ୍ରମାଣ । ଯେବେ କେହୁ ନ ଆସିବେ କହିବାକୁ ଜାଣ ॥ ତେବେ ମୁହିଁ ଅଛୁ ପତି ହୋଇବାକୁ ତୋର । ଭାନୁମତୀ ଶୁଣି ଏହା ବିକ୍ରମଙ୍କ ଗିର ॥ ବୋଇଲେ କେତେ କରୁଛ ତୁମ୍ଭେ ପରିହାସ । ମୋର ସାନ ଭଗ୍ନୀକୁ କହୁଛ ଏହୁ ଭାଷ ॥ ବିକ୍ରମ ବୋଇଲେ ଯାହା ଘଟାଇଛୁ ଧାତା । କେ ଅନ୍ୟଥା କରିପାରେ ତାହାର ସେ କଥା ॥ ବିକ୍ରମ ନରେଶ ତିଳୋତ୍ତମାକୁ ବୋଇଲେ । ଯେଉଁ ସ୍ୱାମୀ ଥିଲେ ତୋର ମଧୁଶଯ୍ୟା ଘରେ ॥ ସେ ସ୍ୱାମୀ ନିଶାଣ କିଛୁ ଦେଇଛନ୍ତି ତୋତେ । ତାହା ଦେଖାଇଲେ ମୁହିଁ ଚିହ୍ନିବି ପରତେ ॥ ଏହା ଶୁଣି ତିଳୋତ୍ତମା କହଇ ଉତ୍ତର । ସେ ନିଶାଣ ଅଛୁ ମନେ ନ ଥିଲାଟି ମୋର ॥ ସ୍ୱାମୀ ଏକମୁଦ୍ରା ଦେଇ ଯାଇଛନ୍ତି ମୋତେ । ମୋର ଅଙ୍ଗୁଳିରେ ତାହା ଅଛୁ ଯେ ନିରତେ । ଏତେ ଭାଷି ତିଳୋତ୍ତମା ହୋଇ ତରତର । ଅଙ୍ଗୁଳିରୁ ମୁଦ୍ରିକାକୁ କାଢ଼ିଲା ସତ୍ୱର । ବିକ୍ରମଙ୍କ ହାତକୁ ସେ ଦେଲା ବଢ଼ାଇଣି । ସଭାରେ ଦେଖିବା ପାଇଁ ଦେଲେ ସେ ତକ୍ଷଣି ॥ ସଭାରେ ସମସ୍ତେ ସେହୁ ମୁଦ୍ରକୁ ଦେଖିଲେ । ବିକ୍ରମାଦିତ୍ୟଙ୍କ ନାମ ତହିଁରେ ପଢ଼ିଲେ । ଏହା ଦେଖି ସମସ୍ତେ ଯେ ହୋଇଲେ ଚକିତ । ଏ କଥା ଜଣା ନ ଥିଲା ତହିଁ ତଳେ ମାତ୍ର ॥ ଏହା ଶୁଣି ବିକ୍ରମରାଜନ ତୋଷ ମନେ । ତିଳୋତ୍ତମାକୁ ଆଦର କହିଲେ ସେ କ୍ଷଣେ ॥ ମୋ ହସ୍ତର ମୁଦ୍ର ପୁଣି କେମନ୍ତ ପ୍ରକାରେ । ଦେଖୁଣି ଅଛୁ ମୁଁ ଆଜ ତୋହର ହସ୍ତରେ ॥ ତେବେ ମୁଁ ତୋହର ସ୍ୱାମୀ ନିଶ୍ଚୟ

ଅଛଇ । ତୁମ୍ଭେ ବୋଲି ଅଉ କହୁ ପାରିବୁ କି ତୁହି ॥ ଭାନୁମତୀ ରାଣୀ କହେ ଏହି କଥା ଶୁଣି । ଅସମ୍ଭବ କଥା କିପାଁ କୁହ ନୃପମଣି ॥ ଭୂବନମଲ୍ଲଙ୍କ ଗୃହିଣୀ କନକରଞ୍ଜନ । ବୋଇଲେ ତୁମ୍ଭଙ୍କୁ ବଡ଼ ଲଜ୍ଜା ହେବ ଜାଣ ॥ ତୁମ୍ଭ ପୁଅ କୁଜା ଅଟେ ଜନମ କାଳରୁ । କହୁଅଛ ମାଡ଼ ସେହୁ ଖାଇବା ହେତୁରୁ ॥ କୁଜା ହୋଇଗଲା ବୋଲି କହୁଛ ଡାକିଣ । ମୋ ଆଗରେ ଏ କଥା ନ କୁହ ଆଉ ପୁଣ ॥ ଶୁଣି ତିଳୋତ୍ତମା ବାଲ୍ୟ ହୋଇଲା ଯେମନ୍ତେ । ଶୁଣିଲେ ସମସ୍ତେ ମନ ଦିବେଟି ପରତେ । ଆଦ୍ୟରୁ ଶେଷ ପର୍ଯ୍ୟନ୍ତ ଗୋଟି ଗୋଟି କରି । ବୁଝାଇ କହିଲେ କିଛି ଗୁପତ ନ କରି ॥ ଆଗେ ନାହିଁ ଜାହିଁ ଭଲ ରାଜା ଭୂବନମଲ୍ଲ । ବହୁତ କଷ୍ଟରେ ମୃଗେ ମାଗିଲା ସକଳ ॥ ପୁଅ କୁଜା ଥିବାରୁ ମୁଁ ଏଣିକୁ ଡାକିଣ । ନେପାଳରେ ବସାଇ ଲୁଚା କରିଥିଲି ଜାଣ ॥ ସେହି ଭରଗୋଟି ଥିଲା ମଧୁଶଯ୍ୟା ଘରେ । ମୋ ପୁଅକୁ ନେଇ ମୁହିଁ ଗଲି ଯେ ପଛରେ ॥ ମାଡ଼ ଖାଇ ମୋ ପୁଅ ଯେ ଅସିଦ୍ଧ ପଳାଇ । ସତ୍ୟ କଥା ଏଥୁ କିପାଁ ମିଥ୍ୟା କହିବଇ ॥ ଅଉ ଦେଖେ ଧନ ମୁହିଁ ବଞ୍ଚିବା ମହୀରେ । କାହିଁକି ମିଛ କହିବି ଏ ମହାସଭାରେ ॥ ସମସ୍ତେ ହସିଲେ ଭୂବନମଲ୍ଲ କଥା ଶୁଣି । ବଡ଼ ଲଜ୍ଜା ହେଲା ବୋଲି ନ ପାରେ ସେ ଜାଣି ॥ ତଥାପି ସେହି ସଭାରେ ରହିଲା ବସିଣ । ଭାନୁମତୀ ବୋଇଲେ ଯେ କହନ୍ତେ ଗୃହିଣୀ ॥ ଯେବେ ଏହି ସବୁକଥା ସତ୍ୟ ଯେ ଅଛଇ । ମୋର ଦେବା ମାଳା ତୁମ୍ଭେ ଲଗିଅଛ କାହିଁ ॥ ଉତ୍ତର ନୃପଙ୍କ ତାଙ୍କୁ ବୋଇଲେ ତତ୍‌କ୍ଷଣ । ଶଯ୍ୟା ଲେଉଟାଇ ଦେଖ ଦେଖା ହେଉ ଯାଇଣ ॥ ଏହା ଶୁଣି ରାଣୀ ନିଜ ଭଗ୍ନୀକୁ ଘେନିଣ । ରାଜାଙ୍କ ଶୟନ ଗୃହେ ମିଳିଲା ଯାଇଣ ॥ ଶଯ୍ୟା ଲେଉଟାଇ ଫୁଲମାଳାକୁ ଦେଖିଲା । ମନରେ ଆନନ୍ଦ ହୋଇ ସଭାରେ ମିଳିଲା ॥ ବୋଇଲା ସକଳ କଥା ସତ୍ୟ ଯେ ଅଛଇ । ଏ କଥା ବିଶ୍ବାସ କରୁ ନ ଥିଲି

ଯେ ମୁହିଁ । ଏବେ ମୋର ମନେ ଅଭ ନାହିଁ ଯେ ସଂଶୟ । ତିଲୋତ୍ତମା ବର ନିଷ୍ଟେ ମୋର ପ୍ରାଣପ୍ରିୟ ॥ ଏତେ କହି ଭାନୁମତୀ ରାଣୀ ଚଳିଗଲା । ଅନ୍ତଃପୁର ମଧ୍ୟେ ଯାଇ ପ୍ରବେଶ ହୋଇଲା ॥ ଏଣେ ବିକ୍ରମ ନରେଶ ସଭା ଭଙ୍ଗ କଲେ । ଯେ ଯାହା ସ୍ଥାନକୁ ସୁଖେ ବାହୁଡ଼ଣି ଗଲେ ॥ ଭୂଜମଲ୍ଲ ଚଳିଗଲେ ପୁଅକୁ ଘେନିଣ । ବିକ୍ରମଙ୍କ ସଭାରୁ ଯେ ପାଇ ଅପମାନ ॥ କିନ୍ତୁ କୁଙ୍କାପୁଅ ତାର ବଡ଼ ପାଠିକର । କହିଗଲା ଧନେ ମୁହିଁ ବିକ୍ରମଙ୍କୁ ମାର ॥ ମୋ ଭାର୍ଯ୍ୟାକୁ ଘେନିଯିବା ଦେଖିବେ ସକଳେ । ଏହା ଶୁଣି ସମସ୍ତେ ଯେ ହସିଲେ ସେଠାରେ ॥ ଭୋଜନୃପ ସେ ସ୍ଥାନରେ ଏକଦିନ ରହି । ଅପଣା ଦେଶକୁ ଗଲେ ମନେ ତୋଷ ହୋଇ ॥ ବିକ୍ରମ ନରେଶ ଯାଇ ମଣୋହି ସାରିଣ । ଅନ୍ତଃପୁର ମଧ୍ୟେ ଯାଇ କରିଲେ ଶୟନ ॥ ଦୁଇ ରାଣୀ ଅସି ତାଙ୍କ ପାଦ ମର୍ଦ୍ଦିଲେ । ତିଲୋତ୍ତମା ସୁଖେ ରାଜା ଚୁମ୍ବନ ଯେ ଦେଲେ ॥ ମଦନ ବିକାରେ ଅଲିଙ୍ଗନ ତାକୁ କରି । ଚଉଷଠୀ ବନ୍ଧେ ରତି କ୍ରୀଡ଼ାକୁ ଆଚରି ॥ ନାନାରସେ ଜଡ଼ିତ ଯେ ପତି ପତ୍ନୀ ହେଲେ । ଆନନ୍ଦ ଭାବରେ ତହିଁ ଦିନ କଟାଇଲେ ॥ ଭାନୁମତୀ ରାଣୀ ଜାଣି ହରଷ ହୋଇଲା । ଲକ୍ଷ୍ମୀଧର କହେ ମୋତେ ରଖ ଚକାଡୋଳା ॥

---

## ଶୁକଦ୍ୱାରା ବିକ୍ରମଙ୍କ ଦୋଗ୍ଧ୍ରଣୀ ରାଜକନ୍ୟାର କଥା ଶ୍ରବଣ ଏବଂ ବୈଶ୍ୟପୁତ୍ରର ମୃତ୍ୟୁ ବିଷୟ ବର୍ଣ୍ଣନ

ସୁଜ୍ଞଜନମାନେ ଶୁଣ ଏଥୁ ଅନନ୍ତରେ । ତିଲୋତ୍ତମାକୁ ପାଇଣ ବିକ୍ରମ ରହିଲେ ॥ ଅତି ଆନନ୍ଦରେ ସେହୁ କାଟିଲେ ଯେ

ଧନ । ପୁଣ ପ୍ରାପ୍ତ ଭାବ କଲେ ପ୍ରଜାଙ୍କୁ ପାଳନ ॥ ଶୁକକୁ ଯେଉଁ ଧନକୁ ଅର୍ପିଲେଣି ଜାଣ । ସେ ଧନ୍ତୁ ବୃଦ୍ଧି ଲଭୁଛୁ ଯଶ ମାନ ଧନ ॥ ଏମନ୍ତ ଭାବରେ କେତେକାଳ ବହିଗଲା । ସାରୀ କଥା ଧ୍ୟାନେ ଶୁକ ମନରେ ପଡ଼ିଲା ॥ ବିକ୍ରମକୁ ଜଣାଇଲା ସେ କଥା ସତ୍ୱରେ । ଶୁଣି ବିକ୍ରମ ନୃପତି ଶୁକକୁ ପୁଚ୍ଛିଲେ ॥ ଶୁକ କହିଲା ମୋ ବିନା ପ୍ରାଣପ୍ରିୟା ମୋର । ସାରୀର କ୍ଷୀଣ ହୋଇ ଯିବଣିଟି ଶରୀର ॥ ବନ ମଧ୍ୟେ ଏକା ହୋଇ କାଟୁଛୁ ସେ କାଳ । ବହୁତ କଷଣ ଲଭୁଥିବ ସେ କେବଳ ॥ ମୋତେ ଅଜ୍ଞାଦେଲେ ତାର ପାଶକୁ ମୁଁ ଯିବି । କି କରୁଛୁ ପ୍ରାଣପ୍ରିୟା ନୟନେ ଦେଖିବି ॥ ତୁମ୍ଭ ଭୁବନରେ ରହିଲିଣି ଏତେ ଦିନ । ତା ପାଶେ ଯିବାକୁ ଏବେ ହେଉଅଛୁ ମନ ॥ ଶୁକ ମୁଖୁଁ ଏହା ଶୁଣି ବିକ୍ରମ ରାଜନ । ମସ୍ତକ ଉପରେ ହେଲା ବଜ୍ର କି ପତନ ॥ ସେହିପରି ଭାବେ ରାଜାଙ୍କର ହେଲା ମନ । କିଛୁକ୍ଷଣେ ରହିଲେ କିଛି ନ କହି ବଚନ ॥ ରାଜାଙ୍କର ମନ ବିଚଳିତ ହୋଇଗଲା । କି କରିବି ବୋଲି ତାଙ୍କ ବୁଦ୍ଧି ନ ସ୍ଫୁରିଲା ॥ ବୋଇଲେ ରେ ଶୁକ ତୁହି ବଡ଼ ଜ୍ଞାନବନ୍ତ । ତୋତେ ଛାଡ଼ିକରି ମୁହିଁ ରହିବି କେମନ୍ତ ॥ ଏହା କହି ବିକ୍ରମ ଯେ ରୋଦନ କରିଲେ । ଶୁକ କହିଲା ପ୍ରବୋଧି ଅନେକ ପ୍ରକାରେ ॥ ଅଳ୍ପଦିନେ ଫେରି ଆସିବି ମୁଁ ଜାଣ । ଏଥିପାଇଁ ମନେ ଦୁଃଖ ନ କର ରାଜନ ॥ ଅତିସ୍ନେହ କରିଥିଲି ବୋଲି ଏତେବେଳେ । ଅତି ଦୁଃଖ ଜାତ ହେଉଅଛୁ ଯେ ମନରେ ॥ ତେଣୁ ଅତି କଥାସବୁ ଅଟେ ବିଡ଼ମ୍ବନ । ସମାନ କଥାରେ ତେଣୁ ଥିବ ସବୁଦିନ ॥ ଅତିଦର୍ପ ହେତୁ ଲଙ୍କାପୁର ହେଲା ନାଶ । ଅତି ମାନେ ନାଶ ହେଲେ କଉରବ ବଂଶ ॥ ଅତି ଦାନ ଦେବାରୁ ଯେ ବଳି ନୃପବର । ପାତାଳକୁ ଗଲା ବୋଲି ମନେ ହେତୁ କର ॥ ତେଣୁ ଅତିକାର୍ଯ୍ୟ ଭଲ ନୁହେ କେତେବେଳେ । ମଧ୍ୟମ କଥାଟି ରହିଥାଏ

ସଦାକାଳ ॥ ମଧ୍ୟମ ଯାହାକୁ କହି ସମାନ ସେ ଜାଣ ।
ସେଥିରେ ଚଳିଲେ ନାହିଁ ବିପଦ କେପଣ ॥ କ୍ଷଣମାତ୍ର ସୁଖ ଲାଭ
କରିବା ନିମନ୍ତେ । ନାରୀ ସ୍ନେହେ ବନ୍ଧା ହୁଏ ନର ଅନୁବ୍ରତେ ॥
ପ୍ରଣୟ ନିମନ୍ତେ ତାକୁ ପ୍ରାଣ ସମର୍ପଇ । ପୁରୁଷର ସର୍ବନାଶ କାରଣ
ଯେ ଏହି ॥ ନାରୀ ସଙ୍ଗେ କଦାପି ଯେ ଭାବ ନ କରିବ । କଲେ
କେବଳ ଉପରେ ଉପରେ ଯେ ଥିବ ॥ ଗୁପତ କଥା ତାହାଙ୍କୁ ନ
କହିବ କେବେ । କହିଲେ ପଡ଼ିବ ମରିବ ତାଙ୍କ ହସ୍ତେ ତେବେ ॥
ନାରୀ ଜାତି ବଡ଼ ଅବିଶ୍ୱାସୀ ଯେ ଅଟନ୍ତି । ଜୀବ ଥାଉଁ ଥାଉଁ
ପୁରୁଷଙ୍କୁ ସେ ମାରନ୍ତି ॥ ନାରୀ ସଙ୍ଗେ ପ୍ରଣୟ କରିଣ କେତେ
ନର । ପ୍ରାଣେ ମରିଛନ୍ତି ବୋଲି ଜାଣ ନୃପବର ॥ ଏହା ଶୁଣି ବିକ୍ରମ
ଯେ ଶୁକକୁ ବୋଇଲେ । କିଏ ମରିଅଛି କହ ପ୍ରଣୟବଶରେ ॥
ଶୁକ କହେ ଶୁଣ ନୃପ ପୂର୍ବ କାଳ କଥା । କେତେବେଳେ ତାହା
ପୁଣି ନୁହଇ ଅନ୍ୟଥା ॥ କନୌଜ ନଗରେ ଥିଲା ଏକ ସୌଦାଗର ।
ବହୁ ଧନ ସଞ୍ଚିଥିଲା ଯେସନେ କୁବେର ॥ ମାତ୍ର ଗୋଟିଏ ସନ୍ତାନ
ନ ଥିଲା ତାହାର । ତେଣୁ ଦାନ ପୁଣ୍ୟ ସେହୁ କରିଲା ଅପାର ॥
ଶେଷରେ ଯେ ହରିବଂଶ ଗ୍ରନ୍ଥକୁ ଶୁଣିଲା । କେତେଦିନ ପରେ ଏକ
ପୁତ୍ର ଜନମିଲା ॥ ସେ ପୁତ୍ରର ନାମ ପୁଣି ଦେଲା ହରିବଂଶ । ଅତି
ଯତ୍ନରେ ତାହାକୁ ପାଳିଲା ଅବଶ୍ୟ । ସେ ପୁତ୍ରର ଯୁବାକାଳ
ପ୍ରବେଶ ହୋଇଲା । ତୋଷେ ସୌଦାଗର ତାକୁ ବିଭା କରାଇଲା ॥
ଅତ୍ୟନ୍ତ ସୁନ୍ଦରୀ କନ୍ୟା ତାହାକୁ ମିଳିଲା । ସୌଦାଗର ପୁଅ ତା
ସଙ୍ଗରେ ଦିନ ନେଲା ॥ ଦିନେ ସେହି ସୌଦାଗର ପୁଅ ହରିବଂଶ ।
ଅଶ୍ୱପୃଷ୍ଠେ ବସିଣ ସେ ଗଲା ହୋଇ ତୋଷ ॥ ବନରେ ବୁଲିବା
ପାଇଁ ବଳାଇଲା ମନ । ତେଣୁ ଅରଣ୍ୟ ମଧ୍ୟରେ କରିଲା ଭ୍ରମଣ ॥
ଭ୍ରମୁ ଭ୍ରମୁ ଦ୍ୱିପ୍ରହର ବେଳ ହେଲା । ହରିବଂଶକୁ ଯେ ତୃଷା
ବହୁ ବାଧା ଦେଲା ॥ ତୃଷାରେ ଅତୁର ହୋଇ ସୌଦାଗର ସୁତ ।

ଜଳ ଅନ୍ୱେଷଣ ତହିଁ କରିଲା ଭୂପତି ॥ ଅରଣ୍ୟ ମଧ୍ୟରେ ସେହୁ ଖୋଜି ଖୋଜି ଜଳ । ଏମନ୍ତ ଭାବରେ ଚାଲିଗଲା ବହୁଦୂର ॥ ସେ ବନସ୍ତ ମଧ୍ୟେ ଯାଉଁ ଯାଉଁ ସାଧୁ ସୁତ । ଏକଇ ଶିବ ମନ୍ଦିର ହେଲା ଦୃଷ୍ଟିଗତ । ସେ ଶିବ ମନ୍ଦିର ଅଛି ପୁଷ୍ପ ଉଦ୍ୟାନରେ । ତେଣୁ ଶୋଭା ପାଉଅଛି ସେହୁ ବିଶେଷରେ ॥ ତା ନିକଟେ ଏକ ଜଳାଶୟ ରହିଥିଲା । ହରିବଂଶ ସେଥିରୁ ଯେ ଜଳ ପାନକଲା ॥ ମହା ଶାନ୍ତପାଇ ସେହି ଜଳାଶୟ କୂଳେ । ଅଶ୍ୱକୁ ବୃକ୍ଷରେ ବାନ୍ଧି ବସିଲା ସେଠାରେ ॥ ସେହି ପୁଷ୍ପ ଉଦ୍ୟାନର ଶୋଭାକୁ ଦେଖିଣ । ବହୁତ ପ୍ରଶଂସା କଲା ମନେ ମନେ ଜାଣି ॥ ଜଳ ପିଇ ତୃଷା ତାର ହେଲା ନିବାରଣ । ମନ ତୋଷେ ଦେଖଇ ସେ ସ୍ଥାନ ଶୋଭାମାନ ॥ ଏମନ୍ତ ସମୟେ ଏକ ରାଜାର ନନ୍ଦନୀ । ସେଠାକୁ ଆଇଲା କେନି ସଖୀ ସଙ୍ଗେ ଘେନି ॥ ଅତ୍ୟନ୍ତ ସୁନ୍ଦରୀ ସେହୁ ନୃପତି ଦୁହିତା । ମଦୋନ୍ମତ୍ତା ସେହୁ କାମ ଶାସ୍ତ୍ରରେ ପଣ୍ଡିତା ॥ ସେହି ରାଜଦୁହିତାକୁ ଦେଖି ହରିବଂଶ । କାମବାଣେ ଅଧିକରେ ପାଇଲା ଯେ ନାଶ ॥ ହରିବଂଶକୁ ଦେଖିଣ ସେ ରାଜକୁମାରୀ । ମୂର୍ଚ୍ଛା ଯାଇଁ ପଡ଼ିଲା ଯେ କାମେ ହୋଇ ଘାରି ॥ ସଙ୍ଗତେ ଆସିଥିଲେ ଯେଉଁ ଦାସୀମାନେ । ଜଳ ଆଣି ତା ମୁଖରେ ସିଞ୍ଚିଲେ ତତକ୍ଷଣେ । ଦଣ୍ଡ ପର୍ଯ୍ୟନ୍ତରେ କଚ୍ଛପଣି ବଞ୍ଚିବାରୁ । ଚେତା ହେଲା ରାଜକନ୍ୟା କ୍ଷଣକ ଉତ୍ତାରୁ ॥ ସଖୀଗଣେ ସେ ରାଜକନ୍ୟାକୁ ପଚାରିଲେ । କାହିଁ ମୋହଯାଇ ତୁମ୍ଭେ ପଡ଼ିଲ ଭୂମିରେ ॥ ଦାସୀଙ୍କୁ ରାଜକନ୍ୟା ଯେ କହଇ ସଧୀରେ । ଦେଖ ଜଣେ ବସିଛନ୍ତି କେ କଦମ୍ବ ମୂଳରେ ॥ ଅତ୍ୟନ୍ତ ସୁନ୍ଦର ରୂପ ତାହାର ଅଟଇ । ସେ ପୁରୁଷକୁ ଦେଖିଣ କାମେ ହେଲି ବାଇ ॥ ସେ ଲାବଣ୍ୟ ରୂପ ଦେଖି ଭୁଲିଗଲା ମନ । କଦାପି ଯେ ଧୈର୍ଯ୍ୟ ଧରି ନ ପାରିଲି ଜାଣ ॥ ତାହାଙ୍କ ସଙ୍ଗରେ ତୁମ୍ଭେ ଭେଟାଅ ମୋ ନେଇ । ତୁମ୍ଭଠାରୁ ଏକ ଆଶା ମୋର କେହୁ

ନାହିଁ । ଶୁଣିକର ଦାସୀଗଣେ ବୋଇଲେ ଉତ୍ତର । ଅଗୋ ସଖୀ କଦାପିହିଁ ନ ହୁଅ ଅଧୀର । ଏ ସାମାନ୍ୟ କଥା ପାଇ ଲଜ୍ଜଭୟ ଏତେ । ଏଥିପାଇଁ ଚିନ୍ତିତ ଗୋ ନୁହ କଦାଚିତେ । ଲୁଚି ବାହାର ଦେଖିଣ କାର୍ଯ୍ୟ ଗୋ କରିବା । ଜାତି ଗୋତ୍ର ତାହାର ଯେ ବୁଝିଲେ ଜାଣିବା । ଯେବେ ତୁମ୍ଭ ଉପଯୁକ୍ତ ହୋଇବ ଗୋ ସେହୁ । ତେବେ ତାର ସଙ୍ଗେ ଭେଟ କରାଇବୁଁ ନେଇ । ଏତେ କହି ଦାସୀମାନେ କଦମ୍ବ ମୂଳକୁ । ଚଳିଲେ ସତ୍ୱରେ ଦେଖିବାକୁ ପୁରୁଷକୁ । ଦେଖିଲେ ସେ ମୂର୍ଚ୍ଛାଯାଇଁ ପଡ଼ିଅଛି ତଳେ । ନାନା ଉପଚାର ଦ୍ୱାରା ଚେତା କରାଇଲେ । କିଛୁପଣି ସ୍ଥିର ଭାବେ ତାକୁ ବସାଇଣ । ଦାସୀଗଣେ ପଚାରିଲେ ମୂର୍ଚ୍ଛାର କାରଣ । ହରବଂଶ ବୋଇଲେ ଅଗୋ ତୁମ୍ଭେମାନେ ଶୁଣ । ଏକ ସୁନ୍ଦରୀ କନ୍ୟାକୁ ଏଠାରେ ଦେଖିଣ । ତାର ଗତି ରୀତି ଦୃଷ୍ଟି ମୋତେ ଆକର୍ଷିଲା । ତେଣୁ ଅନଙ୍ଗ ବାଧାରେ ଏ ଗତି ଘଟିଲା । ଜାଣୁଛି ସେ ନବୀନାର ତୁମ୍ଭେ ଅଟ ଦାସୀ । ମୋ ନିକଟେ ତୁମ୍ଭେମାନେ ଯେବେ ଅଛ ଆସି । ତେବେ ମୋ ଉପରେ ଦୟା କର ତୁମ୍ଭେମାନେ । ସେ ରାଜକନ୍ୟାକୁ ଆଣ ମୋର ସନ୍ନିଧାନେ । ତା ସଙ୍ଗରେ ଭେଟ ହେଲେ ରହିବ ମୋ ପ୍ରାଣ । ନୋହିଲେ ଗୋ ଦାସୀ, ମୋର ଘଟିବ ମରଣ । ଏହା ଶୁଣି ଦାସୀମାନେ ତାହାକୁ ପୁଚ୍ଛିଲେ । ତୁମ୍ଭ ପରିଚୟ ସବୁ ଦିଅ ହେ ବୋଇଲେ । କି କୁଳରେ ଜାତ ତୁମ୍ଭ ନାମ ଅଟେ କିସ । ଶୁଣିଲେ ଯେ ଆମ୍ଭ ମନ ହୋଇବ ସନ୍ତୋଷ । ଆମ୍ଭ ମନକୁ ଯଦ୍ୟପି ସେ କଥା ଆସିବ । ତେବେ କହିବୁଁ ନିଶ୍ଚୟ କନ୍ୟାକୁ ଲଭିବ । ଶୁଣି ହରବଂଶ ନିଜ ପରିଚୟ ଦେଲା । କନୌଜ ଦେଶରେ ଜନ୍ମ ବୋଲିଣ ବୋଇଲା । ବୈଶ୍ୟ ଜାତି ସୌଦାଗର କୁଳେ ମୁଁ ଜନମ । ହରବଂଶ ବୋଲି କର ମୋହର ଯେ ନାମ । ବାଣିଜ୍ୟ ଅଟଇ ଶ୍ରେଷ୍ଠ ବୃତ୍ତି ଯେ ଆମ୍ଭର । ମୋର ପିତା ମହାଧନୀ

ଭୁଞ୍ଜ ଗୋ ନାଗର । ଅଶ୍ୱେ ଅନ୍ୱେଷଣ କରି ଆସିଥିଲି ଭୁଲି ॥
ଅତ୍ୟନ୍ତ ତୃଷା ହେବାରୁ ଏ ସ୍ଥାନେ ଅସିଲି । ଏହି ଦିବ୍ୟ
ପୁଷ୍କରିଣୀ ଜଳ କରି ପାନ । ଏହି ବୃକ୍ଷମୂଳେ ବସି ଶ୍ରମ ହରନ୍ତେଣି ॥
ସେ ନବୀନା ଯୁବତୀଙ୍କୁ ଦେଖିଲି ନୟନେ । ପଣ୍ଡିତ ହୋଇଲି
ତହୁଁ ମୁହିଁ କାମବାଣେ ॥ ସ୍ଥିର ହୋଇ ନ ପାରିଲି ତୁମ୍ଭେମାନେ
ଜାଣ । ଭେଟ ହେଲେ ତା ସଙ୍ଗରେ ରହିବ ମୋ ପ୍ରାଣ ॥ ଶୁଣି
ଦାସୀମାନେ ତାଙ୍କୁ କହିଲେ ବହନ । ତୁମ୍ଭେ ବୈଶ୍ୟପୁତ୍ର ସେହୁ
ରାଜକନ୍ୟା ଜାଣ ॥ ମିଳନ ହେବା କଥା ତ ସମ୍ଭବ ନୁହଇ । ଯେବେ
ଯୋଗ ଥିବ ତେବେ ନ ହେବ କାପାଇଁ ॥ ଚେଷ୍ଟା କଲେ ଏହି କଥା
ସିନା ଜଣାଯିବ । ହରିବଂଶ କହେ ପୁଣି ହୋଇ ନମ୍ରଭାବ ॥ ଯଥା
ସାଧ୍ୟ ଚେଷ୍ଟା କରି ଭେଟ କରାଅ । ବିଧିମତେ ପୁରସ୍କାର ମୋ
ପାଶରୁ ନିଅ ॥ ଏହା ଶୁଣି ଦାସୀମାନେ କନ୍ୟାପାଶେ ଯାଇଁ ।
ବହୁତ ପ୍ରକାରେ ତାଙ୍କୁ କହିଲେ ବୁଝାଇ ॥ ସବୁ କଥାପାକ
କହିଗଲେ ପ୍ରଥମରେ । ବୋଇଲେ ଅଣା ରଖିଛୁ ସହି
ତୁମ୍ଭଠାରେ ॥ ଏହା ଶୁଣି ସେ ରାଜକୁମାରୀ ତୋଷ ହେଲା । ମଦନ
ପୀଡ଼ାରେ ମନ ଅସ୍ଥିର କରିଲା ॥ ସେ ସୁନ୍ଦର ପୁରୁଷକୁ କେମନ୍ତେ
ଲଭିବି । କୋଳେ ବସାଇଣ ତାଙ୍କ ମୁଖକୁ ଚୁମ୍ବିବି ॥ ମନ ମଧ୍ୟେ
ଏହିପରି କରଇ ବିଚାର ॥ ଦାସୀମାନଙ୍କୁ ସେ କନ୍ୟା ବୋଇଲା
ସତ୍ୱର ॥ ଦାସୀମାନେ ସେ ରାଜକନ୍ୟାକୁ ଯେ କହିଲେ । ତୁମ୍ଭେ
ରାଜକନ୍ୟା ସେହୁ ବୈଶ୍ୟଜାତି ଅଟେ ॥ ତା ସଙ୍ଗେ ତୁମ୍ଭ ପ୍ରଣୟ
ହେବ କେଉଁପରି । ଏହା ଶୁଣି ତାଙ୍କୁ କହେ ସେ ରାଜକୁମାରୀ ॥
ଜାତି ଅଜାତି ବାରଣ ପ୍ରଣୟରେ ନାହିଁ । ଯାରଠାରେ ଯାର ମନ
ଅନନ୍ଦେ ମଜଇ ॥ ତା ସଙ୍ଗେ ପ୍ରଣୟ କଥା ଅଟଇ ବହୁତ । ମୋର
ମନ ତାଙ୍କଠାରେ ମଜ୍ଜିଛି ପ୍ରକୃତ ॥ ଶୀଘ୍ର ଭେଟ କରାଅ ଗୋ
ତୁମ୍ଭେମାନେ ନେଇ । ମଦନ ଜ୍ୱାଳାକୁ ଆଉ ନ ପାରେ ମୁଁ ସହି ॥

ରାଜକନ୍ୟାର ଏମନ୍ତ ଭାବ ବୁଝି ଦାସୀ । କନ୍ୟାକୁ ଭେଟ କରାଇ ହୋଇଲେ ଯେ ଖୁସି ॥ ପୁଷ୍ପ ତୋଳିବା ଛଳରେ ଅନ୍ତରାଳେ ଗଲେ । ତହୁଁ ଦୁହେଁ ଆଲିଙ୍ଗନ ହେଲେ ପରସ୍ପରରେ ॥ ରତିକ୍ରୀଡ଼ା ସମାପନ ବିଧିମତେ କଲେ । ସେ କାଳ ସୁଖକୁ କବି ଲେଖି ନ ପାରିଲେ ॥ ଏମନ୍ତ ଭାବେ ଦୁହିଙ୍କ ମନ ତୋଷ ହେଲା । ହରିବଂଶକୁ ଯେ ସେ ସ୍ଥାନରେ ରଖାଇଲା ॥ ରାଜକନ୍ୟା ସଙ୍ଗତରେ ଘେନି ଦାସୀଗଣ । ନିଜ ଭୁବନକୁ କରିଗଲା ସେ ଗମନ ॥ ପ୍ରତିଦିନ ସେ ରାଜକୁମାରୀ ସଖୀ ସଙ୍ଗେ । ଆସି ହରିବଂଶ ସଙ୍ଗେ ଖେଳେ ନାନାରଙ୍ଗେ ॥ ପ୍ରତିଦିନ କାମକ୍ରୀଡ଼ା କରନ୍ତି ସେ ଦୁଇ । ଦାସୀଙ୍କ ବ୍ୟତୀତ ଅନ୍ୟ ନ ଜାଣନ୍ତି କେହି ॥ ହରିବଂଶ ମଧ୍ୟ ତାର ଗୃହକୁ ନ ଗଲା । ରାଜକନ୍ୟା ସଙ୍ଗ ଯୋଗୁଁ ସେଠାରେ ରହିଲା ॥ ଏହିରୂପେ କେତେଦିନ ଭୋଗ ହୋଇଗଲା । କନ୍ୟାକୁ ଯେ ହରିବଂଶ ବୁଝାଇ କହିଲା ॥ ଅଗୋ ପ୍ରିୟେ ଶୁଣ ଯାହା କହୁଅଛୁ ମୁହିଁ । ଏ ସ୍ଥାନରେ ରହିବା ଯେ ଉଚିତ ନୁହଇ ॥ ମୋ ଦେଶକୁ ଚାଲ ଏବେ ଯିବା ଗୋ ସତ୍ୱର । ଶୁଣି ରାଜକନ୍ୟା ତାହା କଲା ସ୍ୱୀକାର ॥ ଅଶ୍ୱପୃଷ୍ଠେ ଆରୋହଣ ତହୁଁ ଦୁଇଜଣ । ସେହି ସ୍ଥାନରୁ ସତ୍ୱରେ କରିଲେ ଗମନ ॥ ବହୁପଥ ଅତିକ୍ରମ କରିଣ ସେ ଗଲେ । ଗିରିଧର ଦେଶରେ ସେ ଯାଇଁ ପ୍ରବେଶିଲେ ॥ ସୂର୍ଯ୍ୟତାପ ପୁଣି ପଥଶ୍ରମ ବାଧା ପାଇ । ତୃଷାରେ ଆକୁଳ ତହିଁ ହୋଇଲେ ଯେ ଦୁଇ ॥ ଅଶ୍ୱପୃଷ୍ଠୁ ଓହ୍ଲାଇଲେ ସେହି ଦୁଇ ଜଣ । ଏକବୃକ୍ଷ ମୂଳରେ ଯେ ବସିଲେ ଯାଇଣ ॥ ହରିବଂଶ ବୋଲେ ରାଜକୁମାରୀଙ୍କ ଚାହିଁ । ତୃଷାରେ ପ୍ରାଣ ଆକୁଳ ହେଲାଣିରେ ସହି ॥ ଚାଲିବାକୁ ଆଉ ଶକ୍ତି ନାହିଁଟି ମୋହର ॥ ଏ ସ୍ଥାନରୁ ଜଳ ଆଣି ଦିଅ ଗୋ ସତ୍ୱର ॥ କଣ୍ଠ ତାଳୁ ଶୁଷ୍କ ହୋଇ ବାଧାରେ ଏକ୍ଷଣ । ବାହାର ଯିବାକୁ ସଖି ଏଠାରେ ମୋ

ପ୍ରାଣ । ଏହା ଶୁଣି ରାଜକନ୍ୟା ଜଳ ପାଇଁ ଗଲା । ଖୋଜି ଖୋଜି ଜଳ ସେହୁ କାହିଁ ନ ପାଇଲା ॥ ଅରଣ୍ୟ ମଧ୍ୟରେ ବହୁ ଦୂର ଗଲା ଚାଲି । ପାଦରେ କଣ୍ଟା ମାଡ଼ିଲା ସେ ରାଜକୁମାରୀ ॥ ପରପାଇଁ ଏତେ କଷ୍ଟ ସେହୁ ଯେ କରିଲା । ତଥାପି କେଉଁଠି ସ୍ଥାନେ ଜଳ ନ ପାଇଲା ॥ ଚଉଦିଗକୁ ଚାହିଁଲା ଜଳର ନିମନ୍ତେ । ଦେଖିଲା ଏକ କୁଡ଼ିଆ ଦଶେ ବନପ୍ରାନ୍ତେ ॥ ଶୀଘ୍ରେ ଯାଇଁ ସେ କୁଡ଼ିଆ ଦ୍ୱାରେ ପ୍ରବେଶିଲା । ଶୁଣ୍ଢୀର ମଦ ଦୋକାନ ବୋଲି ନ ଜାଣିଲା ॥ କେହୁ ଜଣେ ଗ୍ରାହକ ଯେ ନାହାନ୍ତି ସେଠାରେ । ଶୁଣ୍ଢୀ ବସିଅଛି ଏକା ହୋଇ ସେ ବେଳରେ ॥ କନ୍ୟା ଭାବେ ଏଥୁଁ ଜଳ ନେଇ ଏକାଠିବ । ପ୍ରିୟତମଙ୍କୁ ପିଇବା ନିମିତ୍ତେ ମୁଁ ଦେବ ॥ କୁଡ଼ିଆ ଭିତରକୁ ସେ ଚାହିଁଣ ଦେଖିଲା । ଶୁଣ୍ଢୀର ମଦ ଦୋକାନ ବୋଲି ସେ ଜାଣିଲା ॥ ଭାବିଲା ଶୁଣ୍ଢୀ ହସ୍ତରୁ କେମନ୍ତେ ନେବି ଜଳ । ପୁଣି ଭାବିଲା ଜୀବନ ଯିବା ସମସ୍ତର ॥ ଜାତି ଆବଶ୍ୟକ ନାହିଁ ଜଳ ଏଥୁଁ ନେବ ॥ ଅଭାବରେ ଅଜ କ୍ଷପା ବିଳମ୍ବ କରଇ ॥ ଏତେ ପାଇଁ ଶୁଣ୍ଢୀ ନିକଟକୁ କନ୍ୟା ଗଲା । ବୟସ ଅଳପ ପୁଣି ସୁନ୍ଦର ଦେଖିଲା ॥ ଶୁଣ୍ଢୀର ପୁଅ ସେ ଅଟେ ଅତି ମନୋହର । ତାକୁ ଦେଖି ରାଜକନ୍ୟା କାମେ ଜର ଜର ॥ ହରବଂଶର କଥାକୁ ମନୁ ଭୁଲିଗଲା । ଶୁଣ୍ଢୀ ପୁଅଠାରେ ମନ ତାହାର ବଳିଲା ॥ ବୋଇଲାରେ ଯୁବକ ତୁ ଏପରି ଭାବରେ । ଏକାନ୍ତେ ବସିଛୁ କେହୁ ନାହାନ୍ତି ପାଶରେ ॥ ତୋତେ ଦେଖି କାମ ବାଣେ ହେଲି ମୁଁ ମୋହିତ । ମୋତେ ତୁହି ଆଲିଙ୍ଗନ କର ହେ ତୁରିତ ॥ ରାଜକନ୍ୟାଠାରୁ ଶୁଣ୍ଢୀ ଏହି କଥା ଶୁଣି । ଭାବିଲା ଏହାକୁ ମୁହିଁ କେବେ ନାହିଁ ଚିହ୍ନି ॥ ଏତ ଅପୂର୍ବ ସୁନ୍ଦରୀ ନବ ଯଉବନୀ । ସଙ୍ଗତରେ ଯାର କେହୁ ନାହାନ୍ତି ଯେ ପୁଣି ॥ ଏତେ ପାଣ୍ଟିକରି ଶୁଣ୍ଢୀ ତାହାକୁ ବୋଇଲା । କାହିଁ ତୁମ୍ଭ

ଘର କାହାକନ୍ୟା କୁହ ଭଲ । ଧନେ ହେଲେ ତୁମ୍ଭ ସଙ୍ଗେ ଦେଖାନାହିଁ ମୋର । ଏକଥା କହୁଛ ତୁମ୍ଭେ କେମନ୍ତ ପ୍ରକାର ॥ ତୁମ୍ଭ ସଙ୍ଗତରେ ରତ ହେବି ମୁହିଁ ଯେବେ । ଧର୍ମରେ ହାନି ମୋହର ଘଟିବଟି ତେବେ ॥ ଶୁଣି ରାଜକନ୍ୟା ତାକୁ କହିଲା ବୁଝାଇ । ମନ ମଜ୍ଜିଲେ କିଛି ଯେ ଅବଶ୍ୟକ ନାହିଁ ॥ ତୁମ୍ଭଠାରେ ମୋର ମନ ମଜ୍ଜିବାରୁ ଜାଣ । ଏହିକଥା ଗୋଟି ଏବେ କହିଲି ପ୍ରମାଣ ॥ ଅଗେ ମୋର କଥା ତୁମ୍ଭେ ରଖ ହୋ ନାଗର । ତେବେ ମୋର ପରିଚୟ ଜାଣିବ ନାକର ॥ ଏହାଶୁଣି ଶୁଣ୍ଡୀ କାମେ ହୋଇକରି ବାଇ । ସେ ରାଜକନ୍ୟାକୁ ଆଲିଙ୍ଗନ କଲା ନେଇ ॥ ରାଜକନ୍ୟା ଶୁଣ୍ଡୀ ମୁଖେ ଚୁମ୍ବନ ଯେ ଦେଲା । ବିପରୀତ ରତି ତାହା ସଙ୍ଗରେ କରିଲା ॥ ରତି ସୁଖେ ମାତିଣ ସେଠାରେ ବେନିଜନ । ଆନନ୍ଦ ଭାବରେ ନିଶି ପୁହାଇଲେ ଜାଣ ॥ ଦେଖ ସେ ଏଡ଼େ ବଟପୀ ନାରୀ ଦୋଷାଚରଣୀ । ବନେ ଶୁଣ୍ଡୀସଙ୍ଗେ ପ୍ରୀତି କଲା ଯାଇଁ ପୁଣି ॥ ହରିବଂଶ ସଙ୍ଗେ ଅଶ୍ୱପୃଷ୍ଠେ ଆସିଥିଲା ॥ ତୃଷା ନିବାରଣ ଅର୍ଥେ ଜଳପାଇଁ ଗଲା ॥ ଶୁଣ୍ଡୀ ସଙ୍ଗେ ପ୍ରୀତିକରି ସେ ରାତ୍ରି କାଟିଲା । ହରିବଂଶର କଥାକୁ ମନୁ ଭୁଲିଗଲା ॥ ଶୁକ କହୁଅଛି ଏହା ବିକ୍ରମଙ୍କୁ ଗୁହିଁ । ଅତ୍ୟନ୍ତ ପ୍ରଣୟ କଥା ଏମନ୍ତ ଅଟଇ ॥ ଅତି ପ୍ରଣୟରୁ ପ୍ରାଣୀମାନେ ଯାନ୍ତି ନାଶ । ଶୁଣ ଏ ଜଗତ୍ରୁ ହେଲା ଯେବଣ ରହସ୍ୟ ॥ ଏଣେ ସୌଦାଗର ପୁଅ ହରିବଂଶ ଜାଣ । ବସିଛି କୂପାରେ ସେହି ଅକୁଳ ହୋଇଣ । ମନେ ବିଚାରିଲେ ପ୍ରିୟା କେଣିକି ମୋ ଗଲା । ଅରଣ୍ୟମଧ୍ୟରେ କିବା ଜଳ ନ ପାଇଲା ॥ କି ଅବା ସେ ହିଂସ୍ରଜନ୍ତୁ ହାତୁଡ଼େ ପଡ଼ିଲା । ଏତେ ବେଳଯାଏ କାହିଁପାଇଁ ନ ଫେରିଲା ॥ ସେ ରାଜକନ୍ୟାର ସଙ୍ଗ ଲଭିବାର ଧନୁ । ଅଜ ସବୁକଥା ଭୁଲି ଯାଉଛି ମୋ ମନୁ ॥ ସେ ରାଜକୁମାରୀ ଅଟଇ ଅତି ସୁକୁମାରୀ । କିଛି ଅସୁବିଧା ଯେବେ ନ

ଥାନ୍ତା ତାହାର । ଜଳ ଘେନିକର ସେହୁ ଫେର ଅସନ୍ତାଣି ॥ ମନେ ପଡ଼ୁଅଛୁ ମୋର ତା ଗୁଳି ଗୁହାଣି ॥ ଧନ ଯାଇ ଏବେ ଗ୍ରାମ ପ୍ରବେଶ ହୋଇଲା । ତଥାପି ବାନ୍ଧବୀ ଜଳ ଘେନି ନ ଫେରିଲା ॥ ଜଳ ନ ମିଳିଲା ନାହିଁ ଅସନ୍ତା କି ଫେରି । ତା ଯୋଗେ ମନ ଅସ୍ଥିର ହେଉଛୁ ମୋହର ॥ ହରିବଂଶ ସେହି ବୃକ୍ଷ ମୂଳରେ ବସିଣ । ଭାବି ଭାବି ରାତଗୋଟି ଗଲା ଯେ ପାହିଣ ॥ ସୂର୍ଯ୍ୟଦେବ ଉଦୟ ହୋଇଲେ ଧନକର । ହରିବଂଶ ମନ ଆଉ ନ ହୋଇଲା ସ୍ଥିର ॥ ଭାବିଲା ଯାଉଛୁ ଏବେ ଖୋଜିବାକୁ ଯିବି । ବାନ୍ଧବୀକୁ ବିପଦରୁ ଉଦ୍ଧାରି ଆଣିବି ॥ ଏହା ଭାବି ସୌଦାଗର ପୁତ୍ର ହରିବଂଶ । ଖୋଜିବାକୁ ଗଲା ସେହୁ ହୋଇଣ ବିରସ ॥ ବନଯାଇ ବୁଲି ବୁଲି କାହିଁ ନ ପାଇଲା । ସେ ଶୁଣ୍ଡୀ ଦୋକାନ ପାଶେ ଯାଇ ପ୍ରବେଶିଲା ॥ ତାହା ଭିତରକୁ ବେଗେ ଦେଖିଲା ସେ ଅନାଇ ॥ ଖଟ ଉପରେ ଶୋଇଛୁ ଶୁଣ୍ଡୀ ସଙ୍ଗେ ସେହି ॥ ହରିବଂଶ ଦେଖି ତାକୁ ଚକିତ ହୋଇଲା । କାହିଁକି ଏଠାରେ ଆସି ରହିଲୁ ବୋଇଲା ॥ ତୃଷାରେ ଆକୁଳ ମୁହିଁ ହେଉଅଛୁ ଏତେଣେ । ଜଳ ପାଇଁ ଆସି ତୁହି ରହିଲୁ ଯେ ଏଣେ ॥ ଜଳ କଥା ଦୂରେ ଥାଉ ଆସ ଗୋ ବହନ । ତୋତେ ନ ଦେଖିଣ ମୋର ଅସ୍ଥିର ହୁଏ ମନ ॥ ଉଠ ସଖି ଆଉ କେବେ ବିଲମ୍ବ ନ କର । ଅଶ୍ୱପରେ ବସି ଦେଶେ ଯିବା ଗୋ ସତ୍ୱର ॥ ଏପରି ବହୁ ବିନୟ ହରିବଂଶ ହୋଇ ॥ ରାଜକନ୍ୟାକୁ ଡାକିଲା ବାର ବାର ସେହି ॥ ସେ ସ୍ୱଇରିଣୀ ନାରୀ ତାହା କେବେ ନ ଶୁଣିଲା । ଖଟପରେ ଥାଇ ଶୁଣ୍ଡି ମୁଖେ ଚୁମ୍ବଦେଲା ॥ ଏହାଦେଖି ହରିବଂଶ ହୋଇଣ ଚକିତ । ବୋଲଇ ରେ ସଖି ମୋତେ ପାସୋରି ଦେଲୁ ତ ॥ କାହିଁପାଇଁ ମୋର ଡାକ ନ ଶୁଣୁଛୁ ତୁହି । ତୋହଠାରେ ଦୋଷ ଯେବେ କରିଅଛୁ ମୁହିଁ ॥ ତେବେ ମୋର, ସେହି ଦୋଷ ତୁହି କ୍ଷମାକର । ବେଗେ

ଅଏ ପ୍ରିୟେ ! ଯିବା ଦେଶକୁ ଅମ୍ଭର । ଏହାକହି ହରିବଂଶ ସାଙ୍ଗାତଙ୍କ ନମିଲା । ପୁନଃପୁନଃ ମୁଣ୍ଡେଟକାଇଁ ହୋଇଣ ବୋଇଲା । ମୋର ଦୋଷ କ୍ଷମାକର ଅସ ଗୋ ସୁନ୍ଦରୀ । ତୁମ୍ଭ ବିନା ଭାଗରେ ହୋଇଲି ମୁଁ ଘାର । ତେବେ ସୁଦ୍ଧା ସେ ଋଟପୀ ନାରୀ ନ ଶୁଣିଲା । ଖଟପରେ ଥାଇ ସେହୁ ମୁହଁ ମୋଡ଼ିଦେଲା । ଏହା ଦେଖି ହରିବଂଶ ତା ପାଦକୁ ଧରି । ବୋଇଲା କାହିଁକି ମୋତେ ଭୁଲ ରେ ସୁନ୍ଦରୀ । ମୁଁ ତ କିଛି ଦୋଷ ତୋହଠାରେ କରିନାହିଁ । ଏମନ୍ତ ନାରୀଗ ଭଙ୍ଗୀ ଦେଖାଉ କିପାଇଁ ॥ ଅସ ଅସ ପ୍ରିୟେ ! ଅଭ ବିଳମ୍ବ ନ କର । ଶୁଣି ସେ ବିଟପୀ ନାରୀ କୋଧେ ଜର ଜର । ଭାବିଲା ଏ ଅସି କେତେ ବିରକ୍ତ କରୁଛି । ନୂତନ ପ୍ରୀତିରେ ଅସି ବାଧା ଘଟାଉଛି । ହରିବଂଶକୁ ସେ ପାଦେ ପ୍ରହାର କରିଲା । ଦୂର ହୁଅ ବୋଲି ତାକୁ କର୍କଶେ କହିଲା ॥ ହରିବଂଶ ଯାଇଁ ପୁଣି ତା ପାଦ ଧରନ୍ତେ । ଖଣ୍ଡୀର କଟାରୀ ସେହୁ ଅଣିଣ ତୁରିତେ । ହରିବଂଶର ଗଳାକୁ ସେହୁ କାଟି ଦେଲା । ସେ କନ୍ୟା ହାତରେ ହରିବଂଶ ପ୍ରାଣଗଲା । ହରିବଂଶର ମରଣ ଘଟିଲା ଯେମନ୍ତେ । ସେ ଖଣ୍ଡୀ ସଙ୍ଗରେ ରାଜକନ୍ୟା ଯେ ତୁରିତେ ॥ ସେ ଦେଶ ଲଙ୍ଘିଣ ଅନ୍ୟ ଦେଶକୁ ଯେ ଗଲା । ଶୁକ ବୋଲେ ଅହେ ନୃପ ଶୁଣିଲ ତ ଭଲା । ବିଟପୀ ନାରୀର ରୀତି ଏମନ୍ତ ଅଟଇ । କେତେବେଳେ ତାହାଙ୍କୁ ଯେ ବିଶ୍ୱାସଟି ନାହିଁ । ଦୋଗୁରିଣୀ ନାରୀସଙ୍ଗ ହୋଇବ ଯାହାର । ଏହିପରି ଭାବେ ମୃତ୍ୟୁ ହୋଇବ ତାହାର । ଅବିଶ୍ୱାସୀ ନାରୀଜାତି ବୋଲି ହେତୁକର । ବିଶ୍ୱାସ କରିବ ନାହିଁ ତାଙ୍କୁ କେତେବେଳ । ମନୁଷ୍ୟଙ୍କୁ ମାରିଦେବେ କ୍ଷଣକରେ ସେହୁ । ଅତି ପ୍ରଣୟୀର ଫଳ ଏପରି ଅଟଇ । ଲକ୍ଷ୍ମୀଧର ଜାଣ୍ଟିରେ କହନ୍ତି ଗୀତରେ । ଏ ସ୍ୱଭାବ ନାହିଁ ସବୁ ଯୁବତୀଙ୍କ ଠାରେ । ପ୍ରଗତି ଉତ୍କଳ ସଂଘ, ରାଉରକେଲା

ପାଠାଗାର

## ବିକ୍ରମାଦିତ୍ୟଙ୍କୁ ଶୁକର ଅଜର ଫଳଦାନ ଏବଂ ବିକ୍ରମଙ୍କ ଦ୍ୱାରା ଶୁକର ମୃତ୍ୟୁ

ଏଥୁଅନନ୍ତରେ ଶୁଣ ରସିକ ଭାବୁକ । ବିକ୍ରମାଦିତ୍ୟଙ୍କୁ ଏହା କହିଲା ଯେ ଶୁକ । ଅହେ। ନୃପ ! ରତି ପ୍ରଣୟରେ ଏହିପରି । ପ୍ରାଣୀମାନେ ଅଳପକେ ଯାଆନ୍ତି ଯେ ମରି ॥ ତେଣୁ ଅତି ସାବଧାନ ହୋଇଣ ଚଳିବ । ଅତି କଥାମାନ କେତେବେଳେ ନ କରିବ ॥ ଏହି କଥାଗୋଟି ମୋର ରଖିଣ ମନରେ । ଚଳିଲେ କିଛି ବିପଦ ନାହିଁ କେତେବେଳେ ॥ ଏବେ ମୋତେ ବିଦାକର ଯିବି ମୁଁ ବହନ । ଫେରିଣ ଆସିବି ତହିଁ ରହି କିଛିଦିନ ॥ ଶୁକମୁଖୁଁ ଏହା ଶୁଣି ବିକ୍ରମ ରାଜନ । ବିରସ ଭାବରେ ହୋଇ ଅତି ଖେଦ ମନ ॥ ବହୁକଷ୍ଟେ ଶୁକକୁ ସେ ବିଦା କରିଦେଲେ । ଶୂନ୍ୟେ ଉଡ଼ିଗଲା ଶୁକ ତହୁଁ ତତକାଳେ ॥ ଯେଉଁବନେ ଆପଣାର ନିବାସ ଅଟଇ । ସେହି ଅରଣ୍ୟରେ ଶୁକ ପ୍ରବେଶିଲା ଯାଇଁ ॥ ନିଜ ବସା ନିକଟରେ ହୁଅନ୍ତେ ପ୍ରବେଶ । ସାରୀ ଆସି ପାଖେ ଟିଣି ନେଲା ହୋଇ ତୋଷ ॥ ଅତି ଆଦରରେ ତାକୁ କଲା ଆଲିଙ୍ଗନ । କୁଶଳରେ ଆସିଅଛଟିକି ପ୍ରାଣଧନ ॥ ଏରୂପେ ବଚନ କହି ଶୁକକୁ ଯେ ଶାରୀ । ପୁନଃପୁନଃ ତାହାକୁ ଯେ ଆଲିଙ୍ଗନ କରି । ଶୁକ କହେ କୁଶଳରେ ଆସିଅଛି ମୁହିଁ । କିଛିମାତ୍ର ମନ୍ଦ ମୋର ହୋଇନାହିଁ ତହିଁ ॥ ଏକା ହୋଇ ତୁମ୍ଭେ ରହିବାରୁ ଯେ ବସାରେ । ଏକଥା ମୋ ମନେ ପଡ଼ୁଥାଏ ସଦାବେଳେ ॥ ମନରେ ଅତ୍ୟନ୍ତ ଦୁଃଖ ଜନ୍ମଇ ମୋହର । କେମନ୍ତେ ପ୍ରିୟାକୁ ମୁହିଁ ଦେଖିବି ନେତର ॥ ଏହିକଥା ଗୋଟି ମନେ ସଦା ଭାବୁଥାଏଁ । ପରମ ସୁଖରେ ତହିଁ ଦିନ କାଳ ଯାଏ ॥ ସାରୀ କହୁଅଛି ଅହେ। ପ୍ରାଣନାଥ ଶୁଣ । ପୁତ୍ରଗୋଟି ପାଇ ମହା ସୁଖେ ଅଛି ପୁଣ ॥ ତୁମ୍ଭର ଆସିବା ନାଥ ବିଳମ୍ବ ହେବାରୁ ।

କେବଳ ମୋ ମନେ ଦୁଃଖ ଏହି କାରଣରୁ । ମନରେ ଭାବେ ମୁଁ ନାଥ ଅନ୍ୟ ସାରୀ ପାଇ । ମୋ କଥା କି ଭୁଲିଗଲେ ଏତେବେଳେ ସେହି । ସାରୀ ମୁଖୁଁ ଏହିକଥା ଶୁକ ଯେ ଶୁଣିଲା । ହସ ହସ ହୋଇକରି ବଚନ ବୋଇଲା । ଅଗୋ ପ୍ରିୟେ ! ଲମ୍ପଟ ସ୍ୱଭାବ ନାହିଁ ମୋର । ଏକ ପତ୍ନୀବ୍ରତ କଥା ଜାଣେ ନିରନ୍ତର । ମୁଁ ଭୟରେ ସାରୀ ମୋହର ଛାଡ଼ିକରି ମୋତେ । ପ୍ରେମେ ମଜ୍ଜିଲା କି ଅନ୍ୟ ଶୁକର ସଙ୍ଗତେ । ସାରୀ କହେ ଏ କଥା ନ କୁହ ପ୍ରାଣଧନ । ତୁମ୍ଭବିନା ଆଉ କିଛି ନ ଜାଣଇ ଜାଣ । ଏହିରୂପେ ଶୁକ ସାରୀ ଦୁହେଁ ଆନନ୍ଦରେ । ନାନା ପରିହାସ ଭାବେ କଥାବାର୍ତ୍ତା ହେଲେ । ନିଜ ବସାରେ ରହିଲେ ହରଷ ହୋଇଣ । ସାରୀ ଅଣିଦିଏ କେତେ ପକ୍ୱଫଳମାନ । ଦୁହେଁ ତାହା ଭୁଞ୍ଜିକରି ହୁଅନ୍ତି ସନ୍ତୋଷ । ସର୍ବଦା ହୁଅନ୍ତି ନାନା ହାସ ପରିହାସ । ଏହିରୂପେ କିଛିଦିନ ଭୋଗ ହୋଇଗଲା । ଯିବାପାଇଁ ଶୁକ ତହିଁ ସାରୀକି କହିଲା । ଅଗୋ ସଖି ଆସିବାରୁ ହେଲା ଏତେଦିନ । ତେଣେ ରହିଁଥିବେ ମୋତେ ବିକ୍ରମରାଜନ । ଅଳ୍ପଦିନେ ଆସିବାକୁ କହି ଆସିଥିଲି । ପନ୍ଦର ଦିବସ ହେଲା ଏଠି ମୁଁ ରହିଲି । ପ୍ରିୟେ ମୋତେ ବିଦାକର ଯିବି ତାଙ୍କ ପାଖେ । ସାରୀ ବୋଇଲା ଆସିବ ଅଳପ ଦିବସେ । ଶୁଣି ଶୁକ ସ୍ୱୀକାର କରି ଚାଲିଗଲା । ବିଳମ୍ବ ହେଲାଣି ବୋଲି ମନରେ ଭାବିଲା । ଅତିଶୀଘ୍ରେ ଶୂନ୍ୟମାର୍ଗେ ଉଡ଼ି ଉଡ଼ି ଗଲା । ଗହନ ବନ ମଧ୍ୟରେ ପଥ ବଣା ହେଲା । ସେଠାରେ ଦେଖିଲା ଏକ ଶିବଙ୍କ ମନ୍ଦିର । ପୁଷ୍ପ ଉପବନ ଏକ ଅଛି ତା ପାଖର । ସେ ଉପବନରେ ଶୁକ ହୋଇଲା ପ୍ରବେଶ । ଦେଖିଲା ଅଜର ଫଳ ସେଠାରେ ବିଶେଷ । ତ୍ରିପୁରେ ଦୁର୍ଲ୍ଲଭ ସେହି ଫଳ ଯେ ଅଟଇ । ଦେବଙ୍କୁ ନ ମିଳେ ଯାହା ସେ ତହିଁ ଅଛଇ । ସେ ଶିବ ମନ୍ଦିର ସ୍ଥାପି ନିଜେ ପଦ୍ମଯୋନି । ଅଜର ବୃକ୍ଷ ଗୋଟିଏ ରୋପିଥିଲେ

ଅଛି । ଉପବନ ମଧ୍ୟରେ ଯେ ଗୁପତ ଭାବରେ । ନିଜେ ବ୍ରହ୍ମା ରୋପିଥିଲେ ଶିବଙ୍କ ପ୍ରୀତରେ ॥ ବ୍ରହ୍ମା ବିନୁ ଅନ୍ୟ ଦେବେ ତାହା ନ ଜାଣନ୍ତି । ଅନ୍ୟ ତାହାକୁ ଯେ ଧାତା ଜଣାଇ ନାହାନ୍ତି ॥ ପୂର୍ବର ସୁକୃତ ଯାର ସେହିପରି ଥିବ । ସେହି ସିନା ଏ ଫଳକୁ ପ୍ରାପତ ହୋଇବ ॥ ଦେବତାଏ ଯେତେବେଳେ ନ ପାରନ୍ତି ପାଇ । ମର୍ତ୍ତ୍ୟରେ ମାନବ ଅବା ପାଇବ ଯେ କାହିଁ ॥ ସେ ଫଳକୁ ବୃଦ୍ଧଲୋକ ଯେବେହିଁ ଖାଇବ । ଯୁବକ ଅବସ୍ଥା ସେହି ତକ୍ଷଣେ ହୋଇବ ॥ ରୋଗୀମାନେ ଭକ୍ଷିଲେ ଯେ ରୋଗ ହେବ ଦୂର । ଯେ ଭକ୍ଷିବ ନୀରୋଗ ତା ରହିବ ଶରୀର ॥ ଜରା ବ୍ୟାଧି ତାହାକୁ ଯେ ଆକର୍ଷିବ ନାହିଁ । ଅମର ଔଷଧି ଅନ୍ୟ ତା ନାମ ଅଟଇ ॥ ଅକାଳରେ ଫଳଇ ସେ ଶିବଙ୍କ ପ୍ରସନ୍ନେ । ଭକ୍ଷଣ କରନ୍ତି ନାହିଁ ପଶୁ ପକ୍ଷୀମାନେ ॥ ପଶୁ ପକ୍ଷୀମାନେ ଯେବେ ଖାଇବେ ସେ ଫଳ । ସଙ୍ଗେ ସଙ୍ଗେ ତାଙ୍କ ପ୍ରାଣ ଯିବଟି ସେଠାର ॥ ଶୁକ ଜାଣିଅଛି ତାର ବିଷୟ ସକଳ । ଶିବଙ୍କୁ ସୁମରି ତୋଳିଲା ଗୋଟିଏ ଫଳ ॥ ଭାବିଲା ଏ ଫଳଗୋଟି ବିକ୍ରମଙ୍କୁ ଦେବି । ରାଜା ରାଣୀ ଦୁହିଙ୍କର ଭକ୍ଷିବା ଦେଖିବି ॥ ଦୁହେଁ ନବଯୁବା ହୋଇ ସଦା ରହିଥିବେ ॥ ମୋର କଥା ଗୋଟି ସେହି ମନେ କରୁଥିବେ ॥ ଏ ଫଳ ଗୋଟିକ ନେଇ ଉପହାର ଦେବି । ଘରକୁ ଅସି ମୁଁ ଗାଲି ହସ୍ତେ ଲେଖା ଯିବି ॥ ଏତେ ବୋଲି ସେ ଫଳକୁ ଥଣ୍ଟରେ ଧରିଲା । ଉଡ଼ିଯାଇ ଉଜ୍ଜ୍ୱଳ ନଗରେ ପ୍ରବେଶିଲା ॥ ବିକ୍ରମ ନୃପତି ପାଶେ ମିଳନ୍ତେ ଯାଇଣ । ଆନନ୍ଦ ମନରେ ତାକୁ କଲେ ଆଲିଙ୍ଗନ ॥ ବୋଇଲେ କୁଶଳେ ଶୁକ ଅସିଲୁଟି ତୁହି । ତୋର ବିନା ମୋର ମନ କେବେ ସ୍ଥିର ନାହିଁ ॥ ଶୁକ ବୋଲେ କୁଶଳରେ ଅସିଅଛି ଜାଣ । ବେଶି ଦିନ ରହିବାକୁ ନ ହୋଇଲା ମନ ॥ ଏତେ ବୋଲି ଅଜର ଫଳକୁ ତାଙ୍କ କରେ । ଉପହାର ଦେଇ ପୁଣ କହିଲା ସତ୍ୱରେ ॥

ବୃଦ୍ଧ ଲୋକ ଯେବେ ଏହି ଫଳକୁ ଭକ୍ଷିବ । ନବଯୁବା ହୋଇକରି ସେ ହନ୍ତ ରହିବ । କୁଷ୍ଠ ଅନ୍ଧ ମହା ବ୍ୟାଧି ହୃଦେ ଥିବ ଯାର । ଏ ଫଳ ଭକ୍ଷିଲେ ରୋଗ ହୋଇଯିବ ଦୂର । ନବଯୁବା ଅବସ୍ଥା ଯେ ତାହାର ହୋଇବ । ବଳ ବର୍ଣ୍ଣ କାନ୍ତି ହନ୍ତ ଦନ୍ତ ବିରାଜିବ । ସୁସ୍ଥବ୍ୟକ୍ତି ଭକ୍ଷିଲେ ଯେ ଅଜରାମର ହୋଇ । ସବୁଦିନେ ରହିଥିବ ଜାଣ ନରସାଇଁ । ଏହାର ବହୁତ ଗୁଣ ଅଛଇଟି ଜାଣ । ଦେବଙ୍କୁ ଦୁର୍ଲ୍ଲଭ ଅଟେ ଏ ଫଳ ପ୍ରମାଣ ॥ ଏହା ଶୁଣି ବିକ୍ରମ ଯେ ଆନନ୍ଦ ମନରେ । ଶୁକଠାରୁ ସେ ଫଳକୁ ଗ୍ରହଣ କରିଲେ । ହରଷ ମନରେ ନୃପ ସେ ଫଳକୁ ନେଇ । ଭାନୁମତୀ ରାଣୀ ଆଗେ ପ୍ରବେଶିଲେ ଯାଇଁ । ରାଣୀଙ୍କି ଫଳ ଗୋଟିକ ଦେଖାଇ ରାଜନ । ବୋଇଲେ ସରାଣୀରେ ଏ ଫଳର ଗୁଣ ଶୁଣ । ଏହା କହି ସମସ୍ତ ଘଟଣା ବୁଝାଇଲେ । ଶୁକ ଆଣି ଦେଇଥିବା କଥା ସେ କହିଲେ । ଏହା ଶୁଣି ଭାନୁମତୀ ରାଜାଙ୍କୁ କହିଲା । ପରୀକ୍ଷା ନ କରି ନାଥ ନ ଭକ୍ଷ ବୋଇଲା । କାଳେ ବା ଫଳ ଅଛା ସେ ହୋଇଥିବ ପୁଣି । କେମନ୍ତେ ଭକ୍ଷିବ ତାହା ଅହେ ନୃପମଣି । ନୃପତି ବୋଇଲେ ଅବିଶ୍ବାସୀ ସେ ନୁହଇ । ବନ୍ଧୁଠାରୁ କୋଟିଗୁଣେ ସେ ପ୍ରିୟ ଅଟଇ । ଏ କଥା ଶ୍ରବଣେ ରାଣୀ ରାଜାଙ୍କୁ କହିଲା । ପରୀକ୍ଷା କରିଲେ ସବୁ ଜଣାଯିବ ଭଲା । ଏହା କହି ସେ ଫଳରୁ ଖଣ୍ଡିଏ କାଟିଲେ । କାକକୁ ନେଇଣ ତାହା ଭୁଞ୍ଜିବାକୁ ଦେଲେ । ତତକ୍ଷଣେ କାକ ତାକୁ ଭକ୍ଷଣ କରଣ । ଛଟପଟ ହୋଇ ତହିଁ ଲଭିଲା ମରଣ । ତାହା ଦେଖି ରାଜା ରାଣୀ ଅଚମ୍ଭିତ ହେଲେ । କାକର ମୃତ୍ୟୁକୁ ସେହି ଦେଖିଲେ ଚକ୍ଷୁରେ । ରାଣୀ ବୋଇଲେ ପରୀକ୍ଷା ତୁମ୍ଭେ ନ କରଣ । ଭକ୍ଷିଥିଲ କିସ ନୋହିଥାନ୍ତା ଅବା ପୁଣ । ଏହା ଦେଖି ବିକ୍ରମ ଯେ ହୋଇ କୋପମନ । ଖଡ୍ଗ ଧରଣ ଚହୁଁ ଉଠିଲେ ବହନ ॥ ବୋଇଲେ ରେ ଶୁକପକ୍ଷୀ ଅଟୁ ତୁହି ଛାର । ଏଡ଼େ ସାହସ

ହୋଇଲୁ ଅମ୍ଭ ପାଶେ ତୋର । ବିଶ୍ୱାସ କରିବା ଫଳ ଏମନ୍ତ ଅଟଇ । ଯେଉଁ ଫଳ ଦେଇଥିଲୁ କି ଫଳ ଯେ ସେହୁ । କାକକୁ ଭୁଞ୍ଜାଇ ଅମ୍ଭେ ପରୀକ୍ଷା କରିଲୁ । ସଙ୍ଗେ ସଙ୍ଗେ ସେହି ମଲା ପ୍ରତ୍ୟକ୍ଷେ ଦେଖିଲୁଁ । ତୋ କଥାରେ କରିଥିଲେ ଭକ୍ଷଣ ଯେ ମୁହିଁ । ଜୀବନରେ ଆଜ କିବା ବଞ୍ଚିଥାନ୍ତି ବହୁ । ମନେ ଭାବିଥିଲୁ ମୋତେ ମାରି ରାଜା ହେବୁ । ତୋର କୁଟକଥା ଏବେ ଜଣାଗଲା ସବୁ । ଏମନ୍ତ କହିଣ ଶୁକ ଗଳା କାଟି ଦେଲେ । ଛଟପଟ ହୋଇ ଶୁକ ମଲା ଯେ ଦେଖିଲେ । ଏତେ କପଟାଚାରୀ ପକ୍ଷୀ ମାରିଲେ ନୃପତି । ଆଗରୁ ନିଷେଧ କଲା ଯେଣୁ ଭାନୁମତୀ । ଭଲରୂପେ ନ ବୁଝିଣ ନାରୀର ବୁଦ୍ଧିରେ । କେତେ କଥା ନ କରିଲେ ବିକ୍ରମ ସେଠାରେ । ସଭାରେ ସମସ୍ତେ ଯହୁଁ ଏ କଥା ଶୁଣିଲେ । ମନେ ମନେ ମହାଦୁଃଖୀ ସେମାନେ ହୋଇଲେ । ନାରୀ ବୁଦ୍ଧିରେ ବିକ୍ରମ ସିନା ତା କରିଲେ । କିନ୍ତୁ ସବୁବେଳେ ବସି ଶୁକକୁ ଝୁରିଲେ । କ୍ଷଣେ କ୍ଷଣେ କ୍ରନ୍ଦନ ଯେ କଲେ ନରପତି । ଶୁକକଥା ସବୁବେଳେ ମନରେ ଭାବନ୍ତି । ଭାବିଲେ କି ହେବ ଆଜ ଦୈବ ଘଟଣା । ନାରୀ କଥାରେ ପଡ଼ିଣ ହେଲେ ବୁଦ୍ଧିହଣା । ଏହା ଶୁଣି ସମସ୍ତେ ରାଜାଙ୍କ ନିନ୍ଦା କଲେ । ପ୍ରାଣରେ ନ ମାରି ସବୁ ବୁଝିଥାନ୍ତେ ଭଲେ । ସେଥିରେ କି ଅଛି ଆଜ ମର୍ମ ରହିଥିଲା । କି ହେବ ଭାବିଲେ ପଛେ କଥା ସରିଗଲା । ବିକଳେ କାନ୍ଦନ୍ତି ରାଜା ଶୁକକୁ ସୁମରି । ମୁଁ ଚଣ୍ଡାଳ କାହିଁ ପାଇଁ ଶୁକକୁ ମାରିଲି । ଏମନ୍ତ ପ୍ରକାରେ ରାଜା ଭାବନା କରିଲେ । ଶୁକ ମାଂସ ଗବ୍ୟଘୃତ ଦ୍ୱାରା ଭଜାଇଲେ । ବାଉଁଟରେ ଭରି ତାକୁ ଯତ୍ନରେ ମୁଦିଣ । ଉତ୍ତମ ସ୍ଥାନରେ ତାକୁ ଦେଲେ ଯେ ରଖିଣ । ନାରୀ ବୁଦ୍ଧିରେ ନୃପତି ଜ୍ଞାନ ହରାଇଲେ । ଅନୁକ୍ଷଣେ ବସି ସେହୁ ଶୁକକୁ ଝୁରିଲେ । ଲକ୍ଷ୍ମୀଧର ଗର୍ଭବତୀ ଗୀତରେ କହନ୍ତି । ସବୁ କାର୍ଯ୍ୟ କର ନରେ ଆଗପଛ ଚିନ୍ତି ।

---

# ଅଜର ଫଳ ଭକ୍ଷଣ ହେତୁ ଗୃଣ୍ଡାଲୁଣୀର ନବଯୌବନ ଲାଭ ଏବଂ ଶୁକ ମୃତ୍ୟୁ ଶୁଣି ବିକ୍ରମଙ୍କୁ ସାରୀର ଅଭିଶାପ ପ୍ରଦାନ ଓ ଦେହତ୍ୟାଗ

ଏଥୁ ଅନନ୍ତରେ ଜନେ ଶୁଣ ମନଦେଇ । ଏଣିକି ଯା ହେଲା ଏବେ କହିବା ବୁଝାଇ ॥ ବିଚିତ୍ର କାହାଣୀ ଏ ଯେ ମନୋରମ ଅଟେ । ଶୁଣିଲେ ସମସ୍ତଙ୍କର ତୋଷ ହେବ ମତେ ॥ ଯେଉଁ ଅଜର ଫଳକୁ ଦେଇଥିଲା ଶୁକ । ଯହିଁରୁ ଫାଳେ ଖାଇଣ ମରିଗଲା କାକ ॥ ବିଷଫଳ ବୋଲି ତାକୁ ଭାନୁମତୀ ରାଣୀ । ବାଡ଼ିତାଟି ପାଖେ ଫିଙ୍ଗି ଦେଇଥିଲା ପୁଣି ॥ ବିଷଫଳ ବୋଲି ତାକୁ ଏକ ଗୃଣ୍ଡାଳୁଣୀ । ମନଦୁଃଖ ଥିବାରୁ ସେ ନେଇଥିଲା ଜାଣି ॥ ବିକ୍ରମଙ୍କ ବାଡ଼ିତାଟି ସେହୁ ଯେ ଖଟଇ । ପ୍ରତିଦିନ ଯାଏ ଆସେ ସବୁ ସେ ଜାଣଇ ॥ ତାର ସ୍ୱାମୀ ଅତିବୁଢ଼ା ହୋଇ ଯାଇଅଛି । ରକତ ଗଡ଼ଣ ଗୋଡ଼ ଘୋଦର ହୋଇଛି ॥ ଯେବେ ସେ ଗୃଣ୍ଡାଳ ବେଶୀ ନିଶା ଖାଇ କରେ । ଗୃଣ୍ଡାଳୁଣୀକୁ ଅନେକ ମାଡ଼ ସେହୁ ମାରେ ॥ ଘରୁ ତଡ଼ି ଦେଲା ତାକୁ କୋପରିତ ହୋଇ । ବୋଇଲା ଘରକୁ ଯେବେ ଆସିବୁ ଲୋ ତୁହି ॥ ହାଡ଼ ଗୋଡ଼ ଭାଙ୍ଗି ତୋର ଚୂନା କରିଦେବି । ପିଠିରେ ପଡ଼ିବ କଷ ଆପଣେ ଦେଖିବ ॥ ଏହା ଶୁଣି ଗୃଣ୍ଡାଳୁଣୀ ଭୟେ ପଳାଇଲା । ଆଗରୁ ମାଡ଼ ଖାଇଣ ପୁଣି କାନ୍ଦୁଥିଲା ॥ ବିକ୍ରମଙ୍କ ବାଡ଼ିତାଟି ନିକଟରେ ଯାଇ । ଗୃଣ୍ଡାଳୁଣୀ ବୁଢ଼ୀ ବସି ମନରେ ଭାବଇ ॥ ଆଉ ଏ ଜୀବନ ମୁହିଁ କପାଇଁ ରଖିବି । ଏ ବିଷ ଫଳକୁ ଖାଇ ଜୀବନ ତେଜିବି ॥ ଏହା ଭାବି ସେ ଫଳକୁ ଗୋଟାଇଣ ନେଲା । ସେହିଠାରେ ବସି ତାକୁ ଚୋବାଇ ଖାଇଲା ॥ ତତକ୍ଷଣେ ହେଲା ସେହୁ ନବ ଯଉବନା । ଷୋଡ଼ଶୀ ପରାୟେ ରୂପ ଅପୂର୍ବ ସୁହାଣି ॥ ସ୍ୱର୍ଗ ଅପସରୀ ତାକୁ ନୋହିବେ ସମାନା ।

ଏମନ୍ତେ ଅପୂର୍ବ ରୂପ ହେଲା ସେହିକ୍ଷଣ ॥ ଗୃଣ୍ଡ୍ରାଳୁଣୀ ବୁଢ଼ୀ ଏହା ନ ପାରଇ ଜାଣି । ଭାବିଲା ଯୌବନ କିପାଁ ଯାଉନାହିଁ ପୁଣି ॥ ଦଣ୍ଡେ ଡ ହେଲାଣି ଖାଇଲାଣି ବଟଫଳ । କିଛୁ ବ୍ୟଥା ହେଉନାହିଁ ଶରୀର ମୋହର ॥ ଏ ଯୌବନ କିପାଁ ଯଉ ନାହିଁଟି ବାହାର । ଗୃହକୁ ତ ଅଉ କେବେ ଯିବ ନାହିଁ ଫେର ॥ ସେ ଠାବରୁ ଉଠି କାନ୍ଦ କାନ୍ଦ ଧାଇଁଣ୍ଡେ ଗଲା । ସୁନ୍ଦରୀ ହୋଇଛୁ ବୋଲି ଜାଣି ନ ପାରିଲା ॥ ପଥରେ ଯେତେକ ଜନ ଯହିଁ ରହିଥିଲେ । ଗୃଣ୍ଡ୍ରାଳୁଣୀକି ସେ ଦେଖି ଆଶ୍ଚର୍ଯ୍ୟ ହୋଇଲେ ॥ ବୋଇଲେ କେ ଏମନ୍ତ ସୁନ୍ଦରୀ କେଉଁଠୁ ହେଲୁ । ଆମ୍ଭ ଅଡ଼କୁ ଭଲ ତୁ ଟିକେ ଚାହିଁ ଦେଲୁ ॥ କେତିଙ୍କ ତୁ ଯାଇଥିଲୁ କହ ଗୋ ସୁନ୍ଦର । ତୋତେ ଦେଖି ଅମ୍ଭେ ହେଲୁଣି ଯେ କାମେ ଧୀର ॥ ଶୁଣି ଗୃଣ୍ଡ୍ରାଳୁଣୀ କହେ ପରିହାସ କରି । ମୋତେ କିପାଁ ତୁମ୍ଭେମାନେ କୁହ ଏହିପରି ॥ ବୁଢ଼ୀ ହେଲିଣି ମୋହର ବଳ ଅଉ ନାହିଁ ॥ ଥଟାକର ଏତେ କଥା କୁହ କାହିଁପାଇଁ ॥ ସମସ୍ତେ ବୋଲନ୍ତି ତୁ ତ ନବୀନା ଯୁବତୀ । କେଉଁପରି ହେଲୁ ଏ ଆଶ୍ଚର୍ଯ୍ୟ କଥା ଅତି ॥ ଏହିପରି କଥା ଶୁଣି ସେହି ଗୃଣ୍ଡ୍ରାଳୁଣୀ । ମନ ସ୍ଥିରକରି ଗୃହେ ଚଳିଲା ସେକ୍ଷଣି ॥ ଦର୍ପଣ ଅଣିଣ ନିଜ ମୁଖକୁ ଦେଖିଲା । ଆଶ୍ଚର୍ଯ୍ୟ ହୋଇଣ ସେହୁ ମନେ ବିଚାରିଲା ॥ ଭାବିଲା ସେ ଫଳ ମୁହିଁ କରିନ୍ତେ ଭକ୍ଷଣ । ଏମନ୍ତ ସୁନ୍ଦରୀ ମୁହିଁ ହୋଇଲି ପ୍ରମାଣ ॥ ସମସ୍ତଙ୍କ ଆଗେ ଯାଇ ଏ କଥା କହିଲା । ବିକ୍ରମାଦିତ୍ୟଙ୍କ କର୍ଣ୍ଣେ ସେ କଥା ପଶିଲା ॥ ଗୃଣ୍ଡ୍ରାଳୁଣୀକି ସଭିରେ ନେଲେ ଡକାଇଣ । ଦେଖିଲେ ଷୋଡ଼ଶୀ ତନୁ କରିଛି ଧାରଣ ॥ ଅପୂର୍ବ ସୁନ୍ଦରୀ ସେହୁ ହୋଇଅଛି ପୁଣି । ବୃଦ୍ଧା ହୋଇଥିଲା ବୋଲି ଥିଲେ ତାକୁ ଜାଣି ॥ ଏବେ ରୂପରେ ସ୍ୱର୍ଗର ଅପସରାଗଣେ । ତାହାକୁ ସମାନ ନ ହୋଇବେ କେହୁ ଜଣେ ॥ ଏମନ୍ତ ଦେଖିଣ ତାକୁ ବିକ୍ରମ

ରାଜନ । ପଶୁର ବୁଝିଲେ ତାର ସମସ୍ତ କାରଣ ॥ ତହୁଁ ଗୃଣ୍ଡ୍ରାଲୁଣୀ ସବୁକଥା ଦେଲେ କହି । ଏ କଥା ଶୁଣି ରାଜନ ମୁଣ୍ଡ୍ରକୋଡ଼ି ହୋଇ ॥ ବହୁତ ବିକଳ ହୋଇ କାନ୍ଦିଲେ ରାଜନ । ବିନା ଦୋଷେ ଶୁକକୁ ମୁଁ କରିଲି ନିଧନ ॥ ଉପକାରୀଠାରୁ ପାଇଥିଲି ଉପକାର । ନାଶ ବୁଦ୍ଧିରେ ତାହାକୁ କରିଲି ସଂହାର ॥ ଧିକ ମୋର ଜୀବନ ଯା ନ ଯାଇ ରହିଲା । ଆଉ କି ପାଇବି ସବୁକଥା ସରିଗଲା ॥ ଏହୁ ପାପଯୋଗେ ନର୍କ ଯନ୍ତ୍ରଣା ଭୋଗିବି । ବୁଦ୍ଧି ଦିଶୁ ନାହିଁ ଏବେ କି କଥା କରିବି ॥ ସମସ୍ତେ ରାଜାଙ୍କୁ ତହୁଁ ପ୍ରବୋଧନା କଲେ । କିଛି ଶାନ୍ତ ହୋଇ ରାଜା ତହୁଁ ଯେ ରହିଲେ ॥ ସୁଜ୍ଞଜନେ ଶୁଣ ଏଥି ଉତ୍ତାରୁ ବିଷୟ । ମନରୁ ଛୁଟିବ ଏବେ ସକଳ ସଂଶୟ ॥ ବିକ୍ରମାଦିତ୍ୟଙ୍କ ହସ୍ତେ ଶୁକ ଯେଣୁ ମଲା । ତେବେଣି ସାରୀ ନାନା ଅମଙ୍ଗଳ ଯେ ଦେଖିଲା ॥ ଭାବିଲା ସ୍ୱାମୀଙ୍କୁ ମୋର ପଡ଼ିଲା କଷଣ । ଏହା ଭାବି ତେଜିଥାଇଲା ଖାଦ୍ୟ ପାନମାନ ॥ ମତ ବିରଳିତ କରି ତହୁଁ ଉଡ଼ିଗଲା । ବିକ୍ରମାଦିତ୍ୟଙ୍କ ପାଖେ ପ୍ରବେଶ ହୋଇଲା ॥ ରାଜନଙ୍କୁ ସାରୀ ନିଜ ପରିଚୟ ଦେଲା । ମୋର ସ୍ୱାମୀ ଶୁକ କାହିଁ ଅଛଇ ବୋଇଲା ॥ ବହୁତ ଦିନରୁ ତୁମ୍ଭ ପାଖେ ସେହୁ ଥିଲେ । ଆସିଅଛି ମୁହିଁ ଏବେ ତାଙ୍କୁ ଦେଖିବାରେ ॥ ସାରୀ ମୁଖୁଁ ଏହା ଶୁଣି ବିକ୍ରମ ନୃପତି । ସିଂହାସନ ପରୁ ଠେଲି ପଡ଼ିଲେ ଝଟତି ॥ ବହୁତ ବିକଳ ହୋଇ କାନ୍ଦିଲେ ରାଜନ । କହିଲେ ନାଶବୁଦ୍ଧିରେ ହାରିଲି ମୁଁ ଜ୍ଞାନ ॥ ତୋହର ଅଗରେ ଏବେ କି କହିବି ମୁହିଁ । କହିବାକୁ ସେହି କଥା ମନ ହେଉ ନାହିଁ ॥ ବିନାଶ କରିଛି ହସ୍ତେ ସ୍ୱାମୀକୁ ତୋହର । ଏହା କହି ଅଧୈର୍ଯ୍ୟ ହୋଇଣ ନୃପବର ॥ ଭୂମିରେ ଗଡ଼ିଲେ ନୃପ ଅତି ବିକଳରେ । ଉପକାରୀ ଶୁକକୁ ସେ ଭାବିଣ ମନରେ ॥ ଏ କଥା ଶୁଣିଣ ସାରୀ ମୂର୍ଚ୍ଛାଗତ ହୋଇ ॥ ଭୂମିରେ ପଡ଼ିଲା ଶୁକ କଥା ଭାବି

ସେହୁ । ଉଠିଣ ଅତି ବିକଳ ହୋଇଣ କାନ୍ଦିଲ । କାହିଁ ଗଲ ସ୍ୱାମି ନ ଦେଖିଲି ଯେ ବୋଇଲା । ଅହେ ନାଥ ମୋତେ ତୁମ୍ଭେ ଅନାଥା କରିଲ । ମନ୍ତ୍ରୀପଣ କରିବାକୁ ଏଥେ ଅସିଥିଲ । ତୁମ୍ଭ ବିନେ ମୁହିଁ ପୁଣି କପରି ବଞ୍ଚିବି । ପଡ଼ି ଉଠି କାନ୍ଦେ ସାରୀ ସ୍ୱାମୀଗୁଣ ଭାବି । ରାଜାଙ୍କୁ ଗୁହିଁଣ ସାରୀ କହଇ ବଚନ । କପାଇଁ ସ୍ୱାମୀଙ୍କୁ ମୋର କରିଲ ନିଧନ । ମନ୍ତ୍ରୀକରି ପଠାଇଲ ପାଶକୁ ତୁମ୍ଭର । କି ଅନ୍ୟାୟ କଲେ ତାଙ୍କୁ କରିଲ ସଂହାର । ରାଜା ସେ ଫଳ ବିଷୟ ସକଳ କହିଲେ । କାକ ଭକ୍ଷି ମୃତ୍ୟୁ ଲଭିଲ ଯେଉଁ ପ୍ରକାରେ । ସେହି ଯୋଗେ ଭାନୁମତୀ ବିଷଫଳ ବୋଲି । ମୋତେ ଜଣାଇଲା ମୁହିଁ ସେ ହେତୁ ଭୁଲିଲି । ଶୁଣି ସାରୀ କହେ ନୃପ କି କଥା କରିଲ । ଅଜର ଫଳକୁ ତୁମ୍ଭେ ବିଷଜ୍ଞାନ କଲ । ଏକଇ ବନ ମଧ୍ୟରେ ଶିବଙ୍କ ମନ୍ଦିର । ଉଦ୍ୟାନେକ ଅଛୁ ତହିଁ ଅତି ମନୋହର । ସେହି ଉପବନ ମଧ୍ୟେ ସେ ଅଜର ଫଳ । ଫଳଥାଏ ବିଧାତାଙ୍କ ଅଜ୍ଞାରୁ କେବଳ । ପଶୁ ପକ୍ଷୀମାନେ କେହୁ ଭକ୍ଷି ନ ପାରିବେ । ଭକ୍ଷିଲେ ତକ୍ଷଣେ ସେହୁ ଜୀବନ ହାରିବେ । ସେହୁ ଫଳଗୋଟି ଅଣି ଦେଇଥିଲା ପରା । କାକକୁ ଦେଲି ଯେମନ୍ତେ ଖାଇ ସେହୁ ମଲା । ତା ବୋଲି ସେ ବିଷଫଳ କଦାପି ନୁହଇ । ଅଜର ଅମର ଫଳ ସେହୁ ଯେ ଅଟଇ । ନ ବୁଝିଣ ଏହୁ କଥା କଲ ନୃପବର । ବିନା ଦୋଷେ ସ୍ୱାମୀଙ୍କୁ ଯେ କରିଲ ସଂହାର । ଏହା ଶୁଣି ରାଜା ପୁଣି ଅତି ବ୍ୟସ୍ତ ହେଲେ । କି କଲି କି କଲି ବୋଲି ଭୂମିରେ ଲୋଟିଲେ । ସାରୀ ବୋଲେ ସ୍ୱାମୀ ମୋର ଯେତେ ଉପକାର । କରିଛନ୍ତି ତୁମ୍ଭର ଜାଣ ହେ ନୃପବର । ଉପକାରର ଏ ପୁରସ୍କାର ଯେ ମିଳିଲା । ଏଡ଼େ ଜ୍ଞାନୀ ହୋଇ ତୁମ୍ଭ ବୁଦ୍ଧି କେଣେ ଗଲା । ଶାସ୍ତ୍ର କହୁଅଛୁ ଅବିଶ୍ୱାସୀ ସ୍ତ୍ରୀଜାତି । ଅବର ଅବିଶ୍ୱାସୀ ଯେ ଅଟନ୍ତି ନୃପତି । ଶସ୍ତ୍ର ଧାରଣ କରିବା ଅଦ୍ଧ ଶତ୍ରୁଜନ । ଏମାନଙ୍କୁ ବିଶ୍ୱାସ

ନ ଯିବ କଦାଚନ ॥ ଏମାନଙ୍କର ଯେ ଜନ କରେ ଉପକାର । ତାହାଙ୍କୁ ପ୍ରାଣେ ମାରନ୍ତି ନ କରି ବିଚାର ॥ ଲେଉଟି ଅସେ କି ଅଉ ବହୁଯିବା ପାଣି । ବଞ୍ଚି ଉଠି ଆସିବ କି ଅଉ ମୃତପ୍ରାଣୀ ॥ ଏହା କହି ସାରୀ କୋପନେତ୍ରରେ ଚାହିଁଲା । ଅଭିଶାପ ଘେନ ବୋଲି ରାଜାଙ୍କୁ କହିଲା ॥ ବିନା ଦୋଷେ ମୋ ସ୍ୱାମୀଙ୍କୁ ବଧିଲ ଯେପରି । ବିକଳରେ କନ୍ଦାଉଛ ମୋତେ ଯେଉଁପରି ॥ କମଳିନୀ ନିମନ୍ତେ ଯେ ସେହିପରି ତୁମ୍ଭେ । ଦିନେ ମୋ ପରି କାନ୍ଦିବ ମନେ ରଖ ଏବେ ॥ ବହୁକଷ୍ଟ ତାହା ଯୋଗେ ତୁମ୍ଭେ ଯେ ପାଇବ । ଶେଷକୁ ଏକାବେଳକେ ନିରାଶ ହୋଇବ ॥ ମୋର ଅଭିଶାପ ନିଶ୍ଚେ ତୁମ୍ଭଙ୍କୁ ଫଳିବ । କେତେବେଳେ ଏ କଥା ଯେ ଅନ୍ୟଥା ନୋହିବ ॥ ଏହା କହି ସାରୀ ସ୍ୱାମୀ ଗୁଣକୁ ସୁମରି । କରୁଣ୍ଡି ହୋଇ ପଡ଼ିଲା ତହିଁ ଜ୍ଞାନ ହାରି ॥ ସମସ୍ତେ ଦେଖିଲେ ସାରୀ ଲଭିଲା ମରଣ । ସଭା ଲୋକେ ସମସ୍ତେ କହିଲେ ଧନ୍ୟ ଧନ୍ୟ ॥ ଧନ୍ୟ ପତିବ୍ରତା ତୁହି ଅଟୁ ଅଲୋ ସାରୀ । ଏହିରୂପେ ସବୁଲୋକେ ମୁଖରେ ଉଚାରି ॥ ସାରୀଠାରୁ ଅଭିଶାପ ପାଇ ନୃପବର । ମନେ ମନେ ଅତ୍ୟନ୍ତ ସେ ହୋଇଲେ କାତର ॥ ଘୃତରେ ସାରୀ ମାଂସକୁ ତକ୍ଷଣେ ଭଜାଇ । ଶୁକମାଂସ ପାଖେ ତାକୁ ରଖାଇଲେ ନେଇ ॥ ନାରୀ ବୁଦ୍ଧିରେ ପଡ଼ିଲେ ହୁଅନ୍ତି ଏପରି । ତେଣୁ ନାରୀଙ୍କ କଥାରେ ନ ଯିବଟି ଭୁଲି ॥ ଲକ୍ଷ୍ମୀଧର କହନ୍ତି ଯା ହରଷ ମନରେ । ବୁଝି ସୁଝି କାର୍ଯ୍ୟ କରୁଥାଅ ସର୍ବନରେ ॥

---

## ବିକ୍ରମାଦିତ୍ୟଙ୍କର ସ୍ୱପ୍ନାବସ୍ଥାରେ କମଳିନୀ ସହିତ ଭେଟ ଓ କମଳିନୀର ବାର୍ତ୍ତା ପ୍ରାପ୍ତି

ଶୁଣ ଜନେ ଦେଇ ମନ ଏଥୁ ଅନନ୍ତରେ । ଶୁକ ସାରୀଙ୍କ ମରଣ ହୁବ ଅନନ୍ତରେ ॥ ଚନ୍ଦ୍ରବଦନ କ୍ଷୀଣ ହେଲେ ବିକ୍ରମ ରାଜନ । ମନେ

ଅତିଦୁଃଖ ତାଙ୍କ ହୋଇଅଛି ଜାଣ ॥ ପୁଣି ଭାବିଲେ ସାରୀ ତ ପତିବ୍ରତା ଥିଲା । ମରଣ ସମୟେ ମୋତେ ଅଭିଶାପ ଦେଲା ॥ ସେ ଶାପ ତ ନିଶ୍ଚେ ହିଁ ଯତନେ ଅବଶ୍ୟ ଫଳିବ । ଏ ସବୁ କଥାକୁ ନୃପ ମନେ କରି ଭାବି ॥ ଅନ୍ନ ଜଳ ତାହାଙ୍କୁ ଯେ କିଛି ନ ରୁଚିଲା । ଝୁରି ଝୁରି ସବୁବେଳେ ଦେହ କ୍ଷୀଣ ହେଲା ॥ ସମସ୍ତେ ରାଜାଙ୍କୁ ବହୁ ବୁଝାଇ କହିଲେ । କ୍ରମେ ରାଜାଙ୍କର ମନ ଶାନ୍ତ ହେଲା ଭଲେ ॥ ଏହିରୂପେ ଭୋଗ ହୋଇଗଲା କେତେ ଦିନ । ଅଳ୍ପ ମନ ଦମ୍ଭ କଲେ ବିକ୍ରମ ରାଜନ ॥ ଯତନ ପଲ୍ୟଙ୍କରେ କରିଅଛନ୍ତି ଶୟନ । ରାତି ଶେଷବେଳେ ରାଜା ଦେଖିଲେ ସ୍ୱପନ ॥ ରମା ଉମାଠାରୁ ବଳି ଶୋଭା ଯେ କରି । ଷୋଡ଼ଶୀ ରମଣୀ ଦିବ୍ୟବେଶ ଭୂଷା ହୋଇ ॥ ମୁଖ ତାର ପୂର୍ଣ୍ଣଚନ୍ଦ୍ର ପ୍ରାୟେ ଦିଶୁଥିଲା । ହସି ହସି କେତେ କଥା ରାଜାଙ୍କୁ କହିଲା ॥ ନାନାରୂପେ ଅଙ୍ଗ ଭଙ୍ଗୀ କରି ଦେଲା ସୁହିଁ । କମଳିନୀ ବୋଲି ତାର ନାମ ଦେଲା କହି ॥ କଟାକ୍ଷରେ ନୃପତିଙ୍କୁ ଗୃହାନ୍ତେ ବହନ । ରାଜାଙ୍କୁ ଅସ୍ଥିର ଏତେ କରିଲା ମଦନ ॥ ସେ ରମଣୀର ସୁହାଣି ଦେଖିଣ ସତ୍ୱର । ନୃପତି ହୋଇଲେ ତହିଁ ଅତି କାମାତୁର ॥ ଶୃଙ୍ଗାର ନିମନ୍ତେ ତହିଁ ମନ ବଳାଇଲେ । ରମଣୀକୁ ଧରି ନୃପ ଆଲିଙ୍ଗନ କଲେ ॥ ମନ ଇଚ୍ଛାମତେ ତାକୁ ଆଲିଙ୍ଗନ କରି । ମୁଖରେ ଚୁମ୍ବନ ତାର ଦେଲେ ବେଗକରି ॥ ଅଙ୍ଗ ସଙ୍ଗ ଘଟିନାହିଁ ସମ୍ପୂର୍ଣ୍ଣ ଭାବରେ । ରାଜାଙ୍କର ନିଦ୍ରାଭଙ୍ଗ ହେଲା ଏ କାଳରେ ॥ ରାଜାଙ୍କର ନିଦ୍ରା ନାଶ ହୋଇଗଲା ଯହୁଁ । ପାଖରେ କେହି ନାହାନ୍ତି ଦେଖନ୍ତେଣ ସେହୁ ॥ ତାର ନାମ କମଳିନୀ ବୋଲି ଜାଣିଥିଲେ । କମଳିନୀ କମଳିନୀ ସବୁବେଳେ ହେଲେ ॥ ସ୍ନାନ ଭୋଜନରେ ଆଉ ନାହିଁ ତାଙ୍କ ମନ । ଥରେ କମଳିନୀ କାହିଁଗଲୁ ତୁ ସୁନ୍ଦରୀ ॥ ସବୁବେଳେ ଏହିପରି ବାତୁଳା ହୋଇଣ । କମଳିନୀ ନାମକୁ ଯେ କରନ୍ତି ସ୍ମରଣ ॥

ତୋ ପର ସୁନ୍ଦରୀ ମୁହିଁ କାହିଁ ଦେଖି ନାହିଁ । ଦେଖାଦେଇ ମୋତେ ଏବେ ଲୁଚିଗଲୁ କାହିଁ ॥ ଆଉ ଥରେ ତୋ ଶ୍ରୀମୁଖ ଦେଖାଅ ରେ ଧନି । ତୋ ପାଦ ସେବା କରିବି ଯାଇଁ ମୁହିଁ ପୁଣି ॥ ଏମନ୍ତେ ବିକ୍ରମ ନୃପ ବାତୁଳ ପ୍ରକାରେ । ସବୁବେଳେ ମନ ଯାଇଁ କମଳିନୀ ଠାରେ ॥ ରାଜାଙ୍କର ଏହିପରି ଗତିକୁ ଦେଖିଣ । ଭାବିଲେ ଏ ସାରୀ ଅଭିଶାପଟି ପ୍ରମାଣ ॥ ସକଳେ ଏହି କଥାକୁ କୁହାକୁହି ହେଲେ । ଅନେକ ପ୍ରକାରେ ରାଜାଙ୍କୁ ସେ ପ୍ରବୋଧିଲେ ॥ ଅବର ରାଜାଙ୍କୁ ସର୍ବେ କହିଲେ ବୁଝାଇ । ସାମାନ୍ୟ ସ୍ତ୍ରୀର ନିମନ୍ତେ ଏତେ ଦଶା କାହିଁ ॥ ସ୍ନାନ ଭୋଜନାଦି ସବୁ ମନରୁ ପାସୋରି । କାହିଁପାଇଁ ଏତେ କଷ୍ଟ ଭୋଗ ଦଣ୍ଡଧାରି ॥ ଇଚ୍ଛା କଲେ କେତେ କେତେ ନାରୀ ଯେ ମିଳିବେ । ସ୍ୱର୍ଗ ଅପସରୀ ଆସି ପାଦରେ ଖଟିବେ ॥ ମନରେ ଶୋଚନା କେଉଁ ନ କରନ୍ତୁ ଆଉ । ମନ ସ୍ଥିର କରନ୍ତୁ ଯେ ସୁଖେ ଦିନ ଯାଉ ॥ ଏ ପ୍ରକାରେ ସଭାଜନେ ବୁଝାଇ କହିଲେ । ବିକ୍ରମ ନରେଶ ସେମାନଙ୍କୁ ଯେ ବୋଇଲେ ॥ ଲୋକ ପଠାଇଣ ଖୋଜ ସେ ନାରୀ ସ୍ୱୀରକୁ । ପାଟେଶ୍ୱ ଅଣିଦିଅ ସେହି ପାଷାଣ ଗିରିକୁ ॥ କମଳିନୀ ବୋଲି ନାମ ତାହାର ଅଟଇ । କେଉଁ ରାଜାର ଦୁହିତା ବୋଲି ଜଣାନାହିଁ ॥ ଚର ପଠାଇଣ ପ୍ରତି ଦେଶରେ ବୁଲାଅ । ଘରେ ଘରେ ପଶି ତାକୁ ଖୋଜି ଅଣିଦିଅ ॥ ଏହା ଶୁଣି ପାତ୍ରମିତ୍ରଗଣ ତତକ୍ଷଣେ । ଚରମାନଙ୍କୁ ପଠାଇ ଦେଲେ ଏ କାରଣେ ॥ ଚର ଦଳକୁ ଯେ ଚରେ ଗମନ କରିଲେ । ଘରେ ଘରେ ପଶିଣ ଯେ ସନ୍ଧାନ ବୁଝିଲେ ॥ କମଳିନୀର ସନ୍ଦେଶ କାହିଁ ନ ପାଇଣ । ଫେରି ଆସି ରାଜାଙ୍କୁ ତା ଜଣାଇଲେ ଜାଣ ॥ ଭୋ ଦେବ କମଳିନୀର ସନ୍ଦେଶ ନ ପାଇ । କେଉଁଠାସି ସ୍ଥାନେ ସେହୁ କନ୍ୟା ନାହିଁ କାହିଁ ॥ ଚରଙ୍କ ମୁଖଁ ବିକ୍ରମ ଏହିକଥା ଶୁଣି । ବାତୁଳ ପରାୟେ ସେହୁ ହୋଇଲେ

ଯେ ପୁଣି । କମଳିନୀ କମଳିନୀ କେବଳ ବୋଲନ୍ତି । ସ୍ନାନ ଭୋଜନ ଶୟନ ଆଦି ନ କରନ୍ତି । ରାଜ୍ୟ ଧନ ଆଦି କରି ସବୁ ତେଜ୍ୟା କଲେ । ସ୍ୱର୍ଣ୍ଣ ସିଂହାସନ ପାଦ ମନ୍ତ୍ରୀଙ୍କୁ ଛାଡ଼ିଲେ । ଅନୁକ୍ଷଣେ ଶୋକ କରି ବିକ୍ରମ ନରେଶ । ଗହନ ବନ ମଧ୍ୟରେ ହୋଇଲେ ପ୍ରବେଶ । ସାରୀ ଶାପ ଯୋଗୁଁ ରାଜା ବାତୁଳ ହୋଇଣ । କମଳିନୀ ବୋଲି ସଦା କଲେ ଉଚ୍ଚାରଣ । ଏକବର୍ଷ କାଳ ବନେ କଲେ ଭ୍ରମଣ । ଅନ୍ତୁଁ ସିନ୍ଧୁକୂଳେ ଯାଇଁ ପ୍ରବେଶିଲେ ଜାଣ । ସେ ସିନ୍ଧୁକୂଳରେ ଏକ ବଟବୃକ୍ଷ ଥିଲା । ବିକ୍ରମଙ୍କ ଚକ୍ଷୁ ଯାଇଁ ସେଠାରେ ପଡ଼ିଲା । ସେହି ବୃଦ୍ଧ-ବଟବୃକ୍ଷ ମୂଳେ ପ୍ରବେଶିଲେ । ପଥଶ୍ରାନ୍ତ ପାଇ ତାହା ମୂଳରେ ବସିଲେ । ସେହିପରି କମଳିନୀ କମଳିନୀ ବୋଲି । ବାତୁଳ ପ୍ରାୟେ ହୁଅନ୍ତି ସବୁକଥା ଭୁଲି । ସେ ବୃକ୍ଷରେ ଶୁକ ସାରୀ ଦୁହେଁ ବସାକରି । ବହୁତ ଦିନରୁ ଥିଲେ ଏକ ସଙ୍ଗ ଧରି । ଦିବସରେ ଦୁହେଁ ଚରି ବୁଲି ଯାଇଥିଲେ । ରବି ଅସ୍ତ ସମୟକୁ ବସାକୁ ଫେରିଲେ । ନୃପତି ବସି କାନ୍ଦନ୍ତି ସେ ବୃକ୍ଷ ମୂଳରେ । ଏ କ୍ରନ୍ଦନ ସାରୀ ଟିକେଁ ଶୁଣିଲା କର୍ଣ୍ଣରେ । ଶୁକକୁ ସେ ପଚାରିଲା ଅହୋ ପ୍ରାଣଧନ । ଏ ବୃକ୍ଷ ମୂଳରେ କିଏ କରୁଛି ରୋଦନ । କମଳିନୀ କମଳିନୀ କହୁଛି ମୁଖରେ । ଜଣେ ହୋଇ ସାଥୀ କେହି ନାହିଁ ତା ସଙ୍ଗରେ । କିଏ ଏ ପୁରୁଷ କାହୁଁ ଏଠାକୁ ଆସିଲା । 'କେଣେ ଗଲା ନାହିଁ ବୃକ୍ଷ ମୂଳରେ ବସିଲା । ଏହା ଶୁଣି ଶୁକ କହେ ସାରୀକୁ ବୁଝାଇ । ଅଗୋ ପ୍ରିୟେ ! ସେ ପୁରୁଷ ସାମାନ୍ୟ ନୁହଇ । ବିକ୍ରମାଦିତ୍ୟ ବୋଲିଣ ନାମଟି ଏହାର । ସବୁ ନୃପତିଙ୍କ ପରେ ଅଟେ ଏହୁ ସାର । ଏକ ଶୁକ ଯା ପାଶରେ ମନ୍ତ୍ରୀ ପଣ କରି । ଅନୁକ୍ଷଣେ ରହୁଥିଲା ଦିବସ ଶର୍ବରୀ । ଭବିଷ୍ୟତ କଥା ଯାକୁ ନିତି ସେ କହଇ । ବହୁତ ବିପଦରୁ ସେ ଉଦ୍ଧାର କରଇ । ସେହି ଶୁକ ଯୋଗେ ସବୁ କାର୍ଯ୍ୟେ ଲଭି ଯଶ । ଶେଷକୁ

ସ୍ୱହସ୍ତେ ତାଙ୍କୁ କରିଲ୍ଲ ବିନାଶ ॥ ଶୁକ ଭାର୍ଯ୍ୟା ସାରୀ ତାକୁ ଅଭିଶାପ
ଦେଲା । କମଳିନୀ ଯୋଗେ କଷ୍ଟ ଲଭିବୁ ବୋଇଲା ॥ କମଳିନୀ
ପାଇଁ ନାନାଦେଶ ତୁ ଭ୍ରମିବୁ । ବାନ୍ଧ ବାନ୍ଧ ନିଗ୍ରହରେ ଅସ୍ଥିର
ହୋଇବୁ ॥ ଏମନ୍ତେ ଏହାକୁ ସାରୀ ଅଭିଶାପ ଦେଇ । ମରଣ
ଲଭିଲା ସେହୁ ସ୍ୱାମୀ ସ୍ୱାମୀ ହୋଇ ॥ ସେହୁ ଅଭିଶାପ ଏବେ
ଫଳୁଛି ଏହାର । ବାନ୍ଧ ବାନ୍ଧ ବୁଲୁଅଛି ଏ ନୃପଶେଖର ॥ ମୁଁ
ଜାଣିଛି ଏହାର ଯେ ପ୍ରକାର ମାନ । ମନ୍ତ୍ରୀ ଯେବେ ହୋନ୍ତି ଯାଇଁ
ଏହାର ପାଶେଣ ॥ ସବୁ ବିପଦରୁ ଏହାକୁ କରନ୍ତି ଉଦ୍ଧାର । କିନ୍ତୁ
ସ୍ତ୍ରୀଠାରେ ବିଶ୍ୱାସ ହେଉନାହିଁ ମୋର ॥ କାଲେ ପୂର୍ବ ଶୁକ ପରି
କରିବ ଏ ମୋତେ । ନ ବୁଝିଣ ଗଳା କାଟିଦେବ କ୍ଷଣମାତ୍ରେ ॥
ତେଣୁ ମୋର ମନେ ଭୟ ଉପୁଜଇ ଜାଣ । ଏହାକୁ ବିଶ୍ୱାସ
ନ ହୁଅଇ କଦାଚନ ॥ ଶୁକଠାରୁ ଏହା ଶୁଣି ସାରୀ ଯେ କହଇ ।
ମନୁଷ୍ୟ ସଙ୍ଗରେ ଅମ୍ଭ ବିଶ୍ୱାସ କି ହୋଇ ॥ ଅମ୍ଭେମାନେ ପକ୍ଷୀଜାତି
ପକ୍ଷୀଙ୍କର ସଙ୍ଗେ । ଚରିବୁଲି ଖେଳ ଖେଳୁଥାଉଁ ନାନାରଙ୍ଗେ ।
ମନୁଷ୍ୟ ସଙ୍ଗରେ ମିତ୍ରୀ ହୋଇବ କିପାଇଁ । ଏକଥା ଅମ୍ଭମାନଙ୍କ
ଉଚିତ ନୁହଇ ॥ ଅହେ ନାଥ ଯେବେ କମଳିନୀ କଥା
ଜାଣ । ତେବେ ଏହାକୁ ଚଞ୍ଚଳ କହୁଦିଅ ପୁଣି ॥ ବୁଲି ବୁଲି
ନିରାଶ ଏ ହୋଇଣ କାନ୍ଦୁଛି । ପର ଉପକାର କର୍ମେ
ବହୁ ଧର୍ମ ଅଛି ॥ ଅହେ ନାଥ ଯେ କରଇ ପର ଉପକାର ।
ଜୀବନ୍ତରେ ସ୍ୱର୍ଗପୁରେ ବସତି ତାହାର ॥ ଏହା ଶୁଣି ଶୁକ କହେ
ସାରୀଙ୍କ ଉତ୍ତର । କମଳିନୀ କଥା ମୋତେ ଅଛି ଯେ ଗୋଚର ॥
ବହୁତ ଅଗମ୍ୟ ସ୍ଥାନ ସେହି ଯେ ଅଟଇ । ଦେବ ଜୀବା ଦୈତ୍ୟ
କେହୁ ନ ପାରିବେ ଯାଇ ॥ ଅଗୋ ପ୍ରିୟେ ଯେବେ ଏହା
ପୁଚ୍ଛା କଲୁ ମୋତେ । ତେବେ କହୁଛି ମୁଁ ଶୁଣ ତାହା ଏକଚିତ୍ତେ ॥
ଶାଳ୍ମଳୀ ନାମରେ ଦ୍ୱୀପ ସିନ୍ଧୁମଧ୍ୟେ ସାର । କଙ୍କାଳୟ ବୋଲି ଦେଶ

ତାହାର ମଧ୍ୟର । କେଳି ନାମେ ନୃପବର ସେ ରାଜ୍ୟକୁ ପାଳେ ॥
କମଳିନୀ ନାମେ କନ୍ୟା ଅଛି ତା ଗୃହରେ ॥ ଏକମାତ୍ର କନ୍ୟା
ସେହୁ ରାଜାର ଅଟଇ । ରମ୍ଭା ଉର୍ବଶୀ ତାହାକୁ ରୂପେ ସମ ନୋହି ॥
ଅତ୍ୟନ୍ତ ସୁନ୍ଦରୀ ସେହୁ କେଳି କଉଶଳା । ଘନ ଜଘନୀ ସେ ପୁଣି
କୁଞ୍ଚିତ କୁନ୍ତଳା ॥ ସେ କନ୍ୟାର ପିତା ତୋଳି ଦେଇଛି ନଗର ।
ବହୁ ଦାସୀ ପରିବାରୀ ଥାନ୍ତି ତା ସଙ୍ଗର ॥ ପୁରୁଷଙ୍କ ଛାଇ ସେ
ନଗରେ ନ ପଡ଼ଇ । ବହୁ ଜଗୁଆଳମାନେ ଜଗିଥାନ୍ତି ତହିଁ ॥
ଅସ୍ତ୍ର ଶସ୍ତ୍ର ଧାରଣ କରି ସେ ରାତ୍ରି ଦିନ । ଅନୁକ୍ଷଣେ ଜଗିଥାନ୍ତି
ହୋଇ ସାବଧାନ ॥ ଅତ୍ୟନ୍ତ ଗହନ ପଥ ସେହୁ ଯେ ଅଟଇ ।
କେଉଁ ଉପାୟରେ କେହି ନ ପାରନ୍ତି ଯାଇ ॥ ସେ ରାଜକନ୍ୟାର
ନାମ ଅଟେ କମଳିନୀ । ଭାଗ୍ୟ ଥିଲେ ମିଳିପାରେ ସେ
ନବ କାମିନୀ ॥ ସାରୀକି ଶୁକ କହିଲା ଏମନ୍ତ ପ୍ରକାରେ ।
ବୃକ୍ଷମୂଳେ ଥାଇଁ ନୃପ ସବୁ ତା ଶୁଣିଲେ ॥ ମନରେ ଭାବିଲେ
ଭାଗ୍ୟ ଥିଲାକୁ ମୋହର ॥ ଏ କଥା ହୋଇଲା ଆଜ ମୋ କର୍ଣ୍ଣ-
ଗୋଚର ॥ ନିଶ୍ଚୟ ପାଇବି ସେହି କନ୍ୟାକୁ ଯେ ମୁହିଁ । ଏଥିରେ
ମୋର ସଂଶୟ ଆଉ କିଛି ନାହିଁ ॥ ସଂସାର ମଧ୍ୟରେ ମୋର ଅସାଧ୍ୟ
ହୋଇଣ । କଉଣସି ସ୍ଥାନ ନାହିଁ ଏପରି ପ୍ରମାଣ ॥ ବିକ୍ରମଙ୍କ ମନ
ଅଳ୍ପ ସ୍ଥିର ଯେ ହୋଇଲା । ପୂର୍ବ ପ୍ରାୟେ ଆଉ ଏତେ ଚିନ୍ତା ନ
ରହିଲା ॥ ଶୀଘ୍ର ତାଳ ବେତାଳଙ୍କୁ ଚିନ୍ତିଲେ ସେଠାରେ । ସେ
ଦୁହେଁ ପ୍ରବେଶ ହେଲେ ଆସି ତତକାଳେ ॥ କରଯୋଡ଼ି
ବୋଇଲେ ସେ ବିକ୍ରମଙ୍କୁ ତହିଁ । କି କାର୍ଯ୍ୟ କରିବୁଁ ଆଜ୍ଞା ଦିଅ
ନରସାଇଁ ॥ ବିକ୍ରମ ତାହାଙ୍କୁ ସବୁକଥା ଯେ କହିଲେ । ଶୁଣି
ତାଳ ବେତାଳ ଯେ ସାହସ ବାନ୍ଧିଲେ ॥ ହରଷ ହୋଇଣ ସେହୁ
ବୋଇଲେ ବଚନ । ଏଥିପାଇଁ ମନେ କିଛି ନ କର ଶୋଚନ ॥
ଆମ୍ଭ ପରେ ଆରୋହଣ କର ନୃପବର । ଶୂନ୍ୟେ ବହିନେବୁଁ

ଅଙ୍ଗେ କ୍ଷଣକ ମଧ୍ୟର ॥ ତାଳ ବେତାଳଙ୍କଠାରୁ ନୃପ ଏହା ଶୁଣି । ତାଙ୍କ କନ୍ଧେ ଆରୋହଣ କଲେ ସେହିକ୍ଷଣି ॥ ଶୂନ୍ୟମାର୍ଗେ ଗମନ ସେ କରିଲେ ସତ୍ୱର । ସମୁଦ୍ରକୁ ଲଙ୍ଘି ହେଲେ ଶାଲ୍ମଳୀ ଦ୍ୱୀପର ॥ ସେ ସ୍ଥାନ ଶୋଭାକୁ ଦେଖି ବିକ୍ରମ ନରେଶ । ମନ ମଧ୍ୟରେ ହୋଇଲେ ସେ ଅତ୍ୟନ୍ତ ତୋଷ । ତାଳ ବେତାଳଙ୍କୁ ରାଜା କହିଲେ ସତ୍ୱରେ । ଅଶ୍ୱ ରୂପ ଧରି ତୁମ୍ଭେ ରହ ମୋ ପାଶରେ ॥ ଅଶ୍ୱ ପୃଷ୍ଠରେ ମୁଁ ନିତ ଗମନ କରିବି । ଏଠାରେ ରହି ସକଳ କଷ୍ଟ ବୁଝିବି ॥ ଏହା ଶୁଣି ତାଳ ବେଗେ ଅଶ୍ୱ ଯେ ହୋଇଲା । ଉଚ୍ଚରେ ପଞ୍ଚାଶ ହସ୍ତ କାୟା ବିସ୍ତାରିଲା ॥ ସହସ ହୋଇ ବେତାଳ ଅଶ୍ୱକୁ ଧରିଲା । ଅତ୍ୟନ୍ତ ଆଶ୍ଚର୍ଯ୍ୟ ରୂପ ପ୍ରକାଶ ପାଇଲା ॥ ବିକ୍ରମ ନୃପ ସେ ଅଶ୍ୱ ପରେ ଆରୋହିଲେ । କେଳି ନୃପତିଙ୍କ ଦର୍ଶନକୁ ସେହୁ ଗଲେ ॥ ପଥ ମଧ୍ୟେ ଯେତେ ଜନ ତାହାଙ୍କୁ ଦେଖନ୍ତି । ସକଳ ମନେ ସେକ୍ଷଣ ବଡ଼ ଆଶ୍ଚର୍ଯ୍ୟ ହୁଅନ୍ତି ॥ ବୋଲନ୍ତି ଏପରି ଅଶ୍ୱ କେବେ ଦେଖି ନାହୁଁ । ଦେବତା କିବା ଅସୁର ଆସିଛନ୍ତି ଏ କାହୁଁ ॥ ଗୃହଗଣେ ରାଜାଙ୍କୁ ଯେ ଜଣାଇଲେ ଯାଇ । ଅହୋ ନୃପ ଆଶ୍ଚର୍ଯ୍ୟ ଘଟଣା ନୃହେ କହି ॥ ପ୍ରକାଣ୍ଡ ଅଶ୍ୱ ଉପରେ ବସି ଏକ ଜଣ । ଆମ୍ଭ ରାଜ୍ୟମଧ୍ୟେ କରୁଅଛନ୍ତି ସେ ଗମନ ॥ ଏଣିକି ଆସିଲା ପରି ଜଣା ସେ ଯାଉଛନ୍ତି । ଦେବ କି ଦାନବ କେଉଁଠାରୁ ସେ ଆସିଛନ୍ତି ॥ ଅତ୍ୟନ୍ତ ସୁନ୍ଦର ରୂପ ତାହାର ଅଟଇ । ଅଶ୍ୱ ପରେ ବସିଛନ୍ତି ସେ ବୀରବେଶ ହୋଇ ॥ ଦକ୍ଷିଣ ହସ୍ତେ ଖଡ଼୍ଗ ଧରିଛନ୍ତି ଅବିର । ରୂପ ଦିଶୁଅଛି ତାର କେଡ଼େ ଚମତ୍କାର ॥ ଏହା ଶୁଣି କେଳିନୃପ ବିସ୍ମୟ ମନରେ । ତାହାଙ୍କୁ ଦେଖିବା ପାଇଁ ବେଗେ ବାହାରିଲେ ॥ ପ୍ରକୃତ ଅଦ୍ଭୁତ ରୂପ ଅଶ୍ୱର ଦେଖିଲେ । ଆଶ୍ଚର୍ଯ୍ୟ ହୋଇଣ ବିକ୍ରମଙ୍କ ପାଶେ ଗଲେ ॥ ବେନି କରଯୋଡ଼ି କେଳିନୃପ ବିନୟରେ । ଭୟଯୁକ୍ତ ମନରେ ସେ ତାହାଙ୍କୁ ପୁଚ୍ଛିଲେ ॥

ବୋଇଲେ ଆପଣଙ୍କର କାହିଁ ବାସସ୍ଥାନ । କି କାମକେ ଏ ଦେଶକୁ କରିଲେ ଗମନ ॥ ମୋ ଦେଶରେ ଦେଖିକି ଆପଣଙ୍କ ଅଶ୍ବ ଦେଖି । ମନେ ଭୟ କରୁଛନ୍ତି ହୋଇ ଅତି ଦୁଃଖୀ ॥ ଏମନ୍ତେ କେଳି ନୃପତି ଯେମନ୍ତ କହିଲେ । ବିକ୍ରମ ରାଜନ ବେଗେ ତାହାଙ୍କୁ ବୋଇଲେ ॥ ମୋ ନାମ ବିକ୍ରମାଦିତ୍ୟ ବୋଲିଣ ଜାଣିବ । ମନୁଷ୍ୟ ଅଟେ ନୁହଇ ଦେବ କି ଦାନବ ॥ ଜମ୍ବୁଦ୍ଵୀପ ମଧ୍ୟେ ଅଛି ଉଜ୍ଜ୍ୱଳ ନଗର । ସେଠାବରେ ବାସସ୍ଥାନ ଅଟଇ ମୋହର ॥ ଏ ଅଶ୍ବ ପାଇଛୁ ଶିବ ସେବାଙ୍କର ମୁହିଁ । ଏହାଯୋଗେ ଆସିଲି ସମୁଦ୍ର ପାରି ହୋଇ ॥ ଆସି ନାହିଁ ମୁହିଁ କୋପକରି କାହା ପରେ । ଆନନ୍ଦ ମନେ ଭ୍ରମଣ କରେ ନିରନ୍ତରେ ॥ ଭ୍ରମୁ ଭ୍ରମୁ ଏ ସ୍ଥାନରେ ପ୍ରବେଶ ହୋଇଲି । ହେ ନୃପ ତୁମ୍ଭଙ୍କୁ ସବୁକଥା ମୁଁ କହିଲି ॥ ମନରେ ସନ୍ଦେହ ଆଉ ନ କରନ୍ତୁ କିଛି । ଆପଣଙ୍କୁ କେତେ କଥା କହିବାକୁ ଅଛି ॥ ମନ ମଧ୍ୟେ ଏହି ଅଭିଳାଷ ଅଛି କରି । ଆପଣଙ୍କ ନିକଟରେ କରିବି ଗୁହାରି ॥ ଏହା ଶୁଣି କେଳି ରାଜା କହନ୍ତି ବଚନ । କି କାର୍ଯ୍ୟ କରିବ ତୁମ୍ଭେ ରହି ମୋ ପାଶେଣ ॥ ଶୁଣି ବିକ୍ରମ ବୋଇଲେ ଶୁଣ ହେ ରାଜନ । ଅସାଧ୍ୟ କାର୍ଯ୍ୟକୁ ମୁହିଁ କରିବି ସାଧନ ॥ ବିକ୍ରମଙ୍କ ମୁଖୁଁ ଏହା କେଳିନୃପ ଶୁଣି । ମନରେ ଅତି ଆନନ୍ଦ ହେଲେ ସେହିକ୍ଷଣି ॥ ନିଜ ସଙ୍ଗତରେ ନଗରକୁ ଘେନିଗଲେ । ଯଥାବିଧି ବିଧାନରେ ତାଙ୍କୁ ରଖାଇଲେ ॥ ତାହାଙ୍କର ଯେତେ ପାତ୍ର ମନ୍ତ୍ରୀ ସୈନ୍ୟଗଣ । ସମସ୍ତଙ୍କଠାରୁ ତାଙ୍କୁ ଆଦର କରଣ ॥ କେଳିନୃପ ବିକ୍ରମଙ୍କୁ ହରଷେ ରଖିଲେ । କିଛି ଦିନ ବହିଗଲା ଏହି ପ୍ରକାରେ ॥ ବିକ୍ରମ ଦିନେ ମନରେ କରିଲେ ବିଚାର । ଯାହା ଯୋଗେ ଆସିଲି ମୁହିଁ ଯେ ଏତେ ଦୂର ॥ ଦିନେ ହୋଇ ତାର ଭେଟ ନ ପାଇଲି ମୁହିଁ । ଏହା ଭାବି ତାଲ ବେତାଳ ଦୁହିଙ୍କୁ ଚାହିଁ ॥ ବୋଇଲେ ତାଲ ବେତାଳ ଶୁଣ ମୋ ବଚନ ॥

ତୁମ୍ଭେ ଦୁହେଁ ବ୍ୟାଘ୍ରରୂପ ହୁଅ ରେ ବହନ ॥ ଅତି ଭୟଙ୍କର ରୂପ ତୁମ୍ଭେ ଯେ ଧରିବ । ଗର୍ଜନ କରଣି ଦେଶ କମ୍ପାଇଣ ଦେବ ॥ ସମସ୍ତଙ୍କୁ ନାନାଭୟ ଦେଖାଅ ରେ ଯାଇ । ଆଜ୍ଞାପାଇ ସେ ଦୁହେଁ ଗଲେ ବେଗ ହୋଇ ॥ ଦୁଇଗୋଟି ମହାବଳ ବ୍ୟାଘ୍ର ଭୟଙ୍କର । ଗର୍ଜନ କରଣି ସେହୁ ହୋଇଲେ ବାହାର ॥ ମହା ଭୟ ଦେଖାଇଲେ ସେ ନଗରେ ବୁଲି । ଲୋକଙ୍କ ମଧ୍ୟରେ ପଡ଼ିଗଲା ହାଲହୋଲି ॥ ଏହା ଦେଖି ପ୍ରଜାଗଣେ କାତର ହୋଇଣ । ରାଜାଙ୍କ ଆଗରେ ଯାଇ ଜଣାଇଲେ ପୁଣ ॥ ଅହୋ ନୃପ କାହୁଁ ଦୁଇଗୋଟା ବ୍ୟାଘ୍ର ଆସି । ଏହି ନଗର ମଧ୍ୟରେ କେମନ୍ତେ ପ୍ରବେଶି ॥ ମହାବଳ ବ୍ୟାଘ୍ର ସେହୁ ଅତି ଭୟଙ୍କର । ଗର୍ଜନ କରନ୍ତି ଜଗେ କେଡ଼େ ଚମତ୍କାର ॥ ପ୍ରଜାଙ୍କର ମୁଖୁଁ କେଳି ନୃପ ଏହା ଶୁଣି । ବ୍ୟାଘ୍ର ମାରି ବାହାରିଲେ ସୈନ୍ୟବଳ ଘେନି ॥ ଦେଖିଲେ ସେ ଦୁଇ ବ୍ୟାଘ୍ର ଏକଇ ସ୍ଥାନରେ । ବସି ଗର୍ଜନ ଛୁଡ଼ନ୍ତି ଅତ୍ୟନ୍ତ ଜୋରରେ ॥ ଅତି ଭୟଙ୍କର ତନୁ ଦିଶୁଛି ତାଙ୍କର । ତାହା ଦେଖି ସୈନ୍ୟେ ତାଙ୍କୁ ପ୍ରହାରିଲେ ଶର ॥ ଶରମୁନ ଭାଙ୍ଗି ତଳେ ପଡ଼ିଲା ସେଠାରେ । ତହୁଁ ବ୍ୟାଘ୍ର ଦୁହେଁ ଉଠି ଅତି କୋପଭରେ ॥ ରାଜାଙ୍କ ସୈନ୍ୟ ମଧ୍ୟରୁ କେତେକଙ୍କୁ ଧରି । ରକ୍ତ ଭକ୍ଷଣ କଲେ ପେଟ ଅନ୍ତ ଚିରି ॥ ଏହିରୂପେ ବହୁସୈନ୍ୟ ବିନାଶ ହୋଇଲେ । କେଳିନୃପ ଭୟ କରି ପଳାଇ ଆସିଲେ ॥ ବିକ୍ରମଙ୍କ କହିବା କଥାକୁ ଭାବି ମନେ । ତାହାଙ୍କୁ ଡାକି ନୃପତି ବୋଇଲେ ତକ୍ଷଣେ ॥ ଅହୋ ବିକ୍ରମ ଆମ୍ଭର ଭାଗ୍ୟହୀନ ବେଳ । କାହୁଁ ଆସି ଦୁଇଗୋଟି ବ୍ୟାଘ୍ର ମହାବଳ ॥ ମୋର କେତେ ସୈନ୍ୟଙ୍କୁ ସେ ବିନାଶ କରିଲେ । ସେ ବ୍ୟାଘ୍ର ଦୁହିଙ୍କୁ କେହି ମାରି ନ ପାରିଲେ ॥ ତେଣୁ ନିରାଶ ହୋଇଣ ଫେରି ମୁଁ ଆସିଲି । ତୁମ୍ଭ ଆଗରେ ଏ କଥା ତ୍ୱରିତେ ଜଣାଇଲି ॥ କହୁଥିଲି କରିବାକୁ

ଅସାଧ୍ୟ ସାଧନ । ଯେବେ ଏହି କାର୍ଯ୍ୟ ସାଧିବାକୁ ବଳେ ମନ ॥ ତେବେ ଯାଇ ସେ ବ୍ୟାଘ୍ରଙ୍କୁ ବିନାଶ କରଣି । ପ୍ରଜାଙ୍କର ଭୟସଙ୍କ୍ଟ କର ନିବାରଣି ॥ ଯେବେ ମନ ବଳେ ତେବେ ସଙ୍ଗେ ସୈନ୍ୟ ନିଅ । ନାନା ଅସ୍ତ୍ର ଶସ୍ତ୍ର ନେଇ ପ୍ରୟୋଗ କରିଅ ॥ ଏମନ୍ତ କଥା ଶୁଣିଣ ବିକ୍ରମ ରାଜନ । ବୋଇଲେ ଏହି କଥା ଟି ଅଟଇ ସାମାନ୍ୟ ॥ ଅସ୍ତ୍ର ଶସ୍ତ୍ର ସୈନ୍ୟଗଣ ନେବ କାହିଁପାଇଁ । ଏହା କହି ଗମିଲେ ସେ ଏକା ଏକା ହୋଇ ॥ ବ୍ୟାଘ୍ର ଦୁହେଁ ଦେଖି ମହା ଗର୍ଜନ ଛାଡ଼ିଲେ । ବିକ୍ରମଙ୍କୁ ଦେଖିବା ମାତ୍ରକେ ସ୍ଥିର ହେଲେ । ତହୁଁ ସେ ଦୁହିଙ୍କ ଗଳେ ଦଉଡ଼ି ଲଗାଇ । ବାନ୍ଧିକରି ନେଲେ କେଳି ନୃପତିଙ୍କ ପାଇଁ ॥ ତାଙ୍କ ସଭାରେ ଅଦ୍ଭୁତ କରି ରଖାଇଲେ । ଦେଖିଣ ସମସ୍ତେ ମହା ଆଶ୍ଚର୍ଯ୍ୟ ହୋଇଲେ ॥ କେଳି ନୃପ କହିଲେ ଏହାଙ୍କୁ କର ନାଶ । ବିକ୍ରମ ବୋଇଲେ ଆଉ ପ୍ରୟୋଜନ କିସ ॥ ଏହାଙ୍କୁ ନେଇ ସମୁଦ୍ର ସେ ପାରରେ ଛାଡ଼ିବା । ଉପଦ୍ରବ ନ କରିଲେ କାହିଁକି ମାରିବା ॥ ସ୍ଥିରଭାବେ ରହିଲେ ସେ ବ୍ୟାଘ୍ର ସେହି ଦିନୁ । ସବୁ ଲୋକଙ୍କର ଭୟ ଦୂର ହେଲା ମନୁ ॥ ପୁଣି କେତେ ଦିନେ ସେହି ବିକ୍ରମ ନରେଶ । ତାଳ ବେତାଳଙ୍କୁ ସେହି ବୋଇଲେ ଏ ଭାଷ ॥ ତୁମ୍ଭେ ଦୁହେଁ ଭୟଙ୍କର ରାକ୍ଷସ ହୋଇବ ॥ ଏ ଦେଶରେ ନାନା ଉପଦ୍ରବ ଯେ କରିବ ॥ ସେହିପରି ରାକ୍ଷସ ସେ କେଳି ହୋଇ ତହିଁ । ନାନା ଉପଦ୍ରବ କଲେ କଳଣା ନ ଯାଇ ॥ ପ୍ରଜାମାନେ ସେ ଦୌରାତ୍ମ୍ୟ ସହି ନ ପାରିଲେ । କେଳି ନୃପଆଗେ ଯାଇଁ ତାହା ଜଣାଇଲେ ॥ ବୋଇଲେ ହେ ମହାରାଜ ବ୍ୟାଘ୍ରଭୟ ଗଲା । ଏବେ ରାକ୍ଷସଙ୍କ ଭୟ ପ୍ରବଳ ହୋଇଲା ॥ ଦୁଇଗୋଟା ରାକ୍ଷସ ଯେ କାହୁଁ ଆସିଛନ୍ତି । ଘରେ ଘରେ ନାନା ଉପଦ୍ରବ ସେ କରନ୍ତି ॥ କପରି ଭାବେ ରହିବୁଁ ଆହେ ନୃପବର । ପ୍ରତିକାର ନ କଲେ ମରଣ ହେବ

ସାର । ଶୁଣି କେଶନୃପ ମନେ ବିରସ ହୋଇଲେ । ବିକ୍ରମଙ୍କ କଥା ପୁଣି ମନରେ ଭାବିଲେ । ବୋଇଲେ ବ୍ୟାଘ୍ର ଭୟରୁ ରକ୍ଷା ସେ କରିଲେ । ସେ କେଉଁ ଦେବତା ଅବା ଆସିଛନ୍ତି ଏଠାରେ । ଧନ୍ୟ ତାହାର ସାହସ ବୁଦ୍ଧିବଳ ଜ୍ଞାନ । ବ୍ୟାଘ୍ରଙ୍କୁ ଅସ୍ତ୍ର କଲା ବିନା ଅସ୍ତ୍ରେ ଜାଣି । ଏବେ ତାହାଙ୍କୁ ଡାକଣି ଏ କଥା କହିବା । ପ୍ରଜାଗଣଙ୍କୁ ବା ସେହି ଉଦ୍ଧରିବେ ଅବା । ଯେ ଯାହା ମାଗିଲେ ଦେଇନ୍ତି ମନ ଅନୁସାରେ । ରାକ୍ଷସଙ୍କୁ ଅସ୍ତ୍ର ଯେ ଜନ କରିପାରେ । ଏହି କଥାଗୋଟି ଯହୁଁ ବିକ୍ରମ ଶୁଣିଲେ । କେଶ ନୃପତିଙ୍କି ସେହୁ ବଚନ ବୋଇଲେ । ରାକ୍ଷସ ଦୁହିଙ୍କି ମୁହିଁ ଧରି ଆଣିଦେବି । ଏ ଅରକ୍ଷ ଜଗତରେ ପୁରସ୍କାର ନେବି । ରାଜା ପ୍ରଜା ଆଦି ସର୍ବେ ଏହି କଥା ଶୁଣି । ସନ୍ତୋଷ ମନରେ ସର୍ବେ କହିଲେ ଯେ ବାଣୀ । ନୃପତି ବୋଇଲେ ଯେବେ ଏଥି ଉଦ୍ଧାରିବ । ଉପଯୁକ୍ତ ପୁରସ୍କାର ତୁମ୍ଭେ ନିଶ୍ଚେ ନେବ । ଏହା ଶୁଣି ବିକ୍ରମ ଯେ ତାହାଙ୍କୁ କହିଲେ । ମନୁ ସବୁ ଭୟ ଏବେ ତେଜ ହୋ ବୋଇଲେ । ଏକା ହୋଇ ଯାଉଛି ମୁଁ ସେ ଦୈତ୍ୟଙ୍କ ପାଶେ । ଏହା କହି ବିକ୍ରମ ଯେ ଚଳିଲେ ହରଷେ । ମାୟାରେ ସିନା ରାକ୍ଷସ ହୋଇ-ଥିଲେ ଦୁଇ । ବିକ୍ରମଙ୍କୁ ଦେଖିଣ ରହିଲେ ସ୍ଥିର ହୋଇ । ଉଜାଡ଼ିରେ ସେ ଦୁହିଙ୍କି ବାନ୍ଧି ନୃପବର । କେଶ ରାଜାଙ୍କ ପାଶକୁ ଆଣିଲେ ସତ୍ୱର । ଅତି ଭୟଙ୍କର ରୂପ ଦୁହିଙ୍କର ଦିଶେ । ଉଭା କରାଇଲେ ନେଇ ନୃପତିଙ୍କ ପାଶେ । ସମସ୍ତେ ଦେଖିଣ ମହା ଆଶ୍ଚର୍ଯ୍ୟ ହୋଇଲେ । ଧନ୍ୟ ଧନ୍ୟ ବିକ୍ରମ ହୋ ବୋଲିଣ ବୋଇଲେ । ନିଜେ କେଶନୃପ ମହା ସନ୍ତୋଷ ହୋଇଣ । ବୋଇଲେ ଏ ରାକ୍ଷସଙ୍କୁ କର ହୋ ବନ୍ଦନ । ନିଜେ ବିକ୍ରମ ନେଇଣ ବନ୍ଦଶାଳା ଘରେ । ରଖାଇଣ ପ୍ରବେଶିଲେ ସେ ରାଜ ସଭାରେ । ବିକ୍ରମଙ୍କ ପରେ କେଶନୃପ ତୋଷ ହୋଇ । ବୋଇଲେ

କି ମାଗୁଅଛ ମାଗ ବେଗ ହୋଇ ॥ ବିକ୍ରମ ବୋଲନ୍ତି ତାଙ୍କୁ ଶୁଣ ହେ ରାଜନ । ପୁରସ୍କାର ଦେବାପାଇଁ ଯାହା କର ମନ ॥ ଅକାରଣେ କି ନାହିଁ ମୋର ଧନ ଭଣ୍ଡାରେ । ମୋର ପୁରସ୍କାର କଥା ଶୁଣନ୍ତୁ କର୍ଣ୍ଣରେ । ଅପଣଙ୍କ କନ୍ୟା ଏକ କମଳିନୀ ବୋଲି । ଅଛି ବୋଲି ମୁହିଁ ତାହା ଶୁଣି ଥିଲି ॥ ବିବାହ ମୁଁ କରି ନାହିଁ ଜାଣ ନରପାଳ । ସେହି କନ୍ୟାଗୋଟି ମୋତେ କରନ୍ତୁ ପ୍ରଦାନ ॥ ଏହା ଶୁଣି କେଳିନୃପ ମଉନ ହୋଇଣ । ବିକ୍ରମଙ୍କୁ ରହି ପୁଣି ବୋଲିଲେ ବଚନ । ବୋଇଲେ ବିକ୍ରମ ତୁମ୍ଭେ ଯା କହିଲ ମୋତେ । ସେ କଥା ଗୋଟିକ ନାହିଁ ମୋହର ଅଧୀନେ ॥ ଯେଉଁ କମଳିନୀ କଥା କହୁଅଛ ତୁମ୍ଭେ । ତାର କଥା କହିବାକୁ ଶକ୍ତି ନାହିଁ ଏବେ ॥ ପୁରୁଷଙ୍କ କଥା ସେହି ଯେମନ୍ତେ ଶୁଣଇ । ଅନଳ ସମାନ ସେହୁ ଜଳେ କ୍ରୋଧ ହୋଇ ॥ ଅନ୍ୟ ସ୍ଥାନେ କରିଣ ମୁଁ ଗୋଟିଏ ନଗର । ବହୁତ ଦାସୀ ଅଛନ୍ତି ସଙ୍ଗରେ ତାହାର ! ସେ ନଗର ମଧ୍ୟେ ଅଛି ଅବିବାହୀ ହୋଇ । ବିବାହ ହେବାକୁ ସେହି ମନେ ନ ଧରଇ ॥ ପୁରୁଷଙ୍କ ନାମ ଶୁଣି କୁପିତ ହୁଅଇ । ବିବାହ କଥା ତା ଆଗେ କେ ନ ପାରେ କହି ॥ ମୁଁ ତାହାର ପିତା ହୋଇ ଦେଖିଣ ନ ପାରେ । କେବଳ ନାରୀ ରହନ୍ତି ତାର ନିକଟରେ ॥ ସବୁ କାମମାନ ତାର ନାରୀଏ କରନ୍ତି । ନାରୀମାନେ ପ୍ରହରୀ ରୂପରେ ଜଗିଥାନ୍ତି ॥ ତାହାକୁ କିପରି ବିଭା କଥା ମୁଁ କହିବି । ତେଣୁ ତୁମ୍ଭ ଆଗେ ଏହା କହୁଅଛି ଭାବି ॥ ଏହା ଶୁଣି କହୁଛନ୍ତି ବିକ୍ରମ ରାଜନ । ନାରୀଙ୍କ ହସ୍ତରେ ଲେଖା ପଠାଅ ବହନ ॥ ଯୁବତୀ ଜନକୁ ପାଇଛି ବିବାହ କାମନ୍ତେ । ଏହି ପତ୍ରପାଇ ଭାବିବ ସେ ନିଜ ଚିତ୍ତେ ॥ କି ଉତ୍ତର ଦେବ ସେହି ସେ କଥା ବୁଝିବା । ଏକ ଦାସୀ ହସ୍ତେ ଏବେ ପତ୍ର ବେଗେ ଦେବା ॥ ଏହା ଶୁଣି କେଳିରାଜା କଲେ ସନମତ । ପତ୍ର ଲେଖି ଦାସୀ ହସ୍ତେ

ଦେଲେ ସେ ତୁରିତ ॥ ସେ ପତ୍ରରେ ଲେଖିଛନ୍ତି କମଳିନୀ ତୁହି । ଜାଣିବୁ ତୋ ଉପଯୁକ୍ତ ପତି ଆଣି ମୁହିଁ ॥ କୋଟିଏ କନ୍ଦର୍ପ ପ୍ରାୟ ରୂପ ବେଶ ତାର । ଅଙ୍ଗରେ ବହୁତ ତାର ପରାକ୍ରମ ବଳ ॥ ଦେବତା ସମାନେ ସେହୁ ଯାଉଅଛୁ ଜଣା । ତୋର ଉପଯୁକ୍ତ ସେହୁ ଅଧିକ ଘଟଣା ॥ ଏମନ୍ତେ ସେ ପତ୍ର ଲେଖି ଦାସୀ ହସ୍ତେ ଦେଲେ । କମଳିନୀ ପାଶେ ନେଇ ଦେଲା ତତକାଳେ ॥ ପିତା ଦେଇଛନ୍ତି ବୋଲି ସେ ପତ୍ର ପଠାଇ । ପଢ଼ିଲା ଅତି ସତ୍ୱରେ ମନପ୍ରାଣ ଦେଇ ॥ କ୍ରୋଧ ହୋଇ କମଳିନୀ ସେ ପତ୍ର ପୃଷ୍ଠରେ । ଉତ୍ତର ଲେଖିଲା ପୁଣି ଏମନ୍ତ ପ୍ରକାରେ ॥ ଅହେ ପିତା କାହିଁପାଇଁ ନ ପଚାରି ମୋତେ । ବର ଆଣିଅଛ ବିଭା କରିବା ନିମନ୍ତେ । ସ୍ୱରୂପର ମୁଖ ମୁହିଁ କେବେ ନ ଚାହିଁବି । ସତ୍ୟ କରିଅଛୁ କେବେ ବିଭା ନ ହୋଇବି ॥ ସେହି କଥା ବୁଝାଇଣ ପୂର୍ବେ ଥିଲି କହୁ । ମନରୁ ସେ କଥା ଭୁଲିଗଲ କାହିଁପାଇଁ ॥ ଆଗରୁ ଯାହା କହୁଛି ସେହି କଥା ହେବ । କଦାପି ବିବାହ ମୁହିଁ ନୋହିବି ଜାଣିବ ॥ ଏହା ଲେଖି ସେ ପତ୍ରକୁ ଦାସୀ ହସ୍ତେ ଦେଲା । ଦାସୀ ତାହା ନେଇ କେଳାନୃପଙ୍କୁ ଭେଟିଲା ॥ କେଳାନୃପ ସେ ପତ୍ରକୁ ପଢ଼ିଣ ମନରେ । ପୁଣି ଏକପତ୍ର ହସ୍ତେ ଲେଖିଲେ ଯତନେ ॥ ଅଲୋ କମଳିନୀ ମନେ କଷ୍ଟ ନ ଧରିବୁ । ମୋର କଥା ଅନ୍ୟଥା ଯେ କେବେ ନ କରିବୁ ॥ ତୋ ପ୍ରଦାନ ବିଷୟେ ମୁଁ କରିଅଛି ସତ୍ୟ । ତାହା ନ କରିଲେ ନର୍କେ ପଡ଼ିବି ନିଶ୍ଚିତ ॥ ଯେଉଁ କନ୍ୟା ବିବାହର ଉପଯୁକ୍ତା ହୋଇ । ବିବାହ ନ ହୋଇ ପିତୃଗୃହେ ଥାଏ ରହି ॥ ମାସେ ମାସେ ଋତୁରକ୍ତ ପିତୃଗଣେ ତାର । ପାନ କରୁଥାନ୍ତି ବୋଲି ମନେ ହେଉ ଡର । ତେଣୁ ମୋର ପିତୃଗଣେ ଅଛନ୍ତି ଏପରି । ବିବାହ କରିଲେ ସେହୁ ଯିବେଟି ଉଦ୍ଧରି ॥ ଯେଉଁ ସ୍ୱରୂପଙ୍କୁ ମୁହିଁ ରଖିଅଛୁ ଆଣି । ସେ ମୋତେ ନାନା ବିପଦୁ

କି ମାଗୁଅଛ ମାଗ ବେଗ ହୋଇ ॥ ବିକ୍ରମ ବୋଲନ୍ତି ତାଙ୍କୁ ଶୁଣ ହେ ରାଜନ । ପୁରସ୍କାର ଦେବାପାଇଁ ଯାହା କର ମନ ॥ ଅଭାବ ତ ନାହିଁ ମୋର ଧନ ଭଣ୍ଡାରେ । ମୋର ପୁରସ୍କାର କଥା ଶୁଣନ୍ତୁ କର୍ଣ୍ଣରେ । ଆପଣଙ୍କ କନ୍ୟା ଏକ କମଳିନୀ ବୋଲି । ଅଛି ବୋଲି ମୁହିଁ ତାହା ଶୁଣା ଯେ ପାଇଲି ॥ ବିବାହ ମୁଁ କରି ନାହିଁ ଜାଣ ନରରାଣ । ସେହି କନ୍ୟାଗୋଟି ମୋତେ କରନ୍ତୁ ପ୍ରଦାନ ॥ ଏହା ଶୁଣି କେଳିନୃପ ମଉନ ହୋଇଣ । ବିକ୍ରମଙ୍କୁ ପୁଣି ପୁଣି ବୋଲିଲେ ବଚନ । ବୋଇଲେ ବିକ୍ରମ ତୁମ୍ଭେ ଯା କହିଲ ମୋତେ । ସେ କଥା ଗୋଟିକ ନାହିଁ ମୋ କରଗତେ ॥ ଯେଉଁ କମଳିନୀ କଥା କହୁଅଛ ତୁମ୍ଭେ । ତାର କଥା କହିବାକୁ ଶକ୍ତି ନାହିଁ ଏବେ ॥ ପୁରୁଷଙ୍କ କଥା ସେହୁ ଯେମନ୍ତେ ଶୁଣଇ । ଅନଳ ସମାନ ସେହୁ ଜଳେ କ୍ରୋଧ ହୋଇ ॥ ଅନ୍ୟ ସ୍ଥାନେ କରିଣ ମୁଁ ଗୋଟିଏ ନଅର । ବହୁତ ଦାସୀ ଅଛନ୍ତି ସଙ୍ଗରେ ତାହାର । ସେ ନଅର ମଧ୍ୟେ ଅଛି ଅବିବାହି ହୋଇ । ବିବାହ ହେବାକୁ ସେହି ମନେ ନ ଧରଇ ॥ ପୁରୁଷଙ୍କ ନାମ ଶୁଣି କୁପିତ ହୁଅଇ । ବିବାହ କଥା ତା ଆଗେ କେ ନ ପାରେ କହି ॥ ମୁଁ ତାହାର ପିତା ହୋଇ ଦେଖିଣ ନ ପାରେ । କେବଳ ନାରୀ ରହନ୍ତି ତାର ନିକଟରେ ॥ ସବୁ କାମମାନ ତାର ନାରୀଏ କରନ୍ତି । ନାରୀମାନେ ପ୍ରହରୀ ରୂପରେ ଖଟିଥାନ୍ତି ॥ ତାହାକୁ କପର ବିଭା କଥା ମୁଁ କହିବି । ତେଣୁ ତୁମ୍ଭ ଆଗେ ଏହା କହୁଅଛୁ ଭାବି ॥ ଏହା ଶୁଣି କହୁଛନ୍ତି ବିକ୍ରମ ରାଜନ । ନାରୀଙ୍କ ହସ୍ତରେ ଲେଖା ପଠାଅ ବହନ ॥ ଯୁବତୀ ଜନ୍ମ ପାଇଛି ବିବାହ ନିମନ୍ତେ । ଏହି ପତ୍ରପାଇ ଭାବିବ ସେ ନିଜ ଚିତ୍ତେ ॥ କି ଉତ୍ତର ଦେବ ସେହି ସେ କଥା ବୁଝିବା । ଏକ ଦାସୀ ହସ୍ତେ ଏବେ ପତ୍ର ବେଗେ ଦେବା ॥ ଏହା ଶୁଣି କେଳିରାଜା କଲେ ସନମତ । ପତ୍ର ଲେଖି ଦାସୀ ହସ୍ତେ

ଦେଲେ ସେ ତୁରିତ ॥ ସେ ପତ୍ରରେ ଲେଖିଛନ୍ତି କମଳିନୀ ଶୁଦ୍ଧ । ଜାଣିବୁ ତୋ ଉପଯୁକ୍ତ ପତି ଅଣି ମୁହିଁ ॥ କୋଟିଏ କନ୍ଦର୍ପ ପ୍ରାୟ ରୂପ ଧରେଣ ତାର । ଅଙ୍ଗରେ ବହୁତ ତାର ପରାକ୍ରମ ବଳ ॥ ଦେବତା ସମାନେ ସେହୁ ଯାଉଅଛୁ ଜଣା । ତୋର ଉପଯୁକ୍ତ ସେହୁ ଈଶ୍ୱର ଘଟଣା ॥ ଏମନ୍ତେ ସେ ପତ୍ର ଲେଖି ଦାସୀ ହସ୍ତେ ଦେଲେ । କମଳିନୀ ପାଶେ ନେଇ ଦେଲା ତତକାଳେ ॥ ପିତା ଦେଇଛନ୍ତି ବୋଲି ସେ ପତ୍ର ପଠାଇ । ପଢ଼ିଲା ଅତି ସତ୍ୱରେ ମନପ୍ରାଣ ଦେଇ ॥ କ୍ରୋଧ ହୋଇ କମଳିନୀ ସେ ପତ୍ର ପୃଷ୍ଠରେ । ଉତ୍ତର ଲେଖିଲା ପୁଣି ଏମନ୍ତ ପ୍ରକାରେ ॥ ଅହେ ପିତା କାହିଁପାଇଁ ନ ପଚାରିଲ ମୋତେ । ବର ଅଣିଅଛ ବିଭା କରିବା ନିମନ୍ତେ । ପୁରୁଷର ମୁଖ ମୁହିଁ କେବେ ନ ଚାହିଁବି । ସତ୍ୟ କରଅଛୁ କେତେ ବିଭା ନ ହୋଇବି ॥ ସେହି କଥା ବୁଝାଇଣ ପୂର୍ବୁ ଥିଲି କହି । ମନରୁ ସେ କଥା ଭୁଲିଗଲ କାହିଁପାଇଁ ॥ ଆଗରୁ ଯାହା କହିଛି ସେହି କଥା ହେବ । କଦାପି ବିବାହ ମୁହିଁ ନୋହିବି ଜାଣିବ ॥ ଏହା ଲେଖି ସେ ପତ୍ରକୁ ଦାସୀ ହସ୍ତେ ଦେଲା । ଦାସୀ ତାହା ନେଇ କେଳନୃପଙ୍କୁ ଭେଟିଲା ॥ କେଳନୃପ ସେ ପତ୍ରକୁ ପଢ଼ିଣ ମନରେ । ପୁଣି ଏକପତ୍ର ହସ୍ତେ ଲେଖିଲେ ଯତନେ ॥ ଅଲୋ କମଳିନୀ ମନେ କଷ୍ଟ ନ ଧରିବୁ । ମୋର କଥା ଅନ୍ୟଥା ଯେ କେବେ ନ କରିବୁ ॥ ତୋ ପ୍ରମାନ ଶପଥେ ମୁଁ କରଅଛୁ ସତ୍ୟ । ତାହା ନ କରିଲେ ନର୍କେ ପଡ଼ିବ ନିଶ୍ଚୟ ॥ ଯେଉଁ କନ୍ୟା ବିବାହର ଉପଯୁକ୍ତା ହୋଇ । ବିବାହ ନ ହୋଇ ପିତୃଗୃହେ ଥାଏ ରହି ॥ ମାସେ ମାସେ ଋତୁରକ୍ତ ପିତୃଗଣେ ତାର । ପାନ କରୁଥାନ୍ତି ବୋଲି ମନେ ହେତୁ କର । ତେଣୁ ମୋର ପିତୃଗଣେ ଅଛନ୍ତି ଏପରି । ବିବାହ କରିଲେ ସେହୁ ଯିବେଟି ଉଦ୍ଧରି ॥ ଯେଉଁ ପୁରୁଷଙ୍କୁ ମୁହିଁ ରଖିଅଛୁ ଅଣି । ସେ ମୋତେ ନାନା ବିପଦୁଁ

ରକ୍ଷିଛନ୍ତି ପୁଣି । ତେଣୁ ତାଙ୍କ କରେ ତୋତେ କରିବି ପ୍ରଦାନ । ଏହି ସତ୍ୟ ପୂର୍ବେ ମୁହିଁ କରିଅଛି ଜାଣ । ସତ୍ୟଭ୍ରଷ୍ଟ ହେଲେ ଅନେକେ ନର୍କରେ ପଡ଼ିବି । ତୋହର କନ୍ୟାପାଇ ମୁଁ ଏ ଦଶା ଭୋଗିବି । ତୋ ନିମନ୍ତେ ଅଣି ରଖିଅଛି ଯେଉଁ ବର । ରାଜ ଚକ୍ରବର୍ତ୍ତୀ ଶବ୍ଦ ଶୋଭଇ ତାହାର । ସେ ଯାହା କରିଲେ ସଂସାରେ କେ ନ କରିବ । ମନ କଲେ ତ୍ରିଭୁବନ କ୍ଷଣକେ ଜିଣିବ । ଏମନ୍ତେ ଅଦ୍ଭୁତ ପରାକ୍ରମୀ ଧନୁର୍ଦ୍ଧର । ତାଙ୍କ ଗୁଣ ଦେଖି ତୃପ୍ତି ଲଭିଛି ଅପାର । ବିବାହ ନୋହିଲେ ନିନ୍ଦା ଲଭିବି ନିକର । ଏହି କଥାମାନ ତୋତେ ହେବ କି ସୁନ୍ଦର । ପୂର୍ବ କଥାମାନ ମନୁଁ ଦୂର କରିଦେଇ । ମୋର ସତ୍ୟ ରକ୍ଷାକର କମଳିନୀ ତୁହି । ବିବାହ ନିମନ୍ତେ ଏବେ ଦିଅ ଅନୁମତି । ପତ୍ରରେ ଏମନ୍ତ ଲେଖି କେଳି ନରପତି । ଦାସୀ ହସ୍ତେ କମଳିନୀ ପାଶେ ପଠାଇଲେ । ବେଗେ ପତ୍ର ନେଇ ଦାସୀ ତାହାଠାରେ ଦେଲେ । ପତ୍ର ପାଇ କମଳିନୀ ଫିଟାଇ ପଢ଼ିଲା । ପିତାଙ୍କର କଷ୍ଟ ହେଉଅଛି ଯେ ଭାବିଲା । ପୁଣି ଏକପତ୍ର ସେହୁ ଲେଖିଲା ହସ୍ତରେ । ବିବାହ ହୋଇବି ପିତା ତୁମ୍ଭର ଅକ୍ଷରେ । କିନ୍ତୁ ପୁରୁଷଙ୍କୁ ନ ଛୁଇଁବି କଦାଚନ । କଦାପି ତାହାଙ୍କୁ କଥା ନ କହିବି ଜାଣ । ତାଙ୍କ ପାଶେ ନ ବସିବି କେତେବେଳେ ମୁହିଁ । ଏହି ମୋର ମନକଥା କହିଲି ବୁଝାଇ । ଏ କଥାରେ ଯଦ୍ୟପି କରିବ ସ୍ୱୀକାର । ତେବେ ତାଙ୍କୁ ବିଭାହେବି ଏ ମୋ ସତ୍ୟଗିର । ଏପରି ଲେଖିଣ ପତ୍ର ଦାସୀହସ୍ତେ ଦେଲା । ସେ ପତ୍ର ଘେନିଣ ଦାସୀ ବେଗେ ଚଳିଗଲା । କେଳି ନୃପତିଙ୍କ ପାଖେ ଦେଲା ତାହା ନେଇ । ପତ୍ର ପାଠକଲେ ନୃପ ମନେ ତୋଷ ହୋଇ । ସବୁପଢ଼ି ବୁଝି ବିକ୍ରମଙ୍କୁ ସେ ବୋଇଲେ । ଶୁଣି ବିକ୍ରମ ତହିଁରେ ସ୍ୱୀକାର କଲେ । ମନରେ ଭାବିଲେ ତହୁଁ ବିକ୍ରମ ରାଜନ । ଘୃତକୁଣ୍ଡର ସଙ୍ଗରେ

ନାରୀ ଯେ ସମାନ ॥ ପୁରୁଷ ଅଟନ୍ତି ଯେସନ୍ତେ ଜ୍ୱଳନ୍ତ ଅନଳ । ବସି ରହି ପାରିବ କି ସେହୁ କେତେବେଳ ॥ ଆଗେ ବିଭା ହୋଇଲେ ତା ପରେ ଦେଖାଯିବ । ନାରୀ ଯାହା କହେ ତାହା ରହିଲେ ରହିବ ॥ ଶୁଣି କେଳି ନୃପତି ଯେ ହରଷ ହୋଇଲେ । ପାତ୍ର ମନ୍ତ୍ରୀମାନଙ୍କୁ ଯେ ଡକାଇ କହିଲେ ॥ କମଳିଣୀର ବିବାହ ପାଇଁ ହେଲା ମନ । ଏବେ ତୁମ୍ଭେମାନେ କର ସବୁ ଆୟୋଜନ ॥ ଶୁଣିଣ ସକଳେ ସବୁ ଆୟୋଜନ କଲେ । ଗ୍ରାମେ ଗ୍ରାମେ ଢମକ ବଜାଇ ଜଣାଇଲେ ॥ ରାଜ୍ୟଲୋକେ ଆସି ତହିଁ ହୋଇଲେ ପ୍ରବେଶ । ବସାଘର ନିର୍ମାଣ ଯେ କରିଲେ ବିଶେଷ ॥ ବେଦୀ ସ୍ତମ୍ଭ ଶ୍ରିଆ ଆଦ ସବୁ ନିର୍ମାଣିଲେ । କେଳିନୃପ ଦେଖି ତାହା ହରଷ ହୋଇଲେ ॥ ଲକ୍ଷ୍ମୀଧରଙ୍କୁ ଚନ୍ଦ୍ରଣ ଲକ୍ଷ୍ମୀଧର କହି । ଯାହା ଅର୍ଜିଥିବ ତାହା ଭୋଗିବ ଯେ ମୁହିଁ ।

---

## କମଳିନୀର ସହିତ ବିକ୍ରମାଦିତ୍ୟଙ୍କର ବିବାହ ଓ କମଳିନୀର ଗୁପ୍ତପ୍ରଣୟ ଅନୁସନ୍ଧାନ

ଶୁଣ ଜନେ ଦେଇ ମନ ଏଥୁ ଅନନ୍ତରେ । କମଳିଣୀ ବସି ନିଜ ଚିତ୍ତରେ ବିଚାରେ ॥ ମୋର ସତ୍ୟ ରଖି ଏବେ ବିବାହ କରିବି । ସ୍ୱାମୀଙ୍କି ଭୁଣ୍ଡ ଫିଟାଇ କଥା ନ କହିବି ॥ ଅଙ୍ଗ ସ୍ପର୍ଶ ମୁଁ ନ କରିବଟି ତାଙ୍କର । ବିବାହ ହୋଇଲେ କେଉଁ କ୍ଷତି ବା ମୋହର ॥ ତେଣେ ବିକ୍ରମ ଭାବନ୍ତି ନିଜ ହୃଦୟରେ । ଯାହା ହେବାର ହୋଇବ ବିବାହ ଶେଷରେ ॥ କପଟ କଥା ନ କହି ଅଙ୍ଗ ନ ଛୁଇଁବ । ଆଗେ ବିଭା କାର୍ଯ୍ୟ ହେଉ ପରେ ଦେଖାଯିବ ॥ ଏପରି ଭାବଣ ମନେ ବିକ୍ରମ ନରେଶ । ମନ ମଧ୍ୟରେ ହୁଅନ୍ତି ଅତ୍ୟନ୍ତ ହରଷ ॥ ବିବାହ ଦିନ ନିର୍ଣ୍ଣୟ କଲେ ନୃପବର । ଦୁହିତାର

ବିଭାକାର୍ଯ୍ୟ କରିଲେ ସତ୍ୱର । କମଳିନୀ ନ ଛୁଇଁଲା ସ୍ୱାମୀଙ୍କର କର । ଅଲଗେ ଅଲଗେ ତାଙ୍କ ହେଲା ବିଭାଘର । ଦାସୀଗଣ ସଙ୍ଗତରେ ଘେନି କମଳିନୀ । ନିଜ ନବରକୁ ଚଳିଗଲା ସେହିକ୍ଷଣି । ଏଣେ ବିକ୍ରମ ଅଧିପତି କେଳିନୃପ ପୁରେ । ବିବାହ ପରେ ରହିଲେ ଆନନ୍ଦ ମନରେ । ଏହିରୂପେ ଭୋଗ ହେଲା ଏକମାସ କାଳ । କେଳିନୃପଙ୍କୁ ବିକ୍ରମ ବୋଇଲେ ସତ୍ୱର । କନ୍ୟା ବିବାହ କରିଲି ମୋର ସଙ୍ଗତରେ । ତା ପାଶେ ନ ରହି ମୁହିଁ ରହିଲି ଏଠାରେ । ଏବେ ଆଜ୍ଞା ଦିଅ ଯାଇଁ ରହିବି ତା ପାଶେ । ତତକ୍ଷଣେ କେଳିନୃପ ବୋଇଲେ ହରଷେ । ମୁଁ ଏବେ ପତ୍ର ଲେଖିଣ ତାଠାରୁ ବୁଝିବି । ଅନୁମତି ପାଇଲେ ଯେ ତୁମ୍ଭଙ୍କୁ କହିବି । ଏହା କହି ପତ୍ର ଲେଖି ଦାସୀ ହସ୍ତେ ଦେଲେ । ପତ୍ର ପଢ଼ି କମଳିନୀ କୋପିତ ହୁବଲେ । ପୁଣି ପ୍ରତି ଉତ୍ତର ଯେ ପତ୍ରରେ ଲେଖିଲା । ଆଗରୁ ନିଷେଧ କରିଅଛି ମୁହିଁ ଭଲ । ପୁଣି ସେ କଥା କାହିଁକି ଧରୁଛ ମନରେ । ଏପରି ଉତ୍ତର ଲେଖି ଦେଲା ଦାସୀ କରେ । ସେ ପତ୍ର ପାଇଣ ରାଜା ଦୁଃଖିତ ମନରେ । ପୁଣି ଏକ ପତ୍ର ସେହୁ ଲେଖିଲେ ବେଗରେ । ଆଗୋ କମଳିନୀ ତୁହି ଜାଣି ନ ପାରିଲୁ । ସ୍ୱାମୀ ସଙ୍ଗେ ରହିବାକୁ ଅସୁଖ ମଣିଲୁ । ନାରୀ ହୋଇ ସ୍ୱାମୀଙ୍କି ଯେ ସେବା ନ କରଇ । ଧିକ ଧିକ ତା ଜୀବନ ଅକାରଣ ହୋଇ । ନିଧି ପାଇ ଆପଣାର ହସ୍ତ ହରାଉଛୁ । ଏହି କଥା ଘେନି ମୋତେ ନିନ୍ଦା ତୁ ଦେଉଛୁ । ସ୍ୱାମୀ ପାଦତଳେ ଯେବେ ନ ଖଟଇ ନାରୀ । ଅସତୀ ବୋଲିଣ ତାର ନାମେ ପଡ଼େ ହୁରି । ଏବେ ମୋର କଥା ତୁହି ମାନ ଲୋ ବହନ । ସ୍ୱାମୀ ପାଶେ ରହ ତୁହି ତୋଷ କରି ମନ । ଏମନ୍ତ ଲେଖି ପତ୍ରକୁ ପଠାଇଣ ଦେଲେ । କମଳିନୀ ପୁଣି ତାହା ପଢ଼ିଲା ତୋଷରେ । ପୁଣି ସେ ପତ୍ରର ପୃଷ୍ଠେ ଲେଖିଲା ଉତ୍ତର । ବାସ କରି ରହନ୍ତୁ ସେ ଅଲଗା

ନବର ॥ କଥା ନ କହିବି ଅଙ୍ଗ ସ୍ପର୍ଶ ନ କରିବି । ଆଉ ସହବାସ କଥା କେମନ୍ତେ ପାଳିବି ॥ ଅଲଗା ହୋଇ ରହନ୍ତୁ ନାହିଁ ମୋ ଶୋଚନା । ଅଙ୍ଗକୁ ଛୁଇଁଲେ ମୋର ଦୋଷ ହେବ ସିନା ॥ ଏତେ ବୋଲି ପତ୍ରରେ ସେ ଅନୁମତି ଦେଲ । ଦାସୀ ସେ ପତ୍ରକୁ ଆଣି କେଳିନୃପେ ଦେଲ ॥ ପତ୍ର ପଢ଼ି ରାଜନ ଯେ ମନେ ତୋଷ ହୋଇ । କମଳିନୀ ଗୃହ ପଶେ ସୁଡ଼ଙ୍ଗ ଖୋଳାଇ ॥ ସେ ସୁଡ଼ଙ୍ଗରେ ବିକ୍ରମଙ୍କୁ ନେଇ ରଖାଇଲେ । କେତୁଦିନ ଭୋଗ ହେଲା ଏମନ୍ତ ପ୍ରକାରେ ॥ ପାପ ପ୍ରଣୟରେ ଯାଇ ବଳିଅଛି ମନ । ସ୍ୱାମୀ ସଙ୍ଗ ସୁଖେ ତାର କିବା ପ୍ରୟୋଜନ ॥ ସତୀ ପଣ ବାହାରକୁ ପ୍ରକଟେ ଦେଖାଇ । ଭିତରେ ଗୁପ୍ତ ପ୍ରଣୟ ନିତି ସେ କରଇ ॥ ସେ କଥା ଦାସୀମାନଙ୍କୁ କୁହାଇ ଯେ ଜଣା । ନିତି ପାନ କରେ ପର ପ୍ରୀତି ସୁଧା ପଣା ॥ ବିକ୍ରମକୁ ଦେଖିଣି ଯେ ଦାସୀଏ ସକଳେ । ମନରେ ଭାବନ୍ତି ଏହୁ ଦେବତା ଗଣୁଲେ ॥ ମାନବ ହୋଇବ କାହୁଁ ଏପରି ସୁନ୍ଦର । କନ୍ଦର୍ପ ସମ ନୋହିବ ରୂପକୁ ଯାଙ୍କର ॥ ଏଡ଼େ ସୁନ୍ଦର ସ୍ୱାମୀଙ୍କି ପାଇ କମଳିନୀ । ନ କଟଇ ପାଦେ ଯାହା ତାଙ୍କ ଆଜ୍ଞା ମାନି । ମନରେ କି କଥା ଆଉ ଅଛି ହେ ତାହାର । ଜଣା ଯାଉନାହିଁ କିଛି କରେ କି ବିଚାର ॥ ଏବେ ଚାଲ ସମସ୍ତେ ଯେ ତା ପାଶକୁ ଯିବା । ନାନାରୂପେ ବୁଝାଇଣ ମନ ଭୁଲାଇବା ॥ ସ୍ୱାମୀଙ୍କ ସଙ୍ଗରେ ତାକୁ କରାଇବା ଭେଟ । ଏହା ଭାବି ଦାସୀ ଗଲେ ମନେ ହୋଇ ହୃଷ୍ଟ ॥ କମଳିନୀ ନିକଟରେ ପ୍ରବେଶ ହୋଇଲେ । ବହୁତ ପ୍ରକାରେ ଦାସୀଗଣେ ବୁଝାଇଲେ ॥ ବୋଇଲେ ତୋହର ସ୍ୱାମୀ ଅଟଇ ସୁନ୍ଦର । ଦେଖିଲେ ପତିବ୍ରତାଙ୍କ ମନ ନୁହେଁ ସ୍ଥିର ॥ ଦେବତା ଅଟନ୍ତି ସେହୁ ନୁହନ୍ତି ମାନବ । ତୁମ୍ଭ ବିନା ଏଡ଼େ ଭାଗ୍ୟ କାହାର ହୋଇବ ॥ ଏପରି ପତିଙ୍କି ପାଇ କରୁଅଛୁ ହେଳା । ନାରୀଏ ଦେଖିଲେ କାମେ ହୋଇବେ

ବାଉଳା ॥ ତାଙ୍କ ସେବା କର ଯାଇଁ ବିଳମ୍ବ ନ କର । ଅକାରଣେ ଧବା ନାଶି ଦେଉଅଛ ସାର ॥ ଦାସୀଙ୍କ ମୁଖରୁ କମଳିନୀ ଏହା ଶୁଣି । ଅତି କୋପଶରେ ତାଙ୍କୁ ବୋଇଲା ଯେ ବାଣୀ ॥ ଆଜ ଅରେ ଏହି କଥା ମୋତେ ନ କହିବ । କହିଲେ ତାହାର ଯଥାଫଳ ଯେ ପାଇବ ॥ ଏହିପରି କୋପ ହୋଇ ବୋଲନ୍ତେ ବଚନ । ଦାସୀମାନେ ବିନୟରେ କହୁଛନ୍ତି ପୁଣି ॥ ବିଭାହୋଇ ସ୍ୱାମୀଠାରୁ ଅଲଗା ରହିଲେ । ଏ କଥା ସୁନ୍ଦର ନୁହଇଟି କେତେବେଳେ ॥ ତାଙ୍କ ସେବା ନ କରିଲେ ହୁଏ ଧର୍ମ ହାନି । ସ୍ୱାମୀ ସଙ୍ଗେ ପତ୍ନୀର ଯେ ଭାବ ଥାଏ ପୁଣି ॥ ବିଧିର ବିଧାନ ସେହୁ ନୁହଇ ଯେ ଆନ । ଭଲରୂପେ ଜାଣି ବୁଝ ଶାସ୍ତ୍ରର ବଚନ ॥ ଧର୍ମକୁ ନ ମାନି ସ୍ୱାମୀ ସେବା ନ କରିଲେ । ସ୍ୱାମୀ ହୀନେ ସାତ ଜନ୍ମ ଭ୍ରମଇ ମହୀରେ ॥ ଆମ୍ଭେ ତୁମ୍ଭର ମଙ୍ଗଳ ନିମନ୍ତେ କହିଲୁ । ପୂର୍ବ କଥାମାନ ଏବେ ଛାଡ଼ ହୃଦୟରୁ ॥ ସ୍ୱାମୀ ସେବା କର ଏବେ ସ୍ଥିର କର ମନ । ଏହା ଶୁଣି କମଳିନୀ ହୋଇଲା ମଉନ ॥ ଦାସୀଙ୍କ ମୁଖରୁ ଏହି ନୀତି ବାକ୍ୟ ଶୁଣି । କିଛି ନ କହିଣ ତାଙ୍କୁ ହୋଇଲା ସେ ତୁନି । କ୍ଷଣକାଳ ପରଯନ୍ତେ ସେଠାରେ ରହିଣ ॥ ଉଠିଗଲା ଭିତରପୁରକୁ ତହୁଁ ପୁଣ ॥ କବାଟ ଲଗାଇ ଦେଇ ଭିତରେ ରହିଲା । କିଛିମାନ କଥା କାହାକୁ ସେ ନ କହିଲା ॥ ଦାସୀମାନେ ନିରାଶ ହୋଇଣ ତହୁଁ ଗଲେ । ବିକ୍ରମଙ୍କ ନିକଟରେ ପ୍ରବେଶ ହୋଇଲେ ॥ ବିକ୍ରମ ବୋଇଲେ ତାଙ୍କୁ କି କାର୍ଯ୍ୟେ ଆସିଲ । କାହିଁ ଯାଇଥିଲ ପୁଣି କେଉଁଠାରେ ଥିଲ ॥ ଦାସୀମାନେ ବିକ୍ରମଙ୍କୁ ବୋଇଲେ ବଚନ । ତୁମ୍ଭ ଦର୍ଶନକୁ ସର୍ବେ ଭାବି ନିଜ ମନ ॥ ବିକ୍ରମ ବୋଇଲେ ତୁମ୍ଭେ ଶୁଣ ଦାସୀଗଣେ । କମଳିନୀ କେଉଁ କଥା ଭାବୁଅଛି ମନେ ॥ ମୋ ସଙ୍ଗରେ ନ ବସିଲା କଥା ନ କହିଲା । ବିବାହରୁ କେଉଁ ସୁଖଲାଭ ସେହୁ କଲା ॥

କପଟ ଭାବରେ ତାଙ୍କୁ କୁହ ବୁଝାଇଣ । ମୁଖ ଫିଟାଇଣ ମୋତେ କହୁ ସେ ବଚନ ॥ ତୁମ୍ଭେମାନେ ଯଥାସାଧ୍ୟରୂପେ ଚେଷ୍ଟା କର । ଏହା କରି ପାରିଲେ ପାଇବ ପୁରସ୍କାର ॥ ଶୁଣି ଦାସୀମାନେ ସେ-ଠାବରୁ ଚାଲିଗଲେ । ଏକସ୍ଥାନେ ବସି ସର୍ବେ ବିଚାର କରିଲେ ॥ ତାଙ୍କ ମଧ୍ୟୁ କେ ବୋଲଇ ସଜନି ଗୋ ଶୁଣ । କମଳିନୀର ସ୍ୱାମୀ ଯେ କେମନ୍ତ ଘଟଣ ॥ ଦେବତା ପର୍ଯ୍ୟନ୍ତେ ସେହୁ ଦେଖା ଯାଉଛନ୍ତି । ସାକ୍ଷାତେ ଅମୃତ ପ୍ରାୟେ ବଚନ କହନ୍ତି ॥ ତାଙ୍କୁ ନେଇ ଯିବା ଚାଲ କମଳିନୀ ପୁରେ । ତହିଁ ରଖାଇବା ନେଇ ଅତି ଯତନରେ ॥ ଅମ୍ଭଙ୍କୁ ଯାହା କହିଲେ କହୁ ସେ ପଛକେ । ପାଳି କରି ସ୍ୱାମୀଙ୍କ ସେବାକରି ଥୋକେ ଥୋକେ ॥ ସନ୍ତୋଷ ମନରେ ସ୍ୱାମୀଙ୍କ ସେବା ଯେ କରିବା । ଦେହ ମନ ପ୍ରାଣରେ ଯେ ପରିଚ୍ଛନ୍ନ ହୋଇବା ॥ ଏହା ଭାବି ବିକ୍ରମଙ୍କ ନିକଟେ ଚଳିଲେ । ଏହି କଥାଗୋଟି ତାଙ୍କ ଆଗରେ କହିଲେ ॥ ବିକ୍ରମ ବୋଇଲେ କିଛି ନ କହୁଣ ମୋତେ । ଯାହା ଇଚ୍ଛା ତାହା ତୁମ୍ଭେ କର ଇଚ୍ଛାମତେ ॥ ଦାସୀଏ ବୋଇଲେ ତାର ଗୃହକୁ ଯେ ଚଳ । ସେଠାରେ ରହିବ କିଛି ମନେ ନ ବିଚାର ॥ ଧୂର୍ତ୍ତଭ୍ରଷ୍ଟ ନିକଟରେ ରହିଲେ ଅନଳ । ତରଳି ନ ଯାଇ ରହିବ ସେ କେତେବେଳ ॥ ଅନଳ ସ୍ୱରୂପ ତୁମ୍ଭେ ଅଟ ଯେ ଆପଣ । ଧୂର୍ତ୍ତଭ୍ରଷ୍ଟ ପର୍ଯ୍ୟନ୍ତେଟି କମଳିନୀ ଜାଣ ॥ କେତେକାଳ ଯାଏ ଆପଣଙ୍କ ନିକଟରେ । ଥୟହୋଇ ରହିବ ସେ କେମନ୍ତ ପ୍ରକାରେ ॥ ବିକ୍ରମ କହନ୍ତି ଦାସୀମାନଙ୍କୁ ଆଦର । ମୁଁ ଜାଣୁଛି ମାତ୍ରକୁ ସେ କାହା ସଙ୍ଗତର ॥ ତେଣୁ ମୋ ସଙ୍ଗକୁ ତାର ନ ବଳଇ ମନ । କନ୍ଦର୍ପ ବାଧାରେ ସେହୁ ହୁଅନ୍ତାଣି ଛନ୍ନ ସ୍ୱଭାବକାଳେ ସ୍ଥିରହୋଇ ରହନ୍ତା କପର । ନିଷ୍ଟଳେ ରହୁଛୁ ଅନ୍ୟ ସଙ୍ଗେ ପ୍ରୀତିକରି ॥ ଦାସୀମାନେ ବୋଇଲେ ନ ଜାଣୁ ଅମ୍ଭେ ତାହା । ସେବା ଗତି ବହୁଁ ଅମ୍ଭେ ଯେ ଯାହାର ଯାହା ॥ ଏବେ

ଶୁଣ ତୁମ୍ଭେ ଅମ୍ଭ ସଙ୍ଗତରେ ଯିବ । କମଳନୀ ଗୃହ ମଧ୍ୟେ ନିରତେ ରହିବ । ଏହା କହି ବିକ୍ରମଙ୍କ ହସ୍ତଧରି ନେଲେ । ରଖାଇଲେ ନେଇ କମଳନୀ ଗୃହଠାରେ । ଦାସୀମାନେ ତାଙ୍କ ସେବା କଲେ ବିଧିମତେ । ଭୋଜନ କରାଇ ନୃପ ଶୋଇଲେ ତୁରିତେ । ଶୟନ କରଣ ରାଜା ଚାହିଁଲେ ମନରେ । କମଳନୀ ପ୍ରୀତି କରେ କାହା ସଙ୍ଗତରେ । ସେ କଥା ଜାଣିବା ଅଟେ ମୋହର ଉଚିତ । ତାଳ ବେତାଳଙ୍କୁ ସେହୁ ଚିନ୍ତିଲେ ତୁରିତ । ଚିନ୍ତିବା ମାତ୍ରକେ ଆସି ନିକଟେ ମିଳିଲେ । ତାହାଙ୍କୁ ବିକ୍ରମ ସବୁ ବୁଝାଇ କହିଲେ । ତୁମ୍ଭେ ଦୁହେଁ ଲୁଚିକରି ଅଛ ତା ଗୃହରେ । ଦେଖିବ ମାତ୍ରକୁ ସେହୁ କାହା ସଙ୍ଗତରେ ॥ ଦେଖିଣ ସେ କଥା ତାର ଆସିବ ଚଞ୍ଚଳ । ରାତି ନ ପାହୁଣୁ ମୋତେ କହିବ ନିଙ୍କର । ପବନ ପରାଏ ତାଳ ବେତାଳ ଯେ ଗଲେ । କମଳନୀର ଶୟନ ଗୃହରେ ମିଳିଲେ । ଦେଖିଲେ ଦାସୀମାନଙ୍କ ସଙ୍ଗେ କମଳନୀ । କଥୋପକଥନ କରି ହେଉଅଛୁ ସ୍ଥିତି । ଏମନ୍ତ ପ୍ରହରେ ରାତ୍ର ହୋଇଲା ଯେମନ୍ତେ । ଦାସୀଙ୍କି ବିଦାୟ କରିଦେଲା ସେ ତୁରିତେ । ଶୟନ ନିମନ୍ତେ ଦାସୀଗଣେ ଚଳିଗଲେ । ନିଜ ନିଜ ସ୍ଥାନେ ଯାଇଁ ନିଶ୍ଚିନ୍ତେ ରହିଲେ । ଏଣେ କମଳନୀ ମନ ହେଲା ଛନଛନ । ଦ୍ୱାର କବାଟ କଲା ଦୃଢ଼ଭାବେ ପୁଣ । ନାନାବର୍ଣ୍ଣ ଫୁଲମାଲା ହସ୍ତେ ନିର୍ମିଲା । ବହୁତ ପ୍ରକାର ଖାଦ୍ୟ ପେୟ ଯେ ରଖିଲା । ଶୟନ ନିମନ୍ତେ ଶେଯ ସଜାଇ ଯତନେ । ପୁଷ୍ପର ପାଙ୍କୁଡ଼ା ତହିଁ ସିଞ୍ଚି ତୋଷ ମନେ । ସୁବାସିତ ଜଳ ସ୍ୱର୍ଣ୍ଣ ଝରିରେ ରଖିଲା । ଦ୍ୱାରରେ ବସି ଆକାଶ ମାର୍ଗକୁ ଚାହିଁଲା । ଏ କଥା ଦେଖନ୍ତି ତାଳ ବେତାଳ ସେଠାରେ । କମଳନୀ ଗୃହେ ଥାଇ ପବନ ରୂପରେ ॥ ଲକ୍ଷ୍ମୀଧର କହନ୍ତି ଏ ଗୀତରେ ନିକର । ନିଶ୍ଚୟ ଜଣା ହେବ ତାର ଏହୁ ବ୍ୟବହାର ।

## ଚନ୍ଦ୍ରରଥ ସହିତ କମଳିନୀର ଗୁପ୍ତପ୍ରଣୟ ବିଷୟ ଓ ପ୍ରଥମ ରାତ୍ରିରେ ଘଟିଥିବା କଥା

ଏଥି ଅନନ୍ତରେ ସୁଜ୍ଞଜନମାନେ ଶୁଣ । କମଳିନୀ ଏମନ୍ତ ପେ ଶୂନ୍ୟକୁ ଚାହିଁଣ । କେତେକାଳ ଦ୍ୱାରଦେଶେ ବସି ବସି ସେହି । ଗୃହ ଭିତରକୁ ସେ ଅଈଁଣ ବେଗ ହୋଇ । ଦୀପାବଳିମାନ ସେହୁ ଲଗାଇଣ ଦେଲା । ନାନା ଭୂଷଣରେ ପୁଣି ଦେହ ପୂର୍ଣ୍ଣ କଲା । ସୁବାସ ତଇଲ ଦ୍ୱାରା ଅଙ୍ଗକୁ ଲେପିଲା । ପୁଷ୍ପମାଳା ସଜାଡ଼ିଣି ଯତନେ ରଖିଲା । ଦ୍ୱାରଦେଶେ ଅପେକ୍ଷା କରିଣ ଉଭା ହେଲା । ଏମନ୍ତ ସମୟେ ଚନ୍ଦ୍ରରଥ ଯେ ଅସିଲା ॥ ତାକୁ ଦେଖି କମଳିନୀ ସନ୍ତୋଷ ହୋଇଲା । ସୁବାସ ଜଳରେ ତାର ପାଦ ଧୋଇଦେଲା ॥ ତାପରେ ଧଇଲା ତାକୁ କୋଳାଗ୍ରତ କରି । ଆଲିଙ୍ଗନ କଲା ପୁଣି ବଳେ ତାକୁ ଧରି । ବୋଇଲା ହେ ନାଥ ତୁମ୍ଭେ ବିଳମ୍ବ କରିଲ । ଏତେକାଳ ଯାଏ ଆଜ କାହିଁ ରହିଥିଲ । ଏତେ କହି ହସ୍ତ ଧରି ପଲଙ୍କକୁ ନେଲା । ପଲଙ୍କରେ ବସାଇଣି ଭୁଞ୍ଜିବାକୁ ଦେଲା । ନାନାରୂପେ ମିଷ୍ଟଦ୍ରବ୍ୟ ଭୁଞ୍ଜାଇଣ ବସି । ମନେ ମନେ କମଳିନୀ ହେଉଥାଏ ଖୁସି । ଭୋଜନ ଶେଷରେ କ୍ଷୀର ପାନ କରାଇଲା । ମୁଖ ଧୌତ ନିମନ୍ତେ ସୁବାସ ଜଳ ଦେଲା । ତା ପରେ ତାମ୍ବୁଳ ଅଣିଦେଲା ତତକ୍ଷଣି । ହୃଦୟେ କଲା ଯେ ଚନ୍ଦନ ବିଲେପନ । ଗୁନ୍ଥିଥିବା ପୁଷ୍ପମାଳା ଗଳେ ନେଇ ଦେଲା । ଚନ୍ଦ୍ରରଥକୁ ଏରୂପେ ସୁବେଶ କରିଲା । ସେ ଚନ୍ଦ୍ରରଥ ଗନ୍ଧର୍ବ ହୋଇଲା ସୁବେଶ । କମଳିନୀ ମନମଧ୍ୟେ ହୋଇ ହସ ହସ । ଚନ୍ଦ୍ରରଥ କୋଳରେ ସେ ପାଇଣ ବସିଲା । ତହୁଁ ଚନ୍ଦ୍ରରଥ ରତିକ୍ରୀଡ଼ାରେ ମାତିଲା । ରତିକ୍ରୀଡ଼ା ନିପୁଣ ସେ ଗନ୍ଧର୍ବ ଅଟଇ । ନାନାଭାବେ କମଳିନୀ ସଙ୍ଗେ ହୋଇ ବାଇ । ହାସ୍ୟ ରସ

ଭଜନ୍ତୁକେ ଜାଣି ପ୍ରହାରିଲେ । ରତିଶେଷେ ବେନି ଜଣ ପଲଙ୍କେ ଶୋଇଲେ ॥ ଏ କଥା ତାଳ ବେତାଳେ ରହି ଦେଖୁଥିଲେ । ଜାଣି ବେନିଦଣ୍ଡ ଥାଇଁ ତହୁଁ ଚାଲିଗଲେ ॥ ବିକ୍ରମଙ୍କ ଆଗେ ଯାଇ କହିଲେ ସକଳ । ଏତେ ପରିଶ୍ରମ ସବୁ ହୋଇଲା ବିଫଳ ॥ ଏଡ଼େ ଅଲକ୍ଷଣୀ କନ୍ୟା ନ ଥିବ ସଂସାରେ । ପ୍ରତ୍ୟକ୍ଷେ ରହି ଦେଖିଲୁ ଅମ୍ଭେ ଯେ ସେଠାରେ ॥ ଚନ୍ଦ୍ରରଥ ନାମେ ଏକ ଚଣ୍ଡକ ଅଛଇ । ତା ସଙ୍ଗରେ କମଳିନୀ ହୋଇଅଛି ବାଇ ॥ ଯାହା ଯାହା ଦେଖିଥିଲେ ତା ସବୁ କହିଲେ । ଏଡ଼େ ଦୋଚୁରଣୀ କନ୍ୟା ନାହିଁ ଜଗତରେ ॥ ଏ ବିରୂପୀ କନ୍ୟାର ଲକ୍ଷଣ ନ ଜାଣିଣ । ଅକାରଣେ ଏତେ ଶ୍ରମ କଲୁ ହେ ରାଜନ ॥ ଏବେ ନିଜ ଦେଶେ ଚାଲିଯାଅନ୍ତୁ ବହନ । ଆଉ ଏଠାରେ ରହିବା ନାହିଁ ପ୍ରୟୋଜନ ॥ ତାଳ ବେତାଳଙ୍କ ମୁଖୁ ଏହି କଥା ଶୁଣି । ମନରେ ଭାବନ୍ତି ଯେ ବିକ୍ରମ ନୃପମଣି ॥ ଏପରି ଅସତୀ କନ୍ୟା ଏହି ନୋହିଥିଲେ । ମୋତେ ସେବା ନ କରନ୍ତା କାହିଁକି ସେ ଭଲେ ॥ ଆଜଠାରୁ ତାହାକୁ ମୁଁ ପରିତ୍ୟାଗ କଲି । ନ ଜାଣି ଦୋଚୁରଣୀର ସଙ୍ଗ ଇଚ୍ଛା କଲି ॥ ଆଉ ଦୁଇ ଚାରିଦିନ ଏଠାରେ ରହିବି । ତା କର୍ମର ପ୍ରତିଫଳ ଦେଇ ମୁହିଁ ଯିବି ॥ ପୁଣି ତାଳ ବେତାଳଙ୍କୁ ଏମନ୍ତ କହିଲେ । ତୁମ୍ଭେ ଦୁହେଁ ଯାଇ ତାର ଶୟନ ଗୃହରେ ॥ ଲୁଚି ରହି ଦେଖୁଥିବ ସବୁ ସମାଚାର । ରାତି ନ ପାହୁଣୁ ମୋତେ କହିବ ସକଳ ॥ ଯେଉଁ କଥାରେ ହୋଇବ ଶ୍ରେୟ ଯେ ମୋହର । ସେ କଥା କରିବ ଅଙ୍ଗେ ହୋଇଣ ତତ୍ପର ॥ ମୋତେ ଜଣାଇବା କିଛି ଅବଶ୍ୟକ ନାହିଁ । ଯାହା ଦେଖିବ ସେ କଥା ମୋତେ ଦେବ କହି ॥ ଏତେ କହି ତାଳ ବେତାଳଙ୍କୁ ସେ ରାଜନ । ବିଦାୟ ଦେଇଣ ସୁଖେ କଲେ ଶୟନ ॥ ତା ଉତ୍ତାରେ ରାତି ପାହି ପ୍ରଭାତ ହୋଇଲା । କମଳିନୀ ସଙ୍ଗ ଛାଡ଼ି ଚନ୍ଦ୍ରରଥ

ଗଲା । ରବି ଉଦୟୁ ହୋଇଣ ଖର ଯେ ପଡ଼ନ୍ତେ । ଦାସୀଗଣେ ବିକ୍ରମଙ୍କୁ ଡାକିଲେ ତୁରିତେ ॥ ଉଠିବ ନାହିଁକି ତୁମ୍ଭେ ରସିକ ଶେଖର । କେତେ ନିଦ୍ରା ଯାଉଅଛ ହେଲା ଏତେବେଳ ॥ ଏହା ଶୁଣି ବିକ୍ରମ ଯେ ଭଡ଼ମୋଡ଼ ହୋଇ । ନିଦ୍ରାରୁ ଉଠିଲେ ପୁଣି ମୁହଁକୁ ଶୁଖାଇ ॥ ଏତେ ଧନ ହୋଇଲାଣି ଉଠି ନ ପାରିଲି । ପ୍ରଭାତ କାଳରେ ବହୁ ସ୍ୱପ୍ନ ଯେ ଦେଖିଲି ॥ ଦାସୀଏ ବୋଇଲେ ଆଗେ ମୁଖ ଧୌତ କର । କି ସ୍ୱପ୍ନ ଦେଖିଲ କୁହ ସକଳ ବିସ୍ତାର ॥ ମୁଖ ଧୌତ କରିଣ ବିକ୍ରମ ହସି ହସି । ବୋଲନ୍ତି କୌତୁକ ସ୍ୱପ୍ନ ଶୁଣି ହେବ ଖୁସି ॥ ଦାସୀମାନେ ବୋଇଲେ ଯେ ଅମ୍ଭ ଆଗେ କୁହ । ମନରେ ଅମ୍ଭର ହୁଏ ବହୁତ ସନ୍ଦେହ ॥ ବିକ୍ରମ ବୋଲନ୍ତି କହିବାକୁ ମାଡ଼େ ଲାଜ । ଯାହା ସ୍ୱପନ ଦେଖିଲି କି କହିବି ଆଜ ॥ ଶୁଣ ଏବେ ସେହି ସ୍ୱପ୍ନର ଯେ ସମାଚାର । କାଲି ରାତେ ଥିଲି ତୁମ୍ଭେ କମଳିନୀ ପୁର ॥ ରାତି ପ୍ରହରେକଠାରେ ତୁମ୍ଭଙ୍କୁ କହିଲି । ଶଯ୍ୟନ କରିବ ବୋଲି ବିଦା କରିଦେଲି ॥ ତୁମ୍ଭେମାନେ ବିଦାୟ ହୋଇଣ ଯେ ଅସିଲ । ନାନା ଖାଦ୍ୟଦ୍ରବ୍ୟ ସେତୁ ଆଣି କଲ ଠୁଳ ॥ ଶଯ୍ୟା ସଜାଇଲ ସେତୁ କରିଣ ଯତନ । ନାନାପୁଷ୍ପ ଆଣି ମାଳା କରିଲ ନିର୍ମାଣ ॥ ଦ୍ୱାରେ ଶୂନ୍ୟକୁ ଚାହିଁଣ ବସି କେତେ କାଳ । ଗୃହେ ଯାଇ ଦୀପାବଳୀ ଜାଳିଲ ସକଳ ॥ ଏହି ବେଳେ ଚିତ୍ରରଥ ଗନ୍ଧର୍ବ ଅସିଲା । କମଳିନୀ ତାର ପାଦ ଧୌତ କରିଦେଲା ॥ ପଲଙ୍କ ଉପରେ ତାକୁ ନେଇ ବସାଇଲା ॥ ଘୋରିଥିବା ଚନ୍ଦନକୁ ତା ଦେହେ ବୋଳିଲା ॥ ଗୁନ୍ଥିଥିବା ଫୁଲମାଳା ଦେଲା ପିନ୍ଧାଇଣ । ନାନା ମିଷ୍ଟଦ୍ରବ୍ୟ କରାଇଲା ଯେ ଭୋଜନ ॥ ମୁଖ ଧୌତ ନିମନ୍ତେ ସୁବାସ ଜଳ ଦେଲା । ତାପରେ ତାମ୍ବୁଲ ନିଜ ହସ୍ତେ ଭୁଞ୍ଜାଇଲା ॥ ତହୁଁ ସେ ଚିତ୍ରରଥକୁ ଧରି କମଳିନୀ । ଦେଲେ ଆଲିଙ୍ଗନ କଲା ଦୃଢ଼ଭାବେ

ପୁଣି । ତହୁଁ ରତିକ୍ରୀଡ଼ା କଲେ ତୁହେଁ ହୋଇ ତୋଷ । ଏହି ବେଳେ ମୋର ନିଦ୍ରା ହୋଇଗଲା ନାଶ ॥ ଅଜ ଯାହା ଦେଖିଥାନ୍ତି ଦେଖ ତ ହଠାଇ । ଦାସୀଏ ଶୁଣି ବୋଇଲେ ହସ ହସ ହୋଇ ॥ ଏ ତ ବଡ଼ ଅଦଭୁତ ସ୍ୱପନ ଅଟଇ । ଯେବେ ଏହୁ କଥା ନିଶ୍ଚେ ସତ୍ୟ ଥିବ ହୋଇ ॥ ତେବେ ତା ଅଙ୍ଗରେ ଚିହ୍ନ ଥିବ ତ ନିଶ୍ଚୟ । ଦେଖିବା ଯାଇଣ ସର୍ବେ କ୍ଷେପି ଏତେ ଭୟ ॥ ଏତେ ଭାବି ବନିତାଙ୍କ ସେବାରେ ଲାଗିଲେ । ଚଞ୍ଚଳ ଚଞ୍ଚଳ ହୋଇ ଗୀତ ବଢ଼ାଇଲେ ॥ ମନ ଯାଇ ଅଛି ତାଙ୍କ କମଳିନୀ ଠାରେ । ସ୍ୱପନ କଥା ଦେଖିବା ପାଇଁ ତା ଅଙ୍ଗରେ ॥ ବନିତାଙ୍କ ପାଶୁ ଦାସୀ ବିଦାୟ ହୋଇଣ । କମଳିନୀ ପାଶେ ଯାଇଁ ମିଳିଲେ ତକ୍ଷଣ । ତା ଅଙ୍ଗକୁ ଗୁପତରେ କରନ୍ତେ ଦର୍ଶନ । ଦେଖି ଦିଶୁଛି ସବୁ ରତି ଚିହ୍ନମାନ ॥ ଓଷ୍ଠେ ଦନ୍ତକ୍ଷତ ପୁଣି ଗଣ୍ଡେ ଦନ୍ତକ୍ଷତ । ସିନ୍ଦୁର ଦିଶୁଛି ମୁଖ ନେତ୍ର ହୋଇଛନ୍ତି ॥ କୁଚେ ନଖକ୍ଷତ ଅର୍ଦ୍ଧଚନ୍ଦ୍ର ପରକାରେ । ଦେଖିଲୁଛୁ ଦାସୀଗଣେ ଦେଖିଣ ନେତ୍ରରେ ॥ ପରସ୍ପରେ ଠାରିଠାରି ହୋଇଲେ ବହନ । ଭାବିଲେ କରିଛି କିଏ ଗାଢ଼ ଆଲିଙ୍ଗନ ॥ କି ସୁନ୍ଦର ସ୍ୱାମୀକି ଏ ଭୁଞ୍ଜେ ମଦନକର । ଅନ୍ୟ ସଙ୍ଗେ ବିହରିଛି କି ସୁଖ ବିସ୍ତର ॥ ଏହିପରି ଠାରଠାରି ଦାସୀଗଣହୁଅନ୍ତେ । କମଳିନୀ ତାହାଙ୍କୁ ଯେ ବୋଲଇ ଭୁରିତେ ॥ କାହିଁପାଇଁ ଦାସୀମାନେ ଅନାଇଣ ମୋତେ । ହସାହସି ଠାରଠାରି ହେଉଅଛ କେତେ ॥ ଏହା ଶୁଣି ଦାସୀମାନେ ତାହାକୁ ବୋଇଲେ । ପ୍ରଭାତରେ ତୁମ୍ଭ ସ୍ୱାମୀ ସ୍ୱପନ ଦେଖିଲେ ॥ ଆମ୍ଭେ ଯାଇଥିଲୁ ତାଙ୍କ ସେବା କରିବାକୁ । ଦେଖିଲୁ ସେ ଶୋଇଛନ୍ତି ନ ଛାଡ଼ି ଶେଯକୁ ॥ ଡାକି ନିଦ ଭଙ୍ଗାଇଲୁ ଆମ୍ଭେ ତାହାଙ୍କର । ସେ ବୋଇଲେ ଆହା ତୁମ୍ଭେ କି କଲ କି କଲ ॥ କେଡ଼େବଡ଼ କୌତୁକ ସ୍ୱପ୍ନ ମୁଁ ଦେଖୁଥିଲି । ତୁମ୍ଭ ଡାକ ଶୁଣି

ନିଦ୍ରାଭାଙ୍ଗି ମୁଁ ଉଠିଲି ॥ ଅମ୍ଭେ ପଚାରିଲୁ ତୁମ୍ଭ ସେ ସ୍ୱପ୍ନ ବୃତ୍ତାନ୍ତ । ସେ ଅମ୍ଭଙ୍କୁ କହିଲେ ଯେ ନ କର ଗୁପତ ॥ ବୋଇଲେ ସେ ରାଜଜେମା ନାମ କମଳିନୀ । ସ୍ୱପ୍ନରେ ଦେଖିଲି ସେହି ଅଛେ ଦୋଗ୍ଧବରଣୀ ॥ ଅମ୍ଭଙ୍କୁ ବିକ୍ରମ ଏହା ସ୍ୱପନ ଚରିତ । ପୁଣି ବୋଇଲେ ଦାସୀଏ ଶୁଣ ଦେଇ ଚିତ୍ତ ॥ ଅବର ସ୍ୱପନ ମୁହିଁ ଯାହା ଦେଖିଛଇଁ । ସେହି କଥାମାନ ତୁମ୍ଭ ଆଗେ କହୁ ନାହିଁ ॥ ଦାସୀମାନଙ୍କ ସଙ୍ଗରେ ସେହୁ କମଳିନୀ । ସନ୍ଧ୍ୟାବେଳେ ବସି କଥା ଚାରି ହୋଇ ପୁଣି ॥ ଏମନ୍ତେ ରାତ୍ର ପ୍ରହରେ ହୋଇଲାକି ଯହୁଁ । ଦାସୀମାନଙ୍କୁ ବିଦାୟ କରିଦେଲା ତହୁଁ ॥ ନାନା ପରକାରେ ଖାଦ୍ୟଦ୍ରବ୍ୟ ସଜାଡ଼ିଲା । କ୍ଷୀର ଘୃତ ପାୟସାଦ୍ୟ ଆଣିଣ ରଖିଲା ॥ ଶୟନଗୃହେ ପ୍ରବେଶି ପଲ୍ୟଙ୍କ ଉପରେ । ଶଯ୍ୟା ସଜାଇଲା ସେହୁ ଯତନ ପ୍ରକାରେ ॥ ନାନାବିଧ ସୁବାସ ଫୁଲ ସିଞ୍ଚିଲା ତାପରେ । ଚନ୍ଦନ ଘୋରି ରଖିଲା ରତନ ପାତ୍ରରେ ॥ ଯତନ ପ୍ରକାରେ ପୁଷ୍ପମାଳକୁ ଗୁନ୍ଥିଲା । ସବୁଦ୍ରବ୍ୟ ପଲ୍ୟଙ୍କ ଉପରେ ସେ ରଖିଲା ॥ ତହୁଁ ଦ୍ୱାରକୁ ଆସିଣ ଶୂନ୍ୟକୁ ଚାହିଁଣ । କତକ୍ଷଣ ପରଯନ୍ତେ ରହିଲା ସେ ଜାଣ ॥ ପୁଣି ଯାଇଁ ସେ ଗୃହରେ ଦୀପାବଳିମାନ । ଲଗାଇ ସେହି ଗୃହକୁ କରିଲା ଯତନ ॥ ଏ ସମୟେ ଚିତ୍ରରଥ ଗନ୍ଧର୍ବ ଆସିଲା । କମଳିନୀ ତା ପାଦକୁ ଧୌତ କରିଦେଲା ॥ ବୋଇଲା ଏତେ ବିଳମ୍ବ କାହିଁପାଇଁ କଲ । ମନରୁ କି ମୋତେ ଏକାବେଳେ ଭୁଲିଗଲ ॥ ହସି ହସି ତୁମ୍ଭ ରାଜଜେମା ଆନନ୍ଦରେ । ଚିତ୍ରରଥକୁ ବସାଇ ପଲ୍ୟଙ୍କ ଉପରେ ॥ ଭୋଜନ କରାଇ ମୁଖ ଧୌତ କରାଇଲା । ନିଜ ହସ୍ତେ ତାହାକୁ ତାମ୍ବୁଳ ଭୁଞ୍ଜାଇଲା ॥ ଗୁନ୍ଥିଥିବା ପୁଷ୍ପମାଳା ଦେଲା ତା ଗଳାରେ । ଚନ୍ଦନ ଲେପିଲା ଚିତ୍ରରଥର ହୃଦରେ ॥ ବଳେ ଧରି ତାହାକୁ କରିଲା ଆଲିଙ୍ଗନ । ତହୁଁ ରତିରସରେ ମଜ୍ଜିଲେ ବେନି ଜନ ॥ ପଲ୍ୟଙ୍କ ଉପରେ

ଦୁହେଁ ଶୟନ ଶଯ୍ୟାରେ । ଏକଜଣ ଅଛନ୍ତି ଜାଣି ଏହି ସମୟରେ ॥ ନିଦ ଭାଙ୍ଗିଦେଲୁଁ ବୋଲି ଅମ୍ଭଙ୍କୁ କହିଲେ । ନୋହିଲେ ଅଜ ବିଷୟ ଦେଖିଥାନ୍ତି ଭଲେ ॥ ଏପରି କୌତୁକସ୍ୱପ୍ନ ସମାଚାରମାନ । ଅମ୍ଭଙ୍କୁ କହିଲେ ସେହି ବିକ୍ରମରାଜନ ॥ ଦାସୀଙ୍କ ମୁଖୁଁ ଏମନ୍ତ କଥାମାନ ଶୁଣି । ସ୍ମିତ ଉତ୍ତରେ ଦାସୀଙ୍କୁ କହେ କମଳିନୀ ॥ ତୁମ୍ଭେମାନେ କେବେ ଏହି ଘଟଣା ଦେଖିଛ । କେଉଁ ପୁରୁଷ ଆସିବା କେବେ କି ଜାଣିଛ ॥ ତୁମ୍ଭେମାନେ ଦେଖୁଛ କି କୁଞ୍ଜ ସାକ୍ଷାତରେ । ନିନ୍ଦା ଦେବାକୁ ମୋତେ ସେ ଭ୍ରମନ୍ତି ଚିତ୍ତରେ ॥ ଜାଣୁଛି ସେ ମିଛେ ନାଟ ଲଗାଇ ଦେଉଛନ୍ତି । ସେ ଲମ୍ପଟ ଧୂର୍ତ୍ତର ପୁରୁଷ ଜାଣୁଛି ॥ ଏ ଭେଣ ପୁରୁଷଙ୍କୁ ମୁଁ ବିଶ୍ୱାସ ନ ଯାଏ । ପୁରୁଷମାନଙ୍କ ମୁଖ କଦାପି ନ ଚୁହେଁ ॥ ଏହାପରେ କହୁଣି ସେ ଦାସୀଙ୍କ ଅଗରେ । ସ୍ୱପ୍ନକଥା ଶୁଣି ନିଜ ମନରେ ବିଚାରେ । ମୋର ଏ ଗୁପତ କଥା ସେ କେମନ୍ତେ ଜାଣିଲା । ସ୍ୱପନ ବୋଲିଣ ସେହୁ ଭୁଲାଇ କହିଲା ॥ ପ୍ରକୃତ କଥା କେମନ୍ତେ ଜାଣିଲାଟି ସେହୁ । ଜାଣୁଅଛି କଦାପି ସେ ମନୁଷ୍ୟ ନୁହଇ ॥ ସେ କେଉଁ ଦେବତା ନର ରୂପକୁ ଧରିଣ । ମିଛରେ କହୁଛି ନାମ ବିକ୍ରମ ବୋଲିଣ ॥ ମୋର କଥାଯାକ ସବୁ ଜାଣୁଥିବେ ସେହୁ । ଏବେ ତାଙ୍କ ସେବା ମୁହିଁ କରିବି ଯେ ଯାଇ ॥ ଚିତ୍ରରଥ ଗନ୍ଧର୍ବର ପ୍ରେମରେ ପଡ଼ିଲି । ପିତାଙ୍କୁ ଯାହା ମୁଁ ତହିଁ କଳଙ୍କିତ କଲି । ଏତେ ପାଞ୍ଚି ଦାସୀଙ୍କୁ ସେ ପାଖକୁ ଡାକିଣ । ବୋଇଲା ମୋ ପତି ନିଶ୍ଚେ ଦେବତା ପ୍ରମାଣ ॥ ମୁଁ ଛାର ମାନବୀ ମୋର ନାହିଁ ହେତୁ ଜ୍ଞାନ । କେମନ୍ତେ ତୋଷିବି ମୁହିଁ ସ୍ୱାମୀଙ୍କର ମନ । ଏବେ ଦାସୀମାନେ ତୁମ୍ଭେ ଯାଇଁ ବେଗକରି । ଭଲଭାବେ ସେବା କର ସ୍ୱାମୀଙ୍କୁ ମୋହର ॥ ତାହାଙ୍କ ସମାନ ମୁହିଁ କଦାପି ନୁହଇ । ତାହାଙ୍କୁ ସନ୍ତୋଷ କର ସେବାକରି ଯାଇଁ ॥ ମୋଠାରେ ଯେପରି ସେହୁ ହେବେ ତୋଷ

ମନ । ସେହିପରି ସେବାକର ଭୁଲାଇବ ମନ ॥ ମାସୁଙ୍କର ଏ ଠାବକୁ ଅସିଛନ୍ତି ସେହି । ଦେବତା ଭଳି ସେ ପୁଣି କୁହନ୍ତି ଯେ କେହି ॥ ଶୁଣି ଦାସୀଗଣେ ତାଙ୍କୁ ବୋଇଲେ ଉତ୍ତର । ଏତେ ଦିନେ ଜ୍ଞାନ ଅସି ଜନ୍ମିଲା କ ତୋର ॥ ସ୍ୱପନ କଥାକୁ ଶୁଣି ମନ ସ୍ଥିର ହେଲା । ସତବୋଲି ସବୁକଥା ଏବେ ଜଣାଗଲା ॥ ଅଗୁଁ ସାବଧାନ କିପାଁ ନ ହୋଇଲୁ ତୁହି । ଏତେବେଳେ ଲୋଡ଼ିଲେ ପାଇବୁ ଅଉ କାହିଁ ॥ ବହିଗଲା ପାଣି ଅଉ ଭୁଲିପିବା ମନ । କେତେବେଳେ ଅପୂର୍ବକୁ ନ ଅଟେ ସେ ଜାଣ ॥ ଏହା ଶୁଣି କମଳିନୀ ଲଜ୍ଜିତା ହୋଇଲା । ଦାସୀଙ୍କି ନ କହି କିଛି ମଉନେ ରହିଲା ॥ ଏ ରୀତିରେ ଲକ୍ଷ୍ମୀଧର କହନ୍ତି ହରଷେ । ଗୁପତ ନ ହେବ କିଛି ବିଜ୍ଞମଙ୍କ ପାଶେ ॥

---

## ଦ୍ୱିତୀୟ ରାତ୍ରିର କଥା

ଏଥିଅନ୍ତେ ଶୁକ କହେ ଦେଇ ମନକର୍ଣ୍ଣ । ପ୍ରଥମ ଦିନର କଥା ହୋଇଛି ସମ୍ପୂର୍ଣ୍ଣ ॥ ଦ୍ୱିତୀୟ ଦିନ ରାତ୍ରିର ଘଟଣା ଯେପରି । ସେହି କଥାମାନ ଏବେ କହୁଛି ବିସ୍ତାରି ॥ ଦିନଶେଷେ ରାତ୍ରି ଯହୁଁ ହୋଇଲା ପ୍ରବେଶ । କମଳିନୀ ମନମଧ୍ୟେ ହୋଇ ମହାତୋଷ । ଦାସୀମାନଙ୍କ ସଙ୍ଗରେ କଥ ବାର୍ତ୍ତା ହେଲା । ପ୍ରହରେ ରାତ୍ରି ଏମନ୍ତେ ଯହୁଁ ପ୍ରବେଶିଲା ॥ ଦାସୀଙ୍କୁ ବିଦାୟ କରିଦେଲା ତତପରେ । ଖାଦ୍ୟଦ୍ରବ୍ୟ ଆୟୋଜନ କରିଲା ବେଗରେ ॥ ନିଜହସ୍ତେ ଫୁଲମାଳା ଗୁନ୍ଥିଣ ରଖିଲା । ଚନ୍ଦନ ଘୋରି ସୁବର୍ଣ୍ଣ ପାତ୍ରରେ ଥୋଇଲା ॥ ଏହିରୂପେ ସବୁଦ୍ରବ୍ୟ ରଖି ସଜାଡ଼ିଣ । ପଲଙ୍କରେ ଶଯ୍ୟା ସଜାଇଲା କରି ଯତ୍ନ ॥ ନାନାବିଧ ସୁଗନ୍ଧ ପୁଷ୍ପ ସିଞ୍ଚିଲା ତହିଁରେ । ଶୃଙ୍ଗାର ଶୋଭିତ ଚିତ୍ର ଟାଙ୍ଗିଲା କାନ୍ଥରେ ॥ ଯେଉଁରୂପେ ରତିକ୍ରୀଡ଼ା ହେବ ବିଧିମତେ । ସେହି ପରକାରେ

ସମ୍ପାଦନ୍ତା ସେ ତୁରିତେ । ତା ପରେ ଦ୍ୱାରକୁ ଆସି ଶୂନ୍ୟକୁ ଗୃହିଁଲା । ବିଳମ୍ବ ହେତୁ ମନରେ ଛନ୍ଦ ଛନ୍ଦ ହେଲା । ଏଣେ ତାଳ ବେତାଳ ବିକ୍ରମଙ୍କ ଆଦେଶେ । ଅଗନ୍ତୁ ଲୁଚି ଅଛନ୍ତି କମଳିନୀ ବାସେ । ସମସ୍ତ ଘଟଣା ସେହୁ ଦେଖିପିବେ ବୋଲି । ଶୟନ ଗୃହରେ ଛନ୍ତି ବାୟୁରୂପ ଧରି । କମଳିନୀର ଏ ସବୁ ଘଟଣା ଦେଖିଲେ । ମନରେ ଅତ୍ୟନ୍ତ କ୍ରୋଧ ସେ ଦୁହେଁ କରିଲେ । ଖାଦ୍ୟ ଦ୍ରବ୍ୟ କମଳିନୀ ରଖିଥିଲା ଯହିଁ । ତାଳ ବେତାଳେ ସେ ସବୁ ଦ୍ରବ୍ୟକୁ ଯେ ଖାଇ । ବିଷ୍ଠା ପୂରାଇ ସେ ପାତ୍ର ଘୋଡ଼ାଇ ରଖିଲେ । କ୍ଷୀରପାତ୍ର ପିଇ ତହିଁ ମୂତ୍ର ଯେ ଭରିଲେ । ତାମ୍ବୁଲ ଭାଙ୍ଗିଣି ଯହିଁ ରଖିଥିଲା ନାରୀ । ତହିଁରୁ ମସଲା କାଢ଼ି ଗନ୍ଧକକୁ ଭରି । ଚନ୍ଦନ ପାତ୍ରରୁ ସବୁ ଚନ୍ଦନ କାଢ଼ିଲେ । ଅତି ଦୁର୍ଗନ୍ଧ ଗୋବର ତହିଁରେ ଭରିଲେ ।। ଯେଉଁ ପାତ୍ରରେ କସ୍ତୁରୀ ରଖିଥିଲା ଗୋଳି । ତାକୁ ଫିଙ୍ଗି ସେ ପାତ୍ରେ ବରାଣ୍ଡିମଳ ଭରି । ରଙ୍ଗ ଚତାମୂଳକୁ କର୍ପୂରରେ ମିଶାଇଲେ । ଅତର ଫିଙ୍ଗିଣ ସଢ଼ା ପାଣି ତହିଁ ଦେଲେ । ତାଳ ବେତାଳେ ଏ କଥା ଗୁପତେ କରିଣ । ପବନ ପ୍ରାୟେ ସେ ଗୃହେ ରହିଲେ ଲୁଚିଣ । ଏ କଥା କମଳିନୀ ଯେ ନ ପାରିଲା ଜାଣି । ଶୂନ୍ୟକୁ ଗୃହିଁଣ ଦ୍ୱାରେ ବସିଛନ୍ତି ସେ ପୁଣି । ଏ ସମୟେ ଶାକରଥ ଗନ୍ଧର୍ବ ଆସିଲା । ଦେଖି କମଳିନୀ ତାର ପାଦ ଧୋଇଦେଲା । ହସ୍ତଧରି ପଲଙ୍କକୁ ତାକୁ ଘେନିଗଲା । କିପାଁ ବିଳମ୍ବ କରିଲ ବୋଲିଣ ବୋଇଲା । ପଲଙ୍କ ଉପରେ ତାକୁ ବସାଇଣ ନେଇ । ମନକୁ ତୋଷ କରିଲା ନାନାକଥା କହି । ଖାଦ୍ୟ ଦ୍ରବ୍ୟ ପାତ୍ରକୁ ସେ ଟେରିଣ ହସ୍ତରେ । ତହିଁରୁ କିଛି ନେଇଣ ଦେଲା ତା ତୁଣ୍ଡରେ । ବିଷ୍ଠା ବୋଲି ଚାକରଥ ମୁଖରୁ କାଢ଼ିଲା । ଏ ଅମେଧ୍ୟ ପଦାର୍ଥ କି ଭକ୍ଷନ୍ତି ବୋଇଲା । କିମ୍ପା ଆଣି ମୋର ତୁଣ୍ଡେ ଦେଉଛ କାହିଁକି ।

ଶୁଣି କମଳାକ୍ଷୀ ବେଗେ ଉଠିଲା ଚମକ୍କି । ଦେଖିଲା ସେ ପାଙ୍କେ ବିଷ୍ଠା ହୋଇଅଛି ପୂର୍ଣ୍ଣ । ହସ୍ତରେ ତାହାକୁ ସେହୁ ଧରିଅଛି ପୁଣ ॥ ଅତ୍ୟନ୍ତ ଦୁର୍ଗନ୍ଧ ସେହୁ ହେଉଛି ସେଠାରେ । ମୁଖ ଧୋଇବାକୁ ଜଳ ଦେଲା ଉତକାଳେ ॥ ଥୁ ଥୁ କରି ମୁଖ ଚନ୍ଦରଥ ବ୍ୟସ୍ତ ହୋଇ । କୁଳି କରିବା ନିମନ୍ତେ ଜଳପାତ୍ର ନେଇ ॥ ମୁଖରେ ଜଳ ପୂରାନ୍ତେ ଜଳ ସେ ତୁହାଇ । ଅଶ୍ୱମୂତ୍ର ବୋଲି ବାନ୍ତି କରିଲା ସେଠାରେ ॥ ଅତି କୋପଗତ ହୋଇ କହେ ଚନ୍ଦରଥ । ଲୋ ଗୁଣ୍ଡାଳୀ କାହିଁକି ତୁ କଲୁ ଏତେ କୁତ୍ସ୍ୟ ॥ ମଳମୂତ୍ର ଅଣି ମୋର ତୁଣ୍ଡରେ ଭରିଲୁ । ମୋ ଉପରେ କପାଁ ଏତେ ଦାଉ ତୁ ସାଧିଲୁ । ମୋର ତୁଣ୍ଡ ଦୁର୍ଗନ୍ଧ ତୁ କପାଁ କରାଇଲୁ । କି ଦୋଷ ମୁଁ କଲି ବୋଲି ମନରେ ଭାବିଲୁ ॥ ଏହା ଦେଖି କମଳାକ୍ଷୀ ହୋଇଲା କାତର । ଚନ୍ଦରଥ ଆଗେ କହେ ଯୋଡ଼ି ବେନିକର ॥ ବୋଲଇ ହେ ପ୍ରିୟତମ ଏ କଥା ଦେଖିଣ । ଆଶ୍ଚର୍ଯ୍ୟ ମଣଇ କିଛି ନ ପାରେ ବୁଝିଣ ॥ ଖାଦ୍ୟ ଦ୍ରବ୍ୟ ନିଜହସ୍ତେ ସମ୍ପାଦଣ ଥିଲି । ସୁବାସ ଜଳକୁ ଭାଣ୍ଡ ମଧ୍ୟରେ ରଖିଲି ॥ କେମନ୍ତେ ସେ ମଳମୂତ୍ର ହୋଇଲା ଏଠାରେ । ଏହୁ କଥାକୁ ଆଶ୍ଚର୍ଯ୍ୟ ବୋଲି ମନେ କରେ ॥ ଏ ଦୋଷକୁ ମୋର କ୍ଷମାକର ପ୍ରାଣଧନ । ତୁମ୍ଭବିନୁ କାହାକୁ ମୁଁ ନ ଜାଣଇ ଆନ ॥ ଏହା କହି ତାମ୍ବୁଳକୁ ଭୁଞ୍ଜାଇଣ ଦେଲା । ଚନ୍ଦରଥ ଯେମନ୍ତେ ତାହାକୁ ଚୋବାଇଲା ॥ ଗନ୍ଧକର ଗନ୍ଧରେ ତା ମୁଖ ଗନ୍ଧାଇଲା । ଥୁ ଥୁ କରି ବେଗେ ମୁଖୁଁ କାଢ଼ି ପକାଇଲା ॥ ବୋଇଲା ଲୋ ପାପିନୀ ତୁ ଜାଣି ଶୁଣି କରି । ଅମେଧ୍ୟ ଭକ୍ଷ୍ୟାଇବାକୁ ମନେ ଅଛୁ କରି ॥ ଏହା କହନ୍ତେଣି ବାନ୍ତି କରି ପକାଇଲା । କମଳାକ୍ଷୀ ଦେଖି ତାହା ଆଶ୍ଚର୍ଯ୍ୟ ହୋଇଲା ॥ ବୋଇଲା ମୋ ଗଣ ଏବେ ପକାଇ କହୁଛି । ଭଲ ଦ୍ରବ୍ୟମାନ ମୁହିଁ ରଖିଥିଲି ସଞ୍ଚି ॥ ସେ ସବୁ କେଣେ ଉଭାଇ ଗଲା

ଅଦଭୁତେ । ଏ ସବୁ କଥା ହେ ନାଥ ନ ଜାଣେ କିମ୍ପତେ ॥ ଜନରଥ ବୋଲେ ତାଙ୍କୁ କୋପରେ ପ୍ରଜ୍ୱଳି । ନିଅ ମଣ୍ଡଳି ପାଇଣି କରୁଛୁ ଏ ଭଳି । ଶୁଣି କମଳିନୀ ନିଜ ନେତ୍ରକୁ ଛୁଇଁଲା । କିଛି ଜାଣେ ନାହିଁ ବୋଲି ଶପଥ କରିଲା ॥ ଏହା କହି ଚନ୍ଦନ କର୍ପୂର କସ୍ତୁରୀଙ୍କ । ଜନରଥର ଶରୀରେ ବୋଳନ୍ତେ ତମଙ୍କ ॥ ଜନରଥ କଠିଣ ଯେ ଭର୍ତ୍ସନା କରିଲା । କି ଦ୍ରବ୍ୟ ବୋଳିଲୁ ମୋର ଦେହ ଜ୍ୱାଳା ଜଳା ॥ ଦେଖନ୍ତେ ଚନ୍ଦନ ପାତ୍ରେ ରହିଛି ଗୋବର । କର୍ପୂର ପାତ୍ରରେ ଅଛି ରଙ୍ଗ ଚିତାମୂଳ ॥ ବିଗୁଡ଼ିର ମଳ ଥିଲା କସ୍ତୁରୀ ପାତ୍ରରେ । ତା ମିଶାଇ ବୋଳିଛି ତାହାର ଦେହରେ ॥ ତେଣୁ ଜନରଥ ଦେହ ଦୁର୍ଗନ୍ଧ ହୋଇଣ । ଅତ୍ୟନ୍ତ ପୋଡ଼ା ଜ୍ୱାଳା ସେ କରୁଛି ପ୍ରମାଣ ॥ ଦେଖି କମଳିନୀ ମନେ କୁତ୍ସିତ ହୋଇଣ । ବସନରେ ତା ଦେହକୁ ଦେଲା ଯେ ପୋଛିଣ ॥ ଅତର ପାତ୍ରକୁ ଶୀଘ୍ର ଆଣି କମଳିନୀ । ଜନରଥ ଦେହେ ନେଇ ବୋଳିଲା ସେକ୍ଷଣି ॥ ସଢ଼ା ପାଣି ଅତ୍ୟନ୍ତ ଦୁର୍ଗନ୍ଧ ହେତୁ ହେଲା । ଜନରଥ ଦେଖି କସ ବୋଲୁ କେ ବୋଳିଲା ॥ ସେ ଅତର ପାତ୍ରକୁ ସେ କାତରେଣ ଦେଖନ୍ତି । ଅତରରୁ ନାହିଁ ତଳେ କିଛି ସେହି ପାତ୍ରେ ॥ ଖାଲି ପଚାଜଳ ତହିଁ ହୋଇଅଛି ପୂର୍ଣ୍ଣ । ଏହା ଦେଖି କମଳିନୀ ଆଶ୍ଚର୍ଯ୍ୟ ହୋଇଣ ॥ ବୋଲଇ ମୋ ଦୋଷ କ୍ଷମାକର ପ୍ରାଣନାଥ । ନ ଜାଣଇ କିଛି ମୁହିଁ ଏଥିର ବୃତ୍ତାନ୍ତ ॥ ଜାଣୁଛି ଭୂତ ପ୍ରେତ କି ଡାକିନୀ ବା କେହି । ଖାଦ୍ୟ ଦ୍ରବ୍ୟମାନଙ୍କୁ ସେ ଅଛି ଖାଇ ଦେଇ ॥ ଅମେଧ୍ୟ ଦ୍ରବ୍ୟକୁ ଆଣି ତହିଁରେ ଭରିଲା । ଚନ୍ଦନ କସ୍ତୁରୀ ଆଦି ସେ ଭଳି କରିଲା ॥ ଯାହା ହେବାର ତ ହେଲା ଆଜ କ୍ଷମାକର । କାଲିକି ନ ହେବ ଆଉ ଏମନ୍ତ ପ୍ରକାର ॥ ଜାଣୁଛ ତ କଷ୍ଟ ହେଲା ସ୍ୱାମୀ ସହିତରେ । ଦେଖା ସାକ୍ଷାତ ତ ମୋର ନାହିଁ କେତେବେଳେ ॥ ଘରେ ନ ପୂରାଇ

ତାଙ୍କୁ ବାହାରେ ରଖିଛୁ । ମୋର ଏ ଘଟଣା ସେହୁ ନ ଜାଣନ୍ତି କିଛି ॥ ଏହାଶୁଣେ କମଳିନୀ ନାନା କଥା କହି । ଶଶିରଥର କୋପକୁ ଶାନ୍ତି କଲା ସେହି ॥ କେଶକର ଯୋଡ଼ି ବହୁ ବିନୟୀ ସେ ହେଲା । ଦେଖି ଶଶିରଥ ମନ ଶାନ୍ତକୁ ଲଭିଲା ॥ ବଳେ ଯାଇଁ ତା କୋଳେ ବସିଣ ଚୁମ୍ବ ଦେଲା । ଶଶିରଥକୁ ଧରଣି ଅଲିଙ୍ଗନ କଲା ॥ ତହୁଁ ନାନାବନେ ରତିରଙ୍ଗ ଆରମ୍ଭିଲେ । ଶଶିରଥ ଗନ୍ଧର୍ବ ଯେ କମଳିନୀ ତୁଲେ ॥ ବହୁତ ପ୍ରକାରେ ରତି କରି ବୃଦ୍ଧିମତେ । ପଲ୍ୟଙ୍କେ ଶୟନ ତହୁଁ କରିଲେ ତୁରିତେ ॥ ତାଲ ଉପରେ ମୋ ଲୁଚି ରହି ଦେଖୁଥିଲେ । ରାତି ଦୁଇଘଡ଼ି ଥାଇଁ ସେଠାରୁ ଚଳିଲେ ॥ ଏ ସବୁ ଘଟଣା ବିକ୍ରମଙ୍କୁ ଦେଲେ କହି । କିଛି ସମୟରେ ତହୁଁ ସବି ଗଲା ପାହି ॥ ବିକ୍ରମ ଉଠିଲେ ନାହିଁ ଶୋଇବା ଶେଯରୁ । ସୂର୍ଯ୍ୟ ଉଦୟ ହୋଇଣ ଖରା ପଡ଼ିବାରୁ ॥ ଦାସୀମାନେ ଆସି ତାଙ୍କୁ ଡାକିଲେ ବହନ । ଜୟ ଜୟ ନୃପ କେତେ ନିଦ୍ରା ଯାଅ ପୁଣ ॥ ଶୁଣିଣ ବିକ୍ରମାଦିତ୍ୟ ତାହାଙ୍କୁ ବୋଇଲେ । କି ସୁଖ ସ୍ୱପନ ଦେଖୁଥିଲି ଏତେବେଳେ ॥ ନିଦ୍ରା ଭାଙ୍ଗି ଦେବାରୁ ସ୍ୱପନ କେଣେ ଗଲା । ଦାସୀଏ ବୋଇଲେ କି ସ୍ୱପ୍ନ ଦେଖିଲ ଭଲା ॥ ବିକ୍ରମ ବୋଇଲେ ଅଜ କି ସ୍ୱପ୍ନ ଦେଖିବି । ତୁମ୍ଭ କମଳିନୀ କଥା ଅନୁକ୍ଷଣେ ଭାବି ॥ କାଲି ରାତି ପ୍ରହରେ ହୋଇଲା ଯେତେବେଳେ । ତୁମ୍ଭମାନଙ୍କୁ ବିଦାୟ ଦେଲା ସେ ଚଞ୍ଚଳେ ॥ ତୁମ୍ଭେମାନେ ତା ନିକଟୁ ଯେମନ୍ତେ ଆସିଲ । ଶୟନ ଗୃହକୁ ସେହି ପସିଲା ଚଞ୍ଚଳ ॥ ନାନା ଖାଦ୍ୟଦ୍ରବ୍ୟ ଆଣି ରଖିଲା ସେଠାରେ । ପୁଷ୍ପଚନ୍ଦନ ଅତର ନାନାଦି ପ୍ରକାରେ ॥ ସୁବାସ ଜଳ ରଖିଲା କୁମ୍ଭ ପୂର୍ଣ୍ଣ କରି । ପଲ୍ୟଙ୍କର ଚୂଡ଼ପାଶେ ଜାଳି ଦୀପାବଳୀ ॥ ଏ ସମୟେ ଶଶିରଥ ଗନ୍ଧର୍ବ ଆସିଲା । କମଳିନୀ ନିଜେ ତା ପାଦକୁ ଧୋଇ ଦେଲା ॥ ଶୀଘ୍ର

ନେଇ ତାକୁ ବସାଇଲା ପଲ୍ୟଙ୍କରେ । ଏଣେ ପ୍ରେତଙ୍କର ପଙ୍କ ପଡ଼ିଛୁ ଯୋଗରେ । ପ୍ରେତମାନେ ତା ଶୟନ ଗୃହରେ ପଶିଣ । ଖାଦ୍ୟଦ୍ରବ୍ୟମାନଙ୍କୁ ସେ କରଣି ଭୋଜନ । ଅମେଧ୍ୟ ପଦାର୍ଥମାନ ତହିଁରେ ଭରିଲେ । ମଳ ମୂତ୍ରାଦିରେ ସବୁ ଭାଣ୍ଡ ପୂର୍ଣ୍ଣ କଲେ । ଚନ୍ଦନାଦି ସୁବାସ ଦ୍ରବ୍ୟକୁ ଘେନି ଗଲେ । ଦୁର୍ଗନ୍ଧ ଦ୍ରବ୍ୟ ତହିଁରେ ପୂର୍ଣ୍ଣ ଯେ କରିଲେ । ଏ କଥାକୁ କମଳିନୀ ନ ଜାଣିଇ ଥିଲେ । ଖାଦ୍ୟ ପଦାର୍ଥର ପାତ୍ର ଘେନିଣି ହସ୍ତରେ । ତହିଁରୁ ଥିଲା ଏ ନେଇ ଦିଅନ୍ତେ ଖାଇ । ଚନ୍ଦ୍ରରଥ ଥୁ ଥୁ କରି ଦେଲା ନାହିଁ ନାହିଁ । ଅଲୋ ଲୋ ଗୁଣ୍ଡାଳୀ କିସ୍ତା ଖୁଆଇଲୁ ମୋତେ । ବେଗେ ଜଳ ଆଣି ବୋଲି କହିଲା ତୁରିତେ । ଜଳ ପାତ୍ରକୁ ନେଇଣି ଦେଲା ତା ହାତୁରେ । ମୁଖ ଧୁଅ ବୋଲି କହିଲା ମନ ବିରସେ । ଚନ୍ଦ୍ରରଥ ତାହା ନେଇ ଦିଅନ୍ତେ ମୁଖରେ । ପୁଣି ଥୁ ଥୁ କାର କରି କହିଲା କ୍ରୋଧରେ । ଲୋ ପାପିନୀ ଅଶ୍ୱମୂତ୍ର ଏହି ଯେ ଅଟଇ । ତୁଣ୍ଡ ମୋ ବିକୃତ ହେଲା ଜଳ ଏ ନୁହଇ । ଦେଖି କମଳିନୀ ଅତି ଚକିତ ହୋଇଣି । ତାମ୍ବୁଳ ଭୁଞ୍ଜାଇ ଦେଲା ତପଣେ ନେଇଣି । ଚନ୍ଦ୍ରରଥ ଯେମନ୍ତେ ତାହାକୁ ଚୋବାଇଲା । ଗନ୍ଧକ ଗନ୍ଧରେ ପୁଣି ଥୁ ଥୁ କାର କଲା । ଦେଖିଲା ତାମ୍ବୁଳ ମଧ୍ୟେ ଅଜ କିଛି ନାହିଁ । କେବଳ ଗନ୍ଧକ ଚୂର୍ଣ୍ଣ ରଖିଲୁ କାହିଁପାଇଁ । ଏହା ସବୁ ମନୁଷ୍ୟ କି କରିନ୍ତି ଭକ୍ଷଣ । ତାହା ଦେଖି କମଳିନୀ ଚକିତ ହୋଇଣି । ବୋଇଲା ସକଳ ଦ୍ରବ୍ୟ କିପାଁ ଏମନ୍ତ ହେଲା । ଏଥିର ଘଟଣା କିଛି ଜଣା ତ ନ ଗଲା । ଏହା କହି ଚନ୍ଦନ କର୍ପୂର କସ୍ତୁରୀକ । ଏକତ୍ର କରି ଲେପିଲା ହୃଦୟକୁ ଦେଖି । ବିରଞ୍ଚି ବିସ୍ତା ରକତ ଗତାମୂଳ ମିଶି । ଦେହ ଜ୍ୱଳା କଲା ପୁଣି ଦୁର୍ଗନ୍ଧ ବିଶେଷି । ଚନ୍ଦ୍ରରଥ ବୋଇଲା ଅତ୍ୟନ୍ତ କ୍ରୋଧ ହୋଇ । ଅଲୋ ଗୁଣ୍ଡାଳୀ ଏପରି କଲୁ କାହିଁପାଇଁ । କମଳିନୀ କରଯୋଡ଼ି ତାହାକୁ ବୋଇଲା । ଅଜ ତ

ଏପରି କଥା ତଇବେ ଘଟିଲା । କାଲିକ ମୁଁ ଥିବ ଅଗୁଁ ହୋଇ
ସାବଧାନ । ଏପରି ଘଟିବ ନାହିଁ ଆଉ କଦାଚନ । ଅଜ୍ଞକ ମୋ
ଦୋଷ କ୍ଷମାକର ପ୍ରାଣଧନ । ଚିତ୍ରରଥ ଶୁଣି ତାର ଶାନ୍ତ କଲା
ମନ । ବସନ ଦ୍ୱାରା ତା ଦେହ ପୋଛି ପକାଇଲା । କଲେ ଅଗକର
ଧରି ଅଲିଙ୍ଗନ କଲା । ଚିତ୍ରରଥ ମୁଖକୁ ଚୁମ୍ବନ୍ତେ ଅଗକରି ।
ରତି କ୍ରୀଡ଼ା କଲେ ତହୁଁ ନାନାବନ୍ଧ ଧରି । ଏହିପରି ସେହି
ଦୁହେଁ ପଲ୍ୟଙ୍କ ଉପରେ । ଅଛନ୍ତି ମୋ ନିଦ୍ରା ଭଙ୍ଗାଇଲ
ଏତେବେଳେ । ତେଣିକି ଆଉ କି ହେଲା ନ ପାରିଲି ଜାଣି
ଏମନ୍ତ କୌତୁକ ସ୍ୱପ୍ନ ଦେଖୁଥିଲି ପୁଣି । ରାଜନଙ୍କ ମୁଖୁଁ ଏହା
ଶୁଣି ଦାସୀମାନେ । କାଠ ପ୍ରାୟେ ସ୍ତମ୍ଭୀଭୂତ ହୋଇଲେକ୍ଷଣେ ।
ଭାବିଲେ ସ୍ୱପନ କଥା ସତ୍ୟ ହୋଇଥିବ । ଗୁପତରେ କରୁଛି ସେ
ଏହିପରି ଭାବ । ମନେ ଏହା ପାଞ୍ଚିକରି ଦାସୀମାନେ ତହିଁ ।
ରାଜନଙ୍କ ସେବା ବେଗେ ଦେଲେ ସେ ବଢ଼ାଇ । ତହୁଁ ଯାଇଁ
କମଳିନୀ ପାଶେ ପ୍ରବେଶିଲେ । ପାଦରୁ ମସ୍ତକ ଯାଏ ଅଗ
ଗୃହିଁ ଗଲେ । ଦେଖିଲେ ମୁଖ ବିରସ ଦିଶୁଛି ତାହାର । କଳା
ପଡ଼ି ଯାଇଛି ତା ରକ୍ତିମା ଅଧର । ପରସ୍ପରେ ଠାରାଠାରି ହୋନ୍ତି
ଦାସୀମାନେ । ତାହା ଦେଖି ଲଜ୍ଜା ପାଇ କମଳିନୀ ମନେ ।
ବୋଇଲା ଦାସୀଙ୍କୁ ସେହି ଗୃହିଣୀ ସଭ୍ୟରେ । କେଉଁ କଥା ଠାରାଠାରି
ହୁଅ ପରସ୍ପରେ । ଶୁଣି ଦାସୀମାନେ ତାକୁ ବୋଇଲେ ଉତ୍ତର ।
ତୁମ୍ଭ ସ୍ୱାମୀ ସ୍ୱପନ ଦେଖିଲେ ପ୍ରଭାତର । ଅମ୍ଭେମାନେ ତାଙ୍କ
ସେବା କରି ଯାଇଥିଲୁଁ । ନିଦ୍ରାରେ ଶୋଇଥିଲେ ସେ ତାହାଙ୍କୁ
ଦେଖିଲୁଁ । ଦିନ ଅସି ଦୁଇଘଡ଼ି ପର୍ଯ୍ୟନ୍ତ ହେଲାଣି । ତୁମ୍ଭ
ସ୍ୱାମୀଙ୍କର ନିଦ୍ରା ଭାଙ୍ଗି ନାହିଁ ପୁଣି । ଅମ୍ଭେମାନେ ଡାକ ତାଙ୍କ
ନିଦ୍ରା ଭଙ୍ଗାଇଲୁଁ । ଉଠ ଉଠ ବୋଲିକରି ଯେମନ୍ତେ କହିଲୁଁ ।
ସେ ବୋଇଲେ କି କଲି କି କଲି ଦାସୀମାନେ । ଅହା କି

କୌତୁକ ସ୍ୱପ୍ନ ଦେଖିଲି ଏକ୍ଷଣେ । ଅମ୍ଭେମାନେ ପଚାରିଲୁଁ କି ସ୍ୱପ୍ନ ଦେଖିଲି । ସେ ବୋଇଲେ ଦେଖିବା ମୋ ସ୍ୱପ୍ନ ଅଧା କଲି । ଏହା କହି ସ୍ୱପନର ସବୁ ସମାଚାର । ଆମ୍ଭଙ୍କୁ କହିଲେ ଏବେ ଶୁଣ ହୋଇ ସ୍ଥିର । ଏମନ୍ତ କହିଣ ସ୍ୱପ୍ନ ଘଟଣା କହିଲେ । ବିହଙ୍ଗମଙ୍କ ମୁଖରୁ ସେ ଯାହା ଶୁଣିଥିଲେ । କମଳିନୀ ଦାସୀଙ୍କର ମୁଖରୁ ଶୁଣିଣ । ମନ ମଧ୍ୟେ ବିଚାର ସେ କଲା ତତକ୍ଷଣ । ଭାବିଲା କେଉଁ ଦେବତା ଅଟନ୍ତି ମୋ ବର । ଜାଣି ପାରୁଛନ୍ତି ମୋର ଘଟଣା ସକଳ । ତାହାଙ୍କ ଦର୍ଶନ କରିବାକୁ ବଳେ ମନ । କିନ୍ତୁ ଯାଇ ନ ପାରିବି ଏବେ କେଉଁ ଦିନ । ଦେଖିଲେ ବିଟପୀ ବୋଲି ଆଗନ୍ତୁ କହିବେ । ମୋତେ ଲଜ୍ଜା ହେବ ସମସ୍ତଙ୍କ ମଧ୍ୟେ ତେବେ । ଏମନ୍ତ କଥା ମନରେ ପାଞ୍ଚି କମଳିନୀ । ଦାସୀମାନଙ୍କୁ ସେ ଚାହିଁ ବୋଇଲା ସେକ୍ଷଣି । ଅଗୋ ଦାସୀଗଣେ ଶୁଣ ବଚନ ମୋହର । ତାଙ୍କୁ ଜଣାଇବ ଯାଇଁ ମୋର ନମସ୍କାର । ବହୁତ ବିନମ୍ର ହୋଇ କହୁଅଛୁ ବୋଲି । ସ୍ୱାମୀଙ୍କ ଆଗେ କହିବ ତୁମ୍ଭେ ମନ ଖୋଲି । ତାଙ୍କ ପାଦେ ବିନମ୍ର ମୁଁ ହେଉଛୁ ନିରତେ । ଏହି କଥା ଜଣାଇବ ସ୍ୱାମୀଙ୍କ ଅଗ୍ରତେ । ବ୍ରତ ପୂର୍ଣ୍ଣ ହେଲେ ଯାଇଁ କରିବି ଦର୍ଶନ । ଯେପରି ସତୀ ମୋହର ରକ୍ଷା ହେବ ଜାଣ । ତାହା ପରେ ତାଙ୍କ ଶ୍ରୀଚରଣ ମୁଁ ଦେଖିବି । ସକଳ ପାତକ ମୋର ସେ ଦିନ ନାଶିବି । ସେ ବିଟପୀ ନାରୀ କମଳିନୀ କପଟରେ । ଏ କଥା କହିଲା ଦାସୀମାନଙ୍କ ଅଗରେ । ମନ ଦୃଢ଼ ଭାବେ ଗଲା ଗୃହକୁ ତାହାର । ଶୟନ କରିଲା ଯାଇଁ ପଲଙ୍କ ଉପର । ଲକ୍ଷ୍ମୀଧର କହନ୍ତି ଏ ବିଟପୀ ଯୁବତୀ । କେତେବେଳେ ଦୟା ନ କରିବ ଯାଙ୍କ ପ୍ରତି ।

# ତୃତୀୟ ରାତ୍ରିର କଥା

ଏବେ ଶୁଣ ମୃଗଲୋଚନେ ସ୍ଥିର କରି ମତି । ତୃତୀୟ ରାତ୍ରି ଘଟଣା କହିବା ସଂପ୍ରତି ॥ ଦିବସ ଯାଇଣ ସନ୍ଧ୍ୟାକାଳ ପ୍ରବେଶିଲା । କମଳିନୀ ତାର ସନ୍ଧ୍ୟାକୃତ୍ୟ ଯେ ସାରିଲା ॥ କଥୋପକଥନ ହେଲା ଦାସୀଙ୍କ ସଙ୍ଗରେ । କହୁଁ କହୁଁ ରଜନୀ ଯେ ହୋଇଲା ପ୍ରହରେ ॥ ବିଦାୟ କରିଣ ଦେଲା ଦାସୀଙ୍କୁ ବହନ । ଶୟନ ଗୃହକୁ ନିଜେ କରିଲା ଗମନ ॥ ନାନା ଖାଦ୍ୟପେୟ ଦ୍ରବ୍ୟ ଅତି ସମ୍ପାଦିଲା । କୁସୁମର ମାଳା ଏକ ଗୁନ୍ଥିଣ ରଖିଲା ॥ ତାମ୍ବୂଳ ଭାଙ୍ଗିଲା ଅତି ସୁରଙ୍ଗ କରିଣ । ସୁବାସ ଜଳ ରଖିଲା ଭାଣ୍ଡେ କରି ପୂର୍ଣ୍ଣ ॥ ଏହିପରି ସବୁ ଦ୍ରବ୍ୟ ପୂର୍ବ ପରକାରେ । ସଜାଡ଼ି ରଖିଣ ଆସି ବସିଲା ଦୁଆରେ ॥ ଚିତ୍ରରଥ ଆସିବାକୁ ଅପେକ୍ଷା କରିଲା । ଛନ ଛନ ମନ ହୋଇ ଶୂନ୍ୟକୁ ଚାହିଁଲା ॥ କିଛିକାଳ ନୋହୁଁ ତାର ହୋଇଲା ଜରୁର । ଆକାଶ ମାର୍ଗକୁ ବାଳା ଚାହେଁ ବାରମ୍ବାର ॥ ଭାବିଲା କାହିଁକି ଆଜି ବିଳମ୍ବ କରିଲେ । ମୋତେ ଭୁଲିଯାଇ କାହା ସଙ୍ଗରେ ମଜ୍ଜିଲେ ॥ ଚିତ୍ରରଥ ଗନ୍ଧର୍ବ ଯେ ଏହି ସମୟରେ । ପ୍ରବେଶ ହୋଇଲା ଆସି କମଳିନୀ ଦ୍ୱାରେ ॥ ଦେଖିଲା କମଳିନୀ ଯେ କରି ଅଭିମାନ । ଦ୍ୱାରେ ବସିଛି ତଳକୁ କରିଣ ବଦନ ॥ ଚିତ୍ରରଥ ବୋଲେ କାହିଁ ଦୁଃଖିତ ମନରେ । ବସିଅଛ ପ୍ରିୟେ ତୁମ୍ଭେ କେଉଁ କାରଣରେ ॥ ଆସିବାକୁ ଆଜି ଅଳ୍ପ ବିଳମ୍ବ ହୋଇଲା । ସ୍ୱର୍ଗପୁରେ କିଛି କାର୍ଯ୍ୟମାନ ରହିଥିଲା ॥ ଆଉ ଏପରି ବିଳମ୍ବ କରିବି ଯେ ନାହିଁ । ଆସ ଆସ ପଲ୍ୟଙ୍କକୁ ଏବେ ପ୍ରାଣସହି ॥ ଏ ପ୍ରକାରେ ନାନା ମିଠାବାକ୍ୟ କହି ପୁଣି । ହସ୍ତ ଧରି ପଲ୍ୟଙ୍କକୁ ନେଲା ବେଗେ ଟାଣି ॥ କମଳିନୀ ମନ ତହୁଁ ଶାନ୍ତ ଯେ ହୋଇଲା । ପଲ୍ୟଙ୍କର ପାଶେ ଦୀପାବଳୀ ଲଗାଇଲା ॥ କମଳିନୀ ବୋଲେ ଚିତ୍ରରଥକୁ ଚାହିଁଣ । ଆଶ୍ଚର୍ଯ୍ୟର କଥା ପ୍ରାଣନାଥ ଏବେ ଶୁଣ ॥ ପିତା ଭାଗ୍ୟ

କରିଛନ୍ତି ଯା ସଙ୍ଗରେ ମୋତେ । ଦେବତା ବୋଲଣ ତାଙ୍କୁ ଯାଉଛି ମୁଁ ପ୍ରତେ ॥ ପ୍ରତି ରାତ୍ରେ ଯେ ଘଟଣା ହେଉଅଛି ଅମ୍ଭର । ତାହାଙ୍କୁ କପଟର ସବୁ ହେଉଅଛି ଗୋଚର ॥ ମନୁଷ୍ୟ ନୁହଇ ସେହୁ କଦାପି, ଜାଣିଲି । ଦାସୀଙ୍କ ମୁଖରୁ ସବୁ କଥା ମୁଁ ଶୁଣିଲି ॥ ଦାସୀଙ୍କି କହିଲେ କାଲି ରାତି ସମାଗ୍ରୂର । ଦାସୀଏ କହିଲେ ଅସି ଅଟଇ ମୋହର ॥ ଏଠାରେ ତ ଦାସୀମାନେ କେହି ନ ରହନ୍ତି । କଦାପି ହୋଇଣ ଯେଝା ଗୃହକୁ ଚଳନ୍ତି ॥ ତୁମ୍ଭ ଅମ୍ଭ ପ୍ରୀତି କଥା ଗୁପତ ଅଟଇ । କେମନ୍ତ ପ୍ରକାରେ ସବୁ ଜାଣୁଛନ୍ତି ସେହି ॥ ଚନ୍ଦ୍ରରଥ ବୋଲେ ପ୍ରିୟେ ମୋର କଥା ଶୁଣ । କାଲି ଅସି ତଥ୍ୟ-କଥା କହିବ ପ୍ରମାଣ ॥ ଇନ୍ଦ୍ରଙ୍କ ସଭାକୁ ମୁହିଁ ପ୍ରତିଦିନ ଯାଏ । ସବୁ ଦେବେ ଥାନ୍ତି ତହିଁ ମୁହିଁ ଗୀତ ଗାଏ ॥ କେଉଁ ଦେବ ଯେବେ ମାୟା କରି ଅସିଥିବ । କ୍ଷଣକ ମଧ୍ୟରେ କଥା ସବୁ ଜାଣି ହେବ ॥ ଅଗୋ ପ୍ରିୟେ ମନରୁ ସେ ଗ୍ଲାନି ଫିଙ୍ଗିଦିଅ । ନିଅ ଏ କୋଳି ଅଣିଛି ଦେବାକୁ ତୁମ୍ଭଙ୍କୁ ॥ ଏ ଅପୂର୍ବ ଫଳ ମର୍ତ୍ତ୍ୟ ଭୁବନରେ ନାହିଁ । ଇନ୍ଦ୍ରଙ୍କ ନନ୍ଦନବନୁ ଅଣିଛି ଯେ ମୁହିଁ ॥ ଯାର ନାମ ରାଜକନ୍ଦ କୋଳି ବୋଲି ଜାଣ । ଅନ୍ୟ କାହିଁ ନ ମିଳିବ କହିଲି ପ୍ରମାଣ ॥ ଏହା କହି ଦେଲା ବେଗେ ଚାରିଗୋଟି କୋଳି । ଦେଖି କାମିନୀ ତାକୁ ମନେ ମନେ ଭାଳି ॥ ମନରେ ଅତି ଅନନ୍ଦ ସେହୁ ଯେ ହୋଇଲା । ସେ ଚାରି କୋଳି ମଧ୍ୟରୁ ଗୋଟିଏ ଖାଇଲା ॥ ଚନ୍ଦ୍ରରଥକୁ କହିଲା ହରଷ ମନରେ । ଏ କୋଳି ଅମୃତ ପ୍ରାୟ ଲାଗୁଅଛି ଭଲେ ॥ ସାକ୍ଷାତେ ଅମୃତ ସମ ଏହୁ ଯେ ଅଟଇ । ପ୍ରଶଂସା କରଣ ଗନ୍ଧର୍ବଙ୍କୁ ସେ ବୋଲଇ ॥ ବାକୀ ତିନିଗୋଟି କୋଳି ଯତନେ ରଖିଲା । ଚନ୍ଦ୍ରରଥକୁ ଧରଣ ଅଲିଙ୍ଗନ କଲା ॥ ପଲଙ୍କ ଉପରେ ତହିଁ ବସିଣ ନିକର । ତହିଁ ଉତ୍ତାରସେ ଦୁହେଁ ମଜ୍ଜିଲେ ସତ୍ୱର ॥ ତାଳ ବେତାଳେ ଏ କଥା ରହି

ଦେଖୁଥିଲେ । ରାତ୍ର ପାହିବା ବେଳକୁ ତହୁଁ ଗୁଲିଗଲେ ।
ବିକ୍ରମଙ୍କ ଆଗେ ଯାଇଁ କହିଲେ ସକଳ । ଶୁଣିଣ ବିକ୍ରମ ତାଙ୍କୁ
ବୋଇଲେ ସତ୍ୱର । ତୁମ୍ଭେମାନେ ଏବେ ଯାଇଁ ନନ୍ଦନ
କାନନେ । ବତିଶ କାହାଣ କୋଳ ଆଣି ସୁଯତନେ । ଏହା ଶୁଣି
ତାଳ ବେତାଳ ଯେ ଗଲେ ଚଳି । ସେଠାରୁ ଆଣିଲେ ବତିଶ
କାହାଣ କୋଳ । ବିକ୍ରମଙ୍କ ପାଶେ ତାହା ଦେଇଣ ବହନ ।
ସେଠାରୁ ବିଦାୟ ହୋଇ ଗଲେ ସେହୁ ପୁଣ । ବିକ୍ରମ ନରେଶ
ତହୁଁ କରିଲେ ଶୟନ । ପ୍ରଭାତ ହୋଇବାରେ ଅସ୍ତ ହେଲ ଚନ୍ଦ୍ରବଦନ ।
ଦାସୀମାନେ ସେବା କରିବାକୁ ଯେ ଅସିଲେ । ଉଠି ନାହାନ୍ତି
ବିକ୍ରମ ଶୟନ୍ତୁ ଦେଖିଲେ । ଉଠ ଉଠ ବୋଲି ଦାସୀ ଡାକନ୍ତେ
ଉଇତରେ । ନିଦ୍ରା ଭାଙ୍ଗି ବିକ୍ରମ ଯେ ବସି ଶଯ୍ୟାପରେ । କହିଲେ
କି କଲ ଦାସୀ ନିଦ୍ରା ଭାଙ୍ଗିଦେଲ । ଅନିଦ୍ରାରେ ଘାର ହୁଏ
ନୟନ ମୋହର । ସ୍ୱର୍ଗପୁରୁ ଇନ୍ଦ୍ରରାଜା ଦେବତାଙ୍କୁ ଘେନି ।
କାଲି ରାତ୍ରରେ ମୋ ପାଶେ ଆସିଥିଲେ ପୁଣି । ବହୁ ବେଳଯାଏ
ସେହୁ କଥାବାର୍ତ୍ତା ହେଲେ । ରାଜକନ୍ଦ କୋଳମାନ ଆଣି ସେହୁ
ଦେଲେ । ସ୍ୱର୍ଗପୁର ବିନା ଏହା କାହିଁ ନ ମିଳଇ । ଏହୁ ଦେଖ
କୋଳ ସବୁ ରହିଛୁ ଏଠାଇଁ । ଏହାପର କେତେଥର ଏ କୋଳ
ଦେଲେଣି । ବହୁତ ଖାଇଣ ମୁହିଁ ତୃପ୍ତି ଯେ ହେଲିଣି । ଏ ସବୁ
କୋଳକୁ ଏବେ ତୁମ୍ଭେ ଘେନିଯାଅ । କମଳାଙ୍ଗୀ ନିକଟରେ ବେଗେ
ନେଇ ଦିଅ । ବତିଶ କାହାଣ କୋଳ ଅଛୁ ଏ ପ୍ରମାଣ ।
ତୁମ୍ଭେମାନେ ଖାଅ ବାଣ୍ଟି ଏଥିଁ ଦ୍ୱିକାହାଣ । ବାକୀ ତିରିଶ
କାହାଣ କୋଳ ତାକୁ ଦେଇ । ଏହି କଥାମାନ ସବୁ କହିବ
ବୁଝାଇ । ବିକ୍ରମଙ୍କ ମୁଖୁଁ ଏହା ଦାସୀମାନେ ଶୁଣି । ଆଗେ
ଦ୍ୱିକାହାଣ କୋଳ ବାଣ୍ଟିନେଲେ ପୁଣି । ବାକୀ ସବୁ କୋଳଯାକ
ଘେନି ଚଳିଗଲେ । କମଳାଙ୍ଗୀ ଆଗେ ନେଇ ଯତନେ ରଖିଲେ ।

ଦେଖି କମଳିନୀ ଅତି ଅସ୍ତୁର୍ଣ୍ଣ ହୋଇଣ । ଦାସୀଙ୍କି ପୃଚ୍ଛା କଲେ ସେ ପୁଣି ବଚନ ॥ କେଉଁଠାରୁ ତୁମ୍ଭେ ଏହି କୋଳି ଯେ ଆଣିଲ ॥ ଦାସୀଏ ବୋଇଲେ ମନେ ସନ୍ଦେହ ନ କର ॥ ତୁମ୍ଭ ସ୍ୱାମୀ ତୁମ୍ଭ ପାଇଁ ଦେଇଛନ୍ତି ଜାଣ । କାଲି ରଜନୀରେ ଆସି ସ୍ୱର୍ଗର ରାଜନ ॥ ସ୍ୱୟଂ ଇନ୍ଦ୍ରରାଜା ଦେବତାଙ୍କୁ ସଙ୍ଗେ ଘେନି । ତୁମ୍ଭ ସ୍ୱାମୀ ପାଶେ କାଲି ଆସିଥିଲେ ପୁଣି ॥ ସେହି ଏହୁ କୋଳି ଆଣି ତାଙ୍କୁ ଦେଇ ଥିଲେ । ତୁମ୍ଭପାଇଁ ଆମ୍ଭ ହସ୍ତେ ସେହୁ ପଠାଇଲେ ॥ ବହୁତ ଥର ଏ କୋଳି ଇନ୍ଦ୍ର ତାଙ୍କୁ ଦ୍ୟନ୍ତି । ଖାଇ ଖାଇ ତାଙ୍କ ମନ ହୋଇଛି ଯେ ତୃପ୍ତି ॥ ଏହା ଶୁଣି କମଳିନୀ ଆନନ୍ଦ ହୋଇଲା । କେଡ଼େ ଗୁହନ୍ତ ମୋ ସ୍ୱାମୀ ବୋଲିଣ ଭାବିଲା ॥ ଯାହାଙ୍କୁ ଇନ୍ଦ୍ର ଆସିଣ କରେ ଦରଶନ । ତାହାଙ୍କୁ ବୋଲିବ କିଏ ମନୁଷ୍ୟ ବୋଲିଣ ॥ ସାକ୍ଷାତେ ଦେବଙ୍କ ମଧ୍ୟେ ଅଟନ୍ତି ଅଗ୍ରଣୀ । ଏମନ୍ତ ସ୍ୱାମୀ ନିକଟେ ଥାଉଁ ଥାଉଁ ପୁଣି ॥ ସାମାନ୍ୟ ଗନ୍ଧର୍ବ ସଙ୍ଗେ ପୀରତି ମୁଁ କଲି । ପଥ ଛାଡ଼ି ଅମଡ଼ାରେ ମୁହିଁ ଯେ ଗମିଲି ॥ ଏମନ୍ତେ ଆପଣଙ୍କୁ ସେ ଧନ୍ୟ ଧନ୍ୟ କଲା । ଏବେ ଯାଇଁ ତାଙ୍କ ପାଦ ସେବିବି ବୋଇଲା ॥ ଦାସୀମାନେ ବାଣ୍ଟି ନେଇଥିବା କୋଳିମାନ । ଖାଇଣ ଅତି ଆନନ୍ଦ କଲେ ତାଙ୍କ ମନ ॥ ବୋଇଲେ ଏ କୋଳି ଅତି ମଧୁର ଅଟଇ । କମଳିନୀ ତୋଷ ହେଲା କେତେ କୋଳି ଖାଇ ॥ ମନରେ ଭାବିଲା କିପାଁ ଚିତ୍ରରଥ ସଙ୍ଗେ । ଭାବ ବଢ଼ାଇଲି ପ୍ରେମ କରି ନାନା ରଙ୍ଗେ ॥ ଅକାରଣେ ଏ ଦେହକୁ କଲି ଅପବିତ୍ର । କି ହେବ ଭାବିଲେ ଆଉ ବଢ଼ିବ ଏ କୃତ୍ୟ ॥ ଏହିପରି ଭାବୁ ଭାବୁ ମନରେ ତାହାର । ପଶ୍ଚିମ ଦିଗରେ ଅସ୍ତ ହେଲେ ଦିନକର ॥ ସନ୍ଧ୍ୟାକାଳ ପ୍ରବେଶ ହୋଇଲା ଆସି ତହିଁ । ଦାସୀଙ୍କ ସଙ୍ଗରେ ନାନା କଥା ବାର୍ତ୍ତା ହୋଇ ॥ ବସୁ ବସୁ ରାତି ଆସି ପ୍ରହରେ ହୋଇଲା । ଦାସୀଙ୍କି କମଳିନୀ ଯେ ବିଦା କରିଦେଲା ॥ ଶୟନ

ମନ୍ଦରେ କମଳିନୀ ଏକା ହୋଇ । ବସିଣ ଭାବୁଛୁ ମନେ ମୁଦ୍ରେ ହାତ ଦେଇ ॥ ଏ ସମୟେ ଚନ୍ଦ୍ରରଥ ଅସି ପ୍ରବେଶିଲା । ବିରସ ମନେ ବସିଛୁ କନ୍ୟାକୁ ଦେଖିଲା ॥ ଶ୍ରୀକାନ୍ତ କୋଳମାନ ବହୁତ ଥୋଇଣ । ଦ୍ୱାରକନ୍ଧ ପାଖେ ଜମା ହୋଇଛୁ ପ୍ରମାଣ ॥ ଦେଖିଣ ଆଶ୍ଚର୍ଯ୍ୟ ହୋଇ ଗନ୍ଧର୍ବ ଭାବିଲା । ଏ କୋଳ ଏତେ ଏଠାକୁ କେମନ୍ତେ ଆସିଲା ॥ କାହିଁକି ବିରସ ମନେ ବସିଅଛ ବୋଲି । ବିନୟ ହୋଇଣ ଚନ୍ଦ୍ରରଥ ଯେ ପଚାରି ॥ କମଳିନୀ ବୋଇଲା ହେ ଶୁଣ ପ୍ରାଣଧନ । ବାଇହେବା ସ୍ୱାମୀ ମୋର ଛନ୍ଦ ପଠାଇଣ ॥ ତାହାଙ୍କୁ କାଲି ରାତରେ ନିକେ ଇନ୍ଦ୍ର ଦେବ । ଦର୍ଶନ ନିମନ୍ତେ ଅସି ଦେଲେ ଏହା ସବ ॥ ଦାସୀଙ୍କ ହସ୍ତରେ ସେହୁ ଛନ୍ଦ ପଠିଅଛ । ଜାଣୁଛୁ ସେ କେଉଁ ଦେବ ଅସିଛନ୍ତି ରହ ॥ ଏ କୋଳି କଥାରେ ମୁହିଁ ବିସ୍ମୟ ହୋଇଣ । ତୁମ୍ଭଙ୍କୁ ମନମଧ୍ୟରେ ଭାବୁଥିଲି ଜାଣ ॥ ଦଇବେ ତୁମ୍ଭେ ଅସିଣ ହୋଇଲ ପ୍ରବେଶ । ଚନ୍ଦ୍ରରଥ ବୋଲେ ତୁହ ଶୁଣରେ ନାରୀଶ ॥ ଏହି କଥା ଅସମ୍ଭବ ଲାଗୁଅଛୁ ମୋତେ । କାଲି ବୁଝି ଅସି ମୁହିଁ କହିବି ଯେ ତୋତେ ॥ ଏତେ କହି କନ୍ୟାକୁ ସେ ପ୍ରବୋଧ କରିଲା । ରତିରସେ ଦୁହିଙ୍କର ଚିତ୍ତ ଏକ ହେଲା ॥ ନାନାରସେ ମାତିଲେ ସେ ପଲଙ୍କ ଉପରେ । ରାତି ପାହିବାକୁ ଅଛି ଅଛୁ ଯେ ପ୍ରହରେ ॥ ଏହା ଦେଖି ତାଳ ବେତାଳ ଯେ ଉଠି ଗଲେ । ଗନ୍ଧମାଦନ ପର୍ବତେ ପ୍ରବେଶ ହୋଇଲେ ॥ ନାରଦ ରୂପ ହୋଇଲା ସେଠାରେ ବେତାଳ ॥ ତାଳ ତା ସଙ୍ଗେ ଅଦୃଶ୍ୟ ରହିଲା କେବଳ ॥ ଚନ୍ଦ୍ରରଥ ନାରୀ ପାଶେ ଯାଇଁ ପ୍ରବେଶିଲେ । ନାରଦଙ୍କୁ ଦେଖି ତାର ନାରୀ ଉଠିଲେ ॥ ପାଦ ଧୋଇଦେଇ ଦିବ୍ୟାସନେ ବସାଇଲା । ଶନିରେ କାହିଁକି ଏଥେଁ ଅସିଲ ବୋଇଲା ॥ ମାୟା ନାରଦ ବୋଇଲେ ଶୁଣ ଗୋ ରମଣୀ । ତୋତେ ପ୍ରମାଦ ପଡ଼ିବା କଥା

ଅଗୁ ଜାଣି । ଏ ସ୍ଥାନକୁ ଅସିଲି ମୁଁ ଜଣାଇବା ପାଇଁ । ମତ୍ତିଏପୁରେ ଭ୍ରମଣକୁ ଯାଇଥିଲି ମୁହିଁ । କେଳି ନାମେ ନରପତି କଙ୍କାଳ ରାଜ୍ୟରେ । କମଳିନୀ ନାମେ କନ୍ୟା ଅଛି ତାର ଘରେ । ତା ସଙ୍ଗରେ ତୁମ୍ଭ ସ୍ୱାମୀ ଚନ୍ଦ୍ରରଥ ଯାଇଁ । ଗୁପତ ପୀରତି କରେ ପ୍ରତିଦିନ ସେହି । ଅଜ ତାକୁ ମୁହିଁ ଦେଖି ଅସିଲି ସେଠାରେ । ଗନ୍ଧର୍ବ ହୋଇଣ ପ୍ରୀତି ମାନବୀ ସଙ୍ଗରେ । ଏପରି କଥା ମୁଁ କାହିଁ କର୍ଣ୍ଣେ ନ ଶୁଣଇ । ଅଜ ସ୍ୱଚକ୍ଷୁରେ ଦେଖି ଆଶ୍ଚର୍ଯ୍ୟ ମଣଇ । ଏ କଥା ଯଦ୍ୟପି ଇନ୍ଦ୍ର ନୃପତି ଶୁଣିବ । ଉଚିତ ପ୍ରକାରେ ପ୍ରତିଫଳ ଯେ ମିଳିବ । ଅଗରୁ ଅସି ମୁଁ ତୋତେ କଲି ସାବଧାନ । ଯାଉଛି ରହିବା ଅଉ ନାହିଁ ପ୍ରୟୋଜନ । ଚନ୍ଦ୍ରରଥ ନାରୀ ଦେଖେ ଅଲୁଅ ଲଗାଇ । ଶୋଇବା ଶେଯ ଉପରେ ସ୍ୱାମୀ ତାର ନାହିଁ । ମାୟା ନାରଦଙ୍କ କଥା ସତ ସେ ମଣିଲା । କବାଟ କିଳିଣ ପଲଙ୍କରେ ସେ ଶୋଇଲା । ଖେଦ ଉପୁଜିଲା ଟହିଁ ତାହାର ମନରେ । ଅଉ ନିଦ ନ ହୋଇଲା ତାକୁ ଶଯ୍ୟାପରେ । ଏ ପାଖ ସେ ପାଖ ବାଲି ହେଉଅଛି ତହିଁ । ଅଉ ଦୁଇଘଡ଼ି ଗଲେ ରାତି ଯିବ ପାହି । ସ୍ୱାମୀ ପରେ ବହୁ ରାଗ ହୋଇଛି ନାରୀଙ୍କ । ମୋ ସଙ୍ଗ ଛାଡ଼ିଯାଇଛି ମାନବୀର ପାଶ । ଅସୁ ଅଜ ତା ରସିକପଣ ଛଡ଼ାଇବ । ଫିଠିରେ କାଏ ପଡ଼ିବ ଅଜ ତା ଦେଖିବ । ଏତେ ଭାବି ରମଣୀ ଯେ ପଡ଼ିଛି ଗାଳେଇ । କମଳିନୀ ପୁରୁଁ ଏଣେ ଚନ୍ଦ୍ରରଥ ଯାଇଁ । ତରତର ହୋଇ ନିଜ ଭୁବନେ ଚଳିଲା । କବାଟ ଫିଠାଅ ବୋଲି ଉଚ୍ଚରେ ଡାକିଲା । ଭାବିଲା ରମଣୀ ମୋର ଅଜ ତ ଜାଣିଲା । ପଦାକୁ ଅସି କବାଟ କିଳି ଦେଇଗଲା । ଡାକ ଡାକ ଶୁଣୁ ନାହିଁ ତେଣୁ କୋପ ବହୁ । ଯା କହିଲେ କହୁ ପଛେ ମୁଁ ଶୁଣିବି ନାହିଁ । ପୁଣି ବଡ଼ ପାଟିକରି ଗନ୍ଧର୍ବ ଡାକିଲା । ଅତି କଷ୍ଟେ ତା ରମଣୀ ଦ୍ୱାର ଫିଟାଇଲା । ଅଲୁଅ ଲଗାଇ ଦେଖେ

ଦେହକୁ ତାହାର । ସର୍ବାଙ୍ଗ ପୀଡ଼ିତ ଗନ୍ଧେ ତାମ୍ବୁଲର ବୋଳ ॥ ବସ୍ତ୍ରରେ ଦାଗ ଲାଗିଛି ଅନେକ ପ୍ରକାର । ଅର୍ଦ୍ଧେକ ବସନ ଓଦା ହୋଇ ଜରଜର ॥ କପଟୀ ନାରଦଙ୍କର ବାକ୍ୟ ସତ୍ୟ ମଣି । ବୋଇଲା କେଣିକି ରାତେ ଯାଇଥିଲୁ ପୁଣି ॥ ପ୍ରତର୍ଦ୍ଦନ ରାଜେ କାହା ପାଶକୁ ଯାଉଛୁ । ଗନ୍ଧର୍ବ ଜାତି ମର୍ଯ୍ୟାଦା ତୁହି ହରାଉଛୁ ॥ ମାନବୀ ସଙ୍ଗରେ ପ୍ରୀତି କରିବା ନିମନ୍ତେ । ପ୍ରତର୍ଦ୍ଦନ ଯାଇ ଅଛୁଅଛୁ ତୁ ଗୁପତେ ॥ ଏଣିକି ମୋ ଅଙ୍ଗ ଆଉ ନ ଛୁଅଁରେ ତୁହି । ଯାଅ ସେ ମାନବୀ ସଙ୍ଗେ ରହିବୁ ସେଠାଇଁ ॥ ଚିତ୍ରରଥ ବୋଇଲେ ମୃଗୟା ନିମନ୍ତରେ । ବାହାରକୁ ଯାଇଥିଲି ମୁହିଁ ଏ ରାତିରେ ॥ ଅସ୍ତ ଅସ୍ତୁ କବାଟକୁ କିଲି ଦେଇଗଲ । ମୋ ଡାକକୁ କେତେବେଳେ ତୁମ୍ଭେ ନ ଶୁଣିଲ ॥ ଶୁଣି ଚିତ୍ରରଥ ନାରୀ କୋପେ ପରଜ୍ୱଳି । ସ୍ୱାମୀଙ୍କୁ ନାନାପ୍ରକାରେ ଦେଲା ସେତୁ ଗାଳି ॥ ଗ୍ଲାଞ୍ଜିରେ ପ୍ରହାର ସେ କଲା ଅପାର । ଧକ୍କା ଦେଇ ଗୃହରୁ କରିଦେଲା ବାହାର ॥ ଚିତ୍ରରଥର ସର୍ବାଙ୍ଗ ରକ୍ତେ ଜରଜର । ଗୋଡ଼ ହାତ ଖଣ୍ଡିଆ ଯେ ହୋଇଲା ଅବର ॥ ପିଠି ଫୁଲିଗଲା ପୀଡ଼ା ହୋଇଲା ଯେ ପୁଣି । ନାରୀର ଗୋଡ଼କୁ ସେତୁ ଧରି କହେ ବାଣୀ ॥ ଦୋଷ କ୍ଷମା କର ଆଉ ଯିବି ନାହିଁ ତହିଁ । ଏମନ୍ତରୂପେ ହୋଇଣ ସେ ବହୁତ ବିନୟୀ । କହିବାରୁ ନାରୀ ମନ ଅଳ୍ପେ ଶାନ୍ତ ହେଲା । ବହୁକଷ୍ଟେ ଚିତ୍ରରଥ ଭିତରକୁ ଗଲା ॥ ଚିତ୍ରରଥ ପାଇଲା ପ୍ରବଳ ଅପମାନ । ତାଳ ବେତାଳେ ଦେଖିଣ ଏ ଘଟଣାମାନ ॥ ବିକ୍ରମଙ୍କ ଆଗେ ଯାଇଁ ସକଳ କହିଲେ । ଶୁଣି ବିକ୍ରମ ନୃପତି ହରଷ ହୋଇଲେ ॥ ରାତ୍ର ପାହିବାକୁ ଦୁଇଦଣ୍ଡ ମାତ୍ର ଥିଲା । ବିକ୍ରମଙ୍କୁ ନିଦ୍ରା ଆସି ଆକର୍ଷଣ କଲା ॥ ନିଶ୍ଚିନ୍ତ ଭାବେ ବିକ୍ରମ ନୃପତି ଶୋଇଲେ । ବୁଦ୍ଧିବଳେ ସବୁ ଜଣା ଲକ୍ଷ୍ମୀଧର ବୋଲେ ।

ପ୍ରଗତି ଉତ୍କଳ ସଂଘ, ରାଉରକେଲା
ପାଠାଗାର

# ଚତୁର୍ଥ ରାତ୍ରିର କଥା

ଶୁଣ ଜନେ ଦେଇ ମନ ଏ ରହସ୍ୟ ବାଣୀ । ବିକ୍ରମ ନରବର ଶେଯେ ଶୋଇଥିଲେ ପୁଣି । ଦିବସ ହୁଅନ୍ତେ ଦାସୀ ଆସିଣ ମିଳିଲେ । ଉଠ ଉଠ ବୋଲି କରି ଉଚ୍ଚରେ ଡାକିଲେ । ଦାସୀଙ୍କର ଡାକ ଶୁଣି ଉଠିଲେ ବିକ୍ରମ । ବୋଇଲେ ସ୍ୱପ୍ନ ଦେଖିଲି କେଡ଼େ ମନୋରମ । ସ୍ୱପ୍ନ ଅଧା ସମୟରେ ନିଦ୍ରା ଭାଙ୍ଗିଦେଲ । ହେଉ ଯାହା ହେଲା ଏବେ ନିତ୍ୟକର୍ମ କର । ଦାସୀମାନେ ବିକ୍ରମଙ୍କୁ ବୋଇଲେ ସତ୍ୱର । ମୁଖ ଧୋଇ କୁହ କିସ ସ୍ୱପ୍ନ ସମାଚାର । ମୁଖ ଧୋଇ ବିକ୍ରମ ଯେ ଦାସୀଙ୍କି କହିଲେ । ସ୍ୱପନ ଦେଖିଲି ମୁହିଁ ଅଦ୍ଭୁତ ପ୍ରକାରେ । କମଳିନୀ ଗୃହେ ରାତ୍ରି ଦ୍ୱିପ୍ରହରକଠାରେ । ଆସିଣ ଚିତ୍ରରଥ ଯେ ପ୍ରବେଶି ସେଠାରେ । ରାଜବନ୍ଧ କୋଳସ୍ତ୍ରୀ ଦେଖି ପ୍ରଥମରେ । ଅଶ୍ଚର୍ଯ୍ୟ ହୋଇଣ କମଳିନୀଙ୍କ ପଶ୍ଚରେ । କନ୍ୟାଠରୁ ସବୁକଥା ବୁଝି ଚିତ୍ରରଥ । କାମେ ଭୋଳ ହୋଇ କମଳିନୀର ସହିତ । ନାନାବନ୍ଧେ ରତିରସେ ମାତିଲା ଗହନେ । ପଲଙ୍କ ପରେ ଶୋଇଲା ସରି ରତିଭାବ । ଚେତନେ ତା ଭାର୍ଯ୍ୟା ଆଗରେ ନାରଦ ମିଳିଲେ । ଚିତ୍ରରଥ ଗୁପ୍ତପ୍ରୀତି କଥା କହିଦେଲେ । ସେ ନାରୀ ଦେଖିଲା ତାର ପଲଙ୍କ ଉପରେ । ସ୍ୱାମୀ ନାହିଁ ଦ୍ୱାର ଖୋଲା ଦେଖିଣ ନେତ୍ରରେ । କବାଟ କିଳିଣ ଯାଇଁ ପଲଙ୍କେ ଶୋଇଲା । କେତେବେଳେ ଚିତ୍ରରଥ ଯାଇଁ ପ୍ରବେଶିଲା । ଦେଖିଲା କବାଟ କିଳା ଶୋଇଅଛି ନାରୀ । କହୁଁତ ଡାକିଲା ସେହୁ ଅତି ଉଚ୍ଚକରି । ବହୁକଷ୍ଟେ ତାର ନାରୀ କବାଟ ଖୋଲିଲା । ଗୁଞ୍ଜୁଣି ଘେନିଣ ବହୁ ମାଡ଼ ସେ ମାରିଲା । ଚିତ୍ରରଥର ସର୍ବାଙ୍ଗ ଦେହୁଁ ଫାଟିଗଲା । ଖଣ୍ଡିଆ ହୋଇଣ ଦେହୁଁ ରକତ ବହିଲା । ଏହିବେଳେ ମୋର ନିଦ ତୁମ୍ଭେ ଭାଙ୍ଗି ଦେଲ । ତେଣିକି ଦେଖିଥାନ୍ତି କି ହେଲା ସମାଚାର । ଦାସୀଗଣେ

ଏହା ଶୁଣି ହସିଲେ ପ୍ରବଳ । ରାଜନମଙ୍କ ସେବାକାର୍ଯ୍ୟ ବଢ଼ାଇ ଚଞ୍ଚଳ ॥ କମଳାମା ପାଶେ ଯାଇଁ ପ୍ରବେଶ ହୋଇଲେ । ରାଜନମଙ୍କ ସ୍ୱପ୍ନ ସମାଗ୍ଭର ଯେ କହିଲେ ॥ ଶୁଣି କମଳାମା ତାଙ୍କୁ କ୍ରୋଧରେ ବୋଇଲା । ସ୍ୱପ୍ନକଥା ସତ କାହିଁ ହୁଏ କି ବୋଇଲା ॥ ଅର୍ଦ୍ଧରେ କେ ଦେଖିଅଛୁ ସେ କଥା କହିବ । ସ୍ୱପନର କଥା କାହିଁ ସତ କା ହୋଇବ । ଦାସୀମାନଙ୍କୁ ସିନା ସେ ଏମନ୍ତ କହିଲା । କିନ୍ତୁ ମନେ ମନେ ଭାର ଗୁଣି ଯେ ହୋଇଲା ॥ ମନରେ ହରଷଭାବ ଭଳେମାନ ନାହିଁ । ଏହିରୂପେ ଦିବସ ଯେ ଗଲା ଶେଷ ହୋଇ ॥ ରଜନୀ ପ୍ରବେଶ ହୋନ୍ତେ ମନ ବିରସରେ । ଦାସୀକି ବିଦାୟ କରି ଦେଇ ଚଞ୍ଚଳରେ ॥ ଶୟନମନ୍ଦିରେ ଯାଇଁ ବସିଲା କାମିନୀ । ଭାବିଲା ମୋ ସ୍ୱାମୀ କେତେ କହନ୍ତି ବଖାଣି ॥ ଏବେ ନିଶ୍ଚେ ମୁହିଁ ଧରା ପଡ଼ିବି ନିଶ୍ଚିତ । ସ୍ୱାମୀଙ୍କି ନ ସେବି ଏବେ ହେଲି ଅନାଶ୍ରିତ ॥ ମନରେ ସେ ଏହିପରି ଭାବୁ ଭାବୁ ପୁଣି । ଚନ୍ଦ୍ରରଥ ଆସି ପ୍ରବେଶିଲା ସେହିକ୍ଷଣି ॥ ବୋଇଲା ଜଳ ଦିଅ ହେ ଚରଣ ଧୋଇବି । କମଳାମା ବୋଇଲେ ଏବେ ଯାଇ ନ ପାରିବି ॥ ନିଜେ ଜଳନେଇ ନିଜ ପାଦ ଧୌତ କର । ଏହା ଶୁଣି ଚନ୍ଦ୍ରରଥ ଆଣି ବେଗେ ଜଳ ॥ ନିଜ ପାଦ ଧୋଇ ଘର ଭିତରକୁ ଗଲା । ଶଯ୍ୟାରେ ବସିଛୁ କମଳାମାକୁ ଦେଖିଲା ॥ ବୋଇଲା ତାହାଙ୍କ ସଖି ସରସ ବଦନେ । ଚାଲକୁ ମୁଖ ଫୋଡଣି ବସିଛ ମଉନେ ॥ ମୁଁ ତ ଜାଣିବାରେ କିଛୁ ଦୋଷ କରି ନାହିଁ । ଦାସଠାରେ ଏ ନିଷ୍ଠୁରପଣ କାହିଁପାଇଁ ॥ କହ କେଉଁ ଦୋଷ ମୁହିଁ କରିଛୁ ରେ ସଖି । ତୋର ଏ ଘଟଣା ଦେଖି ହେଲି ମୁଁ ଜାମିଷି ॥ ଚନ୍ଦ୍ରରଥ ମୁଖୁଁ ଏହା କମଳାମା ଶୁଣି । ମୁଖ ଖୋଲି ତାହାଙ୍କୁ ସେ କହିଲା ଯେ ବାଣୀ ॥ ତୁମ୍ଭ ପ୍ରୀତିକୁ ମୁଁ ଜାଣୁଅଛୁ ଭଲରୂପେ । ଅଜ ସେ କଥାକୁ ନ କରିବାଟି ଉଚିତ ॥ ଏବେଣି ପୀରତି କରିବ ସଙ୍ଗତରେ ମୋର । ଘୃହକୁ ଯାଇଁ ଖାଇବ

ଘୁଷୁଣି ପ୍ରହାର । ଭାର୍ଯ୍ୟା ତୁମ୍ଭର କାହିଁକି ମାଡ଼ ଯେ ପାଇବ ? ଏବେ କଷ୍ଟ ମୋର ପାଇଁ କାହିଁକି ଭୋଗିବ । ଯେଉଁ ଜନ ଦୁଇଅଡ଼େ ସ୍ନେହ ରଖିଥାଇ । କଦାପି ତାହାର ଭଲ ହୋଇ ନ ପାରଇ । ଦୁଇଅଡ଼ ହୋଇବାରୁ ହୁଏ କଲବଲ । ଜାଣିବ ଅଶାନ୍ତ ତାର ଅଟେ ଚିରକାଳ । ନିଜ ନାରୀ ପାଶକୁ ହେ ବେଗେ ଚାଲିଯାଅ । ତା ସଙ୍ଗତେ ପ୍ରୀତିକରି ଦିନକୁ କଟାଅ । ଚନ୍ଦରଥ ବୋଲେ ପ୍ରିୟେ କିପାଁ ଏହା କୁହ । ତୋ ପ୍ରୀତିରେ ବନ୍ଧା ମୁଁ ହୋଇଛି ଅହରହ । ଏପରି ନିରସ କଥା କହୁଛୁ କିପାଇଁ । ସବୁ ଦୋଷ ମୋର ବୋଲି କମଳିନୀ କହି । ଚନ୍ଦରଥ ମନେ ମନେ କରଇ ବିଚାର । ଗତରାତି କଥା ମୋର ଗୃହେ ଯେ ପ୍ରକାର । ସେ କଥା କପଟ ଭାବେ ଜାଣିଅଛି ଏହି । ନୋହିଲେ ଏମନ୍ତ କଥା କହନ୍ତା କିପାଇଁ । ଏ କଥା ଲାଗୁଛି ମୋତେ ବଡ଼ ଅଚମ୍ଭିତ । ମିଛେ କୋପ କରିଣ ଉଠିଲା ଚନ୍ଦରଥ । ବୋଇଲା ମିଥ୍ୟାରେ ମୋତେ ବାନ୍ଧ ପକାଇଲୁ । ସବୁ ମିଛକଥା ଯାହା ଯାହା ତୁ ବୋଇଲୁ । ଏହା ଶୁଣି କମଳିନୀ କହେ କୋପ ହୋଇ । ମୋ ଆଗେ ଚତୁର କଥା ନ କହ ରେ ତୁହି । ଭାରିଯା ହାତରୁ ମାଡ଼ ଖାଇଛୁ ଅପାର । ପିଠି ଫାଟିଗଲା ଖାଇ ଘୁଷୁଣି ପ୍ରହାର । ରକତରେ ଜରଜର ହୋଇଲା ଶରୀର । ମାଡ଼ ଚିହ୍ନ ତୋ ପିଠିରେ ଥିବ ହେତୁ କର । ଲୁଗା କାଢ଼ ଦେହରୁ ମୁଁ ଦେଖିବି ବହନ । କେମନ୍ତେ ସତ କି ମିଛ ଅଟେ ମୋ ବଚନ ॥ ଏହା ଶୁଣି ଚନ୍ଦରଥ ମନେ ଭୟ କଲା । ଦେହରୁ କଦାପି ବସନ ସେ ନ କାଢ଼ିଲା । କମଳିନୀ ନିଜ ହସ୍ତେ ଚନ୍ଦରଥ ଦେହୁଁ । ବସନ ଟାଣି କାଢ଼ିଲା କଥା କହୁଁ କହୁଁ । ଦେଖିଲା ଶରୀର ଫୁଲି କ୍ଷତ ହୋଇଅଛି । ଅଳପେ ଅଳପେ ତହୁଁ ରକତ ବହୁଛି । ଏହା ଦେଖି କମଳିନୀ ଅତି କୋପ ହୋଇ । ବୋଇଲା ମୋ ଆଗେ କିପାଁ ଥିଲୁ ତୁ ଲୁଚାଇ । ଏହା

କହି ନିଜ ହାତେ ଗୁଞ୍ଜୁଣି ଧରିଲା । ଇଚ୍ଛାପତେ ଚିତ୍ରରଥ ଦେହେ ପ୍ରହାରିଲା । ପଡ଼ିଉଠି ଚିତ୍ରରଥ ହୁଅଇ ବିକଳ । ନ ମାର ନ ମାର ସଖି ଧରୁଅଛି ପୟର । ପ୍ରହାର ଘାତ ଅବର ପଡ଼ିବା ଉଠିବା । ତାହା ପରେ ପୁଣି ଯଷ୍ଟି ପ୍ରହାର ଖାଇବା । ଏହି ସବୁ କାରଣରୁ ସର୍ବାଙ୍ଗ ଅଘାତ । ମୁଖରୁ ନାସାରୁ ପୁଣି ବହିଲା ରକତ । ଅଣ୍ଟ ଚଣ୍ଟି ଛୁଡ଼ିଗଲା ପ୍ରବଳ ଭାବରେ । ପୁଣି ଚିତ୍ରରଥ ତାକୁ କହେ ବିନୟରେ । ଅଗୋ ସଖି ଅଜ ମୋତେ ଦଣ୍ଡ ନାଁ ବିଶେଷ । ଯାହା ହେବାର ତ ହେଲା କ୍ଷମ ମୋର ଦୋଷ । ଶୁଣି କମଳିନୀ ଚିତ୍ତେ ଦୟା ଉପୁଜିଲା । ଜଳ ଆଣି ତାର ମୁଖ ନାସା ଧୋଇଦେଲା । ରକତ ପୋଛିଲା ତାର ଶରୀରରୁ ଜାଣ । ପୂର୍ବ ସ୍ନେହ ପ୍ରୀତିଭାବ ଭାବିଣ ସେ ମନ । ସେ ଦିନ ଗନ୍ଧର୍ବ ଏକ ପାରିଜାତ ମାଳା । କମଳିନୀ ପାଇଁ ନିଜ ସଙ୍ଗେ ଆଣିଥିଲା । ତତକ୍ଷଣେ ସେ ପୁଷ୍ପମାଳାକୁ କନ୍ୟାକରେ । ଚିତ୍ରରଥ ଦେଲା ବେଗେ ହରଷ ମନରେ । ପାରିଜାତ ପୁଷ୍ପମାଳା ପାଇ କମଳିନୀ । ମନେ ମନେ ଆନନ୍ଦିତା ହୋଇଲା ସେ ପୁଣି । କ୍ରୋଧ ଶାନ୍ତିକରି ମନ ଉତ୍ତମ କରିଲା । ଚିତ୍ରରଥର ମୁଖରେ ଚୁମ୍ବନ ସେ ଦେଲା । ବଳେ ଧରି କରି ତାକୁ କଲା ଆଲିଙ୍ଗନ । ପଲଙ୍କରେ ଦୁହେଁ ରତି ରସେ ହେଲେ ମଗ୍ନ । ଏହି କଥାମାନ ତାଳ ବେତାଳ ଦେଖିଲେ । ସେ ଗୃହକୁ ଶୂନ୍ୟ ରୂପେ ପଦାକୁ ଆସିଲେ । ତାଳ ହେଲା ଚିତ୍ରରଥ ସ୍ୱରୂପ ବହନ । ବେତାଳ ତାହାକୁ କଲା ସାହାଯ୍ୟ ପ୍ରଦାନ । ଯାଇଁ ପ୍ରବେଶିଲେ ଚିତ୍ରରଥ ଦ୍ୱାର ପାଶେ । କବାଟ ଫିଟାଅ ବୋଲି ଡାକିଲେ ବିଶେଷେ । ସ୍ୱାମୀ ଡାକୁଛନ୍ତି ବୋଲି କବାଟ ଫିଟାଇ । ହସ୍ତ ଧରି ନେଇ ପାଦ ଧୌତ କରିଦେଇ । ପଲଙ୍କ ଉପରକୁ ସେ ଧରି ନେଇଗଲା । କାହିଁ ଏତେବେଳ ଥିଲ ବୋଲିଣ ବୋଇଲା । ମାୟାଚିତ୍ରରଥ ବୋଲେ ଶୁଣରେ ନାରୀଶ । ସୁଧର୍ମା ସଭାରେ ଥିଲି ବାସବଙ୍କ ପାଶ ।

ଅଳ୍ପ ନୃତ୍ୟ ଗୀତ ତହିଁ ବହୁତ ହୋଇଲା । ତେଣୁ ଅସୁ ଅସୁ ଏତେ ବିଳମ୍ବ ଘଟିଲା । ନାନା ମିଷ୍ଟଦ୍ରବ୍ୟ ନାରୀ ଅର୍ପିଣ ବହନ । ବୋଇଲା ଭୋଜନ କର ଅହୋ ପ୍ରାଣଧନ । କପଟୀ ଚନ୍ଦ୍ରରଥ ଯେ ସବୁ ଭୁଞ୍ଜି କରି । ମୁଖ ଧଉତ କରିଲେ ଯେବେ ଶୁଦ୍ଧ ବାରି । ତା ଉତ୍ତାରେ ତାମ୍ବୁଳ ଭୁଞ୍ଜିଣ ବେନିଜନ । କିଞ୍ଚିତ୍ ପ୍ରକାରେ ତହିଁ କରିଲେ ଶୟନ । ଏଥିଣି ଚନ୍ଦ୍ରରଥ ଥିଲା କମଳାକ୍ଷୀ ପୁରେ । ପାଞ୍ଚଘଡ଼ି ରାତି ଥାଉଁ ଗଲା ଘରଭିତରେ । ନିଜ ଦ୍ୱାର ପାଶେ ଯାଇଁ ପ୍ରବେଶ ହୋଇଲା । କବାଟରେ ହାତମାରି ତାହାକୁ ଡେଲିଲା । ଭାବିଲା ପୁଣି ଅଳ୍ପ ତ କଲା କାଲି ପରି । କାଳେ କୋପ ହେବ ଏବେ ଡାକିବି କପରି । ନ ଡାକିଲେ ନ ଚଳୁଛି ବୋଲିଣ ଭାବିଲା । କବାଟ ଫିଟାଅ ବୋଲି ଉଚ୍ଚରେ ଡାକିଲା । ଚନ୍ଦ୍ରରଥ ରୂପ ଧରି ଜାର ଶୋଇଥିଲା । କିଏ ସେ ଡାକୁଛି ବୋଲି ତାହାକୁ କହିଲା । ଚନ୍ଦ୍ରରଥ ଦ୍ୱାରେ ଥାଇ କହଇ ବଚନ । ମୁହିଁ ଚନ୍ଦ୍ରରଥ ଦ୍ୱାର ଖୋଲ ହେ ବହନ । ଶୁଣି ମାୟା ଚନ୍ଦ୍ରରଥ ଗର୍ଜିଣ କହଇ । ମୋର ଘରେ ମୁଁ ଶୋଇଛି ତୁ କିଏସେ ହୋଇ । ମିଛେ ଚନ୍ଦ୍ରରଥ ବୋଲି କରୁଛୁ ପ୍ରକାଶ । ନାରୀକି ବୋଇଲା ତୁହି ଅସତୀ ବିଶେଷ । ମୁଁ ତ ତୋର ସ୍ୱାମୀ ଶୋଇଅଛି ତୋ ପାଶରେ । ଅନ୍ୟ କିଏ ଚନ୍ଦ୍ରରଥ ନାମେ ଡାକେ ଦ୍ୱାରେ । ତାହା ସଙ୍ଗେ ଶଠ ପ୍ରୀତି କରୁଅଛୁ ତୁହି । ଏହୁ କଥାଗୋଟି ଅଳ୍ପ ଜାଣିଲି ଯେ ମୁହିଁ । ତେବେଶେ ବାହାରେ ଥାଇଣ ଚନ୍ଦ୍ରରଥ ବୋଲେ । ମୁହିଁ ତୋର ସ୍ୱାମୀ ଛିଡ଼ା ହୋଇଛି ବାହାରେ । ଲୋ କପଟୀ ନାରୀ ଅଜ ତୋ ମୁଖ ନ ଗୁହିଁ । କାହାକୁ ଯେବେ ପଲଙ୍କେ ତୁହି ଅଛୁ ଶୋଇ । ଶୀଘ୍ର ଫେଡ଼ କବାଟ ଦେଖିବି ଅଛି କିଏ । ଯେତେ ଡାକିଲେ ସେ ନାରୀ ନ ଶୁଣେ କେବେହେଁ । ମନରେ ଭାବେ ମୋ ସ୍ୱାମୀ ପାଶେ ଛନ୍ତି ଶୋଇ । ଯେ ଡାକିଲେ ତାକୁ କେବେଁ ନ ଶୁଣିବି ମୁହିଁ । ଏହା ଜାଣି ସେ

ନାରୀ ଯେ କଷ୍ଟିନ୍ତେ ଶୋଇଲା । ଏଣେ ଚନ୍ଦରଥ ଡାକ ଡାକ ବ୍ୟସ୍ତ ହେଲା । ଶେଷକୁ କବାଟ ଭାଙ୍ଗି ପଶନ୍ତେ ଭିତରେ । ମାୟା ଚନ୍ଦରଥ ଶୂନ୍ୟ ଗଲା ସେଠାବରେ ॥ ପଳାଇବା ବେଳେ ଏକା ସ୍ବାମୀ ଦେଖିଥିଲା । କିଏ ବୋଲି ତାକୁ କିଛି ଚହ୍ନି ନ ପାରିଲା ॥ ନିଜ ନାରୀକି ବିଶେଷେ କରିଲା ପ୍ରହାର । ବୋଇଲା କାଲି ମୋତେ ତୁ ମାଇଲୁ ଅପାର ॥ ସତୀ ବୋଲାଉଣି ଥିଲୁ ଏ କି କାଣ୍ଡ କଲୁ । ମୁଁ ନ ଥିଲି ପଲ୍ୟଙ୍କରେ କାହା ସଙ୍ଗେ ଥିଲୁ ॥ ଏହା କହି ପୁଣି କଲା ଯଷ୍ଟିରେ ପ୍ରହାର । ତା ଭାର୍ଯ୍ୟା ଝୁଙ୍କୁଣୀ ଧରି ପିଟିଲା ଅପାର ॥ ଦୁହେଁ ମରି ମରି ଧରା ଧରି ତହୁଁ ହେଲେ । ଶୂନ୍ୟରେ ତାଳ ବେତାଳ ତାହା ଦେଖୁଥିଲେ ॥ ବେଗେ ଯାଇ ବିକ୍ରମଙ୍କ ପାରୁଷେ କହିଲେ । ଶୁଣିଣ ବିକ୍ରମ ମନେ ହରଷ ହୋଇଲେ ॥ ତାଳ ବେତାଳଙ୍କୁ ସେତୁ କହିଲେ ବଚନ । ସ୍ବର୍ଗୁ ପାରିଜାତ ପୁଷ୍ପ କିଛି ବେଗେ ଆଣ ॥ କାଲିକି ଦେଖିବ କେତେ ରଙ୍ଗ ଯେ ହୋଇବ । ସମସ୍ତେ ଦେଖିବେ ସେହି ରହସ୍ୟର ଭାବ । ଏହା ଶୁଣି ତାଳ ବେତାଳ ଯେ ସ୍ବର୍ଗେ ଗଲେ । ଏଣେ ବିକ୍ରମ ରାଜନ ଶୟନ କରିଲେ ॥ ପ୍ରଭାତ ହୁଅନ୍ତେ ଦାସୀଗଣେ ପ୍ରବେଶିଲେ । ଉଠ ଉଠ ବୋଲି ବିକ୍ରମଙ୍କୁ ସେ ଡାକିଲେ ॥ ଶୁଣି ବିକ୍ରମ ନରେଶ ଉଠିଲେ ବହନ । ବୋଇଲେ ମୁଖ ଧୋଇବା ପାଇଁ ଜଳ ଆଣ ॥ ଶୁଣି ଦାସୀମାନେ ତାହା ଦେଲେଟି ବହନ । ସୁବାସ ଜଳରେ ମୁଖ ଧଉତ କରିଣ ॥ ହସ ହସ ହୋଇ ସେ ବିକ୍ରମ ନରେଶ୍ବର । ଦାସୀଙ୍କି କହନ୍ତି ଅଛନ୍ତି ସ୍ବପ୍ନ ସମାଚାର ॥ କାଲି ରଜନୀରେ ଚନ୍ଦରଥ ଆସିଥିଲା । କମଳିନୀ ତାକୁ ବହୁ ମାଡ଼ ଯେ ମାରିଲା ॥ ଏଠାରୁ ମାଡ଼ ଖାଇଣ ପଳାଇ ଯାଇଣ । ପ୍ରବେଶ ହୁଅନ୍ତେ ଯାଇ ଆପଣା ଭୁବନ ॥ ଅନ୍ୟ କେଉଁ ପୁରୁଷ ଯେ ଚନ୍ଦରଥ ରୂପେ । ପ୍ରବେଶ ହୋଇଲା ଯାଇଁ ତା ଭାର୍ଯ୍ୟା ସମୀପେ ॥ ନାନାବନ୍ଧେ ରତି ରସ

ନାସ୍ତିକେ କରଇ । ଏ ସମୟେ ଚନ୍ଦରଥ ଦାଣ୍ଡରେ ଡାକଇ ॥ କବାଟ ଫିଟାଅ ବୋଲି ଡାକନ୍ତେ ଉଚ୍ଚରେ । ମାୟା ଚନ୍ଦରଥ ଥିଲା ତା ନାରୀ ପାଶରେ ॥ ବୋଇଲା କେ ଏତେ ରାତେ ଡାକୁଛୁ ପାମର । ଶୁଣି ଚନ୍ଦରଥ ତେଣେ ବୋଲଇ ଉତ୍ତର ॥ ମୁହିଁ ଚନ୍ଦରଥ ତୁମ୍ଭେ କିଏ ମୋର ଘରେ । ଶୁଣି ଚନ୍ଦରଥ ନାରୀ କହିଲା ସତ୍ୱରେ । ମୋର ସ୍ୱାମୀ ଚନ୍ଦରଥ ମୋ ପାଶେ ଅଛନ୍ତି । ମିଛେ ସ୍ୱାମୀ ବୋଲାଇ କେ ତାକୁ ରେ ଦୁର୍ମତି ॥ ବାହାରେ ଥାଇଣ ଚନ୍ଦରଥ ତା ଶୁଣିଲା । ଭାର୍ଯ୍ୟା ଉପରେ ଅତ୍ୟନ୍ତ କ୍ରୋଧ ସେ ହୋଇଲା ॥ ବୋଇଲା ଲୋ କାହାକୁ ତୁ ପୁରାଇଛୁ ଘରେ । ଅସତୀ ହୋଇଲୁ ଏବେ ରମିଣ ତା ତୁଲେ ॥ ଦୋଗୁବଣୀ ତୁ ଲୋ ଅଟୁ ମିଛେ ସତୀ ବୋଲି । ମୋତେ କି ଲଜ୍ଜିନା ତୁହି ଦେଇଥିଲୁ ଢାଲି ॥ କବାଟ ଭାଙ୍ଗି ଭିତରେ ଚନ୍ଦରଥ ଯାନ୍ତେ । ମାୟା ଚନ୍ଦରଥ ପଳାଇଲା ଯେ ତୁରତେ ॥ ତାହାକୁ ଚହ୍ନି ନ ପାରି ଭାର୍ଯ୍ୟାକୁ କହିଲା । ଲୋ ବାଟପୀ ସବୁଦିନେ କରୁ ଏହି ଲୀଳା ॥ ଏହା କହି ତାକୁ ମାଡ଼ ମାଇଲା ଅପାର । ଭାର୍ଯ୍ୟା ମଧ୍ୟ ବହୁରୂପେ ମାଇଲା ସତ୍ୱର ॥ ଏ ପ୍ରକାରେ ସେହି ଦୁହେଁ ପିଟାପିଟି ହୋଇ । ଭୂମିରେ ପଡ଼ିଲେ ପରସ୍ପରେ କୋପ ବହି ॥ ଏ ସମୟେ ନିଦ୍ରା ଯହୁଁ ଭାଙ୍ଗିଗଲା ମୋର । ସ୍ୱପନ ଦେଖିଲି ଏତିକି ମାତ୍ର କେବଳ ॥ ଏ ସବୁ ଶୁଣିଣ ଦାସୀଗଣେ ନ ସମ୍ଭାଳି । ହସି ହସି ଭୂମିପରେ ପଡ଼ିଲେ ଯେ ଢଳି ॥ କିଛୁକ୍ଷଣ ପରେ ଉଠି ସେବା ବଢ଼ାଇଲେ । କମଳିନୀ ପାଶେ ଯାଇଁ ପ୍ରବେଶ ହୋଇଲେ ॥ ସ୍ୱପ୍ନର ଘଟଣା ଯାହା ଯାଇଥିଲେ ଶୁଣି । ସବୁ ତା ଆଗେ କହିଲେ ସମସ୍ତେ ସେକ୍ଷଣି ॥ ଶୁଣି କମଳିନୀମନେ ଭୟ ଯେ କରିଲା । କଳଙ୍କିନୀ ହେଲି କୁଳେ ବୋଲିଣ ଭାବିଲା ॥ ମୋର ସ୍ୱାମୀ ନିଶ୍ଚୟ ଯେ ଦେବତା ଅଟନ୍ତି । ସବୁ କଥାଯାକ ମୋର ସେହୁ ଜାଣୁଛନ୍ତି ॥ ଏବେ ତାଙ୍କ ପାଦେ ଯାଇଁ ପଶିବି ଶରଣ ।

ଯେତେ ଦୋଷ କରିଅଛୁ କ୍ଷମିବେ ସେ ଜାଣି ॥ ଚିତ୍ରରଥ ଗନ୍ଧର୍ବର ପ୍ରେମରେ ମଜ୍ଜିଣ । କୁଳରେ କଳଙ୍କ ଲଗାଇଲି ଅକାରଣ ॥ ଅନ୍ୟ ତା ପ୍ରୀତିରେ ମୋର ପ୍ରୟୋଜନ ନାହିଁ । ସ୍ୱାମୀଙ୍କ ପାଦେ ସେବିବି ଏଥର ମୁଁ ଯାଇଁ ॥ ଏହା ଭାବି କମଳିନୀ ଆକୁଳିତା ହୋଇ । ବିରସେ ରହିଲା ଗୀତେ ଲକ୍ଷ୍ମୀଧର କହି ॥

---

## ବିକ୍ରମଙ୍କ ମହିମା ପ୍ରକାଶ, ଚିତ୍ରରଥର ଅପମାନ ପ୍ରାପ୍ତି ଓ ବିକ୍ରମଙ୍କ ନିକଟରେ କମଳିନୀର କ୍ଷମାପ୍ରାର୍ଥନା

ଶୁଣ ଜନେ ମନଦେଇ ବିଚିତ୍ର କାହାଣୀ । କହନ୍ତି କୀର ଦେବ କର୍ଣ୍ଣେ ଏହା ଶୁଣି ॥ ବିକ୍ରମାଦିତ୍ୟ ରାଜନ ଏକା ବସିଥିଲେ । ତାଳ ବେତାଳ ଆସିଣ ପ୍ରବେଶ ହୋଇଲେ ॥ ଅସଂଖ୍ୟ ପାରିଜାତକ ପୁଷ୍ପ ଆଣିଛନ୍ତି । ଦେଖିଣ ବିକ୍ରମ ହରଷ ହୋଇଣ ଅତି ॥ ବୋଇଲେ ତୁମ୍ଭଙ୍କ ପାଇ ହୋଇଲି ମୁଁ ଧନ୍ୟ । ଏବେ ତାଳ ବେତାଳରେ ଶୁଣ ମୋ ବଚନ ॥ ବତିଶ ସିଂହାସନକୁ ଏଠାବକୁ ଆଣ । ଏ ପୁରକୁ ସଜାଇଣ ସୁନ୍ଦର ଭବେଣ ॥ ମୁଁ ନିଜେ ରାଜବେଶକୁ କରି ପରିଧାନ । ସିଂହାସନରେ ବସିବି ମାଳା ଲମ୍ବାଇଣ । ତୁମ୍ଭେମାନେ ପାର୍ଶ୍ୱମନ୍ତ୍ରୀ ମୋ ପାଶେ ହୋଇବ । ମାଳେ ମାଳେ ପାରିଜାତ ପୁଷ୍ପକୁ ପିନ୍ଧିବ ॥ ଏହାଶୁଣି ତାଳ ବେତାଳ ଯେ ବେଗେ ଗଲେ । ବତିଶ ସିଂହାସନକୁ ସେଠାକୁ ଆଣିଲେ ॥ ରାଜବେଶ ପରିଧାନ କରାଇ ସତ୍ୱରେ । ବିକ୍ରମଙ୍କୁ ବସାଇଲେ ସିଂହାସନ ପରେ ॥ ଅବରୁ ସେ ପୁର ନାନା ରୂପେ ସଜାଇଣ । ସୁନ୍ଦର କରିଲେ ଯେହ୍ନେ ଅଳକା ଭୁବନ । ସ୍ୱର୍ଗପୁର ସୁଧର୍ମା ସଭାରେ ଯେଉଁପରି । ଇନ୍ଦ୍ରଦେବ ବସିଥାଏ ଯେହ୍ନେ ବଜ୍ରଧାରୀ ॥ ସେହିପରି ଦିଶିଲେ ସେ ବିକ୍ରମ ରାଜନ ।

ବେତାଳ ହୋଇଲେ ତାଙ୍କ ଅନୁଚରଗଣ ॥ କେ ଭ୍ରମର ଡାକିଲେ ଯେ କେ ଛନ୍ଦ ଟେକିଲ । ଏହିରୂପେ ସେ ସ୍ଥାନର ଶୋଭା ପ୍ରକାଶିଲ ॥ ସର୍ବେ ପିନ୍ଧିଛନ୍ତି ପାରିଜାତ ପୁଷ୍ପମାଳ । ବନ୍ଧୁଙ୍କମାନ ଜଳଇ ଅଶ୍ଚର୍ଯ୍ୟ ପ୍ରକାର ॥ ପାରିଜାତ ପୁଷ୍ପର ସୁଗନ୍ଧେ ସେହି ସ୍ଥାନ । ଅଛି ସୁଗନ୍ଧିତ ହୋଇ ବହୁଛି ପବନ ॥ ବେତାଳ ଯେ ପାତ୍ରମନ୍ତ୍ରୀ ହୋଇ ବସିଛନ୍ତି । ପାରିଜାତ ପୁଷ୍ପମାଳେ ମାଳେ ପିନ୍ଧିଛନ୍ତି ॥ ଦାସୀମାନେ ଏହା ଦେଖି ଅଶ୍ଚର୍ଯ୍ୟ ମନରେ । ସେଠାରେ ରହିଣି ସେବା କଲେ ନିରନ୍ତରେ ॥ କମଳିନୀ ପାଶକୁ ଯେ ସେ ଦିନ ନ ଗଲେ ॥ ଶୂନେ୍ୟ ଅସି ଚନ୍ଦ୍ରରଥ କମଳିନୀ ଘରେ ॥ କାମାତୁର ହୋଇ ବେଗେ ପ୍ରବେଶ ହୋଇଲ । ବିଷାଦରେ କମଳିନୀ ବସିଛି ଦେଖିଲ ॥ ବୋଇଲ କାହିଁକି ପ୍ରିୟେ କର ଅଭିମାନ । ବସିଛ ଏବେ ତଳକୁ କରିଣ ବଦନ ॥ ଉଠି ବେଗେ ମୋତେ ଏବେ କର ଅଲିଙ୍ଗନ । ଏହା କହି କମଳିନୀ ହସ୍ତକୁ ବହନ ॥ ଧରନ୍ତେ ସିଂଝାଡ଼ି ଦେଲ କରକୁ ତାହାର । ଚନ୍ଦ୍ରରଥଙ୍କୁ ସେ କିଛି ନ କହେ ଉତ୍ତର ॥ ଏମନ୍ତେ କମଳିନୀର ପାଖେ ଚନ୍ଦ୍ରରଥ । ବସି ରହିଲ କାମରେ ହୋଇଣ ଅରତ ॥ ଏଣେ ବନ୍ଧୁମଙ୍କ ପାରୁ ସୁବାସ ଅସିଲ । ମନ୍ଦ ପବନରେ ସବୁ ସ୍ଥାନ ମହକିଲ ॥ କମଳିନୀ ଯେଉଁ ଗୃହେ ରହିଥିଲ ଜାଣ । ପାରିଜାତ ସୁଗନ୍ଧରେ କର୍ଷିଲ ବହନ ॥ ସମ୍ଭାଳି ନ ପାରି ଦ୍ୱାର ଫିଟାଇ ତକ୍ଷଣେ । ଗୃହିଁଦେଲ ଘରେ ଥାଇ ଅତି ସାବଧାନେ ॥ ଚନ୍ଦ୍ରରଥ ମଧ୍ୟ ଲୁଚିକରି ଗୃହିଁଦେଲ । ବନ୍ଧୁମଙ୍କ ଶୋଭା ଦେଖି ଅଶ୍ଚର୍ଯ୍ୟ ହୋଇଲ ॥ କମଳିନୀ ନିଜର ସ୍ୱାମୀଙ୍କୁ ନେତ୍ରେ ଦେଖି । ମନେ ମନେ ଅତ୍ୟନ୍ତ ସେ ହେଲା ମହାସୁଖୀ ॥ ଭାବିଲା ସ୍ୱର୍ଗର ଇନ୍ଦ୍ର ନୃପତି ସମାନେ । ମୋ ସ୍ୱାମୀ ବିଜୟେ କରିଛନ୍ତି ସିଂହାସନେ ॥ ଏହାଙ୍କ ରୂପ ଦିଶଇ ଅତ୍ୟନ୍ତ ସୁନ୍ଦର । କୋଟିଏ କନ୍ଦର୍ପ ସମ ହୋଇବ ସୁନ୍ଦର ॥ କମଳିନୀ ଗୀଲି ତାଙ୍କ ନାମ

ଶୁଣିଥିଲି । କେବେ ହେଲେ ନୟନରେ ଦେଖି ତ ନ ଥିଲି ॥ ଯେମନ୍ତେ ସ୍ୱାମୀର ରୂପ ଦେଖିଲି ନୟନେ । କାମେ ଘାରିହୋଇ କନ୍ୟା ଭାବେ ନିଜ ମନେ ॥ ଧିକ ଧିକ ମୋର ବୁଦ୍ଧି ସ୍ୱାମୀଙ୍କୁ ନ ଚିହ୍ନି । ଗନ୍ଧର୍ବ ସଙ୍ଗରେ ମଜ୍ଜି ହେଲି କଳଙ୍କିନୀ ॥ ଏହାଙ୍କୁ ଇନ୍ଦ୍ର ଦେବତା ସମାନ ନୁହନ୍ତି । ଅଳ୍ପ କି ଯୋଗରେ ମୋର ପାହୁଥିଲା ରାତି ॥ ଦାସୀଙ୍କ ମୁଖରୁ ଏହା ମୁହିଁ ଶୁଣିଥିଲି । କି ଦୋଷରେ ପରସଙ୍ଗେ ପ୍ରୀତି ମୁଁ କରିଲି ॥ ଧିକ ମୋର ଜୀବନ ଯା ନ ଯାଇ ରହିଲା । ଏମନ୍ତ ସ୍ୱାମୀଙ୍କ ସଙ୍ଗ ମୋର ନ ହୋଇଲା ॥ ଚିତ୍ରରଥ ଦେଖୁଥିଲା ସେ ଗୃହେ ରହିଣି । ସର୍ବେ ପିନ୍ଧିଛନ୍ତି ପାରିଜାତ ପୁଷ୍ପମାନ ॥ ଏହା ଦେଖି ମନରେ ସେ ଭାବିଲା ଚିତ୍ତରେ । ନିଶ୍ଚେଁ ଏ ଦେବତା ବସନ୍ତି ସିଂହାସନ ପରେ ॥ ନୋହିଲେ ପାରିଜାତଙ୍କ ଅଙ୍ଗନ୍ତ୍ରା କପଟ । ଗୃହେ ଲୁଚି ଚିତ୍ରରଥ ଭାବଇ ଏପରି ॥ କମଳିନୀ ସଙ୍ଗ ଚିତ୍ରରଥ ଉଭା ହୋଇ । ବିକ୍ରମଙ୍କୁ ଦେଖୁଛନ୍ତି ଗୁପତରେ ଥାଇ ॥ ଏହା ଦେଖି ବେତାଳେ ଯେ ମନରେ ଭାବିଲେ । କୌତୁକ ରଚନା ଏବେ କରିବାଟି ଭଲେ ॥ ଏହା ଭାବି ତାଳ ଚିତ୍ରରଥ ନାରୀ ହୋଇ । ବିକ୍ରମଙ୍କ ଆଗେ କରଯୋଡ଼ିଣି ବୋଲଇ ॥ ହେ ଦେବ ଚିତ୍ରରଥର ଅଟେ ମୁହିଁ ନାରୀ । ନିବେଦନ କରୁଅଛି ଶୁଣ ମୋ ଗୁହାରି ॥ ଗନ୍ଧର୍ବ ହୋଇଣି ମାନବୀ ସଙ୍ଗରେ ଜାଣ । ମୋର ସ୍ୱାମୀ ପ୍ରୀତି କରୁଅଛି ସବୁଦିନ ॥ କମଳିନୀ ସଙ୍ଗତରେ ହୋଇଛି ସେ ବାଇ । ନାରଦ ଋଷିଙ୍କଠାରୁ ଏ ଖବର ପାଇ ॥ ଘୁଞ୍ଚଣି ଦ୍ୱାରା ତାହାକୁ ପ୍ରହାର କରିଲି । ନାନା ପରକାରେ ତାକୁ ଗାଳିମନ୍ଦ କଲି ॥ ତେବେ ସୁଦ୍ଧା ତାହାକୁ ସେ ଛାଡ଼ି ନ ପାରଇ । ପରନାରୀ ପାଶେ ଯାଇ ରଜନୀ ଯାପଇ ॥ ମୋ ସ୍ୱାମୀ ଯେମନ୍ତେ ଯାଇ ପରପ୍ରୀତି କଲା । ମୋ ସ୍ୱାମୀ ରୂପରେ କିଏ ମୋ ପାଶେ ଆସିଲା ॥ ରାତିରେ ମୋ ସଙ୍ଗେ ସେହୁ କରିଣି ଶୟନ । ମୋର

ସତୀତ୍ୱକୁ ନାଶ କଲା ସେ ବହନ ॥ ଏ ସମୟେ ମୋର ସ୍ୱାମୀ ବାହାରୁ ଆସିଲେ । ଅନେକ ପ୍ରକାରେ ମୋତେ ମାଡ଼ ଯେ ମାରିଲେ ॥ ଏଥିରେ କାହାର ଦୋଷ ବୁଝନ୍ତୁ ବହନ । କିଏ ଅନ୍ୟାୟ କର୍ମକୁ କଲା ଆଚରଣ ॥ ଏହା ଶୁଣି କହନ୍ତି ଯେ ବିକ୍ରମ ରାଜନ । ଇନ୍ଦ୍ର ଦେବତାଙ୍କ ଡକାଉଛି ମୁଁ ବହନ ॥ ପତ୍ରରେ ଲେଖୁଛି ଚନ୍ଦ୍ରରଥ ସଙ୍ଗେ ଧରି । ଏଠାକୁ ଶୀଘ୍ର ଆସନ୍ତୁ ସେହି ବଜ୍ରଧାରୀ ॥ ତୋ ସ୍ୱାମୀର ବିଚାର ଯେ ନିଷ୍ପତ୍ତି କରିବା । ଯାର ଦୋଷ ହେବ ତାକୁ ଦଣ୍ଡ ଯେ ବିହିବା ॥ ସାମାନ୍ୟ କଥା ଏ କେବେ ନୁହଇ ତୋହର । ଭଲରୂପେ ବୁଝିଣ ଯେ କରିବା ବିଚାର ॥ ହେ ଯୁବତୀ ଯାଅ କାଲି ପ୍ରଭାତୁଁ ଆସିବ । ଏ କଥା ବୁଝିବାକୁ ଯେ ବିଳମ୍ବ ନୋହିବ ॥ ହେଉ ବୋଲି କହି ମାୟା ରମଣୀ ଯେ ଗଲା ॥ ଏହି କଥା ଚନ୍ଦ୍ରରଥ ରହି ଦେଖୁଥିଲା ॥ ଭାବିଲା ମୋର ରମଣୀ ଏଠାକୁ ଆସିଣ । ଗୁହାରି କରିଣ ଆଜ ଗଲାଣି ଯେ ପୁଣ ॥ ଏହି କଥାଗୋଟି ଇନ୍ଦ୍ର ଯେବେକି ଜାଣିବ । ତେବେ ମୋର କଥା ଆଜ୍ଞ ସବୁ ସରିଯିବ ॥ ଯାଉଛି ଭାର୍ଯ୍ୟାକୁ ଘରେ ଆଗେ ବୁଝାଇଣ । ଯେଉଁରୂପେ ହେଲେ ତୋଷ କରିବି ତା ମନ ॥ ସେଠାରୁ ପଳାଇ ଯିବାପାଇଁ କଲା ମନ । କମଳିନୀ ତାହାକୁ ଯେ ବୋଲଇ ବଚନ ॥ ଏତେ ଅଣ୍ଟୁକର ତୁହି କଥା କହୁଥିଲୁ ॥ ଭାର୍ଯ୍ୟା ଆସି ତ ଗୁହାରି କରିଲା ଦେଖିଲୁ ॥ ମୋ ସ୍ୱାମୀ କେମନ୍ତ ଅଟେ ଦେଖ ତାଙ୍କ ରୂପ । ମନୁଷ୍ୟ କି ଯାଇପାରେ ତାହାଙ୍କ ସମୀପ ॥ କାଲି ଯେତେବେଳେ ଏଠେ କରିବେ ବିଚାର ॥ ସେତେବେଳେ ଦେଖିବ ମୁଁ ବଡ଼ପଣ ତୋର ॥ ଏହା କହି ପଥ ଓଗାଳିଲେ କମଳିନୀ । ଠେଲି ଦେଇ ଚନ୍ଦ୍ରରଥ ପଳାଇଲା ପୁଣି ॥ ଚନ୍ଦ୍ରରଥ ଯହୁଁ ଫିଙ୍ଗି ପଳାଇଣ ଗଲା । ଦନ୍ତରେ କମଳିନୀ ଯେ ଚରଣ ଚାପିଲା ॥ ସ୍ୱାମୀଙ୍କ ପାଦରେ ପଡ଼ି ଲୋଟିଣ ବିନୟୀ ॥

ବୋଲଇ ମୋ ଦୋଷ କ୍ଷମା କର ଦେବସାଇଁ । ଅଜ୍ଞାନ ଭାବରେ ଅବଜ୍ଞରୁ ନାନାଦୋଷ । ଦୟା ବହି ତାହା କ୍ଷମା କରନ୍ତୁ ଅବଶ୍ୟ ॥ ଏହା ଦେଖି ବିକ୍ରମ ଯେ ଅତିକ୍ରୋଧ ହୋଇ । ବୋଇଲେ ବିଟପୀ ତୋର ମୁଖକୁ ନ ଚାହିଁ ॥ ପର ପୁରୁଷର ସଙ୍ଗେ ମଜ୍ଜି ଅନୁବ୍ରତେ । ସତୀ ବୋଲାଉଣ ଥିଲୁ ତୁହି ଯେ କେମନ୍ତେ ॥ ପୁରୁଷର ମୁଖକୁ ଯେ ନ ଚାହିଁବୁ ବୋଲି । କେତେ ଅଣ୍ଟକର ମନେ କହୁଥିଲୁ ଭଲି ॥ ସବୁକଥା ତୋହର ମୁଁ ପାଇଲିଣି ଜାଣି । ଏତେ ଦୋସ୍ତରୁଣୀ ତୁହି କୁଳଟା କାମିନୀ ॥ ତୋ ମୁଖ ଚାହିଁଲେ ଦୋଷ ହୋଇବ ଅପାର । ଯାଅ କୁଳ କଳଙ୍କିନୀ ହୋଇ ଏଥୁ ଦୂର ॥ କମଳିନୀ ଶୁଣି ପୁଣି ପାଦ ଧରିବାକୁ । ଯାଅନ୍ତେ ବିକ୍ରମ ବେଗେ ବୋଇଲେ ତାହାକୁ ॥ ଯାଅ ଯାଅ ବିଟପି ଲୋ ତୋ ମୁଖ ନ ଚାହିଁ । ମୋ ଗୋଡ଼ ଧରିବା ତୋର ଅବଶ୍ୟକ ନାହିଁ ॥ ତୋତେ ଛୁଇଁଲେ ପାତକ ମୋ ଅଙ୍ଗେ ଗ୍ରାସିବ । ତୋତେ ଅବା କି ଫଳ ଯେ ତହିଁରୁ ମିଳିବ ॥ ଯେତେ ରୂପେ ଗାଳି ତାକୁ ଦେଲେ ନୃପବର । ନ ଶୁଣିଣ କମଳିନୀ ଧରିଲା ପୟର ॥ ଅତି ବିକଳ ହୋଇଣ କାନ୍ଦିଲା ସେଠାରେ । ପୁନଃପୁନଃ ପ୍ରଣମଇ ଗଡ଼ିଣ ଭୂମିରେ ॥ ସମସ୍ତେ ଦେଖିଣ ମନେ ବିକଳ ହୋଇଲେ । ତାଳ ବେତାଳ ବିକ୍ରମ ନୃପଙ୍କୁ ବୋଇଲେ ॥ ସମସ୍ତ ଦୋଷ ଏହାର କ୍ଷମନ୍ତୁ ଅପଣ । ଅମ୍ଭମାନଙ୍କ କଥାକୁ ଏବେ ତୁମ୍ଭେ ମାନ ॥ ଏହା ଶୁଣି ବିକ୍ରମ ନରେଶ ଶାନ୍ତ ହେଲେ । ଦୋଷ କ୍ଷମା କଲି ବୋଲି ତାହାକୁ ବୋଇଲେ । କମଳିନୀକୁ ଅବର କହିଲେ ତତ୍କ୍ଷଣେ । ଏପରି କର୍ମ ତୁ ନ କରିବୁ ଅଜ୍ଞ ଦିନେ ॥ ଦଶ ଦିଗପାଳଙ୍କୁ ତୁ ସାକ୍ଷୀ ରଖି କର । ତିନିବାର ସତ୍ୟ କର ମୁଖରେ ତୋହର ॥ ଏହା ଶୁଣି କମଳିନୀ ସେହି ପରକାରେ । ତିନିଥର ସତ୍ୟ କଲା ତାହାର ମୁଖରେ ॥ କମଳିନୀର

ଏପରି ସତ୍ୟକୁ ଦେଖିଣ । ବିକ୍ରମ ନୃପତି ତାଙ୍କୁ ସଙ୍ଗରେ ଘେନିଣ ॥ ସଭା ଭଙ୍ଗକରି ଅନ୍ତଃପୁରକୁ ଗମିଲେ । ପଲ୍ୟଙ୍କ ଶଯ୍ୟା ଉପରେ ଯାଇ ପହୁଡ଼ିଲେ ॥ ମନରେ ସନ୍ତୋଷ ହୋଇ ବିକ୍ରମ ରାଜନ । କମଳିନୀ ସଙ୍ଗେ ହେଲେ କଥୋପକଥନ ॥ ତାଙ୍କୁ ଧରି କମଳିନୀ ଆଲିଙ୍ଗନ କରି । ବିକ୍ରମଙ୍କ କାମଜ୍ୱାଳା ଦେଲା ସେ ନିବାରି ॥ ସ୍ୱାମୀଙ୍କୁ ପାଇ ଆନନ୍ଦ ହେଲା କମଳିନୀ । ସୁଖରେ ପୁହାଇ ଦେଲେ ସେ ଦିନ ଯାମିନୀ ॥ ଲକ୍ଷ୍ମୀଧର ଗର୍ଗବଂଶୁ କହନ୍ତି ଏ ଗୀତେ । ନାରୀଙ୍କୁ ବିଶ୍ୱାସ ନ କରିବ କଦାଚିତେ ॥

---

## କମଳିନୀକୁ ବନରେ ଛାଡ଼ି ବିକ୍ରମଙ୍କର ସ୍ୱଦେଶ ଗମନ ଓ କମଳିନୀର ଦେହତ୍ୟାଗ

ଏଥୁ ଅନନ୍ତରେ ଶୁଣ ଜନେ ଦେଇ ମନ । କମଳିନୀ ସଙ୍ଗତେ ଯେ ବିକ୍ରମ ରାଜନ ॥ ଏକଦିନ ମାତ୍ର ତହିଁ ରହିଣ ଭାବିଲେ । ଉତ୍କଳ ନଗରେ ଯିବି ନ ରହି ଏଠାରେ ॥ ଏହା ଭାବି ଭେଟିଲେ ନୃପତିଙ୍କ ପାଶେ ଯାଇ । ନିଜ ନଗ୍ରେ ଯିବା କଥା କହିଲେ ବୁଝାଇ ॥ କମଳିନୀର ବିଷୟ କହିଲେ ସକଳ । ଶୁଣି କେଳନୃପ ହୋଇ ଆଶ୍ଚର୍ଯ୍ୟ ପ୍ରକାର ॥ ବିକ୍ରମଙ୍କୁ ଧନ୍ୟବାଦ ଦେଇଣ କହିଲେ । ଏ କୀର୍ତ୍ତି ତୁମ୍ଭର ରହିଥିବ କାଳେ କାଳେ ॥ ବୁଦ୍ଧିବଳେ କରିଅଛ ଅସାଧ୍ୟ ସାଧନ । ଏଣୁ ତୁମ୍ଭଙ୍କୁ ମୁଁ କରୁଅଛି ଧନ୍ୟ ଧନ୍ୟ ॥ ପୂର୍ବରୁ ଥିବାରୁ ମୋର ସୁକୃତ ବହୁତ । ତୁମ୍ଭଙ୍କ ଦ୍ୱାରେ ଭାବରେ ପାଇଲି ନିସ୍ତୃତ ॥ ଆମ୍ଭ କଥା ମନେ ରଖିଥିବ ସବୁଦିନ । କୁଶଳରେ ଯାଅ ଏବେ ନିଜ ନଗ୍ରେ ପୁଣି ॥ ଏହା କହି କେଳନୃପ ବିଦାୟ ଯେ ଦେଲେ । କମଳିନୀକୁ ଘେନିଣ ବିକ୍ରମ ଚଳିଲେ ॥ ତାଳ ବେତାଳଙ୍କ କହେ ବସି ବେନି ଜଣ ।

ଆକାଶ ପଥରେ ଶୁକକନ୍ୟା କରନ୍ତି ଗମନ । ସମୁଦ୍ର ପାର ହୋଇଣ ଗଲେ ବେଗ ହୋଇ । ପ୍ରବେଶ ହୋଇଲେ ଜମ୍ବୁଦ୍ୱୀପ ମଧ୍ୟେ ଯାଇ । ଏକ ନିର୍ଜନ ବନସ୍ତ ସେଠାରେ ଦେଖିଲେ । ବିକ୍ରମ ରାଜନ ମନ ମଧ୍ୟରେ ଭାବିଲେ । ସତ୍ୟ କରଅଛି ସ୍ତ୍ରୀକୁ ପୁରକୁ ନ ନେବି । ଏହି ଅରଣ୍ୟ ମଧ୍ୟରେ ଛାଡ଼ିଦେଇ ଯିବି । ଭୋଗ କରୁ ଏହାର ଅର୍ଜିବା କର୍ମଫଳ । ଏହା ଶୁଣି ତାକୁ ଛାଡ଼ିଦେଇ ଗଲେ ଭାଲ । ବିକ୍ରମାଦିତ୍ୟ ରାଜନ ଉଜ୍ଜ୍ୱଳ ନଗରରେ । ପ୍ରବେଶ ହୋଇଲେ ଯାଇ ସେହି କ୍ଷଣକରେ । ସମସ୍ତେ ଦେଖିଣ ତାଙ୍କୁ ହରଷ ହୋଇଲେ । ସନ୍ତୋଷରେ ସଭାକରି ବିକ୍ରମ ବସିଲେ । କମଳାଙ୍କ କଥା ସେହି ସଭାରେ କହିଲେ । ଶୁଣି ସଭାସ୍ଥିତ ଜନେ ପ୍ରଶଂସା କରିଲେ । ଏହିରୂପେ ବିକ୍ରମ ଯେ ଆନନ୍ଦେ ରହିଲେ । ଏଣେ କମଳିନୀ ପଡ଼ି ଘୋର ଅରଣ୍ୟରେ । ବିକ୍ରମଙ୍କୁ ଖୋଜିଲା ସେ ବିକଳ ହୋଇଣ । ନ ପାଇଣ ଅନ୍ତରେ କରିଲା ରୋଦନ । ବୋଇଲା ହେ ପ୍ରାଣନାଥ କିପାଁ ଛାଡ଼ିଗଲ । ଏ ଘୋର ଅରଣ୍ୟେ କେଣେ ଯିବି ନାହିଁ ବଳ । ତୁମ୍ଭ ପଦେ ଦୋଷ ମୁହିଁ କରିଛି ବହୁତ । ତେଣୁ ଏହି ଦଣ୍ଡ ମୋତେ ବହିଲା ଯଥାର୍ଥ । କାହିଁ ଯିବି କେଣେ ମୋତେ ବୁଦ୍ଧି ନ ଦିଶଇ । ଏ କଷଣୁ ନାହି ମୋତେ କର ଭବସାହି । ଦୀନବନ୍ଧୁ ନାମ ତୁମ୍ଭ ବ୍ୟର୍ଥ କି ହୋଇବ । ଅନାଥିନୀ ଡାକ ଯେବେ କର୍ଣ୍ଣେ ନ ଶୁଣିବ । ସମସ୍ତଙ୍କୁ ରକ୍ଷା କର ସକଳ କାଳରେ । ମୋର ଡାକ ନ ଶୁଣୁଛ କିପାଁ ଏତେବେଳେ । କେତେ କେତେ ପାପୀଙ୍କୁ ଯେ କରିଛ ଉଦ୍ଧାର । ଅକୁଳେ ଡାକୁଛି ପ୍ରଭୁ ମୋତେ ରକ୍ଷା କର । ବିକ୍ରମାଦିତ୍ୟଙ୍କୁ ପତି ରୂପରେ ପାଇଲି । ହତଭାଗିନୀ ମୁଁ ଭୋଗକରି ନ ପାରିଲି । ମୁଁ ନୁହଇ ତାଙ୍କ ଉପଯୁକ୍ତା ବୋଲି ଭାବେ । ତେଣୁ ମୋତେ ଏ ସ୍ଥାନରେ ଛାଡ଼ିଗଲେ ଏବେ ।

ପତିରୂପେ ବିକ୍ରମାଦିତ୍ୟଙ୍କୁ ଦିଅ ମୋତେ । ଶରଣ ପଶୁଛି ମୁହିଁ ତୁମ୍ଭ ପାଦତଳେ । ଶରଣ ରକ୍ଷଣ ବାନା ଜଗତେ ତୁମ୍ଭର । ମୋର ଏହି ଅଭିଳାଷ ବେଗେ ପୂର୍ଣ୍ଣ କର । ମୁଁ ପାପିନୀ ତାଙ୍କୁ ପାଇ ପାପ ଛଟପଟିବ । ତାଙ୍କ ଭୁବନକୁ ଯାଇ ନରକେ ରହିବ । ଏହି ଅନୁଗ୍ରହ କର ଦେବ ଦଇତ୍ୟାରି । ବିକ୍ରମାଦିତ୍ୟଙ୍କୁ ଏବେ ଦିଅ ବେଗକରି । ଏହିପରି କହି କମଳିନୀ ବାଇ ହୋଇ । କାନ୍ଦି କାନ୍ଦି ଅରଣ୍ୟରେ ବୁଲିଲା ସେ ଯାଇ । ବିକ୍ରମାଦିତ୍ୟଙ୍କୁ ଅଉ କାହିଁ ନ ପାଇଲା । ଖୋଜି ଖୋଜି କମଳିନୀ ଅଧୀର ହୋଇଲା । କ୍ଷୁଧା ତୃଷା ଅଦି ତାହାଠାରୁ ହେଲା ଦୂର । କଣ୍ଟା ବାଜି ସର୍ବାଙ୍ଗ ରକ୍ତରେ ଜର ଜର । ତହିଁକି ମନେ ଶୋଚନା ତାହାର ଯେ ନାହିଁ । ବିକ୍ରମଙ୍କୁ ଖୋଜୁଅଛି ସେ ଅଧୀର ହୋଇ । ବୁଲି ବୁଲି ଅରଣ୍ୟେକ ଋଷିଙ୍କ ପାଶରେ । କମଳିନୀ ମିଳିଲା ଯେ କାନ୍ଦଣା ବିକଳେ । ଋଷିଙ୍କ ପାଦରେ ସାଷ୍ଟାଙ୍ଗରେ ପ୍ରଣମିଲା । ନିଜର ଦୁଃଖ ସମସ୍ତ ତାହାଙ୍କୁ କହିଲା । ବୋଇଲା କେଳି ରାଜାଙ୍କ ଅଟେ ମୁଁ ଦୁହିତା । ବିକ୍ରମଙ୍କ ସଙ୍ଗେ ବିଭା ଦେଇଥିଲେ ପିତା । ଚିତ୍ରରଥ ଗନ୍ଧର୍ବ ସଙ୍ଗରେ ବାଇ ହୋଇ । ଗୁପତ ପୀରତି ମୁଁ ଯେ କରୁଥିଲି ତହିଁ । କମଳିନୀ ନାମ ଗୋଟି ଅଟଇ ମୋହର । ବିକ୍ରମଙ୍କ ପାଶେ କ୍ଷମା ମାଗିଲି ସତ୍ୱର । ତଥୁଁ ବିକ୍ରମ ମୋ ପୁରେ ଦିନେକ ରହିଲେ । ମୁଁ ଜାଣିଲି ମୋ ପରେ ସେ ସନ୍ତୁଷ୍ଟ ହୋଇଲେ । ତାଙ୍କ ଦେଶକୁ ଅସିଲେ ମୋତେ ସଙ୍ଗେ ନେଇ । କେଣେ ଗଲେ ମୋତେ ଏ ଅରଣ୍ୟେ ଛାଡ଼ିଦେଇ । କିପରି ତାହାଙ୍କୁ ମୁହିଁ କରିବି ଦର୍ଶନ । ଏ କଥା କହନ୍ତୁ ଦୟାକର ତପୋଧନ । ପୁନଃପୁନଃ ତାଙ୍କ ପାଦେ ପ୍ରଣାମ କରିଲା । କାନ୍ଦି କାନ୍ଦି ତାହାର ଯେ କଣ୍ଠ ଶୁଖିଗଲା । ସେଥିରେ ପୁଣି ବିକଳ ହୋଇ ପ୍ରଣମୁଛି । କେମନ୍ତେ ବିକ୍ରମଙ୍କୁ ମୁଁ ପାଇବି ବୋଲୁଛି । ଏସନ ଅବସ୍ଥା ତାର ଦେଖି

ମୁନିବର । ବୋଇଲେ ଶୁଣ କମଳିନୀ ବୋଧ ତୁ ସମ୍ଭାଳ । ବିକ୍ରମାଦିତ୍ୟଙ୍କୁ ନ ପାଇବୁ ଏ ଜନ୍ମରେ । ନିଶ୍ଚୟ ପାଇବୁ ପୁଣି ଏ ଦେହ ଅନ୍ତରେ । ଅନ୍ୟଠାରେ ଜନ୍ମିଲେ ତୁ ନିଶ୍ଚୟ ପାଇବୁ । ଶୁଣ ମୋର ସତ କଥା ଯେମନ୍ତେ ଲଭିବୁ । ଅଜ ଏତେ ବିକଳ ନ ହୁଅ କମଳିନୀ । ଏବେ କାଶୀ ଧାମେ ତୁହି ଚଳିପାଅ ପୁଣି । ତ୍ରିବେଣୀ ସଙ୍ଗମ ହୋଇଅଛି ଯେ ସେଠାରେ । କାମ୍ୟ ନାମେ ଏକ କୂପ ତଥି ନିକଟରେ । ସେ କୂପରେ ତୁହି ଯେବେ ଝାସ ଯାଇ ଦେବୁ । ପର ଜନମରେ ବିକ୍ରମଙ୍କୁ ତୁ ପାଇବୁ । ବିକ୍ରମାଦିତ୍ୟଙ୍କୁ ପତିରୂପେ ପାଇବାକୁ । ମନରେ ମନାସି ତ୍ୟାଗ କରିବୁ ଦେହକୁ । ଏ ଦେହଗୋଟି ସେଠାରେ ନାଶଯିବ ତୋର । ବିଦ୍ୟକଣ୍ଠପୁର ରାଜା ଜାୟାର ଉଦର । ମଦନାବତୀ ନାମରେ ଜନମ ହୋଇବୁ । ସ୍ୱାମୀ ରୂପେ ବିକ୍ରମାଦିତ୍ୟଙ୍କୁ ତୁ ପାଇବୁ । ମଦନ ଭଗିଣୀ ତୋତେ ବିବାହ ହୋଇବେ । ତୋ ମନ ଅଭିଳାଷ ସେ ପୂରଣ କରିବେ । ଏବେ ଯାଇଁ ଝାସଦିଅ ସେ କାମ୍ୟ କୂପରେ । ଏ କଥା ଜାଣି କହିଲି ମୁଁ ଯୋଗବଳରେ । ଏହା ଶୁଣି କମଳିନୀ ଋଷିଙ୍କ ଚରଣେ । ପ୍ରଣମିଣ ଚଳିଲା ସେ ଏକାଗ୍ରତା ମନେ । ବହୁତ ଦିବସ ପରେ କାଶୀଧାମେ ଯାଇଁ । କମଳିନୀ ପ୍ରବେଶିଲା ବହୁ କଷ୍ଟ ସହି । ବିଶ୍ୱେଶ୍ୱରଙ୍କୁ ଦର୍ଶନ କରି ପ୍ରଥମରେ । ଜଣାଇଲା ବିକ୍ରମଙ୍କୁ ପାଇବା ଆଶାରେ । ଅନାହାରେ ବହୁତ ଦିନରୁ ରହିଥିଲା । ଗଙ୍ଗା ସ୍ନାନକରି ଶିବ ଦର୍ଶନ କଲା । ତାଙ୍କ ପାଦୋଦକ ତହିଁ କରିଣ ସେବନ । ତ୍ରିବେଣୀ ସଙ୍ଗମକୁ ସେ କରିଲା ଗମନ । ତହିଁ ବେଣୀମାଧବଙ୍କୁ ଦରଶନ କଲା । ବହୁତ ପ୍ରକାରେ ସ୍ତୁତିକରି ଜଣାଇଲା । ବୋଇଲା ମାଧବ ମୋର ବାଞ୍ଛା କର ପୂର୍ଣ୍ଣ । ସ୍ୱାମୀରୂପେ ପାଇବି ମୁଁ ବିକ୍ରମ ରାଜନ । ବିକ୍ରମାଦିତ୍ୟ ନୃପଙ୍କୁ ମୋତେ ଦେବ ଦିଅ । ଏହି ମାତ୍ର କାମନା

ମୋ ଅଛଇ ନିଶ୍ଚୟ । ଏହା କହୁ କମଳାଙ୍କ ତନ୍ତୁ ଚଳିଗଲା । କାମ୍ୟ କୂପର ନିକଟେ ପ୍ରବେଶ ହୋଇଲା । ଗଙ୍ଗାଙ୍କୁ ପ୍ରାର୍ଥନା ଶୁଦ୍ଧ ମନରେ କରଣ । ମୋର ସ୍ୱାମୀ ହେବେ ଯେସନ୍ତେ ବିକ୍ରମ ରାଜନ । ତାହାଙ୍କୁ ପାଇଣ ମୁହିଁ ଆନନ୍ଦ ହୋଇବି । ଏହି ଅଭିଳାଷ ମୋର ଅଗୋ ଗଙ୍ଗାଦେବି । ଏହା କହି ପ୍ରଣମିଣ ଗଙ୍ଗାଙ୍କ ଚରଣେ । କାମ୍ୟକୂପେ ଝାସ ସେହୁ ଦେଲା ତତକ୍ଷଣେ । ଦେହରୁ ଜୀବନ ତାର ବାହାରିଣ ଗଲା । କମଳିନୀ ନାମ-ରୂପ-ଦୀପ୍ତ ଲିଭିଗଲା । କିଛି ଦିନାନ୍ତରେ ଦିବ୍ୟକଣ୍ଠପୁର ରାଣୀ । ଉଦରୁ ଜନମ ହେଲା ସେହି କମଳିନୀ । ସେ ଠାବରେ ମୌନାବତୀ ନାମ ଯେ ହୋଇଲା । ତୀର୍ଥସ୍ନାନ ହେତୁ ଦୋସ୍ତରୁଣୀ ଦୋଷ ଗଲା । ଲକ୍ଷ୍ମୀଧର ରାଜବନ୍ଧୁ ଗୀତରେ ଭଣିଲେ । ସବୁ ଦୋଷ ନାଶ ହୁଏ ତୀର୍ଥେ ସ୍ନାନ କଲେ ।

---

## ମୌନାବତୀ କନ୍ୟାର ଜନ୍ମ ଚରିତାଦି ବିଷୟ

### ପ୍ରଥମ ପ୍ରହର କଥା

ଏଥି ଅନନ୍ତରେ ଜନେ ଶୁଣ ଦିବ୍ୟବାଣୀ । କଉତୁକ ତାହା ହେବ କର୍ଣ୍ଣେ ଏହା ଶୁଣି । ଦିବ୍ୟକଣ୍ଠପୁର ରାଣୀ ଗର୍ଭରୁ ଜନମ । ହୋଇଣ ତାହାର ହେଲା ମୌନାବତୀ ନାମ । ଅତି ସୁଲକ୍ଷଣଯୁକ୍ତା କନ୍ୟା ସେ ଅଟଇ । ଶୁକ୍ଳ ପକ୍ଷ ଚନ୍ଦ୍ରମା ପ୍ରାୟେ ବୃଦ୍ଧି ହୋଇ । ଦିନୁଦିନ ସେ କନ୍ୟା ଯେ ସୁନ୍ଦରୀ ହୋଇଲା । ତା ରୂପ ଶୋଭାରେ ପୁଣି ଜଗତ ମୋହିଲା । ପୂର୍ବଜନ୍ମ କଥାସବୁ ଜାଣି ସେ ପାରଇ । ଋଷିଙ୍କ କଥାରେ ସେହି ଜାତସ୍ମର ହୋଇ । କଥା ନ କହଇ ସେହୁ କେତେବେଳେ ଜାଣ । ସବୁ ବିଦ୍ୟାରେ ପଣ୍ଡିତା ହେଲା

ସେ ପ୍ରମାଣ । ସବୁବେଳେ ମୌନଭାବ ଅଟଇ ତାହାର । ତେଣୁ ମୌନାବତୀ ନାମ ଅଟେ ତା ପ୍ରଚାର । କୁମାରୀ ଅବସ୍ଥା ତାର ଅପସର ଗଲା । ଯୌବନକାଳ ତାହାର ଆସି ପ୍ରବେଶିଲା । ଅତି ରୂପବତୀ ଅତି ଗୁଣବତୀ ସେହି । କିପୁର ମୋହିବ ଥରେ ଦେଲେ କଥା କହି । ଚକ୍ଷୁକେ ଟେ ଦେବେ ସେହି ଗୁହିଁଦେବ ଥରେ । ଦେବତାଏ ରହି ନ ପାରିବେ ସ୍ୱର୍ଗପୁରେ । ବିବାହକାଳ ତାହାର ଏଣୁ ପ୍ରବେଶିଲା । ସେ କନ୍ୟା ଏକପ୍ରକାର ପଣ ଯେ କରିଲା । ମଉନ ପଣ ତାହାର ଯେ ଭାଙ୍ଗି ପାରିବ । ସେହି ଜନ ତାହାକୁ ଯେ ବିବାହ ହୋଇବ । ଜାତି ଗୋଟିଏ ତାର କିଛି ନାହିଁ ପ୍ରୟୋଜନ । ଏହି କଥା ତାର ପିତା ବୁଝିକରି ଜାଣି । ଦେଶେ ଦେଶେ ଘୋଷଣା ଯେ ଦେଲେ ଭଲ କରି । ମୋର ଏକ କନ୍ୟା ଅଛି ସେ ଅତି ସୁନ୍ଦରୀ । ବିବାହ କାଳ ତାହାର ହେଲାଣି ଅଗତ । ଯେଉଁ ଜନ ଭାଙ୍ଗି ପାରିବ ତା ମୌନ ବ୍ରତ । ସତ୍ୟ କହୁଅଛୁ କନ୍ୟା ତାକୁ ବିଭା ହେବ । ଜାତିକୁଳ ଗୋଟି ଅଧ କିଛି ନ ଲୋଡ଼ିବ । ଏ ଘୋଷଣା ଦେଶେ ଦେଶେ ପ୍ରଚାର ହୋଇଲା । ସବୁ ରାଜାମାନଙ୍କର କର୍ଣ୍ଣରେ ବାଜିଲା । ବହୁତ ନୃପତି ଅବା ରାଜପୁତ୍ରଗଣେ । ସେ କନ୍ୟାର ପାଶେ ପ୍ରବେଶିଣ ଜଣେ ଜଣେ । ନାନା ଉପାୟ କରିଣ ନିରାଶ ହୋଇଲେ । କେହି ତାର ମୌନ ବ୍ରତ ଭାଙ୍ଗି ନ ପାରିଲେ । ବିବାହ ନୋହିଣ ଦାସୀଗଣଙ୍କ ସଙ୍ଗରେ । ଅନୁକ୍ଷଣେ ରହୁଥାଏ ମଉନ ଭାବରେ । ଏହିପରି ଏକ ବର୍ଷକାଳ ବହିଗଲା । ଦିନେ ବିକ୍ରମଙ୍କ ଆଗେ ଚର ଜଣାଇଲା । ଏ ଶୁଭ ସମ୍ବାଦ ଶୁଣି ବିକ୍ରମ ରାଜନ । ମନରେ ଅତି ଆନନ୍ଦ ହୋଇଲେ ବହନ । ତହୁଁ ତାଳ ବେତାଳଙ୍କୁ ଘେନି ସଙ୍ଗତରେ । ପ୍ରବେଶ ହୋଇଲେ ମୌନାବତୀ ନଗରରେ । ବିକ୍ରମଙ୍କ ଅଜ୍ଞାକୁ ଯେ ପାଳିବା ନିମନ୍ତେ । ବେତାଳେ ଅଛନ୍ତି ତାଙ୍କ ସଙ୍ଗେ

ଅନ୍ତଃପୁରରେ । ମୌନାବତୀ ବସିଅଛି ପଲଙ୍କ ଉପରେ । ଦାସୀଗଣେ ରହିଛନ୍ତି ତାର ନିକଟରେ । କେବଳ ଯେ ମୌନାବତୀ କହିନ୍ତି ନସ୍ତନେ । ପଦେ ମାତ୍ର କଥା ନ କହଇ କେଉଁ ଧନେ । ବିକ୍ରମ ପୁଚ୍ଛିଲେ ଦାସୀମାନଙ୍କୁ ସତ୍ୱରେ । କି ପଣ କରିଛି କନ୍ୟା କୁହ ମୋ ଆଗରେ । ଦାସୀମାନେ କହୁଛନ୍ତି ଶୁଣ ନୃପବର । ମଉନାବତୀ ବୋଲିଣ ନାମଟି ଏହାର । ମଉନ ଭାବରେ ଏହୁ ଥାଏ ଅନୁକ୍ଷଣ । ଯେ ଏହାକୁ କୁହାଇ ପାରିବଟି ବଚନ । ଦିବସ ନୁହେଁ ରଜନିରେ ପରୀକ୍ଷା କରଣ । ଚାରି ପ୍ରହରରେ ଚାରିଥର କଥା କାଣି । ଯେ କୁହାଇ ପାରିବଟି ଏହାକୁ ମୁଖରେ । ମଉନ ଭାଙ୍ଗିଲ ବୋଲି ଜାଣିବ ବାଧିରେ । ସେହୁ ବ୍ୟକ୍ତି ଏ କନ୍ୟାକୁ ବିଭା ଯେ ହୋଇବ । ମଉନ ଭାଙ୍ଗି ଏହାର ଯେତେବେଟି ପାରିବ । ଏହୁପରି କଥା ବିକ୍ରମଙ୍କୁ ଦାସୀମାନେ । ବୁଝାଇ କହିଲେ ଭ୍ରାନ୍ତି ନ ରଖିଣ ମନେ । ଦାସୀଙ୍କି ବିକ୍ରମାଦିତ୍ୟ ବୋଲନ୍ତି ତତକ୍ଷଣେ । ଏ କଥାରେ ସାକ୍ଷୀ ହୋଇଥାଅ ତୁମ୍ଭେମାନେ । ଯେବେ ଏ କନ୍ୟାର ମୁହିଁ ମଉନ ଭାଙ୍ଗିବି । ତେବେ ବିବାହ ହୋଇଣ ସୁଖେ ଚଳିଯିବି । ଦାସୀଗଣେ ଏହା ଶୁଣି ସୀକାର କଲେ । ଦଣ୍ଡେ ମାତ୍ର ରାତି ହୋଇଥିଲା ସେ ବେଳରେ । ପଲଙ୍କର ଚଉପାଶେ ଜଳେ ଦୀପାବଳୀ । କନ୍ୟାପାଶେ ଦାସୀଗଣେ ରହିଛନ୍ତି ମେଳି । ଏ ସମୟେ ବିକ୍ରମ ଯେ ପଦାକୁ ଆସିଲେ । ତାଳ ବେତାଳଙ୍କୁ ବେଗେ ବଚନ ବୋଇଲେ । ତୁମ୍ଭେ ଏ କନ୍ୟାର ଗୃହ ଦୀପରେ ରହିବ । ମୋ ପ୍ରଶ୍ନର ବିପରୀତ ଉତ୍ତର ଯେ ଦେବ । ଏହା ଶୁଣି ତାଳ ବେତାଳ ଯେ ବେଗେ ଗଲେ । କନ୍ୟା ଗୃହ ଦୀପାବଳୀ ମଧ୍ୟରେ ରହିଲେ । ଏ କଥା କେହି ଜାଣନ୍ତି ନାହିଁ ସେ ଗୃହରେ । ତାଳ ବେତାଳେ ରହିଲେ ଶୂନ୍ୟ ସ୍ୱରୂପରେ । ଏ ସମୟେ ବିକ୍ରମ ସେ ଗୃହକୁ ଆସିଲେ । ଦୀପକୁ ଚାହିଁଣ ତହୁଁ ବଚନ ବୋଇଲେ ।

ମୌନାବତୀ ତାହାଙ୍କ ଯେ କଥା ନ କହନ୍ତି । ଗୋଟିଏ ବିଷୟ
ତୋତେ ପୁଚ୍ଛିବି ଏଠାତ । ନ୍ୟାୟକୁ ଅସିବ ଯାହା ତାହା
ତୁ କହିବୁ । ମନରେ କଦାପି ତୁହି ଭୟ ନ କରିବୁ । ଶୁଣ ଏବେ
ସେହି କଥା ଏକଚିତ୍ତ ହୋଇ । ବ୍ରାହ୍ମଣର ପୁତ୍ର ତନ୍ତ୍ରୀ ସୁନାରି
ବଢ଼େଇ । ଏହି ଚାରିଜଣ ମିତ୍ର ହୋଇଥାନ୍ତି ଜାଣ । ଧନେ ସଙ୍ଗ
ହୋଇ ସର୍ବେ କରନ୍ତି ଗମନ । ନିର୍ଜନ ଅରଣ୍ୟ ମଧ୍ୟେ ପ୍ରବେଶ
ହୋଇଲେ । ରଜନୀ ହେବାରୁ କେଉଁଣେ ଯାଇ ନ ପାରିଲେ । ଏକ
ବୃକ୍ଷ ମୂଳରେ ଯେ କରିଲେ ବସତି । ଭାବିଲେ ଗମିବା ପାହୁ ଯାଉ
ଏହି ରାତି । ସେ ଚାରି ମଇତ୍ର ବସି କରିଲେ ବିଚାର । ଜଣେ
ଲେଖାଏଁ ଜଗିବା ପ୍ରତ୍ୟେକ ପ୍ରହର । ଏହିରୂପେ ଚାରିଜଣ ଚାରି
ପ୍ରହରରେ । ପାଳିକରି ଜଗିବା ଯେ ରହି ଜାଗରେ ॥ ବାକି
ତିନିଜଣ ଲେଖାଁ କରିବା ଶୟନ । ହିଂସ୍ରଜନ୍ତୁ କାଳେ ଅସି
ପ୍ରବେଶିବେ ପୁଣ । ଏ କଥାକୁ ସମସ୍ତେ ଯେ କଲେ ସ୍ୱୀକାର ।
ପ୍ରଥମ ପ୍ରହର ପାଳି ହେଲା ବଢ଼େଇର । ବାକି ତିନିହେଁ ଶୋଇଲେ
ନିଶ୍ଚିନ୍ତ ହୋଇଣ । ବଢ଼େଇ ବସିଲା ତାର ପାଳିକି ଜଗିଣ । ବସି
ବସି କାଠରେ ସେ ଏକ ନାରୀମୂର୍ତ୍ତି । ଗଢ଼ି ଥୁଅନ୍ତେଣ ପ୍ରହରେ
ପୂରିଲା ରାତି । ବଢ଼େଇ ପାଇଁ ନିଶ୍ଚିନ୍ତ ଭାବରେ ଶୋଇଲା । ତହୁଁ
ତନ୍ତ୍ରୀ ପୁତ୍ର ଉଠି ଜଗିଣ ବସିଲା । ବସ୍ତ୍ର ଖଣ୍ଡିଏ ବୁଣିଣ ସେ କାଠ
ରୂପରେ । ପିନ୍ଧାଇଣ ଦେଲା ସେହୁ ନାରୀଙ୍କ ପ୍ରକାରେ । ତହୁଁ
ତାହାର ପାଳି ଯେ ପୂରିଯାନ୍ତେ ପୁଣି । ସୁନାରି ଜଗିଲା ଉଠି ସେ
ସ୍ଥାନରେ ଜାଣି । ନାନାଜାତି ଅଳଙ୍କାର ସେହୁ ଗଢ଼ିକରି । ସେ
ମୂର୍ତ୍ତି ଅଙ୍ଗରେ ପିନ୍ଧାଇଲା ମନ ଭରି । ତା ପରେ ବ୍ରାହ୍ମଣର ଯେ
ଜଗିବା ପଡ଼ିଲା । ସେ ରୂପକୁ ମନ୍ତ୍ରବଳେ ଜୀବଦାନ ଦେଲା ॥
ଦେଖିବାକୁ ସେ କନ୍ୟା ଯେ ଅତ୍ୟନ୍ତ ସୁନ୍ଦରୀ । ସେ ଚାରିହେଁ
ଦେଖି ତାକୁ କାମେ ହୋଇ ଘାରି । ବିବାହ ହେବା ନିମନ୍ତେ

କଲ ଯେ କରଲେ । କେ ବିବାହ ହେବା ଯୋଗ୍ୟ ତାହାଙ୍କ ମଧ୍ୟରେ ॥ ଅହେ ଦୀପ କହ ଏବେ କଏ ବିଜ୍ଞ ହେବ । କପଟ ଦୀପ ବୋଲଇ ଶୁଣ ଯୁବର ଭାବ ॥ ବ୍ରାହ୍ମଣ ବିଜ୍ଞ ହୋଇବା ପ୍ରମାଣ ଅଟଇ । ଏହା ଶୁଣି ମୌନାବତୀ କହେ କୋପ ହୋଇ ॥ ମୋହର ଦୀପ ତୁ ହୋଇ କହୁଛୁ ଏପରି । ବ୍ରାହ୍ମଣ ତା ଜୀବ ଦେଇ ହେଲା ପିତା ସରି ॥ ବଢ଼େଇ ତ ଗଢ଼ିବାରୁ ପିତା ତୁଲ୍ୟ ହେଲା । ଭୂଷଣ ଦେଇ ବଣିଆ ଭାଇ ବୋଲାଇଲା ॥ ତନ୍ତୀ ପିନ୍ଧାଇ ଦେଇଛି ଯେବେଠି ବସନ । ବିବାହ ହୋଇବା ପାଇଁ ସେ ଏକା ଭାଜନ ॥ ମୌନାବତୀ ଯହୁଁ ଏହୁ କଥାକୁ କହିଲେ । ଦାସୀଙ୍କୁ ବିକ୍ରମ ନୃପ ଡାକିଣ ବୋଇଲେ ॥ ତୁମ୍ଭ ଜେମା ଏବେ କଥା କହିଲେ ଶୁଣିଲ ॥ ଦାସୀ କହେ ଅଉ ଅଛି ତିନ୍ନି ଯେ ପ୍ରହର । ଲକ୍ଷ୍ମୀଶ୍ୱର କହନ୍ତି ଏ ରହସ୍ୟରେ ଜାଣ । ନିଶ୍ଚେ ମୌନ ଭଙ୍ଗାଇବେ ବିକ୍ରମ ରାଜନ ॥

---

## ଦ୍ୱିତୀୟ ପ୍ରହର କଥା

ଏବେ ଶୁଣ ଜନେ ଦ୍ୱିତୀୟ ପ୍ରହର କଥା । ବିକ୍ରମ ନୃପତି କଲେ ଯେବଣ ବ୍ୟବସ୍ଥା ॥ ଦ୍ୱିତୀୟ ପହର ଯହୁଁ ହେଲା ଉପସ୍ଥିତ ବେତାଳଙ୍କୁ ବୋଇଲେ ବିକ୍ରମ ନରନାଥ ॥ କନ୍ୟାର ଶୋଇବା ପଲଙ୍କରେ ତୁହି ଯାଇ । ପ୍ରଶ୍ନର ଉତ୍ତର ବିପରୀତେ ଦେବ କହି ॥ ଏହା କହି ବିକ୍ରମ ଯେ ଦାସୀଙ୍କୁ ବୋଇଲେ । ଖାଲି କେତେ ତୁଣ୍ଡ ବୁଜି ରହିବା ଏଠାରେ ॥ ପ୍ରଥମ ପ୍ରହରେ ଜେମା ଦେଇ କହିଛନ୍ତି । ଏବେ ଦ୍ୱିତୀୟ ପ୍ରହର ହୋଇଲାଣି ରାତି ॥ ହେ ପଲଙ୍କ କହ ଏବେ ମୋହର ଉତ୍ତର । ମନକୁ ଆସିବ ଏହା ଶୁଣି ଯା ଡାହର ॥ ଏବେ ଶୁଣ ଏକ କଥା କହୁଅଛି ମୁହିଁ । ପଞ୍ଚାଳ ରାଜ୍ୟରେ ଏକ ସୌଦାଗର ଥାଇ ॥ ପାଞ୍ଚପୁଅ ପାଞ୍ଚବୋହୂ ଥାନ୍ତି

ଘରେ ତାର । ସବା ସାନ ବୋହୂର ଯେ ମନ୍ଦ ବ୍ୟବହାର ॥ ପ୍ରତଦିନ ଗୁପ୍ତଭାବେ କବାଟ ଫିଟାଇ । ପଦାକୁ ଯାଇଣ ପର ପୁରୁଷେ ରମଇ ॥ ପ୍ରୀତି ସାଙ୍ଗ ସ୍ଥିର ହୋଇ ଶୁଏ ଅସି ଘରେ । କେହି ଜାଣି ନ ପାରନ୍ତି ଏହା କେତେବେଳେ ॥ ଦିନେ ତାର ସ୍ୱାମୀ ଏହି କଥାକୁ ଜାଣିଲା । ସ୍ତ୍ରିଗ୍ଣ ଯେମନ୍ତେ ପଦାକୁ ଗୁପତରେ ଗଲା ॥ ତାର ସ୍ୱାମୀ ତା ପଛରେ ସ୍ତ୍ରିର ଭାବେ ଯାଇ । ଦ୍ୱାର କବାଟକୁ କିଳି ଅସି ବେଗ ହୋଇ ॥ ଶୟନ କରିଲା ଅସି ନିଜ ଶଯ୍ୟା ପରେ । ତେଣେ ନାରୀ ଯାଇ ପରପୁରୁଷ ସଙ୍ଗରେ ॥ ରତି କ୍ରୀଡ଼ା ଶେଷକରି ଫେରନ୍ତେ ଘରକୁ । କବାଟକୁ ପେଲିଲା ସେ ଅସିଣ ଦ୍ୱାରକୁ ॥ ଦେଖିଲା କବାଟ କିଳା ହୋଇଅଛି ତହିଁ । କବାଟ ଫିଟାଅ ବୋଲି ଡାକିଲା ଛୁହାଇ ॥ କେତେ ପ୍ରକାରେ ନିଘ୍ନ ହୋଇ ସେ ଡାକିଲା । ସ୍ୱାମୀ କଦାପି ତାହାର ଡାକ ନ ଶୁଣିଲା ॥ ଉଠିଣ କବାଟ କେବେଁ ଫିଟାଇଲା ନାହିଁ । ସ୍ତ୍ରୀକର କହିଲା ସେ ମରୁଛି ମୁଁ ଯାଇ ॥ ଏହି ପୋଖରୀରେ ଏବେ ବୁଡ଼ି ମୁଁ ମରିବି । ଏ ଜୀବନ କାହିଁପାଇଁ ମୁହିଁ ଯେ ରଖିବି ॥ ଏତେ କହି ସେହି ମାୟାବିନୀ ନାରୀ ଗଲା । ଗୋଟାଏ ପଥର ନେଇ ଜଳେ ପକାଇଲା ॥ ଜଳରେ ପଥର ପଡ଼ି ଶବଦ ଶୁଭିଲା । ତାହା ଶୁଣି ସ୍ୱାମୀ ତାର ମନରେ ଭାବିଲା ॥ ମୋର ଯୁବତୀ ଜଳକୁ ପଡ଼ିଲା ତ ତେଇଁ । କି କଥା କରିବି ମୋତେ ବୁଦ୍ଧି ଦିଶୁ ନାହିଁ ॥ ଏହା ଭାବି ତରତର ହୋଇଣ ସେ ଗଲା । ପାଣିରେ ପଶି ତାହାର ନାରୀକୁ ଖୋଜିଲା ॥ ଏହି ସମୟରେ ନାରୀ ଅସିଣ ଗୃହକୁ । କବାଟକୁ କିଳିଦେଇ ଗଲା ଶୋଇବାକୁ ॥ ତେଣେ ତାର ସ୍ୱାମୀ ପାଣି ଭିତରେ ପଶିଣ । ଖୋଜି ଖୋଜି ଅସିଲା ସେ ନିରାଶ ହୋଇଣ ॥ ଦେଖିଲା ଦ୍ୱାର କବାଟ ଅଛି କିଳା ହୋଇ । ଡାକିଲା ଦ୍ୱାର କବାଟ ଫିଟାଅ ହେ କେହି ॥ ଏହା ଶୁଣି ତାର ନାରୀ କହଇ

ଉଭରେ । କେଣେ ଯାଉଥିଲ ତୁମ୍ଭେ ଏ ରାତ୍ର ଅର୍ଦ୍ଧରେ ॥ ଯେଉଁ ନାରୀ ନିକଟକୁ ଯାଉଥିଲ ଚଳି । ଏବେ ତା ପାଖକୁ ଯାଇ ତୁମ୍ଭ ହୋଇ ମେଳ ॥ ଏହା ଶୁଣି ସ୍ୱାମୀର ଯେ ବାକ୍ୟ ନ ସ୍ଫୁରିଲା । ନାରୀ ସଙ୍ଗତରେ ସେହୁ ବହୁକଳି କଲା ॥ ନାରୀ ଅଛି ଶଯ୍ୟାପରେ ସ୍ୱାମୀ ତା ବାହାରେ । ସାକ୍ଷୀଲୋକେ ଭଳି ଶୁଣି ଆସିଲେ ବ୍ୟଗ୍ରରେ ॥ ଘରେ ଶୋଇଣ ଯୁବତୀ କହୁଛି ଏସନ । କେଉଁ ନାରୀ ପାଶେ ତୁମ୍ଭ ଯାଅ ପ୍ରତିଦିନ ॥ ଏହିରୂପେ ଗୁପତରେ ନିତ ଦିନ ଯାଅ । ପୁଣି ଗୁପତରେ ଆସି ଶେଯପରେ ଶୋଅ ॥ ଏ କଥା ଶୁଣିଣ ସର୍ବେ କରଣି ବିଶ୍ୱାସ । ବୋଇଲେ ଏ କାର୍ଯ୍ୟ କରୁ ନାରୀ ଆଉଁ ପାଶ ॥ ସ୍ୱାମୀ ଏପର ସଭଙ୍କ ମୁଖରୁ ଶୁଣିଲା । କାନମୁଣ୍ଡା ଆଉଁସିଣ ଘରକୁ ଯେ ଗଲା ॥ ହେ ପକ୍ଷୀଙ୍କ ବିଚକ୍ଷଣ ନ୍ୟାୟ ତୁ କହିବୁ । ଏ ଦୁହିଙ୍କ ମଧ୍ୟେ କିଏ ଚତୁର ବୋଲିବୁ ॥ ଶୁଣିଣ ପକ୍ଷୀଙ୍କ କହେ ତହିଁର ଉତ୍ତର । ଏହାଙ୍କ ମଧ୍ୟେ ପୁରୁଷ ଅତ୍ୟନ୍ତ ଚତୁର ॥ ଏହା ଶୁଣି ମୈନାବତୀ ସହି ନ ପାରିଲା । କୋପ ହୋଇ ପକ୍ଷୀଙ୍କୁ ବଚନ ବୋଇଲା ॥ ମୋହର ପକ୍ଷୀଙ୍କ ହୋଇ ଅନ୍ୟାୟ କହିଲ । ସେ ନାରୀ ଚତୁର ଏହା ଜାଣି ନ ପାରିଲ ॥ ପୁରୁଷ ଅପେକ୍ଷା ନାରୀ ଚତୁରୀ ଅଟଇ । ଅପେ ଦୋଷକରି ଯେଣୁ ସ୍ୱାମୀକୁ ବୋଲଇ ॥ ଏହା ଶୁଣି ବିକ୍ରମ ଯେ ହରଷ ହୋଇଲେ । ଦାସୀମାନଙ୍କୁ ସେ ପୁଣି ସତ୍ୱରେ ବୋଇଲେ ॥ ଶୁଣିଲ ତ ତୁମ୍ଭେ କେମା କହିଲେ ବଚନ । ଏହିରୂପେ ଦୁଇଥର କହିଲେଣି କାଣ ॥ ଅଉ ଦୁଇଥର ଯେବେ କୁହାଇ ପାରିବ । ଲକ୍ଷ୍ମୀଧର ବୋଲେ ତେବେ ବିବାହ ହୋଇବ ॥

## ତୃତୀୟ ପ୍ରହର କଥା

ତୃତୀୟ ପ୍ରହର କଥା ମନସ୍ଥିରେ ଶୁଣ । ଯେଉଁ ବୁଦ୍ଧି କଲେ ତହିଁ ବିକ୍ରମ ରାଜନ ॥ ଦାସୀଗଣେ ବସିଛନ୍ତି କନ୍ୟା ଗୃହପାଶେ । ଦୀପାବଳୀମାନ ପୁଣି ଜଳଇ ବିଶେଷେ ॥ ତାଳ ବେତାଳଙ୍କୁ ଯେ ବିକ୍ରମ ଗୁପ୍ତେ କହୁ । ପଲଙ୍କ ଖୁରାରେ ଏବେ ରହ ତୁମ୍ଭେ ଯାଇଁ ॥ ପ୍ରଶ୍ନର ଉତ୍ତର ବିପରୀତ ଭାବେ ଦେବ । ମଦନାବତୀ ଯେ ଭାବେ ବଚନ କହିବ ॥ ସେହି ପରକାରେ ତୁମ୍ଭେ ଦେବ ଯେ ଉତ୍ତର ॥ ପଲଙ୍କ ଖୁରାକୁ ଗଲେ ତାଳ ଯେ ବେତାଳ ॥ ତୃତୀୟ ପ୍ରହର ରାତ୍ରି ଏମନ୍ତେ ହୋଇଲା । ମଦନାବତୀଙ୍କ ଅଳ୍ପେ ନିଦ୍ରା ଆକର୍ଷିଲା ॥ ହେ ମୌନାବତୀ ବୋଲିଣ ବିକ୍ରମ ଡାକିଲେ । ଶୁଣି ମୌନାବତୀ ଦମ୍ଭ ହୋଇଣ ବସିଲେ ॥ କିଛି କଥା ନ କହିଣ ରୁହିଁଣ ରହିଲା ॥ ଆଳସ୍ୟ ଭାଙ୍ଗିଣ ସେହୁ ଦମ୍ଭରେ ବସିଲା ॥ ଏ ସମୟେ ବିକ୍ରମ ଯେ ବୋଇଲେ ବଚନ । ହେ ପଲଙ୍କ ଖୁରା ଏବେ ଶୁଣ ମୋ ବଚନ ॥ ମୁଁ ଗୋଟିଏ କଥା ଶୁଣିଅଛି ଯେ କହିବି । ବସି ବସି କିପାଁ ମୁହିଁ ରାତ୍ରି କଟାଇବି ॥ ଏକ ରାଜାଘରେ ମାଳୀଅଣୀ ଗଉଡୁଣୀ । ଦୁହେଁ ରହି ଦାସୀ କାମ କରୁଥାନ୍ତି ପୁଣି ॥ ଦୁହେଁ ଦୁହିଙ୍କର ବୁଦ୍ଧି ପରୀକ୍ଷା ନିମନ୍ତେ । କଉଶଳ କଥା ଭାବୁଥାନ୍ତି ନିତ ଚିତ୍ତେ ॥ ଏମନ୍ତ ପ୍ରକାରେ ଭୋଗ ହେଲା କିଛିଦିନ । ଏକଦିନର ଘଟଣା ହୋଇଲା ଯା ଶୁଣ ॥ ରାଜକନ୍ୟା ନିକଟକୁ ଯାଇ ଗଉଡୁଣୀ । ବୋଇଲା ଶୁଣ ଗୋଟିଏ କଥା ଜେମାମଣି ॥ ଅମୁକ ନଗ୍ର ସୌଦାଗର ପୁଅ ତୁମ୍ଭ ସଙ୍ଗେ । ରତିକ୍ରୀଡ଼ା କରିବ ସେ ମନର ସରାଗେ ॥ ଏକଲକ୍ଷ ସ୍ୱର୍ଣ୍ଣମୁଦ୍ରା ତୁମ୍ଭଙ୍କୁ ସେ ଦେବ । ଏଥିରେ ତୁମ୍ଭର ଯଦି ସନମତ ହେବ ॥ ତେବେ ତାକୁ କହିବି ସେ ସ୍ୱର୍ଣ୍ଣମୁଦ୍ରା ଦେବ । ଏକାନ୍ତରେ ରତିକ୍ରୀଡ଼ା କରିଯିବ ସେହୁ । ହେଉ ବୋଲି ରାଜଜେମା ତାହାକୁ କହିଲା । ଏମନ୍ତ ପ୍ରକାରେ ଦିନ ଯାଇଁ ରାତ୍ରି

ହେଲା । ସ୍ୱପ୍ନେ ସାଧୁ କୁମାରକୁ ଅଣି ଗୋପାଳୁଣୀ । ଦେବ ମନ୍ଦରେ ମିଳନ କରାଇଲା ଜାଣି । କଟୁଆଳମାନଙ୍କୁ ସେ ଜଗାଇଣ ଦେଲା । ଏ କଥା ମାଳଅଣୀ ଯେ ସତ୍ୱରେ ଜାଣିଲା । ବେଗେ ଯାଇଁ ସୌଦାଗର ପାଟଣ ପ୍ରବେଶିଣ । ସକଳ ଘଟଣା ଯାଇଁ କହିଲା ବହନ । ପୁଅ ତାର ଅଛି ଦେବ ମନ୍ଦର ମଧ୍ୟରେ । ଶୁଣି ସୌଦାଗର ବୁଢ଼ା ଅଛି ଡରରେ । ବୋଇଲା ପୁଅ ଅସିବ କେମନ୍ତ ପ୍ରକାରେ । ଶୁଣି ମାଲଅଣୀ ତାକୁ କହିଲା ସଧୀରେ । ତୁମ୍ଭ ଭାର୍ଯ୍ୟା ତୁମ୍ଭ ବୋହୂ ଦୁହେଁ ମୋ ସଙ୍ଗରେ । ଅସନ୍ତୁ ପୁଅ ଅସିବ ଏହି କ୍ଷଣକରେ । ଏହା କହି ମାଳଅଣୀ ସେ ଦୁହିଙ୍କି ନେଲା । ଦେବତା ଦର୍ଶନ କରିବାକୁ ବାହାରିଲା । ଏହା ଦେଖି କଟୁଅଳ ତାଙ୍କୁ ଛାଡ଼ିଦେଲେ । ଦେବମନ୍ଦରେ ତନିହେଁ ପ୍ରବେଶ ହୋଇଲେ । ସୌଦାଗର ପୁଅ ପାଶେ ବୋହୂକୁ ରଖାଇ । କେମାକୁ ବୋହୂ ପରିଯେ ବସନ ପିନ୍ଧାଇ । ମାଳୀଅଣୀ ଏହିପରି କରିଣ ସତ୍ୱରେ । ସେ ମନ୍ଦରୁ ବାହାରିଣ ଅସିଲେ ଚଞ୍ଚଳେ । ଯାଇଥିଲେ ଯେଉଁ ତିନି ଅସିଲେ ସେ ତିନି । କଟୁଆଳମାନେ ତାହା ନ ପାରିଲେ ଜାଣି । ସୌଦାଗର ପୁଅ ବୋହୂ ମନ୍ଦରେ ରହିଲେ । କେମାକୁ ଘେନି ମାଲଣୀ ଗଲା ଅନ୍ତଃପୁରେ । ସୌଦାଗର ନାରୀ ନିଜ ଗୃହକୁ ଚଳିଲା । ଏହି ପରକାରେ ରାତ୍ରି ଗୋଟି ପାହିଗଲା । ଦେବମନ୍ଦରୁ ଦୁହିଙ୍କୁ ଘେନି କଟୁଅଳେ । ରାଜାଙ୍କ ପାଖକୁ ନେଲେ ଅତ୍ୟନ୍ତ ବେଗରେ । ପତି ପତ୍ନୀର ପ୍ରମାଣ ପାଇ ନୃପବର । ସେ ଦୁହିଙ୍କୁ ଛାଡ଼ିଦେଲେ ନ କରି ବିଚାର । ଗୋପାଳୁଣୀ ମାଲଅଣୀ ଦୁହିଙ୍କ ମଧ୍ୟରେ । ବୁଦ୍ଧିମତୀ ବୋଲି କିଏ ଜାଣିବା ମନରେ । କହ ପକ୍ଷୀଙ୍କର ଗୁରୁ ଏ କଥା ବିଚାରି । ବିକ୍ରମ ଯେମନ୍ତେ ଏହି କଥାକୁ ପଚାରି । ଶୁଣି ପକ୍ଷୀଙ୍କର ଗୁରୁ ବୋଲଇ ସେଷଣି । ବଡ଼ ବୁଦ୍ଧିମତୀ ସେହୁ ଅଟେ ଗୋପାଳୁଣୀ ।

ଏହା ଶୁଣି ମୌନାବତୀ ସହି ନ ପାରିଲା । ଅନ୍ୟାୟ କଥା ତୁ କିପାଁ କହିଲୁ ବୋଇଲା ॥ ମୋର ପଲଙ୍କରେ ଶୁଆ ହୋଇଣ ଯେ ତୁହି । ଏପରି ଅନ୍ୟାୟ କଥା କହୁ କାହିଁପାଇଁ ॥ ମାଲିଅଣୀ ବଡ଼ ବୁଦ୍ଧିମତୀ ଯେ ଅଟଇ । ଶୁଣି ବିକ୍ରମ ବୋଇଲେ ଅତି ତୋଷ ହୋଇ ॥ ଦାସୀଗଣେ ଶୁଣ ଜେମା କହିଲେ ବଚନ । ନିଶ୍ଚୟ ତାଙ୍କର ସ୍ୱାମୀ ହେବ ମୁଁ ପ୍ରମାଣ ॥ ଦାସୀମାନେ କହିଲେ ଯେ ଶୁଣ ଗୀରବର । ଆଜିଥରେ ଯେବେ ମୌନ ତୁମ୍ଭେ ଭାଙ୍ଗି ପାର ॥ ତେବେ ନିଶ୍ଚେ ବିବାହ ଯେ ହୋଇବଟି ତୁମ୍ଭେ । ଲକ୍ଷ୍ମୀଧର ବୋଲେ ଦେଖ କି ହେଉଛି ଏବେ ॥

---

## ଚତୁର୍ଥ ପ୍ରହର କଥା

ଚତୁର୍ଥ ପ୍ରହର ନିଶି ହେଲା ଏ ଅନ୍ତରେ । ବେତାଳଙ୍କୁ ବିକ୍ରମ ନୃପତି ଯେ କହିଲେ ॥ ମୌନାବତୀର ହାରରେ ତୁମ୍ଭେ ଯେ ରହିବ । ମୋ ପ୍ରଶ୍ନର ବିପରୀତ ଉତ୍ତର ଯେ ଦେବ ॥ ଏହା ଶୁଣି ବେତାଳେ ଯେ ପବନ ରୂପରେ । ଗୁପତେ ରହିଲେ ମୌନାବତୀର ହାରରେ ॥ ମୌନାବତୀ ବସିଅଛି ମଉନ ହୋଇଣ । ପଲଙ୍କ ଚୌପାଖେ ଜଳେ ଦୀପାବଳୀମାନ ॥ ଦାସୀମାନେ ବସିଛନ୍ତି ତାର ନିକଟରେ । ବିକ୍ରମ ଅଛନ୍ତି ଏକ ଆସନ ଉପରେ ॥ ଏ ସମୟେ ବିକ୍ରମ ଯେ ଦାସୀଙ୍କି କହିଲେ । ତୁମ୍ଭ ଜେମା ଶୋଇ ନ ପଡ଼ନ୍ତି ଏତିକାଳେ । ଚତୁର୍ଥ ପ୍ରହର ନିଶି ହୋଇଲାଣି ଆସି । ଦେହ ଅଳସ୍ୟ ହେଉଛି କେତେ ଥିବା ବସି ॥ ଏହା କହି ବିକ୍ରମ ଯେ ବୁଝିଏ ପାଖିଲେ । ମୌନାବତୀ ମୌନାବତୀ ବୋଲିଣ ଡାକିଲେ ॥ ମୌନାବତୀ ନ ଶୁଣନ୍ତେ ହାରକୁ କହିଲେ । ଅହେ ମୌନାବତୀ ହାର ଶୁଣ ତୁହି ଭଲେ ॥ ଗୋଟିଏ କଥା କହିବି ଶୁଣ ଦେଇ ମନ । ମୃଗାକ୍ଷୀ ନିମନ୍ତେ ଭଲେ

ଯାଉଥିଲି ବନ । କାକ ବକୀ ଦୁହେଁ ସେ ବନ ମଧ୍ୟରେ ଥାଇ । ପ୍ରବଳ ଭାବରେ କଳି କରୁଥିଲେ ତହିଁ । ବକୀ ଅତି କୋପ ହୋଇ କାକକୁ ବୋଇଲା । ଅରେ ଦୁଷ୍ଟ କାକ ଏଥୁଁ ବହନ ତୁ ପଳା । କାକ କହେ ମୋର ଏହି ଅଟେ ବାସସ୍ଥାନ । ଅଲୋ ବକୀ ଏଠାରୁ ପଳା ତୁ ବହନ । ତୋ ମୁଖ ଚାହିଁବା ମୋର ଉଚିତ ନୁହଇ । ମୋ ଆଗେ କେତେ ଧମକ ଦେଖାଉଛୁ ତୁହି । ବକୀକି କାକ କହୁଛି ଏମନ୍ତ ବଚନ । ମୁଁ ଏହା ଦେଖିଣ ତାଙ୍କୁ ପୁଚ୍ଛିଲି ବହନ । କି କାରଣେ ତୁମ୍ଭେ ଦୁହେଁ କରୁଅଛ କଳି । ନିଜ ନିଜର କଥା ସେ କହିଲେ ବିସ୍ତାରି । ପ୍ରଥମରେ ବକୀ ମୋତେ କହିଲା ବୃତ୍ତାନ୍ତ । ଶୁଣ ହେ ସୁଜନ ଏବେ ହୋଇ ଏକଚିତ୍ତ । ମୁହିଁ ଏକ ରାଜକନ୍ୟା ହୋଇ ଜନ୍ମିଥିଲି । ରାକ୍ଷସୀର କରଗତେ ମୁହିଁ ଯେ ପଡ଼ିଲି । ଏକ ସଙ୍ଗେ ଥାନ୍ତି ସେ ରାକ୍ଷସୀ ତିନିଜଣ । ମାୟାରେ ଅତି ସୁନ୍ଦରୀ ରୂପକୁ ବହିଣ । ମୋତେ ନେଇ ତାହାଙ୍କ ସଙ୍ଗରେ ଯେ ରଖିଲେ । ଏମନ୍ତେ ଚାରିଜଣ ଯେ ରହିଲୁଁ ସେଠାରେ । ପିତା ମାତା ଆଦିଙ୍କି ମୁଁ ମନୁ ପାସୋରିଲି । ରାକ୍ଷସୀଙ୍କ ଅଧୀନରେ ଯେଣୁ ମୁଁ ରହିଲି । ଏକଦିନେ ଚାରି ମିତ୍ର ବସି ଅଶ୍ୱ ପରେ । ରାକ୍ଷସୀଙ୍କ ଗୃହପାଶେ ଯାଇଁ ପ୍ରବେଶିଲେ । ସେ ତିନି ରାକ୍ଷସୀ ଅତି ରୂପବତୀ ହୋଇ । ତାଙ୍କ ନିକଟକୁ ଗଲେ ମୋତେ ସଙ୍ଗେ ନେଇ । ସେ ଚାରିମିତ୍ର ଯେ ଅମ୍ଭ ଚାରିଙ୍କୁ ଦେଖିଣ । ବିବାହ ହେବାକୁ ସର୍ବେ ବଳାଇଲେ ମନ । ଅମ୍ଭେ ଚାରିଜଣ ସେ ଚାରିଙ୍କୁ ବିଭା ହେଲୁଁ । ମନ ହରଷରେ ସର୍ବେ ସେଠାରେ ରହିଲୁଁ । ସେ ତିନି ରାକ୍ଷସୀ ଖାଲି କପଟ ଭାବରେ । ବିଭା ହୋଇଛନ୍ତି ତାଙ୍କୁ ଭକ୍ଷିବା ଆଶାରେ । ଏ କଥା ମୁଁ ଜାଣିପାରି ତାହାଙ୍କୁ କହିଲି । ସେ ତିନିଜଣ ରାକ୍ଷସୀ କପଟ ଆଚରି । ମାୟାରେ ତୁମ୍ଭଙ୍କୁ ସିନା ବିଭା ହୋଇଛନ୍ତି । ତୁମ୍ଭଙ୍କୁ

ଭଯିବେ କଷ୍ଟେ ହେଲେ ଅଛି ରାତି । ମୁଁ ନୁହଇ ରାକ୍ଷସୀ ଯେ ଅଟେ ନୃପସୁତା । ଏବେ ତୁମ୍ଭେମାନେ ମାନକର ମୋର କଥା । ଏ ସ୍ଥାନରୁ ପଳାୟନ କର ହୋ ସତ୍ୱର । ଶୁଣି ଚୋରମାନେ ମୋତେ ଘେନିଣ ସଙ୍ଗର । ଅଶ୍ୱରେ ବସିଣ ତହୁଁ ଅଚଳେ ପଳାଇ । ସେ ଭଳ ରାକ୍ଷସୀ ଜାଣି ପଛୁ ଆସି ଧାଇଁ । ଅତି ଭଇତରେ ଡାକିଣ କହିଲେ ସତ୍ୱର । ଅଳେ ସସ୍ତ୍ରୀ କପାଇଁ ତୁ କଲୁ ଅବାସ୍ତବ । ସେ ଚୋରଙ୍କୁ ଅଳମ୍ଭ ଚୋରଜଣ ଥାନ୍ତି ଖାଇ । ମନରେ ଭାବନ୍ତି ଖାଇବୁ ତୁ ଏହା ହୋଇ । ଚୋରଜଣଙ୍କୁ ଏକା ତୁ ନ ପାରବୁ ଖାଇ । ରହ ରହ ବୋଲି ଡାକ ଦିଅନ୍ତି ତୁହାଇ । ମାର୍ଗରେ ସେ ଭଳ ରାକ୍ଷସୁଣୀ ଡାକୁଛନ୍ତି । ଚୋରମାନେ ଏହିକଥା କେବେ ନ ଜାଣନ୍ତି । ଭାବିଲେ ଯେଉଁ କନ୍ୟାକୁ ଆଣିଲୁଁ ସଙ୍ଗରେ । ସେ ଏକ ରାକ୍ଷସୀ ଅସିଅଛି ତ ମାର୍ଗରେ । ଅମ୍ଭଙ୍କୁ ଏ ଏକାବେଳେ କରିବ ତ ଗ୍ରାସ । ମୁଁ ଯେତେ କହିଲି କେବେ ନ ଗଲେ ବିଶ୍ୱାସ । ମୋର ହସ୍ତ ପଦ ବାନ୍ଧି ଫିଙ୍ଗିଦେଇ ଗଲେ । ସେ ଭଳ ରାକ୍ଷସୀ ଅସି ମୋତେ ଖାଇଗଲେ । ତହୁଁ ବକୀ ରୂପ ହୋଇ ଜନମ ଲଭିଲି । ପୁରୁଷଙ୍କୁ ଅବିଶ୍ୱାସୀ ବୋଲି ମୁଁ ଜାଣିଲି । ମରଣ ଲଭିବ ତାଙ୍କୁ ବିଶ୍ୱାସ ଯେ ଯିବ । ତେଣୁ ପୁରୁଷଙ୍କ ମୁଖ କେବେଁ ନ ଚାହିଁବ । ଏହୁପରି ସତ୍ୟ ମୁହିଁ କରିଅଛି ଜାଣ । ପୁରୁଷଙ୍କ ମୁଖ ନ ଚାହିଁବି କଦାଚନ । ଏମନ୍ତେ ବକୀ କହିଲା ତାହାର ବୃତ୍ତାନ୍ତ । ଶୁଣିକରି କାକ ମୋତେ କହଇ ତୁରିତ । ମୁହିଁ ଜନ୍ମିଥିଲି ଏକ ସୌଦାଗର ଘରେ । ବହୁ ଧନ ବିଷୟାଦି ଥିଲା ଯେ ସେଠାରେ । ଲୀଳାବତୀ ବୋଲି ମୋ ଭାର୍ଯ୍ୟାର ନାମ ଥିଲା । ଅତି ରୂପବତୀ ଗୁଣବତୀ ସେହୁ ଭଲା । ତାଠାରେ ବହୁତ ସ୍ନେହ ଥାଏ ଯେ ମୋହର । ମୋ ସେବା କରେ ସେ ନିତ ହୋଇ ତତପର । ଦଇବେ ଏକଇ ବ୍ୟାଧି ହେଲା ତା ଦେହରେ । ଅତବ୍ୟଗ୍ର ନ ହେଲା ସେହୁ କୌଣସି

ପ୍ରକାରେ ॥ ବହୁତ ଭାବରେ ତାର କଲି ପ୍ରତିକାର । ସବୁ ଶେଷ
ହେଲା ଯେତେ ଧନ ଥିଲା ମୋର ॥ ଅଭାବ ହେବାରୁ ଧନ ଭାବିଲି
ମନରେ । ବାଣିଜ୍ୟ ନିମନ୍ତେ ଏବେ ଯିବି ଦେଶାନ୍ତରେ ॥ ଏହା
ଭାବି ମାତାକୁ ଯେ କହିଲି ବୁଝାଇ । ବାଣିଜ୍ୟ ନିମନ୍ତେ ବିଦେଶକୁ
ଯିବି ମୁହିଁ ॥ ବଧୂକୁ ମୋହର ଯତ୍ନ ଭାବରେ ରଖିବୁ । ଭଲରୂପେ
ତାହାର ଯେ ତତ୍ତ୍ୱ ବୁଝୁଥିବୁ ॥ ଯେବେ ବଞ୍ଚିପାଏ ତେବେ ଉତ୍ତମ
ଅଟଇ । ନ ବଞ୍ଚିଲେ ତା ମାଂସକୁ ତେଲରେ ଭଜାଇ ॥ ମୁଁ
ଦେଖିବା ଯାଏ ତାକୁ ଯତ୍ନେ ରଖିଥିବୁ । କଦାପି ଶବକୁ ତାର
ପୋଡ଼ାଇ ନ ଦେବୁ ॥ ମାତା ପାଶେ ଏହା କହି ବାଣିଜ୍ୟକୁ ଗଲି ॥
ଧନ ପାଇବା ଆଶାରେ ବାଣିଜ୍ୟ କରିଲି ॥ ଗୃହରୁ ମୁଁ ବାଣିଜ୍ୟକୁ
ଗଲି ଯେଉଁଦିନ । ସେହି ଦିନଠାରୁ ହୁଅନ୍ତେଣ ପାଞ୍ଚଦିନ ॥
ଭାର୍ଯ୍ୟା ମୋର ମରିଗଲା ସେ ରୋଗରେ ଜାଣ । ମୋ କହିବା କଥା
ମାତା ମନେ କରି ପୁଣ ॥ କଦାପି ନ ପୋଡ଼ାଇ ତା ମାଂସକୁ
ରଖିଲା । ଗୃହକୁ ଆସନ୍ତେ ମୋତେ ତାହା ଦେଖାଇଲା ॥ ମୁହିଁ
ଯେମନ୍ତେ ତା ଅସ୍ଥି ମାଂସକୁ ଦେଖିଲି । ଅତ୍ୟନ୍ତ ବିକଳ ହୋଇ
ମନରେ ଭାବିଲି ॥ ଗୃହରେ ରହିବା ଆଉ ଉଚିତ ନୁହଇ ॥
ଅସ୍ଥି ମାଂସ ସବୁ ଏକ ପେଡ଼ିରେ ପୂରାଇ ॥ ମୁଣ୍ଡରେ ମୁଣ୍ଡାଇ
ବୁଲିଗଲି ମୁଁ ସତ୍ୱରେ । ପାଳିତ କୁକୁର ମୋର ଗଲା ଯେ
ପଛରେ ॥ ସେ ପେଡ଼ିକି ମୁଣ୍ଡେ ବହି ନାନାଦେଶେ ବୁଲି । ନ ଖାଇ
ନ ପିଇ ଅନୁକ୍ଷଣେ ମୁଁ ଭ୍ରମିଲି ॥ ଏହିପରି କେତେଦିନ ଭୋଗ
ହୋଇଗଲା ॥ ବୁଲିବାକୁ ଆଉ ମୋର ବଳ ନ ପାଇଲା ॥ ନିର୍ଜ୍ଜନ
ଅରଣ୍ୟ ମଧ୍ୟେ ପ୍ରବେଶିଲି ଯାଇଁ । ସର୍ବଦା ତାହାର ଗୁଣ କାହୁଣି
କାନ୍ଦଇ ॥ ଅତି ବିକଳ ହୋଇଣ ଭାର୍ଯ୍ୟା କଥା ଭାବି । କେମନ୍ତ
ପ୍ରକାରେ ଅଉ ତାକୁ ମୁଁ ପାଇବି ॥ ମୁଣ୍ଡରେ ସେ ପେଡ଼ିଗୋଟି
ଅଛୁ ମୁଣ୍ଡାଇଣ । ପଥଶ୍ରମେ ଏକ ବୃକ୍ଷ ମୂଳରେ ବସିଣ ॥ ଭାର୍ଯ୍ୟାଗୁଣ

ଭ୍ରବକର କରୁଛୁ ରୋଦନ । ଶୂନ୍ୟେ ଈଶ୍ବର ପାର୍ବତୀ କରନ୍ତେ ଗମନ ॥ ମୋହର ରୋଦନ ଶୁଣି ପାର୍ବତୀ କହୁଲେ । ଅହେ। ନାଥ କିଏ କାନ୍ଦେ ଏ ଘୋର ବନରେ ॥ ଶୁଣି ଈଶ୍ବର ତାହାଙ୍କୁ ମୋ କଥା କହୁଲେ । ଦୁହେଁ ଆସି ମୋ ପାଶରେ ପ୍ରବେଶ ହୋଇଲେ ॥ ବୋଇଲେ ଅରେ ତୁମର ରୋଦନ ନ କର । ଅମ୍ଭେ ଈଶ୍ବର ପାର୍ବତୀ ବୋଲି ମନେକର ॥ ଏହା ଶୁଣି ତାଙ୍କ ପାଦେ ପ୍ରଣମିଲି ମୁହିଁ । ପାର୍ବତୀ ବୋଇଲେ ବେଗେ ପେଡ଼ି ଫେଡ଼ ତୁହି ॥ ପାର୍ବତୀଙ୍କ ଆଜ୍ଞାରେ ମୁଁ ପେଡ଼ି ଫିଟାଇଲି । ଅସ୍ଥି ମାଂସ ଅବା ତାର ସବୁ ଦେଖାଇଲି ॥ ପାର୍ବତୀ ଦେବୀ ଯେ ଜଳ କରଣ ମନ୍ତ୍ରଣ । ସେ ଅସ୍ଥି ମାଂସ ଉପରେ ଦେଲେ ପକାଇଣ ॥ ତତକ୍ଷଣେ ନାରୀ ମୋର ବଞ୍ଚିଣ ଉଠିଲା । ପୂର୍ବ ପରାୟେ ସୁନ୍ଦର ରୂପ ତା ହୋଇଲା ॥ ଭାର୍ଯ୍ୟାକୁ ପାଇଣ ମୁହିଁ ଆନନ୍ଦ ହୋଇଲି । ଶିବ ପାର୍ବତୀଙ୍କ ପାଦେ ପୁଣି ପ୍ରଣମିଲି ॥ ଈଶ୍ବର ବୋଇଲେ ଶୁଣ ତୁହରେ ନନ୍ଦନ । ତୋହର ଭାର୍ଯ୍ୟାକୁ ଦୁର୍ଗା ଦେଲେ ବଞ୍ଚାଇଣ ॥ ଅସ୍ତ୍ର ଶସ୍ତ୍ର ବ୍ୟାଧି ତାର ଦେହେ ନ ଭେଦିବ । କଦାପି ଅଜ୍ ମରଣ ସେହୁ ନ ଲଭିବ ॥ କୁନ୍ଦୁରୁଞ୍ଚା ପାଣି ପକାଇଲେ ତା ଉପରେ । ମରଣ ଲଭିବ ସେହୁ ଜାଣିଥା ମନରେ ॥ କଦାପି ଯେ ଏହୁକଥା ତୁହ ନ କହିବୁ । କଲେ ଭାର୍ଯ୍ୟାକୁ ତୋହର ଆଜ୍ ନ ପାଇବୁ । ଏହା କହୁ ଈଶ୍ବର ପାର୍ବତୀ ଶୂନ୍ୟେ ଗଲେ । ଭାର୍ଯ୍ୟାକୁ ପାଇ ଆନନ୍ଦ ହେଲି ମୁଁ ମନରେ ॥ ମୋ ପୋଷା କୁକୁର ଗୋଟି ସଙ୍ଗେ ଅଛୁ ମୋର । ଗୃହକୁ ଆସିବା କଥା ଭାବିଣ ମନର ॥ ଭାର୍ଯ୍ୟାକୁ ସଙ୍ଗେ ଘେନିଣ ତହୁଁ ମୁଁ ଆସିଲି । ନାନା ପ୍ରିୟ କଥାମାନ ତାକୁ ମୁଁ କହିଲି । ତାର ମୃତ୍ୟୁକଥା ବଞ୍ଚିବାର କଥା ପୁଣି । ବୁଝାଇ କହିଲି ସବୁ ତା ଜାଣିବା ଘେନି ॥ ମୋର ସଙ୍ଗତରେ ସୁହମୁଖେ ସେ ଚଳିଲା ॥ ଅସୁ ଅସୁ ବାଟେ ଏକ ନଗ୍

ଯେ ପଡ଼ନ୍ତି । କ୍ଷୁଧା ତୃଷା ଅଙ୍ଗେ ପୀଡ଼ା ଦେଲଣି ଅପାର । ନ ଖାଇ ନ ପିଇଲେ ତ ନ ରହେ ଶରୀର ॥ ତେଣୁ ସେହି ନଦୀକୂଳେ ଏକ ବୃକ୍ଷମୂଳେ । ଭାର୍ଯ୍ୟାକୁ ବୁଝାଇ କହି ବସାଇ ସେଠାରେ ॥ ପୋଷା କୁକୁରକୁ ମୋର ତା ପାଶେ ଜଗାଇ । ଭିକ୍ଷା ନିମନ୍ତେ ସେ ଗ୍ରାମ ନିକଟକୁ ଯାଇ ॥ ଭିକ୍ଷା ମାଗି ଆଣିଲେ ଯେ କରଣ ରନ୍ଧନ । ସେହି ନଦୀ କୂଳରେ ଯେ କରିବା ଭୋଜନ ॥ ଏମନ୍ତ ଭାବଣ ଗ୍ରାମ ମଧ୍ୟେ ପ୍ରବେଶିଲି । ଗୃହେ ଗୃହେ ବୁଲି କେତେ ଭିକ୍ଷା ଯେ ମାଗିଲି ॥ ଶୁଣ ଏହି ସମୟର ଘଟଣା ଯେମନ୍ତ ॥ ସେ ନଦୀକୂଳରେ ଏକ ନଉକା ତୁରିତ ॥ ପ୍ରବେଶ ହୋଇଲା ଆସି ଦଇବ ଯୋଗରେ । ସୌଦାଗର ପୁତ୍ର ଏକ ଥିଲା ଯେ ତହିଁରେ ॥ ଦେଖିବାକୁ ଅତ୍ୟନ୍ତ ସୁନ୍ଦର ସେ ଅଟଇ । ମୋ ଭାର୍ଯ୍ୟା ଦେଖିଣ ତାକୁ କାମେ ହୋଇ ବାଇ ॥ ଅଣିଠାରି ଡାକିବାରୁ ସୌଦାଗର ସୁତ । ନାବକୁ ଡାକିଲା ବେଗେ ଦେଖାଇ ସଙ୍କେତ ॥ ଦେଖ ସେହି ନାରୀ ଅଟେ କେଡ଼େ ଅବିଶ୍ୱାସୀ । ଜୀବନରେ ତାର ମନ କେତେ ଥିଲି ତୋଷି । ମରନ୍ତେଣ ତାର ମାଂସ ପେଡ଼ି ମୁଁ ମୁଁ ମୁଣ୍ଡାଇ । ଅନେକ ଦିନ ଭ୍ରମିଲି ନ ଖାଇ ନ ପିଇ ॥ କେତେ କଷ୍ଟ ପାଇ ଏହାକୁ ମୁଁ ବଞ୍ଚାଇଲି । ପୂର୍ବଠୁଁ ଅଧିକ ସ୍ନେହକରି ସଙ୍ଗେ ନେଲି । ଭିକ୍ଷା ମାଗି ତାକୁ ଭୁଞ୍ଜାଇବାର ନିମନ୍ତେ । ବସାଇଣ ତାକୁ ମୁହିଁ ଯାଇଛୁ ଯେମନ୍ତେ ॥ ମୋତେ ଭୁଲି ଅନ୍ୟ ପୁରୁଷରେ ମନ ଦେଲା । ସୌଦାଗର ପୁଅ ପାଶେ ନବରେ ମିଳିଲା ॥ ସୌଦାଗର ପୁଅ ମୋର ଭାର୍ଯ୍ୟା ସଙ୍ଗତରେ । ନିଶ୍ଚିନ୍ତରେ ରତିକଲା ସେ ନାବ ମଧ୍ୟରେ ॥ ଅତି ଅଦ୍ଭୁତ ଭାବରେ କାମକ୍ରୀଡ଼ା କଲେ । ସେଠାବରୁ ନାବକୁ ଯେ ଫେନାଣ ସତ୍ୱରେ ॥ ନିଜ ଗୃହେ ସୌଦାଗର ବେଗେ ଚାଲିଗଲା । ମୋର ଭାର୍ଯ୍ୟା ଲୀଳାବତୀ ତା ସଙ୍ଗେ ରହିଲା ॥ ତେଣୁ ଭିକ୍ଷା ମାଗି ଫେରି ଆସନ୍ତେଣ ମୁହିଁ ॥

ନଦୀକୂଳେ ଦେଖିଲି ମୋ ଭାର୍ଯ୍ୟା ତହିଁ ନାହିଁ । ଚଉଦଗକୁ ଚାହିଁଣ ଆକୁଳ ହୋଇଲି । କେଣେ ଗଲି ପ୍ରିୟେ ବୋଲି ରୋଦନ ମୁଁ କଲି । ମୋର ଏମନ୍ତ ବ୍ୟାକୁଳ ଦେଖିଣ କୁକୁର । ପ୍ରବଳ ଭାବେ ଭୁକିଲା ଦେଇଣ ସେ ଠାର । ନାବ ଯାଉଥିଲା ଯେଉଁଆଡ଼େ ସେ ସ୍ଥାନରୁ । ସେ ଆଡ଼କୁ ଯାଉଥାଏ ସେହୁ ମୋ ଆଗରୁ । ଏମନ୍ତ ଭାବେ ଆଗରେ ଚଳିଲା କୁକୁର । ମୁହିଁ ଯାଉଥାଏ ଜାଣି ପଛେ ପଛେ ତାର । କେତେବେଳ ସମୟରେ ସୌଦାଗର ଦ୍ୱାରେ । କୁକୁର ଛିଡ଼ା ହୋଇଣ ଭୁକିଲା ପ୍ରବଳେ । ଅନ୍ୟ କେଣିକି କୁକୁର ନ ଚଳିଲା ଯହୁଁ । ଏ ସ୍ଥାନରେ ଅଛି ବୋଲି ଜାଣିଲି ମୁଁ ତହୁଁ । ଭିକ୍ଷାର୍ଥୀ ରୂପରେ ମୁହିଁ ପ୍ରବେଶି ତା ଦ୍ୱାରେ । ଖୋଜନ୍ତେ ଦେଖିଲି ଏକ ପଲଙ୍କ ଉପରେ । ସୌଦାଗର ପୁଅ ସଙ୍ଗେ କରନ୍ତି ଶୟନ । ବଳେ ବଳେ ତାହାକୁ କରୁଛି ଆଲିଙ୍ଗନ । ଏହା ଦେଖି ହୋଇଣ ମୁଁ ଅତି କ୍ରୋଧ ମନ । ଏକ ଖଡ଼୍ଗ ହସ୍ତେ ଧରି ଯାଇଁଣ ବହନ । ସୌଦାଗର ପୁଅର ମୁଣ୍ଡକୁ ଦେଲି ହାଣି । ଦେଖି ମୋର ଭାର୍ଯ୍ୟା ମନେ ଭୟଙ୍କର ପୁଣି । ଆସି ମୋର ପାଦେ ସେହୁ ପଡ଼ିଣ ସତ୍ୱର । ବିନୟେ କହିଲା ଏଥେଁ ଦୋଷ ନାହିଁ ମୋର । ମୁହିଁ ବସିଥିଲି ନଦୀକୂଳ ବୃକ୍ଷମୂଳେ । ବଳେ ମୋତେ ଧରିଣ ଆଣିଲା ସେତେବେଳେ । ମୋର କିଛି ଉପାୟ ଯେ ସେବେଳେ ନ ଥିଲା । କୂଳରୁ ନାବକୁ ତାର ଟାଣି ନେଇଗଲା । ନାବକୁ ଆଣି ଏଠାରେ ପ୍ରବେଶ ହୁଅନ୍ତେ । ତୁମ୍ଭେ ଆସିଣ ପ୍ରବେଶ ହୋଇଲ ତୁରିତେ । ତେଣୁ ତା ସଙ୍ଗରେ କଳଙ୍କିନୀ ହୋଇନାହିଁ । କେବଳ ଆସିଣ ଏଥେଁ ରହିଥିଲି ମୁହିଁ । ବିଳମ୍ବ ନ କର ଏଥୁ ପଳାଇବା ଚାଲ । ସୌଦାଗର ପୁଅ ମଲା ହୋଇଛି ଯେ ଭଲ । ଏହା କହି ମାୟାରେ ସେ ବୋଲଇ ବଚନ । ଏ ପେଡ଼ିରେ ରହିଅଛି ବହୁତ ଯେ ଧନ ।

ଏ ପେଣ୍ଡିକି ଘେନି ମୁହିଁ ଯାଉଅଛୁ ଚାଲି । ଏହା ଶୁଣି ପଦାକୁ ମୁଁ ହୁଅନ୍ତେ ବାହାର । ସୌଦାଗର ପୁଅ କଟାମୁଣ୍ଡକୁ ଆଣିଣ । ଖାଲିପେଣ୍ଡି ଭିତରେ ଯେ ପୂରାଇ ବହନ । ମୁଣ୍ଡରେ ମୁଣ୍ଡାଇ ମୋର ପଛରେ ଆସିଲା । ତା କପଟ କଥା ମୋତେ ଜଣା ଯେ ନୋହିଲା । ସଙ୍ଗେ ରହିଛନ୍ତି ଆମ୍ଭର ଗୋଟିଏ କୁକୁର । ପେଣ୍ଡି ମୁଣ୍ଡାଇ ଅଣୁଛି ନାରୀ ଯେ ମୋହର । ମନରେ ଭାବିଲି ତାକୁ କଷ୍ଟ ଯେ ହେଉଛି । ମାଗିଣ ମୁଁ ପେଣ୍ଡି ତାଠୁଁ ନେଲି ସେହିକ୍ଷଣି । ଏହାପର ଚାଲି ଅମ୍ଭେ ଆସୁଁ କିଛି ଦୂର । ସେ ପେଣ୍ଡିରୁ ରକ୍ତ ବହି ପଡ଼ଇ ଅପାର । ଭୂମିରେ ଯେଉଁ ରକତ ବହି ପଡ଼ୁଥାଏ । ସଙ୍ଗରେ ଥିବା କୁକୁର ସବୁ ଚାଟିଦିଏ । ସେ କଥା କଦାପି ମୁହିଁ ନ ଥାଏ ଯେ ଜାଣି । ଆଗକୁ ଅନାଇ ପଥେ ଯାଉଥାଏ ପୁଣି । ପଛେ ଥାଇ ମୋର ଭାର୍ଯ୍ୟା ସବୁ ଦେଖିକରି । ଭାବଇ କୁକୁର ମୋତେ ହୋଇବ ଉଗାର । ରକତକୁ ଚାଟି କରେ ସବୁ ଅକାରଣ । ମନରେ ଏମନ୍ତ ଭାବି ସେ ନାରୀ ତକ୍ଷଣ । ମିଥ୍ୟାରେ ବୋଇଲା ମୋତେ ହୋଇଲା ତ ଜ୍ୱର । ଏହା କହି ବସିଣ ସେ କମ୍ପିଲା ପ୍ରବଳ । ମୁଁ ପଚାରିଲି ଏ ଜ୍ୱର ଛାଡ଼ିବ କେମନ୍ତେ । ସେ ବୋଇଲା ପ୍ରେତଜ୍ୱର ହୋଇଲାଣି ମୋତେ । ପିଲାଦିନେ ଥରେ ଏହି ଜ୍ୱର ହୋଇଥିଲା । ଯେତେ ଚେଷ୍ଟା କଲି କଦାପି ନ ଛାଡ଼ିଲା । କୁକୁର ରକ୍ତର ଧୂପ କରନ୍ତେ ପ୍ରଦାନ । ସେ ପ୍ରେତଜ୍ୱର ଛାଡ଼ିଲା ମୋ ଅଙ୍ଗରୁ ଜାଣ । ଆଉ ଅନ୍ୟ ଉପାୟ ଯେ କାହିଁକି କରିବ । କୁକୁର ରକତଆଣି ଧୂପ ଏବେ ଦେବ । ଏହା ଶୁଣି କରି ମୁହିଁ ଖୋଜିଲି କୁକୁର । ନ ପାଇ ନିଜ କୁକୁର ହାଣିଣ ସତ୍ୱର । ତାର ରକତରେ ଧୂପଦେଲି ମୁଁ ତା ପାଶେ । ଧୂପ ପାଇ ମୋର ନାରୀ ଉଠିଲା ହରଷେ । ବୋଇଲା ଚାଲ ଏଠାରୁ ପଳାଇଣ ଯିବା । ଦେହ ଭଲ ଲାଗିଲାଣି କିପାଇଁ ରହିବା ।

ନାରୀର କପଟ ମୁହିଁ ଜାଣି ନ ପାରିଲି । ତାହାର କଥାରେ ପଞ୍ଚ ପେଡ଼ି ମୁଣ୍ଡାଇଲି । ପେଡ଼ିରୁ ରକତ ବହି ଦାଣ୍ଡରେ ପଡ଼ିଲା । ତେବେ ମଧ୍ୟ ମୋର ଦୃଷ୍ଟିଗୋଚର ନ ହେଲା । ଆଗେ ଆଗେ ଗଲେ ମୁହିଁ ସେ ପେଡ଼ି ମୁଣ୍ଡାଇ । ପଛରେ ମୋ ନାରୀ ଆସେ ମନେ ତୋଷ ହୋଇ । କୁକୁରଙ୍କୁ ମରାଇ ସେ ସନ୍ତୋଷ ମନରେ । ନାନାକଥା କହି ଆସୁଅଛି କପଟରେ । ଜାଣେ ନାହିଁ ଏତେ କୂଟ କରିଛି ସେ ବୋଲି । ଏହିରୂପେ କେତେ ପଥ ଅତିକ୍ରମଣ ଗଲି । କଟୁଆଳଗଣେ ପାଶେ ପ୍ରବେଶ ହୋଇଲେ । ପେଡ଼ିରୁ ରକତ ବହିବାର ସେ ଦେଖିଲେ । ଆମ୍ଭ ଦୁହିଙ୍କୁ ବାନ୍ଧଣି ଘେନିଗଲେ ସେହି । ନୃପତିଙ୍କ ଆଗେ ହଜୁର କରାଇଲେ ନେଇ । ସେ ପେଡ଼ି ଗୋଟିକ ତହିଁ ଫିଟାଇ ବହନ । ଦେଖିଲେ ଗୋଟିଏ ମୁଣ୍ଡ କଟା ହୋଇ ଜାଣ । ରକତରେ ଜରଜର ହୋଇଣ ଧଶଇ । ତହୁଁ ସେ ନୃପତି ଅତି କୋପମନ ହୋଇ । ପଚାରିଲେ କହ ବେଗେ ଏଥିର କାରଣ । ଏ ମୁଣ୍ଡ କେଉଁ ସ୍ଥାନରୁ ଅଣିଛ ପ୍ରମାଣ । ସତ୍ୟକରି କହ ଏବେ ଆଗରେ ଆମ୍ଭର । ନୋହିଲେ ଖାଇବ ଏଥେ ବହୁତ ପ୍ରହାର । ନାରୀ କଥାରେ ବିଶ୍ୱାସ କରିଣ ମୁଁ ଜାଣ । ସେ ପେଡ଼ିରେ ଅଛି ବୋଲି ଶୁଣି ବହୁଧନ । କାଳେ ଭାର୍ଯ୍ୟାକୁ ବହୁତ କଷ୍ଟ ହୋଇବଣି । ତେଣୁ ତା ମୁଣ୍ଡରୁ ପେଡ଼ିଗୋଟି ମୁହିଁ ଅଣି । ମୁଣ୍ଡରେ ଥୋଇଣ ଅସିଲିଣି କଷ୍ଟ ସହି । ଭାର୍ଯ୍ୟାର ସମସ୍ତ କଥା କିଛି ଜାଣେ ନାହିଁ । ଏହା ଦେଖି ଅଚମ୍ଭିତ ହୋଇଲି ସେଠାରେ । ମୋ ଭାର୍ଯ୍ୟା କହିଲା ତହିଁ ରାଜାଙ୍କ ଆଗରେ । ଶୁଣନ୍ତୁ ମହିମା ମୋ କଥାକୁ କର୍ଣ୍ଣ ଡେରି । ଏ ପୁରୁଷ ସର୍ବନାଶ କରିଛି ମୋହର । ଖଡ଼୍ଗ ଧରି ମୋ ସ୍ୱାମୀର ଶିରକୁ କାଟିଲା । ମୋତେ ମାରିବା ନିମନ୍ତେ ଖଡ଼୍ଗ ଉଞ୍ଚାଇଲା । ତହୁଁ ମୁହିଁ ଭୟଙ୍କର କନ୍ଦୁ ଭାବରେ । ଏହାକୁ ଜଣାଇଲି ମୁଁ ପଡ଼ି ପାଦତଳେ । ମୋ

ଜୀବନ ତୁମ୍ଭେ ରକ୍ଷା କର ଦୟା ବହି । ଏବେ ତୁମ୍ଭ ସଙ୍ଗତରେ ଚାଲି ଯିବି ମୁହିଁ ॥ ଘରେ ଅଛି କେଉଁ କାର୍ଯ୍ୟ ଜୀବନରେ ମୋର । ସ୍ୱାମୀ ବଞ୍ଚିଗଲେ କି ଗତି ଅଛି ନାରୀର ॥ କାମେ ବାଇ ହୋଇ ମୋତେ ସଙ୍ଗରେ ଆଣିଲା । ପେଡ଼ିରେ ମୋ ସ୍ୱାମୀ ମୁଣ୍ଡଗୋଟି ପୂରାଇଲା ॥ ଆପଣ ପୁଛିଲେ କହେ କିଛୁ ଜାଣି ନାହିଁ । ମହାରାଜ ମହାଦୋଷୀ ଅଟଇ ଯେ ଏହି ॥ ବିଚାର କରନ୍ତୁ ମହାରାଜ ଉଚିତରେ । ଦଣ୍ଡ ଦିଅନ୍ତୁ ଯେ କଥା ଆସିବ ନ୍ୟାୟରେ ॥ ରାଜାଙ୍କ ସମ୍ମୁଖରେ ଏ ପ୍ରକାରେ ମିଥ୍ୟାବାଣୀ । ଭାର୍ଯ୍ୟା ମୋର କହିଲା ଯେ ଏ ପ୍ରକାରେ ପୁଣି ॥ ପୁଣି ନୃପବର ମୋତେ ବୋଇଲେ ରେ ଦୋଷୀ । ଏତେ କଥାକର ନିଜେ ହେଉଛୁ ନିର୍ଦ୍ଦୋଷୀ ॥ ମୁହିଁ କହିଲି ପୂର୍ବର ଘଟଣା ସକଳ । ମରିବାଠାରୁ ବଞ୍ଚିବା ଯେତେକ ସକଳ ॥ ସୌଦାଗର ପୁଅ ସଙ୍ଗେ ଯେମନ୍ତେ ଗମିଲା । ଯେମନ୍ତେ ମୋଠାରୁ ସ୍ୱାମୀ ସଙ୍ଗରେ ଆସିଲା ॥ କୁକୁରକୁ ଯେମନ୍ତ ପ୍ରକାରେ ମରାଇଲା । ଧନ ଅଛି ବୋଲିଣ ପେଡ଼ିକୁ ଆଣିଥିଲା ॥ କଷ୍ଟ ହେବ ବୋଲି ମୁହିଁ ପେଡ଼ି ମୁଣ୍ଡାଇଲି । ସେ ଯେମନ୍ତ ଏ ପରିଭବ ଏଠାରେ ପାଇଲି ॥ ଶିବ ପାର୍ବତୀ ଏହାକୁ ଦେଇଛନ୍ତି ବର । ଅସ୍ତ୍ର ଶସ୍ତ୍ର ରୋଗ ବ୍ୟାଧିଯୋଗେ କେଉଁ କାଳ ॥ ନ ମରିବ ଏହି କଥା ରଖିଥାଅ ମନ । କୁହୁକୁଆ ପାଣି ଫିଙ୍ଗିବୁ ତୁ ଯେଉଁ ଦିନ ॥ ନାରୀ ଉପରେ ପଡ଼ନ୍ତେ ହାରିବ ପରାଣ । ଏହା କହି ଗଲେ ମୋତେ କରି ସାବଧାନ ॥ ଏହି କଥାସବୁ ସେହି ରାଜାଙ୍କୁ କହିଲି । ରାଜା ଶୁଣି ବୋଇଲେ ଜାଣିବା ସତ୍ୟ ବୋଲି ॥ ଫିଙ୍ଗ କୁହୁକୁଆ ପାଣି ଏ ନାରୀ ଉପରେ । ସେ ଯେବେ ମରିବ ତେବେ ଯିବୁ ନିର୍ଦ୍ଦୋଷରେ ॥ ନୋହିଲେ ଶୂଳରେ ତୁହି ବସିବୁ ଏଠାରେ । ଏହା ଶୁଣି ଶିବ ଦୁର୍ଗାଙ୍କୁ ଭାବିଣ ମନରେ ॥ କୁହୁକୁଆ ପାଣି ଫିଙ୍ଗାଇଲି ଭାର୍ଯ୍ୟା ପରେ । ସଙ୍ଗେ ସଙ୍ଗେ ପଡ଼ି ମୃତ୍ୟୁ ଲଭିଲା

ସେଠାରେ । ସେଠାରେ ନୃପତି ଅତି ସନ୍ତୁଷ୍ଟିତ ଜନେ । ଅଷ୍ଟଙ୍କି ହୋଇଣ ବିଚାରିଲେ ନିଜ ମନେ । ବୋଇଲେ ଏହୁ ପୁରୁଷ ନିର୍ଦ୍ଦୋଷୀ ଅଟଇ । ମୋତେ ଘୁଣ୍ଡଦେଲେ ବେଗେ ଯାଅ ବୋଲି କହି । ସେ ଠାବରୁ ଗଲି ମୁହିଁ ଗୃହକୁ ମୋହର । ଭାବିଲି ଧର୍ମ ବଳରୁ ହେଲି ମୁଁ ଉଦ୍ଧାର । ନୋହିଲେ ଅଜ ଶୂଳରେ ବସିଥାନ୍ତି ମୁହିଁ । ଏ ନାରୀଯୋଗୁଁ କଷଣ କେତେ ଥିଲି ସହି । ସେ ପୁଣି ଏଡ଼େ କପଟ କରିଣ ମୋଠାରେ । ଶୂଳକୁ ପେଲିଣ ଦେଲା କି ଭାବି ମନରେ । ତେଣୁ ଏ ଜାତି ଅଟନ୍ତି ବଡ଼ ଅବିଶ୍ୱାସୀ । ଏହା ଭାବି ବିବାହ ନୋହିଲି ଅନେ ରସି । ସତ୍ୟ କଲି ନାରୀମୁଖ ନ ଚାହିଁବି ବୋଲି । ତହୁଁ କିଛିଦିନ ପରେ ମରଣ ଲଭିଲି । ମରଣ କାକ ଯୋନିରେ ହୋଇଛି ଜନମ । ନାରୀଙ୍କୁ ଜଣା ନୁହଇ ଧରମ କରମ । ତେଣୁ ନାରୀଙ୍କର ମୁଖ ନ ଚାହିଁବି ବୋଲି । ଏ ବନରେ ବହୁଦିନୁଁ ଅଛି ସତ୍ୟ କରି । ଅହେ ନୃପ କୁହ ଏହା ବିଚାରି ତୁରିତ । ଏ ବନେ ରହିବା ପାଇଁ କିଏ ଉପଯୁକ୍ତ । କାକ ବାଣୀ ତୁହେଁ ଏହା ପଚାରିଲେ ମୋତେ । ତୁ ହୋ ମୌନାବତୀ ହାର କହ ବିଧିମତେ । ସେ ଦୁହିଙ୍କ ମଧ୍ୟୁ କିଏ ରହିବା ଉଚିତ । କିଏ ଅବିଶ୍ୱାସୀ ନାରୀ ପୁରୁଷ ମଧ୍ୟେ ତ । ବିକ୍ରମାଦିତ୍ୟ ରାଜନ ଏହା ପଚାରିଲେ । ହାରରେ ଥ କଣ ତାଳ ବେତାଳେ ବୋଇଲେ । ପୁରୁଷ ଅବିଶ୍ୱାସୀ ଏ ଦୁହିଙ୍କ ମଧ୍ୟରୁ । ତେଣୁ କାକ ପଳାଇଣ ଯିବ ସେ ସ୍ଥାନରୁ । ବାସକର ସବୁଧନେ ବକୀ ଯେ ରହିବ । ପୁରୁଷଙ୍କୁ ବିଶ୍ୱାସ ଯେ କଦାପି ନ ଯିବ । ବିକ୍ରମଙ୍କୁ ଏହୁ କଥା ହାର ଯେ କହିଲା । ଶୁଣି ମୌନାବତୀ ମୌନେ ରହି ନ ପାରିଲା । ବୋଇଲା ମୋ ହାର ହୋଇ ଏଡ଼େ ଅବିଚାର । କଥା କହିଲୁ କେମନ୍ତେ ନ କରି ବିଚାର । ନାରୀ ହୋଇଛନ୍ତି ଏଠାରେ ବଡ଼ ଅବିଶ୍ୱାସୀ । ସ୍ୱାମୀଠାରୁ ଉପକାର ପାଇ କଲା ଦୋଷୀ । ୪

ଜନମନ୍ତେ କେତେ କଷ୍ଟ ସ୍ୱାମୀ କରିଥିଲି । ପରପୁରୁଷଙ୍କୁ ଦେଖି
ସବୁ ଭୁଲିଗଲି । ତେଣୁ ସେ ବନରେ କାକ ବାସକରି ଥାଇ ।
ବକୀ ସେ ସ୍ଥାନକୁ ଗଣ୍ଡି ଅତିଶୀଘ୍ର ଯାଇ । ଏହି ନ୍ୟାୟଗୋଟି
ମୋ ମନକୁ ଏ ପ୍ରକାରେ । ଅସିବାରୁ କହିଲି ମୁଁ ତୁମ୍ଭର
ଅଗରେ । ମୈନାବତୀ ଯହୁଁ ଏହି କଥାକୁ କହିଲା ।
ବିକ୍ରମାଦିତ୍ୟଙ୍କ ମନ ଅତିତୋଷ ହେଲା । ଦାସୀମାନଙ୍କୁ ଡାକିଣ
କହିଲେ ବଚନ । ତୁମ୍ଭ କେମା ପୁଣି ଏବେ କହିଲେ ବଚନ ।
ଶୁଣିଲ ତ ସର୍ବେ ତୁମ୍ଭେ ହୋଇ ଏକଚିତ୍ତ । ଦ୍ୱିପ୍ରହର ରାତ୍ରି ତ
ହେଲା ସମାପତ । ସେ ଦ୍ୱିର ପ୍ରହରେ ଦ୍ୱିର ଥର କୁହାଇଲି ।
କେମାଙ୍କର ଅଜ୍ଞଠାରୁ ସ୍ୱାମୀ ମୁଁ ହୋଇଲି । ତାହାଙ୍କର ମନନ
ମୁଁ ଭାଙ୍ଗିଅଛୁ ଜାଣ । ତାହାଙ୍କର ସତ୍ୟ ଏବେ ହୋଇଅଛି ପୂର୍ଣ୍ଣ ।
ଏବେ ମୋ ଗଳାରେ ମାଳା କରନ୍ତୁ ପ୍ରଦାନ । ଏହା କହି ବିକ୍ରମ
ଯେ ହରଷ ଭାବେଣ । ଅପଣାର ପଦରଜ ଦେଲେ ସମ୍ପୂର୍ଣ୍ଣରେ ।
ମୈନାବତୀ ଶୁଣି ତୋଷ ହୋଇ ହୃଦୟରେ । ପୂର୍ବଜନ୍ମ କଥା
ସେହୁ ମନରେ ପାଞ୍ଚିଲା । ଅରଣ୍ୟକ ଋଷିଙ୍କର ବାକ୍ୟ ମନେ
ହେଲା । କାମ୍ୟକୂପେ ଝାସିଥିଲି କମଳିନୀହୋଇ । ଏତେ ଦିନେ
ତାର ଫଳ ପାଇଲି ଯେ ମୁହିଁ । ରାଜକୁଳ ଚକ୍ରବର୍ତ୍ତୀ ବିକ୍ରମ
ଆଦିତ୍ୟ । ତାଙ୍କୁ ସ୍ୱାମୀରୂପେ ଅଜି ପାଇଲି ନିଶ୍ଚିତ । ଏହା କହି
ବରଣ ମାଳାକୁ ହସ୍ତେ ଘେନି । ବିକ୍ରମଙ୍କ ଗଳାରେ ସେ ଲମ୍ବାଇଲା
ଆଣି । ବୋଇଲା ମୋହର ସ୍ୱାମୀ ଅଟ ଯେ ଅପଣ । ଏହା ଦେଖି
ଦାସୀମାନେ ହରଷ ହୋଇଣ । ହୁଳହୁଳି ପକାଇଲେ ଅତି
ହିଲ କରି । ସମସ୍ତେ ଶୁଣିଣ ଅତି ଆଶ୍ଚର୍ଯ୍ୟ ବିଚାରି । ପୁରବାସୀ
ଜନେ ମାତା ପିତାଙ୍କ ସଙ୍ଗରେ । ଶୁଣିଣ ସକଳେ ତୋଷ
ହୋଇଲେ ମନରେ । ଯଥା ବିଧାନରେ ବିବାହ ଯେ କରାଇଲେ ।
ଦାନ ଯଉତୁକ ଅତି ବହୁତ ଯେ ଦେଲେ । ଏ ପ୍ରକାରେ

ବିଭାବଧି ହୋଇବାରୁ ଶେଷ । ନିଜ ଦେଶେ ଯିବାପାଇଁ ବିକ୍ରମ ନରେଶ ॥ ଶ୍ୱଶୁରଙ୍କଠାରୁ ସେହୁ ବିଦାୟ ମାଗିଣ । ମୈନାବତୀଙ୍କ ସଙ୍ଗରେ ନେଇଣ ସେ ପୁଣ । ଆପଣାର ଦେଶେ ଯାଇଁ ପ୍ରବେଶ ହୋଇଲେ । ଉଜ୍ଜ୍ୱଳ ନଗରବାସୀ ଯେମନ୍ତେ ଦେଖିଲେ ॥ ସର୍ବେ ଅତି ଆନନ୍ଦିତ ହୋଇଲେ ବହନ । ଲକ୍ଷ୍ମୀଧର କହେ ଭାଗ୍ୟବନ୍ତ ଏ ରାଜନ ॥

---

## ମୃତ୍ୟୁ ଲଭିଥିବା ଶୁକ ସାରୀଙ୍କର ପୁନର୍ଜୀବନ ଲାଭ ବିଷୟ

ସୁଜ୍ଞଜନମାନେ ଏବେ ହରଷରେ ଶୁଣ । ମଦନାବତୀଙ୍କ ପାଇ ବିକ୍ରମ ରାଜନ । ଉଜ୍ଜ୍ୱଳ ନଗରେ ଅତି ଆନନ୍ଦିତ ହୋଇ । ରହିଲେ ସୁଖେ ବିକ୍ରମାଦିତ୍ୟ ନରସାଇଁ ॥ କିନ୍ତୁ ଶୁକ ସାରୀଙ୍କର କଥା ତାଙ୍କ ମନେ । ପଡ଼ିଣ ଶୋଚନା କରୁଥାନ୍ତି କ୍ଷଣେ କ୍ଷଣେ ॥ ସେ ଚିନ୍ତା ଦିନକୁ ଦିନ ବୃଦ୍ଧି ଯେ ହୋଇଲା । ତେଣୁ କ୍ଷୁଧା ତୃଷା ତାଙ୍କଠାରୁ କେଣେ ଗଲା ॥ ଭୋଜନ ଶୟନ ଆଦି ସବୁ ତ୍ୟାଗ କଲେ । ଆହା ଶୁକକୁ ବଧିଲି ଯାହା ସ୍ୱ ହସ୍ତରେ । ତା ଯୋଗେ ସାରୀ ତେଜିଲା ଏଠାରେ ପରାଣ । କେଡ଼େ ମନ୍ଦକର୍ମ ମୁହିଁ କରିଲି ପ୍ରମାଣ ॥ ରାଣୀ ଭାନୁମତୀ ବୋଲେ ପଡ଼ିଣ ଯେ ମୁହିଁ । ଉପକାରୀ ପ୍ରାଣୀଙ୍କୁ ଯା ହସ୍ତେ ବଧିଲଇଁ ॥ ଏମନ୍ତ ଭାବେ ମନରେ ସଦା ବ୍ୟସ୍ତ ହୋଇ । ବୋଲନ୍ତି ନାରୀବୁଦ୍ଧିରେ କି କରିଲି ମୁହିଁ ॥ ଏହା ଭାବି ଶୁକ ସାରୀଙ୍କର ମାଂସ ଘେନି । ଉଜ୍ଜ୍ୱଳ ନଗର ଛାଡ଼ି ଚାଲିଗଲେ ପୁଣି ॥ ବହୁତ ତୀର୍ଥମାନଙ୍କେ ହୋଇଣ ପ୍ରବେଶ । କେତେ ଦେବତା ଋଷିଙ୍କୁ ପୂଜିଲେ ବିଶେଷ ॥ ତେବେ ମଧ୍ୟ ତାହାଙ୍କର ଦୁଃଖ ନ ହଟିଲା । ଚିତ୍ତରୁ ତାଙ୍କର ଚିନ୍ତାଗ୍ରାସ

ଯେ କରିଲ । ଅତି ଜୀର୍ଣ୍ଣ ଶୀର୍ଣ୍ଣ କାୟ ହୋଇଲା ତାଙ୍କର । ବହୁ ସ୍ଥାନ ଭ୍ରମି ଭ୍ରମି ହୋଇଲେ ଦୁର୍ବଳ । କି କଲି କି କଲି ବୋଲି ଭାବନ୍ତି ମନରେ । ଶୁକ ସାରୀ ଜୀବନ ପାଇବେ କି ପ୍ରକାରେ । ଏମନ୍ତ ଭାବିଣ ନୃପ ମୁନିବ୍ରତ କଲେ । ମୁଣ୍ଡେ ଜଟା ବହି ବୃକ୍ଷ ବଲ୍କଲ ପିନ୍ଧିଲେ । ଶରୀରେ ଭସ୍ମ ଲେପିଣ ଜପି ମହାମନ୍ତ୍ର । ଶୁକ ସାରୀ ମାଂସ ବେନି ବୁଲିଲେ ନିରତ । କି ପ୍ରକାରେ ମିତ୍ରଦ୍ରୋହ ପାପରୁ ତରିବି । ଏହି କଥାଗୋଟି ରାଜା ମନେ ହୋଇ ଭାବି । ଏହିପରି କଷ୍ଟଦିନ ଭ୍ରମି ଭ୍ରମି ସେହି । କାଶୀ କ୍ଷେତ୍ର ମଧ୍ୟେ ରାଜା ପ୍ରବେଶିଲେ ଯାଇଁ । ମଣିକର୍ଣ୍ଣିକାରେ ବେଗେ କରିଣ ସେ ସ୍ନାନ । ବିଶ୍ୱେଶ୍ୱରଙ୍କୁ ସତ୍ୱରେ କରିଣ ଦର୍ଶନ । ତାଙ୍କ ପାଦେ ସେବି ଅଛି ଦେବାଦେବୀ ଯେତେ । ସବୁଙ୍କୁ ଦର୍ଶନ କରି ସେବିଲେ ଭୂପତି । ସେ ବିଶ୍ୱେଶ୍ୱରଙ୍କ ପାଦେ ଆଶ୍ରୟ କରିଣ । ତପସ୍ୟା କରିଲେ ସେହି ସ୍ଥାନରେ ରହିଣ । କେଉଣସି ଫଳ ଯହୁଁ ତହିଁରେ ନୋହିଲା । ରାଜାଙ୍କର ମନ ଅତି ଉଦ୍ବିଗ୍ନ ହେଲା । ଭାବିଲେ ସାମାନ୍ୟ ଦୋଷ କରିନାହିଁ ମୁହିଁ । ଅବା କି ରକ୍ଷା ପାଇବି ମିତ୍ରଦ୍ରୋହୀ ହୋଇ । ଅଳପ ତପେ କେମନ୍ତେ ସେ ପାପ ଛୁଟିବ । ଦେହ ନାଶ ପ୍ରାୟଶ୍ଚିତ୍ତ କଲେ ବା ହୋଇବ । ଏହା ଭାବି ରାଜନ ଯେ ହୋଇ ବ୍ୟଗ୍ର ମନ । ନିଜ ଶିର କାଟିବାକୁ ଉଠିଲେ ବହନ । ହସ୍ତରେ ଖଡ୍ଗ ଗୋଟି ଧରିଲେ ସତ୍ୱର । ବେକରେ ଲଗାନ୍ତେ ପ୍ରତେକ୍ଷିଣ ବିଶ୍ୱେଶ୍ୱର । ବୋଇଲେ ହେ ନୃପ ରଖ ମାନ ମୋ ବଚନ । ମୁହିଁ ନିଜେ ବିଶ୍ୱେଶ୍ୱର ବୋଲି ମନେ ଜାଣ । ଏହି ଦେଖ ଶୁକ ସାରୀ ବଞ୍ଚିବେ ତୋହର । ଏଥିରୁ ନିବର୍ତ୍ତି ହୁଅ କାଟ ନାହିଁ ଶିର । ଏହା କହି ବିଶ୍ୱେଶ୍ୱର ଧରି ମନ୍ତ୍ର ଜଳ । ଦୁହିଙ୍କ ମାଂସ ଉପରେ ସିଞ୍ଚିଲେ ସତ୍ୱର । ତତକ୍ଷଣେ ଶୁକ ସାରୀ ଜୀବନ ପାଇଣ । ଉଠିଲେ ସେହି ସ୍ଥାନରେ ପ୍ରଫୁଲ୍ଲ ଭାବେଣ । ଶୁକ କହିଲା

ହେ ନୃପ ପାଇଲୁ ଜୀବନ । ଅକାରଣେ କାହିପାଇଁ ତେଜିବ ପରାଣ । ବିକ୍ରମ ନୃପତି ଶୁଣି ବେଗେ ଉଠିଦେଲେ । ପୁର୍ବର ଶୁକ ସାରୀ ଯେ ଅଛନ୍ତି ପାଶରେ । ଖଡ଼ଗ ଥୋଇଣ ଭଲେ ହୋଇଣ ହରଷ । ବିଶ୍ୱେଶ୍ୱର ତକ୍ଷଣେ ହୋଇ ଗଲେଣି ଅଦୃଶ୍ୟ । ତାଙ୍କ ପାଦତଳେ ପଡ଼ି ବିକ୍ରମ ନରେଶ । ଶୁକ ସାରୀ ଦୁହିଙ୍କି ସେ ପାଇ ହେଲେ ତୋଷ । ମୁନିବେଶ ଛାଡ଼ି ସେ ତୀର୍ଥରେ ସ୍ନାନ କଲେ । ନିଜ ନଗରକୁ ଯିବା ପାଇଁ ଇଚ୍ଛାଇଲେ । ବିଶ୍ୱେଶ୍ୱରଙ୍କ ଚରଣ ସେବା କରି ଯତନେ । ନିଜଦେଶକୁ ଗମନ କଲେ ତୋଷ ମନେ । ଶୁକ ସାରୀ ଦୁହିଙ୍କି ସେ ଘେନି ସଙ୍ଗତରେ । ପ୍ରବେଶ ହୋଇଲେ ଅସି ଉଜ୍ଜ୍ୱଳ ନଗ୍ରରେ । ବିକ୍ରମଙ୍କୁ ଦେଖି ସର୍ବେ ଧନ୍ୟ ଧନ୍ୟ କଲେ । ଶୁକ ସାରୀଙ୍କି ଦେଖିଣ ବହୁ ପ୍ରଶଂସିଲେ । ପୂର୍ବ ପ୍ରାୟେ ବିକ୍ରମ ରାଜନ ତୋଷମନେ । ସଙ୍କୀର୍ଣ୍ଣ କରିଲେ ଯେ ବସି ସିଂହାସନେ । ଶୁକ ତାହାଙ୍କୁ ଯେ ନାନା ଉପଦେଶ ଦେଲା । ଏଣୁ ଏତେ ବିକ୍ରମଙ୍କ ଯଶ ପ୍ରକାଶିଲା । ଏହିପରି ବିକ୍ରମଙ୍କ ନାନା କଥାମାନ । ଲେଖନ୍ତେ ହୋଇବ ଏକ ପ୍ରକାଣ୍ଡ ପୁରାଣ । ଏ ଶୁକବିଳାସ ଗ୍ରନ୍ଥ ଅଳପ ଅଟଇ । ପଢ଼ିଲେ ଶୁଣିଲେ ବହୁ ଜ୍ଞାନ ଉପୁଜଇ । ଲକ୍ଷ୍ମୀଧର ଗର୍ଗବଟୁ କହନ୍ତି ଗୀତରେ । ଲେଖନର ଦୋଷ ନ ଧରିବ ସୁଜ୍ଞନରେ । ଜୟ ରାଧାରମଣ ହେ ଜୟ ନରହରି । ଏ ଭବସାଗରୁ କରଦେବ ମୋତେ ପାରି । ତୁମ୍ଭ ପଦେ ସେବକ ମୁଁ ନିରତେ ଅଟଇ । ଯାହୁ ହେବାପାଇଁ ଏକା ଶରଣ ମାଗଇ ।

ପ୍ରଗତି ଉତ୍କଳ ... , ସଭରଦେବ

—* ସ ମ୍ପୂ ର୍ଣ୍ଣ *—

ମୁଦ୍ରାକର—ଶ୍ରୀ ଲକ୍ଷ୍ମୀଧର ଗର୍ଗବଟୁ, ଶ୍ରୀରାଧାରମଣ ପ୍ରେସ୍
କଟକ—...